



# ସଂଚାର
THE SANCHAR

Website: sanchar.live mail Id: sancharodisha@gmail.com
RNI NO :ODIODI/2001/04811 Postal Regd No : BN/249/15-17





Vol. 33 | ISSUE 184 | ଭାଗ ୩୩ | ସଂଖ୍ୟା ୧୮୪ | Wednesday 24 September 2025 | Page 8 Rs. 5.00 | ● ଭୁବନେଶ୍ୱର ବୁଧବାର ୨୪ ସେପ୍ଟେମ୍ବର ୨୦୨୫ | ୮ ପୃଷ୍ଠା, ମୂଲ୍ୟ ୫ ଟଙ୍କା


### ରାଜ୍ୟସ୍ତରୀୟ ଜାତୀୟ ଆୟୁର୍ବେଦ ଦିବସ ପାଳିତ

# ରାଇରଙ୍ଗପୁରରେ ହେବ ନୂଆ ଆୟୁର୍ବେଦିକ କଲେଜ

**କେନ୍ଦ୍ର ସହଯୋଗରେ ଖର୍ଚ୍ଚ ହେବ ୮୫ ହଜାର କୋଟି**

**ଢେଙ୍କାନାଳ, ବ୍ରହ୍ମପୁର ଓ ବାଲେଶ୍ୱରରେ ଇଣ୍ଟିଗ୍ରେଟେଡ୍ ଆୟୁଷ ହସ୍ପିଟାଲ**

**ଚଳିତବର୍ଷ ଆଉ ୮ଟି ନୂତନ ପଞ୍ଚକର୍ମ କେନ୍ଦ୍ର ନିର୍ମାଣ କରାଯିବ**

**ଆୟୁଷ ଚିକିତ୍ସା ପଦ୍ଧତିରେ ଉଚ୍ଚମାନର ସେବା ମିଳିବ**

**ଆୟୁର୍ବେଦ ସାରା ବିଶ୍ୱକୁ ଭାରତର ଏକ ଅମୂଲ୍ୟ ଅବଦାନ**



ଭୁବନେଶ୍ୱର, ୨୩।୯(ସଂଚାର ବ୍ୟୁରୋ)ଃ ଆଜି ସ୍ଥାନୀୟ ଜୟଦେବ ଭବନଠାରେ ରାଜ୍ୟସ୍ତରୀୟ ଜାତୀୟ ଆୟୁର୍ବେଦ ଦିବସ ୨୦୨୫ ପାଳନ ଅବସରରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ କହିଛନ୍ତି ଯେ, ଆୟୁର୍ବେଦ ହେଉଛି, ସାରା ବିଶ୍ୱକୁ ଭାରତର ଏକ ଅମୂଲ୍ୟ ଅବଦାନ। ଆମ ଉଦ୍ଦେଶ୍ୟ ହେଉଛି ଆୟୁର୍ବେଦକୁ କେବଳ ଏକ ଚିକିତ୍ସା ପ୍ରଣାଳୀ ନୁହେଁ ବରଂ ସମଗ୍ର ମାନବ ଜାତିର କଲ୍ୟାଣ ପାଇଁ ଆମର ଜ୍ଞାନ ଓ ଦାର୍ଶନିକ ଦୃଷ୍ଟିକୋଣକୁ ଉପସ୍ଥାପିତ କରିବା । ଉକ୍ତ କାର୍ଯ୍ୟକ୍ରମ ଅବସରରେ ମୁଖ୍ୟମନ୍ତ୍ରୀ କହିଥିଲେ ଯେ, ଆୟୁର୍ବେଦ ଏକ ସଂପୂର୍ଣ୍ଣ ସ୍ୱାସ୍ଥ୍ୟ ବିଜ୍ଞାନ। ଆୟୁର୍ବେଦରେ ଉପଯୁକ୍ତ ଉପଚାର ସହିତ ସନ୍ତୁଳିତ ଆହାର ଓ ଜୀବନ ଶୈଳୀ ଦ୍ୱାରା ଆରୋଗ୍ୟ ଲାଭ କରାଯାଇ ପାରିବ। ବର୍ତ୍ତମାନ ପ୍ରାୟ ସମସ୍ତେ ଆଧୁନିକ ଚିକିତ୍ସା ପଦ୍ଧତି ଗ୍ରହଣ କରୁଥିବା ବେଳେ, ଏହାର ପାର୍ଶ୍ୱ ପ୍ରତିକ୍ରିୟା ଏବଂ ବ୍ୟୟସାପେକ୍ଷ ଚିକିତ୍ସା ପ୍ରଣାଳୀ ଲୋକଙ୍କୁ ବିକଳ୍ପ ଚିକିତ୍ସା ପଦ୍ଧତି ସଂପର୍କରେ ଚିନ୍ତା କରିବା ପାଇଁ ବାଧ କରିଛି। ଆୟୁର୍ବେଦ ଓ ଯୋଗ ଆମକୁ ଏକ ସୁସ୍ଥ ଜୀବନଯାପନ ପାଇଁ ମାର୍ଗଦର୍ଶନ କରିଥାଏ। ଏହା ପ୍ରକୃତି ଓ ଶରୀର ସହ ସମନ୍ୱୟ ରକ୍ଷା କରି ଜୀବନର ମାନକୁ ବୃଦ୍ଧି କରୁଥିବାରୁ, ଏହାକୁ ସମଗ୍ର ବିଶ୍ୱ ଏକ ଉତ୍ତମ ଚିକିତ୍ସା ପଦ୍ଧତି ଭାବରେ ଗ୍ରହଣ କରିଛି। ସ୍ୱାସ୍ଥ୍ୟ ସଚେତନ ପ୍ରତ୍ୟେକ ବ୍ୟକ୍ତି ଯୋଗକୁ ଏକ ଜୀବନର ଧାରା ଭାବେ ଗ୍ରହଣ କରିଛନ୍ତି। ଆମ ରାଜ୍ୟରେ ଆୟୁର୍ବେଦ ଶିକ୍ଷା, ଅନୁସନ୍ଧାନ ଓ ଚିକିତ୍ସାକୁ ନେଇ ଉଦ୍ୟମ କରାଯାଇଛି। ଆୟୁଷ ବିଭାଗ ମାଧ୍ୟମରେ ଆମେ ଗ୍ରାମ ଓ ସହର, ଉଭୟ ସ୍ତରରେ ଆୟୁର୍ବେଦ ଚିକିତ୍ସାକୁ ପହଞ୍ଚାଇବା ଦିଗରେ ଦୃଢ ପଦକ୍ଷେପ ଗ୍ରହଣ କରି ଆସୁଛୁ। ଆୟୁର୍ବେଦ ମାନବ ଜୀବନର ଏକ ଅଂଶ ହେବା ଉଚିତ, ଯେଉଁଠି ରୋଗ ପ୍ରତିକାର ନୁହେଁ, ବରଂ ରୋଗ ପ୍ରତିରୋଧ ଓ ସ୍ୱାସ୍ଥ୍ୟ ରକ୍ଷା ହେଉଛି ମୁଖ୍ୟ ଲକ୍ଷ୍ୟ ବୋଲି ମୁଖ୍ୟମନ୍ତ୍ରୀ କହିଥିଲେ। ରାଜ୍ୟରେ ଆୟୁର୍ବେଦ ଚିକିତ୍ସା ଓ ସରକାରଙ୍କ ➪ପୃଷ୍ଠା-୬




**୫ ଘଣ୍ଟା ପରେ ପ୍ରକ୍ରିୟା ଶେଷ**

**୧୧ ଜଣିଆ ଟିମ୍ ସାମିଲ**

**ରାଜ୍ୟ ସରକାର ନେବେ ଗଣତି ମଣତି ନିଷ୍ପତ୍ତି**

ପୁରୀ,୨୩।୯ (ସଂଚାର ବ୍ୟୁରୋ)ଃ ଶେଷରେ ଏଏସଆଇ ଦ୍ୱାରା ରତ୍ନଭଣ୍ଡାର ମରାମତି ଓ ସଂରକ୍ଷଣ ପରେ ଆଜି ଦୁର୍ମୂଲ୍ୟ ରତ୍ନ ଅଳଙ୍କାର ସୁରକ୍ଷିତ ସ୍ଥାନାନ୍ତର କରାଯାଇଛି। ଖଟସେଜ ଘର ଓ ଚାଙ୍ଗେଡା ଘରେ କରାଯାଇଥିଲା ଅସ୍ଥାୟୀ ରତ୍ନଭଣ୍ଡାର ଗୃହରୁ ସମସ୍ତ ରତ୍ନ ଅଳଙ୍କାର ଗୁଡିକ ୧୧ଜଣିଆ ସ୍ୱତନ୍ତ୍ର ଦଳ ସଦସ୍ୟଙ୍କ ଉପସ୍ଥିତିରେ ସ୍ଥାନାନ୍ତର ହୋଇଥିବା ବେଳେ ଏହାକୁ ପରମ୍ପରା ଅନୁସାରେ ସିଲ କରାଯାଇଛି। ୨୦୨୪ ମସିହା ରଥଯାତ୍ରା ସମୟରେ ରତ୍ନଭଣ୍ଡାର ଖୋଲାଯାଇଥିଲା। ଆଜି ଦୀର୍ଘ ପ୍ରାୟ ବର୍ଷେ ପରେ ସମସ୍ତ ଅଳଙ୍କାରକୁ ଭିତର ରତ୍ନଭଣ୍ଡାରକୁ ହୋଇଛି। ତେବେ ଏହାର ଗଣତି ମଣତି ପରିଚାଳନା କମିଟିର ନିଷ୍ପତ୍ତି ଓ ସରକାରଙ୍କ ଅନୁମୋଦନ ପରେ କରାଯିବ ବୋଲି ଜଣାପଡିଛି।

ରାଜ୍ୟ ସରକାରଙ୍କ ମାର୍ଗଦର୍ଶିକା ଅନୁଯାୟୀ ଭିତର ରତ୍ନଭଣ୍ଡାରକୁ ଶ୍ରୀଜିୟୁଙ୍କ ସମସ୍ତ ରତ୍ନ ଅଳଙ୍କାର ସୁରକ୍ଷିତ ଭାବେ ଅସ୍ଥାୟୀ ରତ୍ନଭଣ୍ଡାର ଗୃହରୁ ସ୍ଥାନାନ୍ତର କରାଯାଇଛି। ସ୍ଥାନାନ୍ତର ପରେ ଏହାକୁ ସିଲ କରାଯାଇଛି। ୨୦୨୪ରେ ଉଚ୍ଚସ୍ତରୀୟ କମିଟିଙ୍କ ତତ୍ତ୍ୱାବଧାନରେ ରଥଯାତ୍ରା ସମୟରେ ➪ପୃଷ୍ଠା-୬

# ଦିଲ୍ଲୀପ କାହାର କୋଠ ପୁଅ



**ନିଲମ୍ବନ କରିବାକୁ ଯାଉନି ହାତ**

**ସୁରକ୍ଷା ଦେଉଛି କିଏ ?**

ଭୁବନେଶ୍ୱର,୨୩।୯(ସଂଚାର ବ୍ୟୁରୋ) : ଠକେଇ ମାମଲାରେ କ୍ରାଇମବ୍ରାଞ୍ଚ ହାତରେ ଧରାପଡି ଜେଲ ଯାଇଥିବା ବିଜେଡି ନେତା ଦିଲ୍ଲୀପ ନାୟକଙ୍କ ପ୍ରତି ବିଜେଡି ଏତେ ପ୍ରୀତ କାହିଁକି? ପୂର୍ବତନ ମନ୍ତ୍ରୀଙ୍କଠାରୁ ଆଗଧାଡିର ନେତ୍ରୀଙ୍କ ପର୍ଯ୍ୟନ୍ତ ସମସ୍ତଙ୍କୁ ଚୁଟ୍‌କିରେ ସସପେଣ୍ଡ କରୁଥିବା ଦଳ ଜଣେ ଠକଙ୍କ ପ୍ରତି ଏତେ ଦରଦ କ'ଣ ପାଇଁ ଦେଖାଉଛି ତାହାକୁ ନେଇ କର୍ମୀ ମହଲରେ ଜୋରଦାର ଚର୍ଚ୍ଚା।

କ୍ରାଇମବ୍ରାଞ୍ଚ ବାନ୍ଧିଲା ପରେ ଯେଉଁ ତଥ୍ୟ ପଦାକୁ ଆସିଛି ତାହା ଅତି ସାଂଘାତିକ। ବିଜେଡିର ଏହି ଆଗଧାଡିର ନେତା ଜଣେ କୁଖ୍ୟାତ ଠକ। ବେକରେ ସବୁଜ ଗାମୁଛା ପକାଇ ଲୋକଙ୍କୁ ଠକିବାରେ ପୂରା ଓସ୍ତାଦ। ଛୋଟ ମୋଟ ଠକେଇ ପରେ କଟକର ବିଜୟ ରାଉତରାୟ ନାମକ ଜଣେ ବ୍ୟକ୍ତିଙ୍କୁ ପୂରା ୧୨ କୋଟି ୪୨ଲକ୍ଷର ଚୂନ ଲଗାଇଥିଲା। ତାହା ପୁଣି ଅଭିନବ ଢଙ୍ଗରେ। ପର ଜମିକୁ ନିଜର ଦେଖାଇ ସେଥିରେ ଟଙ୍କା ଖଟାଇବାକୁ କହିଥିଲା। ଶାସକ ଦଳର ଜଣେ ଆଗଧାଡିର ନେତା ହୋଇଥିବାରୁ ବିଜୟ ବି ଅବିଶ୍ୱାସ କରିନଥିଲେ।

ହେଲେ ଟଙ୍କା ନେବାପରେ ଦିଲ୍ଲୀପ ଆଉ ଧରାଛୁଆଁ ଦେଉନଥିଲା। ଯେତେବେଳେ ଚାପ ଅଧିକ ପଡିଲା ସେତେବେଳେ ୧୦ କୋଟି ଟଙ୍କାର ଏକାଧିକ ଚେକ୍ ଦେଇଥିଲା। ହେଲେ ସେଥିରୁ ଗୋଟିଏ ହେଲେ କାମ ଦେଇନଥିଲା। ସବୁତକ ବାଉନ୍ସ ହୋଇଯାଇଥିଲା। ମାମଲା ଥାନାରେ ପହଞ୍ଚିବା ପରେ ଦିଲ୍ଲୀପ ଛୁ ମାରିଥିଲା। ଜଣେ ରାଜନେତା ହୋଇଥିବାରୁ ପୁଲିସ୍ ପ୍ରଥମେ କୁଣ୍ଠୁ କୁଣ୍ଠୁ ହୋଇଥିଲା ବାନ୍ଧିବାକୁ । ହେଲେ ଶେଷରେ କ୍ରାଇମବ୍ରାଞ୍ଚର ଇଓଡବ୍ଲୁ ବାନ୍ଧିଥିଲା। ତେବେ ଦିଲ୍ଲୀପ ଧରାପଡିବା ପରେ ଯେଉଁସବୁ ଖବର ଗଣମାଧ୍ୟମରେ ବାହାରିଲା ସବୁଥିଲେ ସେ ➪ପୃଷ୍ଠା-୬

### ବିଜେଡି ନେତା ଡୁମ୍ବନାଥଙ୍କ ଭାଇଙ୍କୁ ସାତଖୁଣ ମାଫ୍-୨

# ଏମ୍‌ଡିଙ୍କ ନିର୍ଦ୍ଦେଶକୁ ଢୋକିଦେଲେ ଜିଲ୍ଲାପାଳ

**ଟ୍ରାନ୍ସପୋର୍ଟ କଣ୍ଟ୍ରାକ୍ଟର ଥାଇ ହାତେଇଛନ୍ତି ରାଇସ୍ ମିଲ୍**

**ମୁଣ୍ଡା-ପଣ୍ଡା ନେକ୍ସସରେ କୋଟି କୋଟିର କାରବାର**

**ତଦନ୍ତ ବଦଳରେ ଜିଲ୍ଲା ପ୍ରଶାସନର ଅହେତୁକ ଅନୁକମ୍ପା**







ବ୍ରହ୍ମପୁର, ୨୩।୯ (ସଂଚାର ବ୍ୟୁରୋ)ଃ ବିଜେଡି ମୁଖପାତ୍ର ଡୁମ୍ବନାଥ ପଣ୍ଡାଙ୍କ ଭାଇ ସନତ ପଣ୍ଡାଙ୍କୁ ଜିଲ୍ଲା ପ୍ରଶାସନର ଅହେତୁକ ଅନୁକମ୍ପା ପଦାରେ ପଡ଼ିଛି। ଗିରଫ ଜିଲ୍ଲା ଯୋଗାଣ ଅଧିକାରୀ ପୁଷା ମୁଣ୍ଡା ସବୁ ଜାଣି ସହଯୋଗର ହାତ ବଢ଼ାଇ ଦେଇଥିଲେ। ଫଳରେ ସରକାର କୋଟି କୋଟି ଟଙ୍କାର ରାଜସ୍ୱ ହରାଇଥିଲା ବେଳେ ମଧୁଚନ୍ଦ୍ରିକାରେ ମିଲର୍ସ-ଅଧିକାରୀଙ୍କ ପକେଟ ଗରମ ହେଉଥିବା ଅଭିଯୋଗ ହୋଇଛି। ଜଣେ ବ୍ୟକ୍ତି ନିଜେ କିମ୍ବା ରକ୍ତ ସମ୍ପର୍କୀୟ ନାଁରେ ଲେବୁଲ-୨ କଣ୍ଟ୍ରାକ୍ଟର ଓ କଷ୍ଟମ ରାଇସ୍ ମିଲର୍ସ ନେଇପାରିବ ନାହିଁ। ଯୋଗାଣ ବିଭାଗ ଲେବୁଲ-୨ କଣ୍ଟ୍ରାକ୍ଟର ନିଯୁକ୍ତି ବେଳେ ଏଭଳି ସତ୍ୟପାଠ ଦେବାକୁ ହୋଇଥାଏ। ହେଲେ ବିଜେଡି ନେତା ଡୁମ୍ବନାଥ ପଣ୍ଡାଙ୍କ ଭାଇ ସନତ ପଣ୍ଡା ଗଞ୍ଜାମ ଜିଲ୍ଲାର ୨ଟି ବ୍ଲକରେ ଉଭୟ ଲେବୁଲ-୨ କଣ୍ଟ୍ରାକ୍ଟର ଓ କଷ୍ଟମ ରାଇସ୍ ମିଲର୍ସ ହୋଇପାରିଛନ୍ତି। ସେ ଗତ ୨୦୨୩ ମସିହାରେ ସୋରଡ଼ା ବ୍ଲକ ଓ ଏନ୍‌ଏସି ଲାଗି ଲେବୁଲ-୨ କଣ୍ଟ୍ରାକ୍ଟର ଟେଣ୍ଡର ହାତେଇଛନ୍ତି। ଏହାର କିଛିଦିନ ପରେ ପୁରୁଷୋତ୍ତମପୁର ବ୍ଲକ ଅଲାଡି ଗାଁରେ ମା' ଦକ୍ଷିଣକାଳୀ ମଡର୍ଣ୍ଣ ରାଇସ୍ ମିଲ୍ କରିଛନ୍ତି। ଏହି ରାଇସ୍ ମିଲକୁ ଦର୍ଶାଇ ସେ କଷ୍ଟମ୍ ରାଇସ୍ ମିଲର୍ସ ଅନୁମତି ପାଇଛନ୍ତି। ଯାହା ଯୋଗାଣ ବିଭାଗର ଲେବୁଲ-୨ କଣ୍ଟ୍ରାକ୍ଟର ଟେଣ୍ଡର ନିୟମାବଳୀର ଉଲ୍ଲଂଘନ କରିଛି। ଏହା ଜାଣିବା ପରେ ଜନୈକ ବ୍ୟକ୍ତି ଏ ସମ୍ପର୍କରେ ଯୋଗାଣ ବିଭାଗକୁ ଲିଖିତ ଅଭିଯୋଗ ➪ପୃଷ୍ଠା-୬

# ମାଓ ଡମ୍ପରୁ ବିପୁଳ ବିସ୍ଫୋରକ ଜବତ

ମାଲକାନଗିରି,୨୩।୯(ସଂଚାର ବ୍ୟୁରୋ)ଃ ମାଲକାନଗିରି ଜିଲ୍ଲା ବିଏସ୍‌ଏଫ୍ ଓ ଡିଭିଏଫ୍‌କୁ ମିଳିଛି ବଡ଼ ସଫଳତା। କାଲିମେଳା ବ୍ଲକର ଭେଜଙ୍ଗୱାଡା ଆରଏଫର ଦୟାଲଡଙ୍ଗ ଏବଂ ଏଲକାନୁର ଜଙ୍ଗଲରେ ବିଏସଏଫ ଏବଂ ଡିଭିଏଫ ସର୍ଚ୍ଚ ଅପରେସନ କରୁଥିବା ବେଳେ ମାଓ ଡମ୍ପକୁ ଉଦ୍ଧାର କରିଥିଲେ। ଏହି ଡମ୍ପରେ ମାଓବାଦୀ ଲ୍ୟାଣ୍ଡମାଇନ ପ୍ରସ୍ତୁତ ସାମଗ୍ରୀ ସମେତ ଅନ୍ୟ ମାଓ ସାମଗ୍ରୀ ଲୁଚାଇ ରଖିଥିଲେ। ତୁରନ୍ତ ଯବାନ ଏହି ଅଞ୍ଚଳକୁ ଘେରିବା ସହ ଅତି ସତର୍କତାର ସହ ମାଓ ଡମ୍ପରୁ ସମସ୍ତ ଜିନିଷ ବାହାର କରିଥିଲେ। ଏଥିରେ ଟିଫିନ ବୋମା ପ୍ରସ୍ତୁତ ପାଇଁ ଷ୍ଟିଲ ଟିଫିନ, ଗ୍ରନେଡ, ଜିଲୋଟିନ ଷ୍ଟିକ, କୋଡେକ୍ସ ତାର, ୩୬ଟି ଗ୍ରେନେଡ, ବନ୍ଧୁକ, ରିମୋଟ, ବିଦ୍ୟୁତ ମଟର, ସିଲିଣ୍ଡର, ଆଇରନ ପ୍ଲେଟ ଇତ୍ୟାଦି ଜବତ କରିଛି। ଲଗାତାର ବିଏସଏଫ ଏବଂ ଡିଭିଏଫ ଯବାନ ଜଙ୍ଗଲରେ ସର୍ଚ୍ଚ ଅପରେସନ ଜାରି ରଖିଛନ୍ତି। ଯାହାଫଳରେ ଜିଲ୍ଲାରେ ମାଓବାଦୀ ନିଜର ପତିଆରା ବଢାଇବାରେ ବିଫଳ ହେଉଛନ୍ତି। ମାଓବାଦୀ ଡମ୍ପରେ ପୁଲିସ ଉପରେ ଆକ୍ରମଣ କରିବା ପାଇଁ ଏହା ଲୁଚାଇ ରଖିଥିଲେ। ତେବେ ଯବାନଙ୍କ ସତର୍କତା ଯୋଗୁଁ ଏକ ବଡ଼ ଅଘଟଣକୁ ଏଡାଇ ଦିଆଯାଇଥିବା ପୁଲିସ କହିଛି।

# ଭିଜିଲାନ୍ସ ଜାଲରେ ମହାକାଳପଡ଼ା ତହସିଲଦାର



କେନ୍ଦ୍ରାପଡ଼ା, ୨୩।୯ (ସଂଚାର ବ୍ୟୁରୋ) : ୨୦ ହଜାର ଟଙ୍କା ଲାଞ୍ଚ ନେଉଥିବା ବେଳେ ଭିଜିଲାନ୍ସ ହାତରେ ଧରାପଡିଛନ୍ତି କେନ୍ଦ୍ରାପଡା ଜିଲ୍ଲା ମହାକାଳପଡ଼ା ତହସିଲଦାର ଶିବପ୍ରସାଦ ମଲ୍ଲିକ। ଏକ ସରକାରୀ ଜମିରୁ ଜବରଦଖଲ ଉଚ୍ଛେଦ ଅର୍ଡର କରିବା ପାଇଁ ସେ ଏହି ଟଙ୍କା ନେଉଥିବା ଜଣାପଡିଛି। ଗୋଜାବନ୍ଧ ଗାଁର ପୀତାମ୍ବର ସ୍ୱାଇଁଙ୍କ ଘର ଆଗରେ ଥିବା ସରକାରୀ ଜମିକୁ ଜଣେ ବ୍ୟକ୍ତି ଜବରଦଖଲ କରି ରଖିଥିଲେ। ସେହି ଜବରଦଖଲ ଉଚ୍ଛେଦ ପାଇଁ ପୀତାମ୍ବରଙ୍କ ଭାଇଁ ଅନ୍ତର୍ଯ୍ୟାମୀ ସ୍ୱାଇଁଙ୍କ ଠାରୁ ତହସିଲଦାର ୨୦ ହଜାର ଟଙ୍କା ଲାଞ୍ଚ ନେଉଥିଲା ବେଳେ ତାଙ୍କ ସରକାରୀ କ୍ୱାର୍ଟରରେ ଭିଜିଲାନ୍ସ ତାଙ୍କୁ କାବୁ କରିଥିଲା। ତହସିଲଦାର ଶିବ ପ୍ରସାଦ ମଲ୍ଲିକଙ୍କ ପୈତୃକ ଗାଁ ବାଘିଲୋ ଓ ତାଙ୍କ କାର୍ଯ୍ୟାଳୟରେ ମଧ ଭିଜିଲାନ୍ସ ଚଢ଼ଉ କରିଛି।

### ରାଜ୍ୟ ଆଇନ ମନ୍ତ୍ରୀଙ୍କୁ କେନ୍ଦ୍ର ଶିକ୍ଷାମନ୍ତ୍ରୀଙ୍କ ଚିଠି

# ରାଜ୍ୟ ନେଉ ପଣ୍ଡା ନିଯୋଗ ସଂସ୍କୃତ ବିଦ୍ୟାଳୟ ଦାୟିତ୍ୱ

**ଶ୍ରୀଜଗନ୍ନାଥ ମନ୍ଦିର ପ୍ରଶାସନକୁ ନିର୍ଦ୍ଦେଶ ଦିଆଯାଉ**

**ଏବେ ପୂଜା ପଣ୍ଡା ନିଯୋଗ ଦ୍ୱାରା ପରିଚାଳିତ ହେଉଛି**

**ସ୍କୁଲ ଓ ଗଣଶିକ୍ଷା ବିଭାଗକୁ ଆସିଲେ ବିକାଶ ସମ୍ଭବ**

**ଶ୍ରୀଜଗନ୍ନାଥ ସଂସ୍କୃତିକୁ ଭବିଷ୍ୟତ ପିଢ଼ି ପାଇଁ ସଂରକ୍ଷିତ ରଖିବା**



ନୂଆଦିଲ୍ଲୀ/ଭୁବନେଶ୍ୱର, ୨୩।୯(ସଂଚାର ବ୍ୟୁରୋ)ଃ କେନ୍ଦ୍ର ଶିକ୍ଷାମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ମଙ୍ଗଳବାର ଓଡ଼ିଶାର ଆଇନ, ପୂର୍ତ୍ତ ଏବଂ ଅବକାରୀ ମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନଙ୍କୁ ପତ୍ର ଲେଖି ପୁରୀ ଶ୍ରୀଜଗନ୍ନାଥ ମନ୍ଦିର ପରିସରରେ ଥିବା ପଣ୍ଡା ନିଯୋଗ ସଂସ୍କୃତ ବିଦ୍ୟାଳୟର ସମ୍ପୂର୍ଣ୍ଣ ପରିଚାଳନା ଦାୟିତ୍ୱ ଓଡ଼ିଶା ସରକାରଙ୍କ ସ୍କୁଲ ଓ ଗଣଶିକ୍ଷା ବିଭାଗକୁ ଦେବା ପାଇଁ ଅନୁରୋଧ କରିଛନ୍ତି। ଶ୍ରୀ ପ୍ରଧାନ ପତ୍ରରେ ଉଲ୍ଲେଖ କରିଛନ୍ତି ଯେ, ଶ୍ରୀମନ୍ଦିର ପରିସରରେ ଥିବା ପଣ୍ଡା ନିଯୋଗ ସଂସ୍କୃତ ବିଦ୍ୟାଳୟ ଏକ ପ୍ରାଚୀନ ଅନୁଷ୍ଠାନ। ଏହା ସାଂସ୍କୃତିକ ଏବଂ ଐତିହାସିକ ଦୃଷ୍ଟିରୁ ବିଶେଷ ଗୁରୁତ୍ୱ ରଖୁଛି। ଏହି ପ୍ରାଚୀନ ଅନୁଷ୍ଠାନଟି ➪ପୃଷ୍ଠା-୬

# ବିଧାନସଭାରେ ପତିଆରା ଲଢ଼େଇ

ଭୁବନେଶ୍ୱର,୨୩।୯ (ସଂଚାର ବ୍ୟୁରୋ) : ବିଧାନସଭାରେ ଚାଲିଛି ପତିଆରା ଲଢେଇ। ବିଜେଡି ଓ କଂଗ୍ରେସ ବିରୋଧୀ ଦଳ ଭାବେ ନିଜ ନିଜର ସ୍ଥିତି ଜାହିର କରିବାକୁ ରାଜ୍ୟ ସ୍ୱାର୍ଥ ଚିନ୍ତା ଛାଡି ରାଜନୀତିରେ ମାତିଛନ୍ତି। ଆଉ ଏଇ ରାଜନୈତିକ ପତିଆର ଲଢେଇରେ ଧୋଇ ହୋଇଯାଉଛି ବିଧାନସଭାର ଗୋଟିଏ ପରେ ଗୋଟିଏ କାର୍ଯ୍ୟ ଦିବସ। ହୋହଲ୍ଲା, ହଟ୍ଟଗୋଳ, ନାରାବାଜି, ପ୍ଲାକାର୍ଡ ପ୍ରଦର୍ଶନ। ଯାହାକୁ ନେଇ ମୌସୁମୀ ଅଧିବେଶନର ପଞ୍ଚମ ଦିନରେ ମଧ ସ୍ୱାଭାବିକ ହୋଇପାରିନି ଗୃହ। ବିରୋଧୀ ବିଜେଡିର ହୋ ହଲ୍ଲା ଓ ହଟ୍ଟଗୋଳ ପାଇଁ ବାରମ୍ବାର ଗୃହକୁ ମୁଲତବୀ କରିଛନ୍ତି ବାଚସ୍ପତି। ଧୋଇଯାଇଛି ପ୍ରଶ୍ନକାଳ, ଶୂନ୍ୟକାଳ। ପଞ୍ଚାୟତ ପ୍ରତିନିଧିଙ୍କ କ୍ଷମତା ସଙ୍କୁଚିତ ପ୍ରସଙ୍ଗରେ ଆଲୋଚନା ନହେବାରୁ ସକାଳ ଭଳି ଅପରାହ୍ନରେ ମଧ ➪ପୃଷ୍ଠା-୬



**ପାଞ୍ଚ ଦିନ ହେଲା ଗୃହ ଅଚଳ**

**ଦ୍ୱିତୀୟ ଥର ପାଇଁ ଅଗ୍ରାହ୍ୟ ହେଲା ଅନାସ୍ଥା**



### କାନ ଡେରିଆ

ସରକାର କଲେ କୁକୁର ଗଣନା
କେତେ ଯେ ବୁଲା କୁକୁର
ବାଞ୍ଝ କରିଦେବେ
କୁକୁରଙ୍କୁ ବୋଧେ
ଆଉ ରହିବନି ଡର
କିଣା କୁତ୍ତା ଆପଣାର...
ଶୋଇବା ଖଟରେ
ଭାବୁଛି ଯେ ସିଏ
ବଢ଼ିଆ ଏ ଆବିଷ୍କାର ।

■ ଦେବାଶିଷ

**ବନ୍ଧାହେବେ ମନ୍ମଥ ଓ ଲେନିନ୍!**

# ପିଲାଳିଆ ମନ୍ତବ୍ୟ ଯୋଗୁଁ କାଠଗଡ଼ାରେ ପାଣ୍ଡିଆନ





ଭୁବନେଶ୍ୱର,୨୩।୯(ସଂଚାର ବ୍ୟୁରୋ) : ଭାରତୀୟ ବିକାଶ ପରିଷଦ ପକ୍ଷରୁ ଆଜି ସିଧାସଳଖ ଭାବେ ବିଜେଡିର ଦୁଇ ମୁଣ୍ଡଙ୍କ ସମେତ ବିଜେଡି ଛାଡିଥିବା ପାଣ୍ଡିଆନଙ୍କ ବିରୁଦ୍ଧରେ କ୍ୟାପିଟାଲ ଥାନାରେ ଏଫ୍‌ଆଇଆର ହୋଇଛି। ବିଜେଡି ନେତ୍ରୀଙ୍କ ଚରିତ୍ର ଗୁପ୍ତ ଭିଡିଓ ରଖିଥିବା ଦାବି କରିଥିବା ବିଜେଡି ନେତା ମନ୍ମଥ ରାଉତରାୟ ଓ ଶ୍ରୀମୟୀଙ୍କୁ କଡା ସମାଲୋଚନା କରୁଥିବା ଲେନିନ୍ ମହାନ୍ତିଙ୍କୁ କାଠଗଡାକୁ ଟାଣିଛି ପରିଷଦ। ଏଥି ସହିତ ଏହି ଘଟଣାରେ ପାଣ୍ଡିଆନଙ୍କୁ ବି ଏହା ଭିତରକୁ ଭିଡିଛି।

ତେବେ କଥା ହେଉଛି ବିଜେଡିର ଏହି ଦୁଇ ନେତାଙ୍କ ପିଲାଳିଆମୀ ଦଳକୁ ବଦନାମ କରିଥିବା ବେଳେ ପାଣ୍ଡିଆନଙ୍କୁ ବି କାଠଗଡାରେ ଛିଡା କରାଇଛି। ମାମଲାଟି ମହଲାଙ୍କ ଚରିତ୍ର ସଂହାର ସଂକ୍ରାନ୍ତୀୟ ହୋଇଥିବାରୁ ସେଥିରେ ବିଜେଡିର ଦୁଇନେତା ବନ୍ଧା ହେବାର ଯଥେଷ୍ଟ ସମ୍ଭାବନା ରହିଛି। କାରଣ ମନ୍ମଥ କହିଛନ୍ତି ସେ ଶ୍ରୀମୟୀଙ୍କର ଗୁପ୍ତ ଭିଡିଓ ରଖିଛନ୍ତି। ଲେନିନ୍ ମଧ ଦୁଇପାଦ ଆଗକୁ ଯାଇ ଶ୍ରୀମୟୀଙ୍କ ବିରୁଦ୍ଧରେ କଟୁ ମନ୍ତବ୍ୟ ଦେଇଛନ୍ତି। ମନ୍ମଥ ରାଉତରାୟ ପ୍ରିଣ୍ଟ ଓ ଇଲେକ୍ଟ୍ରୋନିକ ମେଡ଼ିଆ ସମ୍ମୁଖରେ ଆପତ୍ତିଜନକ ଭିଡ଼ିଓ ଓ ଫଟୋ ଯଦି ପ୍ରଘଟ କରାଯାଏ, ଶ୍ରୀମୟୀ ମୁହଁ ଦେଖାଇ ପାରିବେ ନାହିଁ ବୋଲି ଧମକ ବି ଦେଇଛନ୍ତି।

ବିଜେଡିର ଏହି ନେତାମାନଙ୍କୁ ଜଣେ ମହିଳାଙ୍କ ବିରୁଦ୍ଧରେ ଏଭଳି ମନ୍ତବ୍ୟ ଦେବା ପାଇଁ କିଏ କହିଲା, ତାହା ଏବେ ଆଲୋଚନାର ବିଷୟବସ୍ତୁ। ଯଦିଓ ➪ପୃଷ୍ଠା-୬

## ଶ୍ରୀମୟୀ ବିଜେଡିରୁ ନିଲମ୍ବିତ



ବିଜେଡି ନେତୃତ୍ୱକୁ ପରୋକ୍ଷରେ ଟାର୍ଗେଟ୍ କରୁଥିବା ଶ୍ରୀମୟୀ ମିଶ୍ର ଦଳରୁ ସସପେଣ୍ଡ ହୋଇଛନ୍ତି। ଦଳ ବିରୋଧୀ କାର୍ଯ୍ୟରେ ଲିପ୍ତ ଥିବା ଦର୍ଶାଇ ଶ୍ରୀମୟୀଙ୍କୁ ଦଳରୁ ସସପେଣ୍ଡ କରାଯାଇଛି। ଦଳ ସୁପ୍ରିମୋଙ୍କ ନିର୍ଦ୍ଦେଶରେ ନିଲମ୍ବନ କରାଯାଇଥିବା ପାର୍ଟି ଦ୍ୱାରା ପ୍ରେସ୍ ରିଲିଜରେ କୁହାଯାଇଛି। ବିଜେଡି ମହିଳା ବ୍ୟାପାର ସାଧାରଣ ସମ୍ପାଦିକା ଥିବା ଶ୍ରୀମୟୀ ମିଶ୍ର। କପ୍ତିପଦାର ପୂର୍ବତନ ବ୍ଲକ୍ ସଭାପତି ସୁବାସ ଚନ୍ଦ୍ର ସାଏ ଏବଂ ପୂର୍ବତନ ମୟୂରଭଞ୍ଜ ଜିଲ୍ଲା ସମ୍ପାଦକ ପ୍ରବୀର ଚନ୍ଦ୍ର ସାଏଙ୍କୁ ମଧ ଦଳରୁ ନିଲମ୍ବିତ କରାଯାଇଛି। ଗତ କିଛିଦିନ ହେଲା ଶ୍ରୀମୀୟ ମିଶ୍ର ସୋସିଆଲ୍ ମିଡିଆ ପୋଷ୍ଟ ମାଧ୍ୟମରେ ଦଳୀୟ ନେତୃତ୍ୱଙ୍କୁ ପରୋକ୍ଷରେ ଟାର୍ଗେଟ୍ କରୁଥିଲେ। କାହା ନାଁ ଉଲ୍ଲେଖ ନକରି କେତେବେଳେ ମହାଭାରତର ➪ପୃଷ୍ଠା-୬

## 'ଜଗତେ କେବଳ ଜଣେ ହସିବେ'

ଆତ୍ମସମ୍ମାନ ଓ ସ୍ୱାଭିମାନ ସହ ସାଲିସ୍ କରିନାହିଁ କି କରିବି ନାହିଁ। ଦୀର୍ଘ ଏକବର୍ଷ ଧରି ଯେଉଁ ଦଳରେ ନାହିଁ ଓ ନିଜର ସଦସ୍ୟତା ନବୀକରଣ କରିନାହିଁ, ସେ ଦଳ ମୋତେ ନିଲମ୍ବନ କରିବା ଜଗତେ କେବଳ ଜଣେ ହସିବେ। ବିଜୁ ଜନତା ଦଳରୁ ନିଲମ୍ବିତ ଶ୍ରୀମୟୀ ମିଶ୍ର ମଙ୍ଗଳବାର ସନ୍ଧ୍ୟାରେ ଏହା କହିଛନ୍ତି। ସାମାଜିକ ଗଣମାଧ୍ୟମରେ ନିଜର ପ୍ରତିକ୍ରିୟା ସେୟାର କରି ଶ୍ରୀମତୀ ମିଶ୍ର କହିଛନ୍ତି, ଜଣେ ଅଣ ଓଡ଼ିଆଙ୍କ ପ୍ରରୋଚନାରେ ଓଡିଶାକୁ ଦୀର୍ଘ ବର୍ଷ ଧରି ଶାସନ କରୁଥିବା ନେତା, ଜଣେ ଓଡ଼ିଆ ଝିଅର ସମ୍ମାନ ସହ ଖେଳିବା କେତେଦୂର ଠିକ୍ ବିଚାର ଆପଣମାନଙ୍କର। ମାଆକୁ ସମ୍ମାନର ➪ପୃଷ୍ଠା-୬

● ମୁଖ୍ୟମନ୍ତ୍ରୀଙ୍କୁ ଭେଟି ଦାବିପତ୍ର ଦେଲେ ଉମାକାନ୍ତ

## କେନ୍ଦ୍ରାପଡ଼ାର ସାମୂହିକ ବିକାଶକୁ ଗୁରୁତ୍ୱ ଦେବାକୁ ଦାବି



**କେନ୍ଦ୍ରାପଡ଼ା, ୨୩।୯ (ସଂଚାର ବ୍ୟୁରୋ):** ଅବହେଳିତ ଭାବେ ରହିଥିବା ଦୀର୍ଘଦିନ ର କେନ୍ଦ୍ରାପଡ଼ା ଜିଲ୍ଲାର ଜନସାଧାଧାରଣଙ୍କ ସର୍ବାଙ୍ଗୀନ ଉନ୍ନତି ପାଇଁ ମୁଖ୍ୟମନ୍ତ୍ରୀ ମୋହନ ଚରଣ ଭେଟି ମାଝୀଙ୍କୁ ଆଲୋଚନା କରିଛନ୍ତି କେନ୍ଦ୍ରାପଡ଼ା ମାଟିର ପୁଅ ତଥା ବିଜେପି ରାଜ୍ୟ ପ୍ରବକ୍ତା ଓ ରାଜ୍ୟ ସାମାଜିକ ଗଣମାଧମ ମୁଖ୍ୟ ଉମାକାନ୍ତ ପଟ୍ଟନାୟକ ଶ୍ରୀ ପଟ୍ଟନାୟକ ଏ ନେଇ । ଏକ ୪ ଦଫା ସମ୍ବଳିତ ଦାବିପତ୍ର ମୁଖ୍ୟମନ୍ତ୍ରୀଙ୍କୁ ପ୍ରଦାନ କରିବା ସହ ପ୍ରଶାସନି ପ୍ରଶାସନିକ ବ୍ୟବସ୍ଥା ଦ୍ୱାରା ଏହାର ସମାଧାନ କରିବାକୁ ଅନୁରୋଧ କରିଛନ୍ତି । କେନ୍ଦ୍ରା ଦ୍ରାପଡ଼ାରେ ସରକାରୀ ମେଡିକାଲ କଲେଜ ପ୍ରତିଷ୍ଠା ସହ କେନ୍ଦ୍ରାପଡ଼ା କଲେଜକୁ ବିଶ୍ୱବିଦ୍ୟାଳୟରେ ରୂପାନ୍ତର କରିବା, ପ୍ରସ୍ତାବିତ ମେଗା ଷ୍ଟିଲ୍ ପ୍ଲାଣ୍ଟ ବ୍ୟତୀତ କୃଷି ଭିତ୍ତାକ ଶିଳ୍ପ ପ୍ରତିଷ୍ଠା ଓ ଜିଲ୍ଲାର ଆଇନ ଶୃଙ୍ଖଳାକୁ ବ୍ୟବସ୍ଥିତ କରିବାକୁ ସେ ଦାବିପତ୍ରରେ ଉଲ୍ଲେଖ କରିଛନ୍ତି।

## ଏବିଭିପି ପକ୍ଷରୁ ବିକ୍ଷୋଭ



**ରାଜନଗର, ୨୩।୯ (ସଂଚାର ବ୍ୟୁରୋ):** ଆଜି ଏବିଭିପି ପକ୍ଷରୁ ରାଜନଗର ସ୍ଥିତ ଶ୍ରୀ ଶ୍ରୀ ଜଗନ୍ନାଥ ମହାବିଦ୍ୟାଳୟରେ ବିକ୍ଷୋଭ ପଦର୍ଶନ କରାଯାଇଛି। ଛାତ୍ର ସଂସଦ ନିର୍ବାଚନ ପାଇଁ ତାରିଖି ଘୋଷଣା , ଖାଲି ପଡ଼ିଥିବା ଶିକ୍ଷକ ଏବଂ ଅଣଶିକ୍ଷକ ପଦବୀ ଶୀଘ୍ର ପୂରଣ , କ୍ୟାମ୍ପସ ପାଇଁ ଉପଯୁକ୍ତ ସୁରକ୍ଷା , କଲେଜର ଉପଯୁକ୍ତ ପରିମଳକରଣ ସହିତ ପୁଅ ଏବଂ ଝିଅ ଉଭୟଙ୍କ ପାଇଁ ସଫା ଶୌଚାଳୟ ଏବଂ କମନ ରୁମ୍ , ପାଠାଗାରରେ ପର୍ଯ୍ୟାପ୍ତ ପୁସ୍ତକ ସହିତ ଇ-ଲାଇବ୍ରେରୀ ସ୍ଥାପନ, ପୋଷ୍ଟ ମାଟ୍ରିକ ମେଧାବୃତ୍ତି ଠିକ୍ ସମୟରେ ପ୍ରଦାନ, କଲେଜର ସମସ୍ତ ଜମି କଲେଜ ନାମରେ କରାଯିବା , କ୍ୟାମ୍ପସକୁ ଅଣଛାତ୍ର ଏବଂ ନିଶାମୁକ୍ତ ବିରୁଦ୍ଧରେ ଦୃଢ ପଦକ୍ଷେପ ଆଦି ଦାବି ନେଇ ଏବିଭିପି ପକ୍ଷରୁ ବିକ୍ଷୋଭ ପଦର୍ଶନ କରାଯାଇଛି। ତୁରନ୍ତ ସମସ୍ତ ଦାବି ପୂରଣ ନହେଲେ ବିଦ୍ୟାର୍ଥୀ ସମାଜ ରାଜରାସ୍ତାରେ ଆନ୍ଦୋଳନ କରିବା ପାଇଁ ବାଧ ହେବ ବୋଲି ଦାବିପତ୍ରରେ ଦର୍ଶାଯାଇଛି।

## ବ୍ଲକ୍ ପରିସରରେ ମିଶନଶକ୍ତି ସହାୟିକାଙ୍କ ଗଣଧାରଣା



**ଆଳି, ୨୩।୯ (ସଂଚାର ବ୍ୟୁରୋ):** ଆଳି ବ୍ଲକର ୩୪ ପଞ୍ଚାୟତରେ କାର୍ଯ୍ୟରତ କମ୍ୟୁନିଟି ସପୋର୍ଟ ଷ୍ଟାଫ, ଏମବିକେ, ସିଆରପି ଓ ବ୍ୟାଙ୍କମିତ୍ର ମାନେ ଆଳି ବ୍ଲକ କାର୍ଯ୍ୟାଳୟ ଘେରାଉ କରି ଧାରଣାରେ ବସିଛନ୍ତି । ବକେୟା ଛଅ ମାସର ଦରମା ତୁରନ୍ତ ପ୍ରଦାନ କରିବା, ନିୟମିତ ଦରମା ପ୍ରଦାନ, କାର୍ଯ୍ୟ ଅନୁଯାୟୀ ବର୍ଦ୍ଧିତ ହାରରେ ପାରିଶ୍ରମିକ ଓ ସ୍ଥାୟୀ ନିଯୁକ୍ତି ଦାବି କରି ଧାରଣାରେ ବସିଛନ୍ତି। ସରକାରଙ୍କ ପକ୍ଷରୁ ଯଦି ସେମାନଙ୍କ ଦାବି ପୂରଣ କରା ନଯାଏ ତେବେ ପଞ୍ଚାୟତ ସ୍ତରରେ କୌଣସି କାର୍ଯ୍ୟ କରିବେ ନାହିଁ ବୋଲି ଚେତାବନୀ ଦେଇଛନ୍ତି। ତୁରନ୍ତ ପୂର୍ବ ସରକାର ପରି ବର୍ତ୍ତମାନର ସରକାର ସେମାନଙ୍କ ଦାବି ପୂରଣ କରିବା ଜିଦରେ ସେମାନେ ଅଟଳ ରହିଛନ୍ତି।

## ଜିପିଏଲଏଫ କର୍ମୀ ସଂଘର ବ୍ଲକ ସମ୍ମୁଖରେ ଧାରଣା




**ପଟ୍ଟାମୁଣ୍ଡାଇ, ୨୩।୯ (ସଂଚାର ବ୍ୟୁରୋ):** ସ୍ଥାୟୀ ଦରମା ପ୍ରଦାନ, ୬ମାସର ବକେୟା ଦରମା ସ୍ଥାୟୀ ଦରମାରେ ସାମିଲ କରିବା, ନିୟମିତ କାର୍ଯ୍ୟ ଛାଡି ଅନ୍ୟାନ୍ୟ କାର୍ଯ୍ୟ ପାଇଁ ପାରିଶ୍ରମିକ ବ୍ୟବସ୍ଥା କରିବା, ପ୍ରତ୍ୟେକ ମାସର ଦରମା ଆକାଉଣ୍ଟ ପେ କରିବା, ୬ଟି କମ୍ୟୁନିଟ ଷ୍ଟାଫଙ୍କୁ ସ୍ଥାୟୀ ନିଯୁକ୍ତି ଦେବା ଓ ରେଭିନ୍ୟୁ ଭିଲେଜ ପ୍ରୋତ୍ସାହନ ବନ୍ଦ କରିବା ଆଦି ଦାବୀ ନେଇ ଏଲ ଓଡିଶା ଜିପିଏଲଏଫ ସଂଘ ଆହ୍ୱାନରେ ପଟ୍ଟାମୁଣ୍ଡାଇ ବ୍ଲକ ଜିପିଏଲଏଫ ସଂଘ ପକ୍ଷରୁ ଆଜି ପଟ୍ଟାମୁଣ୍ଡାଇ ବ୍ଲକ ସମ୍ମୁଖରେ ଦିଆଯାଇଥିବା ଧାରଣାରେ ବ୍ଲକର ୩୧ଟି ପଂଚାୟତର ଏମବିକେ, ସିଆରପି, ବ୍ୟାଙ୍କ ମିତ୍ର, ପ୍ରାଣୀ ମିତ୍ର ଓ କୃଷି ମିତ୍ର ମାନେ ସାମିଲ ହୋଇ ଥିଲେ । ପଟ୍ଟାମୁଣ୍ଡାଇ ବ୍ଲକ ଜିପିଏଲଏଫ ସଂଘ ସଭାନେତ୍ରୀ ବୈଦେହୀ ପାଗଳ, ସମ୍ପାଦିକା କଲ୍ୟାଣୀ ପରିଡାଙ୍କ ନେତୃତ୍ୱରେ ସଂଯୁକ୍ତା ବେହେରା, ଆଶାଲତା ନାୟକ, ସୁଶୀଳା ସାହୁ, ବୀଣାପାଣି ମହାନ୍ତି, ଲକ୍ଷ୍ମୀପ୍ରିୟା ନାୟକ ଓ ମମତା ରାଉତ ପ୍ରମୁଖ ଶତାଧିକ ଏମ ବି କେ, ସି ଆର ପି ସାମିଲ ହୋଇ ବ୍ଲକ ସମ୍ମୁଖରେ ଧାରଣା ଦେଇଥିଲେ। ଶେଷରେ ସଂଘ ପକ୍ଷରୁ ରାଜ୍ୟ ସରକାରଙ୍କ ଉଦେଶ୍ୟରେ ଏକ ଦାବୀପତ୍ର ପଟ୍ଟାମୁଣ୍ଡାଇ ବିଡ଼ିଓଙ୍କୁ ପ୍ରଦାନ କରାଯାଇଥିଲା ।

## ସ୍ୱେଚ୍ଛାକୃତ ରକ୍ତଦାନ ଶିବିର, ୭୯ ୟୁନିଟ୍ ରକ୍ତ ସଂଗ୍ରହ

**ଡେରାବିଶ, ୨୩।୯ (ସଂଚାର ବ୍ୟୁରୋ):** ଡେରାବିଶ ବ୍ଲକ ଚାନ୍ଦୋଳ ପଞ୍ଚାୟତ ଅନ୍ତର୍ଗତ ଚାନ୍ଦୋଳ ବଜାର ସ୍ଥିତ ଶ୍ରୀରାମ ମଣ୍ଡପ ପରିସରରେ ଆଜି ସ୍ୱେଚ୍ଛାକୃତ ରକ୍ତଦାନ ଶିବୀର ଅନୁଷ୍ଠିତ ହୋଇଯାଇଛି। ଏହି ଶିବିରରେ ୭୯ ଜଣ ରକ୍ତଦାତା ସ୍ୱେଚ୍ଛାକୃତ ଭାବେ ରକ୍ତଦାନ କରିଥିଲେ। ଛତା ମଣ୍ଡଳ ବିଜେପି ସଭାପତି ଅଶ୍ୱିନୀ ପରିଡ଼ା ଓ ଚାନ୍ଦୋଳ ମଣ୍ଡଳ ବିଜେପି ସଭାପତି ତାପସ ରଞ୍ଜନ ନାୟକଙ୍କ ଉଦ୍ୟମରେ ଆୟୋଜିତ ଏହି ସ୍ୱେଚ୍ଛାକୃତ ରକ୍ତଦାନ ଶିବିରରେ କଟକ କେନ୍ଦ୍ରୀୟ ରେଡ୍‌କ୍ରସ୍‌ର ଡାକ୍ତରୀ ଦଳ ରକ୍ତଦାତାଙ୍କ ଠାରୁ ରକ୍ତ ସଂଗ୍ରହ କରିଥିଲେ।

### ମେଡିକାଲ କଲେଜ ଦାବିରେ ଅହୋରାତ୍ର ଗଣଧାରଣାର ଦ୍ୱିତୀୟ ଦିନ

# ଆନ୍ଦୋଳନକୁ ତୀବ୍ର କରାଯିବା ନେଇ ଚେତାବନୀ




**କେନ୍ଦ୍ରାପଡ଼ା, ୨୩।୯ (ସଂଚାର ବ୍ୟୁରୋ):** କେନ୍ଦ୍ରାପଡ଼ା ଜିଲ୍ଲାରେ ସ୍ୱାସ୍ଥ୍ୟ ସମସ୍ୟାକୁ ନଜରରେ ରଖି ଦୀର୍ଘ ଦିନ ହେବ ମିଳିତ କ୍ରିୟାନୁଷ୍ଠାନ କମିଟି ଏବଂ ଏବଂ ବିଭିନ୍ନ ବୁଦ୍ଧିଜୀବୀ ବହୁବାର ଦାବି ସତ୍ତ୍ୱେ କୌଣସି ସଫଳ ମିଳିନି । ପୂର୍ବରୁ ଏନେଇ ଦାବି କରିଆସୁଥିବା ବେଳେ ରାଜ୍ୟ ସରକାର ଏଥିରେ ଗୁରୁତ୍ୱ ନଦେବା ଜିଲ୍ଲାବାସୀଙ୍କ ମନରେ ମଧ ଆଘାତ ଦେଇଛି। ଯାହା ଫଳରେ ପୁନଃ ଦାବି କରି ଜିଲ୍ଲା ମିଳିତ କ୍ରିୟାନୁଷ୍ଠାନ କମିଟି ଆଗକୁ ଆସିଛି ।

ମେଡ଼ିକାଲ କଲେଜ ପ୍ରତିଷ୍ଠା ଦାବିରେ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଚାଲିଥିବା ଅହୋରାତ୍ର ଗଣଧାରଣାର ଆଜି ୨ୟ ଦିବସ ପୂର୍ଣ୍ଣ ହୋଇଛି । ରାଜ୍ୟ ମନ୍ତ୍ରିମଣ୍ଡଳର ଏକାଧିକ ସଦସ୍ୟଙ୍କ ସହ ଖୋଦ୍ ମୁଖ୍ୟମନ୍ତ୍ରୀ କେନ୍ଦ୍ରାପଡାରେ ମେଡିକାଲ କଲେଜ ଓ ହସ୍ପିଟାଲ ପ୍ରତିଷ୍ଠା ସମ୍ପର୍କରେ ବିଭିନ୍ନ ସମୟରେ ଆଶ୍ୱାସନା ଦେଇଥିଲେ ମଧ ଗତକାଲି ବିଧାନସଭାରେ ଏ ସମ୍ପର୍କିତ ପ୍ରଶ୍ନରେ ସ୍ୱାସ୍ଥ୍ୟମନ୍ତ୍ରୀ ମୁକେଶ ମହାଲିଙ୍ଗଙ୍କ ଉତ୍ତର ସରକାରଙ୍କ ପ୍ରକୃତ ମୁଖା ଖୋଲି ଦେଇଛି । କେନ୍ଦ୍ରାପଡ଼ାରେ ମେଡିକାଲ କଲେଜ ପ୍ରତିଷ୍ଠା ହେବା ନ ହେବା ଗଠିତ ଉଚ୍ଚ ସ୍ତରୀୟ କମିଟିର ନିଷ୍ପି ଉପରେ ନିର୍ଭର କରେ ବୋଲି ସ୍ୱାସ୍ଥ୍ୟମନ୍ତ୍ରୀ ବିଧାନସଭାରେ ପରୋକ୍ଷରେ ସୂଚନା ଦେବା ପରେ, ଏହା ଜିଲ୍ଲାବାସୀଙ୍କ ମଧ୍ୟରେ ଗଭୀର ଅସନ୍ତୋଷ ସୃଷ୍ଟି କରିଛି। ଆଜି ଗଣଧାରଣାର ଦ୍ୱିତୀୟ ଦିବସ ଅବସରରେ ଆୟୋଜିତ ପ୍ରତିବାଦ ସଭାରେ ଆନ୍ଦୋଳନକାରୀମାନେ ତୀବ୍ର ଅସନ୍ତୋଷ ବ୍ୟକ୍ତ କରିଛନ୍ତି । ସରକାର କେନ୍ଦ୍ରାପଡ଼ା ଜିଲ୍ଲା ପ୍ରତି ତାଙ୍କର ନକାରାତ୍ମକ ମନୋଭାବ ସ୍ପଷ୍ଟ କରିବା ପରେ ଧାରଣାକାରୀମାନେ ଦାବି ହାସଲ ପାଇଁ ଆନ୍ଦୋଳନକୁ ତୀବ୍ର କରିବାକୁ ନିଷ୍ପିତ୍ତି ନେଇଛନ୍ତି ।

## ଜୀବିକା ମିଶନ ବିପିଏମ ଋଣ ପାଇଁ ଲାଞ୍ଚ ମାଗୁଥିବା ଅଭିଯୋଗ



**କେନ୍ଦ୍ରାପଡ଼ା, ୨୩।୯ (ସଂଚାର ବ୍ୟୁରୋ):** କେନ୍ଦ୍ରାପଡା ବ୍ଲକ ଜୀବିକା ମିଶନର ବ୍ଲକ ପ୍ରୋଗ୍ରାମ ମ୍ୟାନେଜର(ବିପିଏମ) ଋଣ କରାଇ ଦେବାକୁ ଲାଞ୍ଚ ମାଗୁଥିବା ଜିଲ୍ଲାପାଳଙ୍କ ନିକଟରେ ଅଭିଯୋଗ ହୋଇଛି । କେନ୍ଦ୍ରାପଡା ବ୍ଲକ ଅଧିନ ଚକ୍ରୋଡା ଗ୍ରାମପଞ୍ଚାୟତର ମିଶନ ଶକ୍ତିର କର୍ମକର୍ତ୍ତା ଓ ସଦସ୍ୟାମାନେ ଜିଲ୍ଲାପାଳଙ୍କ ନିକଟରେ ଅଭିଯୋଗ କରିଛନ୍ତି।

ସେମାନଙ୍କ ଜିପିଏଲଏଫର ନିଷ୍ପତି ଅନୁଯାୟୀ ପଂଚାୟତର ୫ଟି ସ୍ୱୟଂ ସହାୟିକା ଗୋଷ୍ଠିକୁ ଋଣ ପ୍ରଦାନ କରାଯିବା ପାଇଁ ଏକ ପ୍ରସ୍ତାବ ସହ ଜିପିଏଲଏଫର ଚେକବହି ବିଏଲସି ମ୍ୟାଡାମଙ୍କ ପ୍ରତିସ୍ୱାକ୍ଷର ପାଇଁ ବ୍ଲକ ଜୀବିକା ମିଶନ କାର୍ଯ୍ୟାଳୟକୁ ପଠାଯାଇଥିଲା। କିନ୍ତୁ ବିଏଲସି ମ୍ୟାଡାମ ପ୍ରତିସ୍ୱାକ୍ଷର କରିବା ପରେ ଜୀବିକା ମିଶନର ବିପିଏମ ଉକ୍ତ ରେଜିଷ୍ଟର ଓ ସିଆଇଏଫ ଚେକବହିକୁ ନେଇ ନିଜ ପାଖରେ ରଖିଦେଇଥିଲେ। ଏସମ୍ପର୍କରେ ଜିପିଏଲଏଫର ସଭାନେତ୍ରୀ ଓ ସମ୍ପାଦିକା ତାଙ୍କୁ ପଚାରିବାରେ ସେ କହିଲେ ଯେ ମୁଁ ଚାହିଁଲେ ତୁମେ ଋଣ ପାଇବ । ନଚେତ ନାହିଁ। ପ୍ରତି ସ୍ୱୟଂ ସହାୟିକା ଗୋଷ୍ଠି ପ୍ରତି ମୋତେ ୫ହଜାର ଟଙ୍କା ଦେଲେ ଯାଇ ମୁଁ ଋଣ ମଞ୍ଜୁର କରାଇବି । ନହେଲେ କୌଣସି ଋଣ ମିଳିବନି।

ଏସମ୍ପର୍କରେ ଜିପିଏଲଏଫ ପକ୍ଷରୁ କେନ୍ଦ୍ରାପଡା ବିଡିଓ, ମିଶନଶକ୍ତିର ଡିପିଏମ ଓ ପରେ ଜିଲ୍ଲା ପରିଷଦର ମୁଖ୍ୟ ଉନ୍ନୟନ ଅଧିକାରୀଙ୍କୁ ଲିଖିତ ଭାବେ ଜଣାଇଥିଲେ ମଧ ସେଠାରୁ କୌଣସି ସୁଫଳ ମିଳିନଥିଲା। କେବଳ ରେଜିଷ୍ଟର ଓ ଚେକବୁକ ସେମାନଙ୍କୁ ଫେରାଇ ଦିଆଯାଇଥିଲେ ମଧ ସେଥିରେ ପ୍ରତିସ୍ୱାକ୍ଷର ହୋଇନଥିବା ଅଭିଯୋଗ ହୋଇଛି। ଏହାବ୍ୟତିତ ଏହି ଜିପିଏଲଏଫ ଅଧିନରେ ୧୧ଜଣ ସିଏସଏସ କାର୍ଯ୍ୟକରୁଥିବା ବେଳେ ସେମାନଙ୍କ ୫ମାସର ପାରିଶ୍ରମିକ ବିପିଏମ ଜାଣିଶୁଣି ଜିପିଏଲଏଫ ଆକାଉଣ୍ଟକୁ ପ୍ରଦାନ କରୁନଥିବା ମଧ ଅଭିଯୋଗ ହୋଇଛି । ତେଣୁ ଜିପିଏଲଏଫର ସଭାନେତ୍ରୀ ସରୋଜିନୀ ରାଉତ, ସମ୍ପାଦିକା ଅନ୍ନପୂର୍ଣ୍ଣା ଦାସଙ୍କ ସମେତ ସଦସ୍ୟାମାନେ ଜିଲ୍ଲାପାଳଙ୍କୁ ଭେଟି ତୁରନ୍ତ ଆବଶ୍ୟକ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ନିବେଦନ କରିଛନ୍ତି ।

## ଶ୍ରୀ ବଳଦେବଜୀଉଙ୍କର ମୁଖ ସିଂହାର ପାଇଁ ଆଜି ୩ ଘଣ୍ଟା ପାଇଁ ଦର୍ଶନ ବନ୍ଦ



**କେନ୍ଦ୍ରାପଡା, ୨୩।୯ (ସଂଚାର ବ୍ୟୁରୋ):** ମହାପ୍ରଭୁ ଶ୍ରୀ ବଳଦେବଜୀଉ ଙ୍କ ସମେତ ଚତୁର୍ଦ୍ଧା ମୂର୍ତିଙ୍କର ଶ୍ରୀମୁଖ ସିଂହାର ବୁଧବାର ସକାଳ ଆଠଟା ରୁ ଏଗାର ଟା ପର୍ଯ୍ୟନ୍ତ କରାଯିବ । ଏହି ତିନି ଘଣ୍ଟା ସର୍ବ ସାଧାରଣ ଦର୍ଶନ ବନ୍ଦ ରହିବ ବୁଧବାର କେନ୍ଦ୍ରାପଡ଼ା ର ଆରାଧ ଦେବତା ପ୍ରଭୁ ବଳଦେବ ଜୀଉ ଙ୍କ ର ଶ୍ରୀମୁଖ ସିଂହାର ନୀତି କରାଯିବ ଏହା ଶ୍ରୀଜୀଉ ଙ୍କ ସମ୍ପୂର୍ଣ୍ଣ ଗୁପ୍ତ ନୀତି ଥିବାରୁ ସକାଳ ଆଠଟା ରୁ ଏଗାର ଟା ତିନି ଘଣ୍ଟା ସର୍ବ ସାଧାରଣ ଦର୍ଶନ ବନ୍ଦ ରହିବ । ଜୟ ମଙ୍ଗଳା ଆଳତି ସମ୍ପନ୍ନ ପରେ ବଡ଼ ପଣ୍ଡା ସୁବର୍ଣ୍ଣ ଚିତା ଦାୟିତ୍ୱ ଗ୍ରହଣ କଲା ପରେ ବିଜେ ପ୍ରତିମା ସିଂହାସନ ରୁ ଆସିଥାନ୍ତି ଚିତ୍ରକର ସେବକ ରତ୍ନ ସିଂହାସନ ଯାଇ ଏହି ଗୁପ୍ତ ନୀତି କାର୍ଯ୍ୟ ସମ୍ପାଦନ କରିଥାଆନ୍ତି । କାର୍ଯ୍ୟ ସମ୍ପନ୍ନ ପରେ ପଳିଆପଣ୍ଡା ଶ୍ରୀଜୀଉଙ୍କ ମହାସ୍ନାନ କରିଥାନ୍ତି ପରେ ଅନ୍ୟ ନୀତି କାର୍ଯ୍ୟ କରାଯାଇଥାଏ ବୋଲି ମନ୍ଦିର ପ୍ରଶାସନ ତରଫରୁ ସୂଚନା ମିଳିଛି ।

## ଝୁଲନ୍ତା ଅବସ୍ଥାରେ ମୃତଦେହ ଉଦ୍ଧାର



**ଗରଦପୁର, ୨୩।୯ (ସଂଚାର ବ୍ୟୁରୋ):** ଗରଦପୁର ବ୍ଲକ୍ କୁଦାନଗରୀ ଥାନା ଅଧିନ ତଳକୁସୁମା ଗୋବିନ୍ଦପୁର ହାଇସ୍କୁଲ୍ ଛକ ନିକଟ ନିଜ ଦୋକାନ ଘରେ ଜଣେକ ୨୭ ବର୍ଷୀୟ ଯୁବକ ରସି ଲଗାଇ ଆତ୍ମହତ୍ୟା କରିଥିବା ଅନୁମାନ କରାଯାଉଛି। ମୃତ ଯୁବକଙ୍କ ନାମ ଜିତେନ୍ଦ୍ର ସାହୁ ହୋଇଥିବା ବେଳେ କଳାବୁଦା ପଞ୍ଚାୟତ ଗୋବିନ୍ଦପୁର ଗାଁର ସୁକଦେବ ସାହୁଙ୍କର ଏକମାତ୍ର ପୁତ୍ର ବୋଲି ଜଣାପଡିଛି। ଜିତେନ୍ଦ୍ର ବିବାହିତ ଏବଂ ତାଙ୍କର ଏକ କନ୍ୟା ସନ୍ତାନ ଅଛି। ତେବେ ଏହା ଆତ୍ମହତ୍ୟା କି ହତ୍ୟା ଏହାର କାରଣ ଜଣାପଡିନଥିବା ବେଳେ ତଳକୁସୁମା ଗୋବିନ୍ଦପୁର ଛକ ଠାରେ ଦିର୍ଘଦିନ ହେବ ଥଣ୍ଡା ପାନୀୟ ଦୋକାନ କରି ଚଳି ଆସୁଥିଲେ।

## ଦୁଇ ଦିନ ପରେ ମିଳିଲା ନିଖୋଜ ଯୁବକଙ୍କ ମୃତଦେହ

**ମହାକାଳପଡ଼ା, ୨୩।୯ (ସଂଚାର ବ୍ୟୁରୋ):** ଗତ ୨୧ ତାରିଖ ରବିବାର ମହାକାଳପଡା ବ୍ଲକ ଲାଞ୍ଜୁରା ପଞ୍ଚାୟତ ତନ୍ତିଆପାଳ ଗ୍ରାମର ବିଜୟ ପରିଡ଼ା ଓ ତାଙ୍କ ପୁତ୍ର ମାନସ ପରିଡ଼ା ସମୁଦ୍ରକୁ ମାଛ ମାରିବାକୁ ଯାଇଥିଲେ। ବଜ୍ରପାତରେ ବିଜୟଙ୍କ ଘଟଣା ସ୍ଥଳରେ ମୃତ୍ୟୁ ହୋଇଥିଲା। ବିଜୟ ଙ୍କ ମୃତ୍ୟୁ ଦେହ ପୂର୍ବରୁ ଉଦ୍ଧାର କରାଯାଇଥିଲା ବେଳେ ତାଙ୍କ ନାବାଳକ ପୁଅ ନିଖୋଜ ଥିଲେ। ବହୁତ ଖୋଜାଖୋଜି ପରେ ମଧ ନିଖୋଜ ମାନସଙ୍କ କିଛି ସନ୍ଧାନ ମିଳିନଥିଲା।ଦୁଇ ଦିନ ପରେ ଅର୍ଥାତ୍ ଆଜି ତନ୍ତିଆପାଳ ପୋଲିସ୍ ମାନସଙ୍କ ମୃତ ଦେହକୁ ଉଦ୍ଧାର କରିଛି।

## ପୌର ପରିଷଦରେ ‘ସ୍ୱଚ୍ଛତା ହିଁ ସେବା’ କାର୍ଯ୍ୟକ୍ରମ




**ପଟ୍ଟାମୁଣ୍ଡାଇ, ୨୩।୯ (ସଂଚାର ବ୍ୟୁରୋ):** ପଟ୍ଟାମୁଣ୍ଡାଇ ପୌର ପରିଷଦରେ ସ୍ୱଚ୍ଛତା ହିଁ ସେବା କାର୍ଯ୍ୟକ୍ରମ ଆୟୋଜିତ ହୋଇଛି । ଏହି କାର୍ଯ୍ୟକ୍ରମ ଗତ ସେପ୍ଟେମ୍ବର ୧୭ତାରିଖରୁ ଆରମ୍ଭ ହୋଇ ଅକ୍ଟୋବର ୨ତାରିଖ ଗାନ୍ଧୀ ଜୟନ୍ତୀ ପର୍ଯ୍ୟନ୍ତ ଜାରି ରହିବ । ଏହି କାର୍ଯ୍ୟକ୍ରମର ୭ମ ଦିବସରେ ପଟ୍ଟାମୁଣ୍ଡାଇ ପୌରପରିଷଦ ପକ୍ଷରୁ ଏକ ଜନସଚେତନ ଶୋଭାଯାତ୍ରା ଆୟୋଜନ କରାଯାଇଥିଲା।

ପଟ୍ଟାମୁଣ୍ଡାଇ ପୌର ପରିଷଦ ଅଧକ୍ଷ ହେମନ୍ତ ସାହୁଙ୍କ ନିର୍ଦ୍ଦେଶରେ ପୌର ପରିଷଦ ନିର୍ବାହୀ ଅଧିକାରୀ ରଞ୍ଜନ କୁମାର ଦାଶଙ୍କ ନେତୃତ୍ୱରେ ଏହି ସଚେତନତା ଶୋଭାଯାତ୍ରା ପଟ୍ଟାମୁଣ୍ଡାଇ ପୌର ପରିଷଦ କାର୍ଯ୍ୟାଳୟ ଠାରୁ ବାହାରି ନିଜକୁ ପରିଷ୍କାର ରଖିବା ସଂଗେ ସଂଗେ ପରିବେଶ କୁ ସ୍ୱଚ୍ଛ ରଖିବା, ପଲିଥିନ ଏବଂ ପ୍ଲାଷ୍ଟିକ ବ୍ୟବହାର କରିବା ନାହିଁ, ଅଳିଆ ଆବର୍ଜନାକୁ ଏଣେ ତେଣେ ନ ଫିଙ୍ଗି ପୌରପାଳିକା ଗାଡ଼ିରେ ଦେବା ଆଦି ସ୍ଲୋଗାନ ଦେଇ ସବଡିଭିଜନ ହସ୍ପିଟାଲ ଛକ ପର୍ଯ୍ୟନ୍ତ ଯାଇ ଜନସଚେତନା ସୃଷ୍ଟି କରାଯାଇଥିଲା। ଏଥିରେ ପୌର ପରିଷଦ ପରିମଳ ବିଶେଷଜ୍ଞ ପ୍ରଭଞ୍ଜନ ସ୍ୱାଇଁ, ପରିମଳ ନିରୀକ୍ଷକ ପ୍ରଫୁଲ୍ଲ ଦାଶ, ସମ୍ପଦ ପରିଚାଳିକା ପୁଷ୍ପାଞ୍ଜଳି ପାତ୍ର, ଅମିତା ପ୍ରିୟ ଦର୍ଶନୀ ପ୍ରଧାନ,ସରୋଜ ପଣ୍ଡା, ମନୋରଞ୍ଜନ ଦାଶ,ଗଙ୍ଗାଧର ନାୟକ, ହୃଷିକେଶ ନାଥ, ସ୍ୱାସ୍ଥ୍ୟକେନ୍ଦ୍ର ପି ଏଚ ଓ ସ୍ନେହଲତା ମହାନ୍ତି, ନୃସିଂହ ଦାଶ ପ୍ରମୁଖ ପୌର ପରିଷଦ ଓ ସ୍ୱାସ୍ଥ୍ୟ ବିଭାଗ କର୍ମଚାରୀ, ସ୍ୱଚ୍ଛ ସାଥୀ ଓ ସ୍ୱଚ୍ଛ କର୍ମୀ ଯୋଗ ଦେଇଥିଲେ । ଏହା ପରେ ସ୍ୱଚ୍ଛକର୍ମୀ ମାନଙ୍କ ପାଇଁ ପୌର ପରିଷଦ କାର୍ଯ୍ୟାଳୟ ପରିସରରେ ଏକ ସଫେଇ ମିତ୍ର ସୁରକ୍ଷା ଶିବିର ଆୟୋଜନ କରାଯାଇଥିଲା ।

## ମା’ ପାଇଁ ଗଛଟିଏ କାର୍ଯ୍ୟକ୍ରମ




**ସାଲେପୁର, ୨୩।୯ (ସଂଚାର ବ୍ୟୁରୋ):** ସାଲେପୁର ବ୍ଲକ ଅନ୍ତର୍ଗତ ରାମେଶ୍ୱର ମଣ୍ଡଳ ଅଧିନସ୍ଥ ପୁରଣ ଗ୍ରାମର ଚମ୍ପାଦୁବ ପଡିଆ ଠାରେ ମା ପାଇଁ ଗଛଟିଏ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି।ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ୭୫ତମ ଜନ୍ମଦିନ ଉପଲକ୍ଷେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ସାଲେପୁର ବିଜେପି ନେତା ହିମାଂଶୁ ମହାନ୍ତି ମୁଖ୍ୟ ଅତିଥି ଭାବେ ଯୋଗଦେଇଥିଲେ । ଏହି କାର୍ଯ୍ୟକର୍ମରେ ଶତାଧିକ ମହିଳା ଓ୍ ପୁରୁଷ ଯୋଗଦେଇ ୫୦୦ରୁ ଉର୍ଦ୍ଧ ବିଭିନ୍ନ ପ୍ରକାରର ବୃକ୍ଷ ରୋପଣ କରିବା ସହ ପ୍ରତ୍ୟେକ ବ୍ୟକ୍ତି ନିଜର ଜୀବନକାଳରେ କିଛି ନା କିଛି ବୃକ୍ଷ ରୋପଣ କରିବା ପାଇଁ ଅନୁରୋଧ କରିଥିଲେ। ଏହି କାର୍ଯ୍ୟକ୍ରମରେ ଅନ୍ୟ ମାନଙ୍କ ମଧରେ ସମ୍ମାନିତ ଅତିଥି ରୂପେ ଚନ୍ଦ୍ରମଣି ଭୂୟାଁ,ଇତିଶ୍ରୀ ମିଶ୍ର, ମନୋଜ ବିଶ୍ୱାଳ, ରିତେଶ ଦାସ, ରାଜୀବ ଦ୍ୱିବେଦୀ, ସୁକାନ୍ତ ସଡ଼ଙ୍ଗୀ, ଅନ୍ତର୍ଯ୍ୟାମୀ ସାହୁ, ଶଶୀକାନ୍ତ ମହାନ୍ତି, ତୁଳସୀରାଣୀ ଦାସ, ରେଣୁବାଳା ରାଉତ, ପ୍ରମୁଖ ଯୋଗଦେଇ ବିଭିନ୍ନ ପ୍ରକାରର ବୃକ୍ଷ ରୋପଣ କରିଥିଲେ।

## କଟକ ବାର୍ ଆସୋସିଏସନ୍‌ରେ ରଞ୍ଜିତ ରାୟଙ୍କ ତୈଳଚିତ୍ର ଉନ୍ମୋଚିତ



**କଟକ, ୨୩।୯ (ସଂଚାର ବ୍ୟୁରୋ):** ଓଡ଼ିଶାର ସର୍ବପୁରାତନ ବାର୍ ଆସୋସିଏସନ୍ କଟକ ବାର୍ ଆସୋସିଏସନର ଆଜୀବନ ସଦସ୍ୟ ତଥା କ୍ରିମିନାଲ ବାର୍ ଆସୋସିଏସନର ପ୍ରାକ୍ତନ ସଭାପତି ସ୍ୱର୍ଗତ ରଞ୍ଜିତ କେଶରୀ ରାୟ(୬୭)ଙ୍କ ଗତ ୧୩ତାରିଖ ଶନିବାର ସନ୍ଧ୍ୟାରେ ତାଙ୍କ କଟକ ବାଙ୍ଖିସାହି ସ୍ଥିତ ବାସଭବନ ପରିସରରେ ହୃଦଘାତରେ ପରଲୋକ ଘଟିଯାଇଥିବା ବେଳେ କ୍ରିମିନାଲ ବାର୍ ଆସୋସିଏସନ୍ ପ୍ରାକ୍ତନ ସମ୍ପାଦକ ସ୍ମୃତି ରଞ୍ଜନ ରାଉତଙ୍କ ସଭାପତିତ୍ୱରେ ଆଜି ତାଙ୍କ ପୁଣ୍ୟ ଏକାଦଶାହ ଅବସରରେ ସ୍ୱର୍ଗତ ରାୟଙ୍କ ଏକ ତୈଳଚିତ୍ର ଭାରାପ୍ରାପ୍ତ କଟକ ଜିଲ୍ଲା ଦୌରାଜଜ୍ ରାଜକିଶୋର ମହାପାତ୍ରଙ୍କ ଦ୍ୱାରା ଆନୁଷ୍ଠାନିକ ଭାବରେ ଆସୋସିଏସନ୍ ପରିସରରେ ଉନ୍ମଚନ ହୋଇଯାଇଛି। ଏହି କାର୍ଯ୍ୟକ୍ରମରେ କଟକ ବାର୍ ଆସୋସିଏସନର କର୍ମକର୍ତ୍ତାମାନେ ଯୋଗଦେଇଥିଲେ।

## ଜାତୀୟ ଉଦ୍ୟାନର ମଈପୁରା ନଦୀରୁ ମୁଣାଜାଲ ଜବତ

**ରାଜନଗର, ୨୩।୯ (ସଂଚାର ବ୍ୟୁରୋ):** ଗତକାଲି ରାତି ସମୟରେ ଭିତରକନିକା ଜାତୀୟ ଉଦ୍ୟାନର ମଈପୁରା ନଦୀରେ ବେଆଇନ ଭାବେ ଜାଲ ବସାଇ ମାଛ ଧରୁଥିବା ଖବରପାଇ ରାଜନଗର ଡିଏଫଓଙ୍କ ନିର୍ଦ୍ଦେଶରେ ଗୁପ୍ତି ଫରେଷ୍ଟର ବିଭୂତି ଭୂଷଣ ତରାଇଙ୍କ ନେତୃତ୍ୱରେ ଫରେଷ୍ଟଗାର୍ଡ ବିଶ୍ୱ ରଂଜନ ତରାଇ,ହେମନ୍ତ କୁମାର ମହାରଣା, ପ୍ରଦୀପ କୁମାର ବେହେରା, ବିଜୟ କୁମାର ଗଣ୍ଡ,ବଂଶୀଧର ବେହେରାଙ୍କ ସହ ବନ କର୍ମଚାରୀ ପହଞ୍ଚି ୧ଟି ମୁଣା ଜାଲ ଜବତ କରିଥିଲେ। ବନ କର୍ମଚାରୀ ଯିବା ଦେଖି ଜାଲ ବସାଇଥିବା ମତ୍ସ୍ୟଜୀବୀ ଖସି ଚାଲିଯାଇଥିଲେ।


### ବିଜ୍ଞାପନ

ଆମ୍ଭେ ଶ୍ରୀ ପରିକ୍ଷୀତ ସୂତାର, ପିତା- ପ୍ରଶାନ୍ତ ସୂତାର, ସା- ଭାଗଦେଇପୁର, ପୋଷ୍ଟ-ଗୁଣ୍ଡପୁର, ଥାନା- ପଟ୍ଟାମୁଣ୍ଡାଇ ଗ୍ରାମାଞ୍ଚଳ, ଜିଲ୍ଲା- କେନ୍ଦ୍ରାପଡା ଜଣାଉଅଛୁକି, ଆମ୍ଭ ପିତା ଡାକ ଘରେ ୫ ବର୍ଷିଆ ଜାତିୟ ସଞ୍ଚୟ ଜମା ନଂ- ୪୫ଇଏଫ୍ ୮୬୭୫୯୩ ଠାରୁ ୮୬୭୬୦୦ ପର୍ଯ୍ୟନ୍ତ ୮ ଗୋଟି ଓ ୮୮ ଡିଡି ୯୨୦୫୩୮ ଠାରୁ ୯୨୦୫୪୧ ପର୍ଯ୍ୟନ୍ତ ୪ ଗୋଟି ମୋଟ ୧୨ ଗୋଟି ସାର୍ଟିଫିକେଟରେ ମୋତେ ନୋମିନି ରଖିଥିବା ବେଳେ ନୋମିନିରେ ମୋର ଡାକ ନାମ ବିଜ୍ଞାନ ସୂତାର ଉଲ୍ଲେଖ କରି ଯାଇଛନ୍ତି । ମାତ୍ର ବିଜ୍ଞାନ ସୂତାର ଓ ପରିକ୍ଷୀତ ସୂତାର ମୁଁ ଜଣେ ସମାନ ବ୍ୟକ୍ତି ଅଟେ । ମୋର ଆଧାର କାର୍ଡ ଏବଂ ପ୍ୟାନ୍ କାର୍ଡରେ ପରିକ୍ଷୀତ ସୂତାର ଉଲ୍ଲେଖ ରହିଅଛି ।

ଏଣୁ ବିଜ୍ଞାନ ସୂତାର ଓରଫ୍ ପରିକ୍ଷୀତ ସୂତାର ମୁଁ ଜଣେ ବ୍ୟକ୍ତି ହୋଇଥିବାର ମାଜିଷ୍ଟ୍ରେଟଙ୍କ ନିକଟରେ ସତ୍ୟପାଠ କରିଅଛି। ଯାହାକି ବିଜ୍ଞାପନ ମାଧମରେ ଅବଗତ କରାଉଅଛି କି ପିତାଙ୍କ ଦ୍ୱାରା ନୋମିନି ଦର୍ଶାଯାଇଥିବାରୁ ଡାକ ବିଭାଗରେ ଥିବା ୧୨ ଗୋଟି ସାର୍ଟିଫିକେଟ୍‌ର ପ୍ରାପ୍ୟ ମୋତେ ପ୍ରଦାନ କରିବା ପାଇଁ ଏହି ବିଜ୍ଞାପନ ମାଧମରେ ଜଣାଉଅଛି ।

ସ୍ୱା- ପରିକ୍ଷୀତ ସୂତାର


# ବତୀଘରର ବିକାଶ ପାଇଁ ଜିଲ୍ଲା ପ୍ରଶାସନ ପକ୍ଷରୁ କୌଣସି ପ୍ରସ୍ତାବ ଆସିନି: ମନ୍ତ୍ରୀ

**ମହାକାଳପଡ଼ା, ୨୩।୯ (ସଂଚାର ବ୍ୟୁରୋ):** କେନ୍ଦ୍ରାପଡ଼ା ଜିଲ୍ଲା ମହାକାଳପଡ଼ା ନିର୍ବାଚନ ମଣ୍ଡଳୀ ଅଧୀନ ବତିଘର ପଞ୍ଚାୟତରେ ପୂର୍ବ ଭାରତ ଉପକୂଳରେ ଅବସ୍ଥିତ ବତୀଘର(ଲାଇଟ୍ ହାଉସ୍)ର ପାରିପାର୍ଶ୍ୱିକ ଭିତ୍ତିଭୂମିର ବିକାଶ ଓ ପର୍ଯ୍ୟଟକଙ୍କ ଆଗମନକୁ ବଢ଼ାଇବା ପାଇଁ ୨୦ ସେପ୍ଟେମ୍ବର ଶନିବାର ଦିନ ବିଧାନସଭାରେ ପ୍ରଶ୍ନ ଉଠାଇଛନ୍ତି ମହାକାଳପଡ଼ା ବିଧାୟକ ଦୁର୍ଗା ପ୍ରସନ୍ନ ନାୟକ। ଏହି ବତୀଘର କେନ୍ଦ୍ରାପଡ଼ା ଜିଲ୍ଲାର ଏକ ସର୍ବପୁରାତନ ପର୍ଯ୍ୟଟନ ସ୍ଥଳୀ ଭାବରେ ମାନ୍ୟତା ପାଇଛି। ରାସ୍ତାଘାଟର ସୁବିଧା ନଥିବାରୁ ତତ୍କାଳୀନ ବ୍ରିଟିଶର ମାନେ ସମୁଦ୍ର ମଧ ଦେଇ ପଣ୍ୟ ଦ୍ରବ୍ୟ ପରିବହନ କରୁଥିଲେ। ଜାହାଜ ଗୁଡ଼ିକ ରାତି ସମୟରେ କୂଳରେ ପହଞ୍ଚିବାକୁ ସହଜ କରିବାକୁ ଯାଇ ଏହି ଲାଇଟ୍ ହାଉସ ର ପରିକଳ୍ପନା କରାଯାଇଥିଲା। ଯାହା ୬ ଡିସେମ୍ବର ୧୮୩୬ ରେ ନିର୍ମାଣ କାର୍ଯ୍ୟ ଆରମ୍ଭ ହୋଇ ୧୬ ଅକ୍ଟୋବର ୧୮୩୭ ରେ କାର୍ଯ୍ୟକ୍ଷମ ହୋଇଥିଲା। ଏହି ବତୀଘର ସମୁଦ୍ର ପତନଠାରୁ ୩୯ ମିଟର ଉଚ୍ଚତା ହୋଇଥିଲା ବେଳେ ସ୍ଥଳଭାଗରୁ ଏହାର ଉଚ୍ଚତା ୩୪ ମିଟର। ଏହାର ଚତୁର୍ଦ୍ଦିଗ ଲୁଣୀ ଜଙ୍ଗଲରେ ଘେରି ରହିଛି। ଯାହା ପର୍ଯ୍ୟଟକ ମାନଙ୍କୁ ବେଶ୍ ଆକର୍ଷିତ କରେ। ବତୀଘର ଠାରେ ବ୍ରିଟିଶର ମାନେ ମେଡିକାଲ୍, ଗେଷ୍ଟ ହାଉସ୍, ତୋପ ଓ ୧୨ ଜଣ ବ୍ରିଟିଶର ମାନଙ୍କର ସମାଧି ନିର୍ମାଣ କରିଛନ୍ତି। ଏ ସର୍ବପୁରାତନ ବତୀଘରକୁ ଦେଖିବା ପାଇଁ ବିଭିନ୍ନ ସ୍ଥାନରୁ ପର୍ଯ୍ୟଟକ ମାନେ ଆସିଥାନ୍ତି। ହେଲେ ଏହାର ରକ୍ଷଣାବେକ୍ଷଣ ଅଭାବ ଓ ପାରିପାର୍ଶ୍ୱିକ ଭିତ୍ତିଭୂମିର ବିକାଶ ପାଇଁ ଅଧିକ ପରିମାଣରେ ପର୍ଯ୍ୟଟକଙ୍କୁ ଆକୃଷ୍ଟ କରିବା ସମ୍ଭବ ହେଉନାହିଁ।

ମହାକାଳପଡ଼ା ବିଧାୟକ ଏହାର ପାରିପାର୍ଶ୍ୱିକ ଭିତ୍ତିଭୂମିର ବିକାଶ ଓ ପର୍ଯ୍ୟଟକଙ୍କ ଆଗମନକୁ ବଢ଼ାଇବା ପାଇଁ ରାଜ୍ୟ ସରକାର କି କି ପଦକ୍ଷେପ ନେଇଛନ୍ତି ବୋଲି ବିଧାନସଭାରେ ପ୍ରଶ୍ନ ଉଠାଇଛନ୍ତି। ବିଧାୟକଙ୍କ ପ୍ରଶ୍ନର ଉତ୍ତରରେ ଉପମୁଖ୍ୟ ମନ୍ତ୍ରୀ ତଥା ପର୍ଯ୍ୟଟନ ମନ୍ତ୍ରୀ ପ୍ରଭାତୀ ପରିଡ଼ା ସୂଚନା କହିଛନ୍ତି ଯେ, ବତୀଘର(ଲାଇଟ୍ ହାଉସ) ର ପାରିପାର୍ଶ୍ୱିକ ଭିତ୍ତିଭୂମିର ବିକାଶ ଓ ପର୍ଯ୍ୟଟକଙ୍କ ଆଗମନକୁ ବଢ଼ାଇବା ପାଇଁ ଜିଲ୍ଲା ପ୍ରଶାସନ ନିକଟରୁ ଅଦ୍ୟାବଧି କୌଣସି ବିଧିବଦ୍ଧ ପ୍ରସ୍ତାବ ପର୍ଯ୍ୟଟନ ବିଭାଗର ହସ୍ତଗତ ହୋଇ ନାହିଁ। ଆଗାମୀ ଦିନରେ ଜିଲ୍ଲା ପ୍ରଶାସନ ନିକଟରୁ ବିଧିବଦ୍ଧ ପ୍ରସ୍ତାବ ହସ୍ତଗତ ହେଲେ ସରକାର ପ୍ରକଳ୍ପ ଗୁଡ଼ିକର ଆବଶ୍ୟକତା ତଥା କାର୍ଯ୍ୟକାରିତା, ସେଥିପାଇଁ ଉପଯୁକ୍ତ ଜମି ଏବଂ ଆର୍ଥିକ ସମ୍ବଳକୁ ଦୃଷ୍ଟିରେ ରଖି ବିଚାର କରିବେ। ବିଧାୟକଙ୍କ ପ୍ରଶ୍ନର ଉତ୍ତର ପରେ ବତୀଘରର ବିକାଶ ପାଇଁ ଜିଲ୍ଲା ପ୍ରଶାସନ ପକ୍ଷରୁ ଆବଶ୍ୟକୀୟ ପ୍ରସ୍ତାବ ପର୍ଯ୍ୟଟନ ବିଭାଗକୁ ତ୍ୱରିତ ଦାଖଲ କରାଗଲେ ବତୀଘର ର ବିକାଶ ପାଇଁ ବାଟ ଫିଟିବା ସହିତ ପର୍ଯ୍ୟଟକମାନଙ୍କ ଆଗମନ ଅଧିକ ହୁଅନ୍ତା। ଯାହା ମହାକାଳପଡ଼ା ସମେତ ସମଗ୍ର କେନ୍ଦ୍ରାପଡା ଜିଲ୍ଲା ପାଇଁ ପର୍ଯ୍ୟଟନ କ୍ଷେତ୍ରରେ ବେଶ୍ ପ୍ରସିଦ୍ଧି ଲାଭ କରନ୍ତା।

● 'ସୁସ୍ଥ ନାରୀ, ସଶକ୍ତ ପରିବାର' ଅଭିଯାନରେ ଓଡିଶାକୁ ସଫଳତା

# ୭ ଦିନରେ ୨୮.୪୬ ଲକ୍ଷ ମହିଳାଙ୍କ ସ୍ୱାସ୍ଥ୍ୟ ସ୍କ୍ରିନିଂ



**ଭୁବନେଶ୍ୱର,୨୩।୯(ସଂଚାର ବ୍ୟୁରୋ):** ସେପ୍ଟେମ୍ବର ୧୭ ତାରିଖରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ମଧ୍ୟପ୍ରଦେଶର ଧାର ଠାରେ 'ସୁସ୍ଥ ନାରୀ, ସଶକ୍ତ ପରିବାର ଅଭିଯାନ' ଉଦ୍‌ଘାଟନ କରିଥିଲେ। ସେହି ଦିନ, ଭୁବନେଶ୍ୱର ଇଡ଼କୋ ପ୍ରଦର୍ଶନୀ ପଡିଆରେ ଆୟୋଜିତ କାର୍ଯ୍ୟକ୍ରମରେ ଓଡିଶାର ରାଜ୍ୟପାଳ ଡ. ହରିବାବୁ କମ୍ଭମପାଟି ଏବଂ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କ ଉପସ୍ଥିତିରେ ଏହି ଅଭିଯାନଟି ଓଡିଶାରେ ମଧ୍ୟ ଆରମ୍ଭ ହୋଇଥିଲା।

ସୂଚନାଯୋଗ୍ୟ ଯେ, ସେପ୍ଟେମ୍ବର ୨୩ ସୁଦ୍ଧା, ମାତ୍ର ସାତ ଦିନରେ, ଓଡିଶାରେ ଏହି ଅଭିଯାନରେ ୫୨,୯୪୨ଟି ସ୍ୱାସ୍ଥ୍ୟ ଶିବିର ଆୟୋଜିତ ହୋଇଥିବା ସହ ୨୮.୪୬ ଲକ୍ଷ ହିତାଧିକାରୀଙ୍କ ସ୍ୱାସ୍ଥ୍ୟ ସଂପର୍କରେ ପରୀକ୍ଷା ନିରୀକ୍ଷା କରାଯାଇଛି। ଏଥିସହିତ ବିଭିନ୍ନ ସ୍ୱାସ୍ଥ୍ୟ ଅନୁଷ୍ଠାନରେ ପ୍ରତିଦିନ ୮,୦୦୦ରୁ ଅଧିକ କ୍ୟାମ୍ପ ଆୟୋଜିତ କରାଯାଇ, ସମସ୍ତଙ୍କ ପାଇଁ ସ୍ୱାସ୍ଥ୍ୟ ସ୍କ୍ରିନିଂ ଓ ସୁବିଧା ସୁନିଶ୍ଚିତ କରାଯାଉଛି। ଏହି ହେଲ୍‌ଥ କ୍ୟାମ୍ପ ଗୁଡିକରେ ଯେଉଁସବୁ ରୋଗ ପାଇଁ ପରୀକ୍ଷା କରାଯାଇଛି, ସେଗୁଡିକ ହେଲା - ୧.୪୫ ଲକ୍ଷ ହିତାଧିକାରୀଙ୍କ ରକ୍ତଚାପ ସ୍କ୍ରିନିଂ, ୧.୪୨ ଲକ୍ଷ ହିତାଧିକାରୀଙ୍କ ଡାଏବେଟିଜ୍ ସ୍କ୍ରିନିଂ, ୫୭,୦୦୦ ହିତାଧିକାରୀଙ୍କ ମୁଖ କ୍ୟାନ୍‌ସର ସ୍କ୍ରିନିଂ, ୫୯,୦୦୦ ହିତାଧିକାରୀଙ୍କ ସ୍ତନ କ୍ୟାନ୍‌ସର ସ୍କ୍ରିନିଂ, ୨୮,୦୦୦ ହିତାଧିକାରୀଙ୍କ ସର୍ଭାଇକାଲ୍ କ୍ୟାନ୍‌ସର ସ୍କ୍ରିନିଂ, ୧.୨୭ ଲକ୍ଷ ହିତାଧିକାରୀଙ୍କ ଅନିମିଆ ସ୍କ୍ରିନିଂ, ୧.୨୧ ଲକ୍ଷ ହିତାଧିକାରୀଙ୍କ କ୍ଷୟରୋଗ ସ୍କ୍ରିନିଂ, ୧.୭୧ ଲକ୍ଷ ହିତାଧିକାରୀଙ୍କ ସିକିଲ୍ ସେଲ୍ ଆନାମିଆ ସ୍କ୍ରିନିଂ, ୨.୧୮ ଲକ୍ଷରୁ ଅଧିକ ହିତାଧିକାରୀଙ୍କ ଗର୍ଭାବସ୍ଥା ସେବା ଓ ଟୀକାକରଣ କରାଯାଇଛି।

ଏହାସହିତ ୨୬୩ଟି ରକ୍ତଦାନ ଶିବିରରେ ୧୭,୮୬୩ ଇଉନିଟ୍ ସଂଗ୍ରହ ହୋଇଛି। ୨.୯୩ ଲକ୍ଷ କିଶୋରୀଙ୍କୁ ଋତୁସ୍ରାବ ସ୍ୱାସ୍ଥ୍ୟ ପରାମର୍ଶ ଦିଆଯାଇଛି।

୨.୫୩ ଲକ୍ଷ ହିତାଧିକାରୀଙ୍କୁ ପୋଷଣ ଓ ଯତ୍ନ ସଚେତନତା ସଂପର୍କରେ ପରାମର୍ଶ ଦିଆଯାଇଛି। ରାଜ୍ୟର ବିଭିନ୍ନ ସ୍ଥାନରେ ସାଂସଦମାନେ ସ୍ପେସାଲିଷ୍ଟ ଶିବିରରେ ଯୋଗଦେଇ ଜନସାଧାରଣଙ୍କୁ ସଚେତନ କରିବା ସହ ପ୍ରେରଣା ଦେଇଛନ୍ତି। ଏହି ଅଭିଯାନ ମାଧ୍ୟମରେ, ସୁସ୍ଥ ଓ ସଶକ୍ତ ଜାତି ଗଠନର ସ୍ୱପ୍ନକୁ ସାର୍ଥକ କରିବା ପାଇଁ ଓଡିଶା ଦୃଢ଼ ପଦକ୍ଷେପ ନେଇଛି।

ଉତ୍କର୍ଷ କେନ୍ଦ୍ର ଉଦଘାଟିତ, ଉତ୍ତୀର୍ଣ୍ଣ ଉତ୍ସବ ଅନୁଷ୍ଠିତ

# ମାର୍ଗଦର୍ଶକ ହୁଅନ୍ତୁ ଛାତ୍ରଛାତ୍ରୀ: ଶିଳ୍ପ ମନ୍ତ୍ରୀ




**ଭୁବନେଶ୍ୱର,୨୩।୯ (ସଂଚାର ବ୍ୟୁରୋ):** ଆଜି ଓଡ଼ିଶାର ଦକ୍ଷତା ବିକାଶ କ୍ଷେତ୍ରରେ ଏକ ଉଲ୍ଲେଖନୀୟ ଦିବସ। ବିଶ୍ୱ ଦକ୍ଷତା କେନ୍ଦ୍ରରୁ ୧୦୮୮ ଜଣ ଛାତ୍ରଛାତ୍ରୀ ପାଠ୍ୟକ୍ରମ ଶେଷ କରି ଉତ୍ତୀର୍ଣ୍ଣ ହେବା ନିଶ୍ଚିତ ଭାବେ ଆମର ଦକ୍ଷତା ବିକାଶ କାର୍ଯ୍ୟକ୍ରମକୁ ଆଗେଇନେବେ ବୋଲି ଶିଳ୍ପ, ଦକ୍ଷତା ବିକାଶ ଓ ବୈଷୟିକ ଶିକ୍ଷା ମନ୍ତ୍ରୀ ସମ୍ପଦ ଚନ୍ଦ୍ର ସ୍ୱାଇଁ ପ୍ରକାଶ କରିଛନ୍ତି। ଆଜି ୧୦୮୮ ଜଣ ଷଷ୍ଠ ବ୍ୟାଚ୍‌ର ଛାତ୍ରଛାତ୍ରୀ ଦୃଢ଼ ସଂକଳ୍ପ ଓ ଆତ୍ମବିଶ୍ୱାସର ସହ ଏକ ଉଜ୍ଜ୍ୱଳ ଭବିଷ୍ୟତ ନେଇ ଏଠାରୁ ଉତ୍ତୀର୍ଣ୍ଣ ହୋଇଛନ୍ତି। ସେମାନେ ପରବର୍ତ୍ତୀ ପର୍ଯ୍ୟାୟରେ ଏବେ ପାଦ ରଖିବା ସହ ଏଠାରୁ ଶିକ୍ଷାଲାଭ କରିଥିବା ଦକ୍ଷତା ବିକାଶମୂଳକ ଶିକ୍ଷାକୁ ନିଜ ପାରଦର୍ଶିତାରେ ପରିଣତ କରି ନିଜର ଉପସ୍ଥିତି ଜାହିର କରିବେ ଏବଂ ଭବିଷ୍ୟତ ପିଢ଼ି ପାଇଁ ମାର୍ଗଦର୍ଶକ ସାବ୍ୟସ୍ତ ହେବେ ବୋଲି ମନ୍ତ୍ରୀ ଶ୍ରୀ ସ୍ୱାଇଁ ପ୍ରକାଶ କରିଛନ୍ତି। ବିଶ୍ୱ ଦକ୍ଷତା କେନ୍ଦ୍ରଠାରେ ଫେଷ୍ଟୋ ସହଭାଗିତାରେ ଇଣ୍ଡଷ୍ଟ୍ରିଆଲ ଅଟୋମେସନ୍ କେନ୍ଦ୍ର ପରି ଦୁଇଟି ଉତ୍କର୍ଷ କେନ୍ଦ୍ରକୁ ମନ୍ତ୍ରୀ ଶ୍ରୀ ସ୍ୱାଇଁ ଉଦ୍‌ଘାଟନ କରିଛନ୍ତି। ଏହି ଅବସରରେ ମନ୍ତ୍ରୀ ଶ୍ରୀ ସ୍ୱାଇଁ କହିଛନ୍ତି ଯେ ଏହି ବ୍ୟାଚ୍‌ର ୯୩ ପ୍ରତିଶତରୁ ଅଧିକ ଛାତ୍ରଛାତ୍ରୀ ସୁନାମଧନ୍ୟ କମ୍ପାନୀରେ ନିଯୁକ୍ତି ପାଇଛନ୍ତି। ସେଥିମଧ୍ୟରୁ ୯୪ ଛାତ୍ର ୟୁଏଇରେ ଏମିରଲ୍ ଓ ଜିନ୍ଦଲ ସ' ଭଳି ପ୍ରମୁଖ କମ୍ପାନୀରେ ନିଯୁକ୍ତି ପାଇଛନ୍ତି। ସମ୍ପ୍ରତିଜିନ୍‌ସନ୍ ଲିଫଟ୍‌ସ୍, ରିଲାଏନ୍ସ ସୋଲାର, ଜିନ୍ଦଲ ଷ୍ଟିଲ, ଫୁଜିଟେକ୍, ଜେଏସ୍‌ଡବ୍ଲୁ, ଟାଟା ଷ୍ଟିଲ, ଟାଟା ଅଟୋକମ୍ପ, ଏୟାରଟେଲ, ୱିପ୍ରୋ ଏରୋସ୍ପେସ୍ ଭଳି କମ୍ପାନୀ ବିଶ୍ୱ ଦକ୍ଷତା କେନ୍ଦ୍ରରୁ ଉତ୍ତୀର୍ଣ୍ଣ ଛାତ୍ରଛାତ୍ରୀଙ୍କୁ ନିଯୁକ୍ତି ଦେବାକୁ ଆଗ୍ରହ ପ୍ରକାଶ କରୁଛନ୍ତି। ସେହିପରି ଟାଟାର ଆଇଏଚ୍‌ଏଲ୍‌ସି, ଗ୍ରୀନ୍‌ଟ୍ରେଣ୍ଡ, ଭିଏଲ୍‌ସିସି, ଜାୱେଦ୍ ହବିବ୍, ମହିନ୍ଦ୍ରା ସ୍ୱସ୍ତି ଏବଂ ଅନ୍ୟାନ୍ୟ କମ୍ପାନୀଗୁଡ଼ିକ ସ୍କୁଲ ଅଫ୍ ସର୍ଭିସେସ୍‌ରୁ ଛାତ୍ରଛାତ୍ରୀଙ୍କୁ ନିଯୁକ୍ତି ଦେଉଛନ୍ତି। କିଛି ଛାତ୍ର ବାର୍ଷିକ ୫.୨୫ ଲକ୍ଷ ଟଙ୍କା ପର୍ଯ୍ୟନ୍ତ ପ୍ୟାକେଜ୍ ପାଉଛନ୍ତି, ଯାହା ଏଠାରେ ଦିଆଯାଉଥିବା ତାଲିମ୍‌ର ଗୁଣବତ୍ତାର ପ୍ରତିଫଳନ। ଆଜି ଦୁଇଟି ନୂତନ ଉତ୍କର୍ଷ କେନ୍ଦ୍ର ଉଦ୍‌ଘାଟିତ ହେବା ପରେ ଏହି କେନ୍ଦ୍ରଗୁଡ଼ିକ ନିଶ୍ଚିତ ଭାବରେ ଛାତ୍ରଛାତ୍ରୀଙ୍କୁ ବିଶ୍ୱସ୍ତରୀୟ ମାନଦଣ୍ଡ ସହିତ ସମକକ୍ଷ କରି ତାଲିମ ପ୍ରଦାନ ସହ ଶିଳ୍ପର ଚାହିଦା ଅନୁଯାୟୀ ପ୍ରସ୍ତୁତ କରିବା ଓ ଏହା ସହ ସେମାନେ 'ସ୍କିଲଡ୍-ଇନ୍-ଓଡ଼ିଶା' ବ୍ରାଣ୍ଡକୁ ବିଶ୍ୱ ଦରବାରରେ ପହଞ୍ଚାଇବାରେ ଆତ୍ମାସାଢ଼ର ଭାବେ କାର୍ଯ୍ୟ କରିବେ। କାର୍ଯ୍ୟକ୍ରମରେ ଦକ୍ଷତା ବିକାଶ ଓ ବୈଷୟିକ ଶିକ୍ଷା ବିଭାଗ କମିଶନର ତଥା ଶାସନ ସଚିବ ଭୂପିନ୍ଦର ସିଂ ପୁନିଆ, ବିଶ୍ୱ ଦକ୍ଷତା କେନ୍ଦ୍ରର ସିଇଓ ରଶ୍ମିତା ପଣ୍ଡା ଓ କର୍ପୋରେଟ୍ ଜଗତର ବରିଷ୍ଠ ପ୍ରତିନିଧି ଉପସ୍ଥିତ ଥିଲେ।

## ଓଡ଼ିଶାକୁ ୨୬୦ ମେଗାୱାଟ ଶସ୍ତା ବିଦ୍ୟୁତ ମିଳିବା ସୁରକ୍ଷିତ ହେଲା

**ଭୁବନେଶ୍ୱର, ୨୩।୯(ସଂଚାର ବ୍ୟୁରୋ):** ଓଡିଶା ଭାଗ ୨୫% ଶସ୍ତା ବିଦ୍ୟୁତ (୨୬୨.୫୦ ମେଗାୱାଟ) ଗ୍ରୀଡ୍ କୋକୁ ନଦେଇ ଜେଏସପିଏଲ (ଜିନ୍ଦାଲ ଷ୍ଟିଲ ଏଣ୍ଡ ପାୱାର ଲିମିଟେଡ) ନିଜର ଅନୁଗୁଳ ସ୍ଥିତ ପାୱାର ପ୍ଲାଣ୍ଟକୁ ଚାଲୁ କରିବା ପାଇଁ କାହିଁକି ଆବେଦନ କରିଛି? ଗ୍ରୀଡ୍ କୋର ଏପରି ଅପ୍ରତ୍ୟାଶିତ ଅଭିଯୋଗ ଉପରେ ଆଜି ଓଡିଶା ବିଦ୍ୟୁତ ନିୟାମକ ଆୟୋଗ ଶୁଣାଣି କରିଥିଲେ। ଆୟୋଗ ଅଧ୍ୟକ୍ଷ ପ୍ରଦୀପ କୁମାର ଜେନାଙ୍କ ଉପସ୍ଥିତିରେ ୩ ସଭ୍ୟ ବିଶିଷ୍ଟ ପୂର୍ଣ୍ଣ ବେଞ୍ଚ ଶୁଣାଣି ଆରମ୍ଭରେ ଜେଏସପିଏଲ ନିଜର ଆବେଦନକୁ ଫେରସ୍ତ କରିନେବା ପାଇଁ ଆୟୋଗଙ୍କୁ ପାର୍ଥନା କଲେ। ଜେଏସପିଏଲର ଏପରି ଅପ୍ରତ୍ୟାଶିତ ପାର୍ଥନାରେ ଆଶ୍ଚର୍ଯ୍ୟହୋଇ ଆୟୋଗ ଉପସ୍ଥିତ ଥିବା ବିପରୀତ ପକ୍ଷଙ୍କ ମତାମତ ଜାଣିବା ପାଇଁ ଆଗ୍ରହ ପ୍ରକାଶ କଲେ। ବିପରୀତ ପକ୍ଷ ତରଫରୁ ଉପସ୍ଥିତ ଥିବା ଶକ୍ତି ସମୀକ୍ଷକ ଆନନ୍ଦ ମହାପାତ୍ର କହିଲେ, ଯଦି ଆବେଦନକାରି ଜେଏସପିଏଲ ନିଜ ଦରଖାସ୍ତକୁ ଫେରସ୍ତ ନେବା ପାଇଁ ଚାହୁଛନ୍ତି, ତେବେ ଆମର କୌଣସି ଅଭିଯୋଗ ନାହି। ଏପରି ଭାବେ ଓଡିଶାର ଏକ ବଡ଼ ଦୀର୍ଘକାଳୀନ ରାଜସ୍ୱହାନି ସମସ୍ୟାର ମାତ୍ର ଦୁଇ ମିନିଟରେ ସମାଧାନ ହେଲା। ଅର୍ଥାତ ୧୦୫୦ ମେଗାୱାଟ (୨x୫୨୫) କ୍ଷମତା ବିଶିଷ୍ଟ ପାୱାର ପ୍ଲାଣ୍ଟର ପ୍ରଥମ ୟୁନିଟରୁ ୫୨୫ ମେଗାୱାଟ ପ୍ରାରମ୍ଭିକ ବିଦ୍ୟୁତ ଉତ୍ପାଦନ ପାଇଁ ଓପିଟିସିଏଲକୁ ମାଗିଥିବା ୪୦୦ କିଲୋଭୋଲ୍ଟ ଲାଇନ ସଂଯୋଗ ଏବେ କରାଯିବ ନାହି। ଫଳରେ ରାଜ୍ୟ ପ୍ରାପ୍ୟ ୨୫% ହିସାବରେ ୨୬୨.୫୦ ମେଗାୱାଟ ଅତିଶସ୍ତା ବିଦ୍ୟୁତ ଆସନ୍ତା ୨୫ ବର୍ଷ ପାଇଁ ସୁରକ୍ଷିତ ରହିଲା।

## ୨ରୁ ଦ୍ୱିତୀୟ ପର୍ଯ୍ୟାୟ ସ୍ୱତନ୍ତ୍ର ନିଶା ନିବାରଣ ଅଭିଯାନ



**ଭୁବନେଶ୍ୱର, ୨୩।୯(ସଂଚାର ବ୍ୟୁରୋ):** ବେଆଇନ ନିଶା କାରବାର ଓ ସେବନ ଯୋଗୁଁ ଅନେକ ଧନ ଜୀବନ ହାନି ଘଟୁଛି। ଏଥିନେଇ ବିଗତ ଏକ ବର୍ଷ ମଧ୍ୟରେ ନିରନ୍ତର ଚଢ଼ାଉ ଅଭିଯାନ ଫଳରେ ବହୁ କୋଟି ମୂଲ୍ୟର ବେଆଇନ ସାମଗ୍ରୀ ଜବତ ହେବା ସହ ଏଥିରେ ସମ୍ପୃକ୍ତ ଅନେକ ଲୋକ ଗିରଫ ହୋଇଛନ୍ତି। ତେବେ ଏହି ଅଭିଯାନକୁ ଆହୁରି ଜୋରଦାର କରାଯିବା ସହ ଓଡ଼ିଶାକୁ ବେଆଇନ ନିଶା କବଳରୁ ମୁକ୍ତ କରିବା ପାଇଁ ଆମ ସମସ୍ତଙ୍କୁ ମିଳିତ ଉଦ୍ୟମ କରିବାକୁ ପଡିବ ବୋଲି ମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନ ମତବ୍ୟକ୍ତ କରିଛନ୍ତି। ଆସନ୍ତା ଅକ୍ଟୋବର ୨ ତାରିଖରୁ ଆରମ୍ଭ ହେବାକୁ ଥିବା ସ୍ୱତନ୍ତ୍ର ସଚେତନତା ଅଭିଯାନର ଦ୍ୱିତୀୟ ପର୍ଯ୍ୟାୟ ତଥା 'ଆମ ସଂକଳ୍ପ - ନିଶା ନୁହେଁ ଜୀବନ' ଓ 'ନିଶା ମୁକ୍ତ ଭୁବନେଶ୍ୱର'ର ପ୍ରସ୍ତୁତି ବୈଠକରେ ଅଧ୍ୟକ୍ଷତା କରି ମନ୍ତ୍ରୀ କହିଲେ ଯେ, ନିଶା ମଣିଷକୁ ବିପଥଗାମୀ କରାଇବା ସହ ଶରୀରକୁ କ୍ଷତି ପହଞ୍ଚାଇ ଥାଏ। ଆହୁରି ବେଆଇନ ତଥା ନିଷିଦ୍ଧ ନିଶା ସେବନ ନିଶ୍ଚିତ ମୃତ୍ୟୁର କାରଣ ହୋଇଥାଏ। ତେଣୁ ବେଆଇନ ନିଶା କବଳରୁ ଆଜିର ଯୁବପିଢ଼ି ତଥା ସବୁ ବର୍ଗର ଲୋକଙ୍କୁ ବଞ୍ଚାଇବା ଲାଗି ମିଳିତ ଉଦ୍ୟମ ହେବା ଜରୁରୀ।

ସାର ଅଭାବ ଓ କଳାବଜାରୀ ବିରୋଧରେ କିଷାନ କଂଗ୍ରେସର ବିଧାନସଭା ଘେରାଉ

## ଚାଷୀଙ୍କୁ ସାର ନମିଳିଲେ ଗ୍ରାମାଞ୍ଚଳକୁ ବ୍ୟାପିବ ଆନ୍ଦୋଳନ




### ସମବାୟ-ମାର୍କଫେଡ୍ ଓ ସରକାରଙ୍କ ମଧ୍ୟରେ ମଧୁଚନ୍ଦ୍ରିକା

### ଚାଷୀଙ୍କୁ ମିଳୁନି; ଲକ୍ଷ ଲକ୍ଷ ଟଙ୍କାର ସାର ଯାଉଛି କୁଆଡ଼େ

**ଭୁବନେଶ୍ୱର,୨୩।୯ (ସଂଚାର ବ୍ୟୁରୋ):** ସାରା ରାଜ୍ୟରେ ସାର ଅଭାବ ଏବଂ କଳାବଜାରୀ ପାଇଁ ନାହିଁ ନଥିବା ଅବସ୍ଥା ଦେଖା ଦେଇଛି। ସରକାରଙ୍କ ଅପାରଗତା ବିରୁଦ୍ଧରେ ପ୍ରଦେଶ କିଷାନ କଂଗ୍ରେସ ପକ୍ଷରୁ ଏକ ବିରାଟ ରାଲି ଏବଂ ବିଧାନସଭା ଘେରାଉ ଆୟୋଜନ କରାଯାଇଥିଲା। ସମବାୟ ସଂସ୍ଥା ଓ ମାର୍କଫେଡ଼ରେ ଦୁର୍ନୀତି ଚରମ ସୀମାରେ। ଏଇ ସଂସ୍ଥା ଦ୍ୱୟ ଏବଂ ସରକାରଙ୍କ ମଧ୍ୟରେ ଚାଲିଛି ମଧୁଚନ୍ଦ୍ରିକା। ସରକାର କହୁଛନ୍ତି ଲକ୍ଷ ଲକ୍ଷ ଟଙ୍କାର ସାର ଗଚ୍ଛିତ ଅଛି କିନ୍ତୁ ଏପଟେ ଚାଷୀଙ୍କୁ ସାର ନ ମିଳିବା ଆଶ୍ଚର୍ଯ୍ୟ କରୁଛି। କିଷାନ କଂଗ୍ରେସ ପକ୍ଷରୁ ଦାବି କରାଯାଇଛି, ସରକାର ତୁରନ୍ତ ଆଧାର ଏବଂ ଜମି ପରିମାଣ ଅନୁଯାୟୀ ଚାଷୀ ଓ ଭାଗଚାଷୀଙ୍କୁ ସାର ବଣ୍ଟନ କରନ୍ତୁ। ଥୋଡ଼ ଧରିବା ସମୟରେ ଯେଉଁ ସାରର ଆବଶ୍ୟକତା ଅଛି ତାହା ସରକାର ତୁରନ୍ତ ପ୍ରଦାନ କରୁ ବୋଲି ଦାବି କରିଛି। ଯଦି ସରକାର ଚାଷୀଙ୍କ ନାଯ୍ୟ ଦାବି ପୂରଣ କରିବେନି ତେବେ ଆନ୍ଦୋଳନ ଗ୍ରାମାଭିମୁଖୀ ହେବ ଓ କ୍ଷତିଗ୍ରସ୍ତ ଚାଷୀଙ୍କ ନେତୃତ୍ୱ କିଷାନ କଂଗ୍ରେସ ନେଇ ଗାଁ ଗଣ୍ଡାରେ ବ୍ୟାପକ ଆନ୍ଦୋଳନ କରିବ ବୋଲି ଚେତାବନୀ ଦେଇଛି କିଷାନ କଂଗ୍ରେସ।

କିଷାନ କଂଗ୍ରେସ ପକ୍ଷରୁ ବିଧାନସଭା ଘେରାଉ କାର୍ଯ୍ୟକ୍ରମକୁ ପୁଲିସ ବାଧା ଦେଇ କିଷାନ କଂଗ୍ରେସ ସଭାପତି ଅଭୟ ସାହୁ, ଉପସଭାପତି ଅରୁଣ ଜେନା, ବରିଷ୍ଠ କଂଗ୍ରେସ ନେତା ଶିବାନନ୍ଦ ରାୟ, ସମ୍ପାଦକ ରଜନୀକାନ୍ତ ସାମଲ, ଚାଷୀ ନେତା ଅଧୀର ଜେନା, ସୁବାସ ପ୍ରଧାନ, ଶୀତିକଣ୍ଠ ମହାନ୍ତି, ଯୋଶଦା ନନ୍ଦନ ସିଂ, ଶିବରାଜ ପ୍ରଧାନ, ସ୍ମୃତି ରଞ୍ଜନ ସ୍ୱାଇଁ, ନବରଙ୍ଗପୁର ଜିଲ୍ଲା କଂଗ୍ରେସ ସଭାପତି ସାନରାଜ ଗଣ୍ଡ ପ୍ରମୁଖ ଗିରଫ ହୋଇଥିଲେ।

● ରାୟଗଡ଼ା ଏବଂ କଳାହାଣ୍ଡିରେ 'ସୁସ୍ଥ ନାରୀ- ସଶକ୍ତ ପରିବାର' ଅଭିଯାନ

## ମହିଳା ସ୍ୱାସ୍ଥ୍ୟସେବାକୁ ଆଗକୁ ବଢ଼ାଇଛି ବେଦାନ୍ତ ଆଲୁମିନିୟମ




**ଭୁବନେଶ୍ୱର,୨୩।୯ (ସଂଚାର ବ୍ୟୁରୋ):** ଭାରତର ସର୍ବବୃହତ ଆଲୁମିନିୟମ ଉତ୍ପାଦକ ବେଦାନ୍ତ ଆଲୁମିନିୟମ ଭାରତ ସରକାରଙ୍କ 'ସୁସ୍ଥ ନାରୀ ସଶକ୍ତ ପରିବାର' ଅଭିଯାନ ମାଧ୍ୟମରେ ଦୁର୍ଗମ ଅଞ୍ଚଳର ମହିଳା ଏବଂ ପରିବାରକୁ ସ୍ୱାସ୍ଥ୍ୟସେବା ସହାୟତା ପ୍ରଦାନ କରୁଛି। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ଦ୍ୱାରା ଆରମ୍ଭ ହୋଇଥିବା ଏହି ପଦକ୍ଷେପ ହେଉଛି ସ୍ୱାସ୍ଥ୍ୟ ଏବଂ ପରିବାର କଲ୍ୟାଣ ମନ୍ତ୍ରଣାଳୟ ଏବଂ ମହିଳା ଏବଂ ଶିଶୁ ବିକାଶ ମନ୍ତ୍ରଣାଳୟର ମିଳିତ ନେତୃତ୍ୱରେ ମହିଳା ଏବଂ ଶିଶୁମାନଙ୍କ ପାଇଁ ଦେଶର ସର୍ବବୃହତ ସ୍ୱାସ୍ଥ୍ୟସେବା। ୧୭ ସେପ୍ଟେମ୍ବରରୁ ୨ ଅକ୍ଟୋବର ୨୦୨୫ ମଧ୍ୟରେ, ଆୟୁଷ୍ମାନ ଆରୋଗ୍ୟ ମନ୍ଦିର, ସାମୁଦାୟିକ ସ୍ୱାସ୍ଥ୍ୟ କେନ୍ଦ୍ର, ପ୍ରାଥମିକ ସ୍ୱାସ୍ଥ୍ୟ କେନ୍ଦ୍ର, ଜିଲ୍ଲା ହସ୍ପିଟାଲ ଏବଂ ଅନ୍ୟାନ୍ୟ ସରକାରୀ ସୁବିଧାରେ ୧୦ ଲକ୍ଷରୁ ଅଧିକ ସ୍ୱାସ୍ଥ୍ୟ ଶିବିର ଆୟୋଜନ କରାଯାଉଛି। ଏହି ଅଭିଯାନର ଅଂଶ ସ୍ୱରୂପ, ବେଦାନ୍ତ ଆଲୁମିନିୟମ କଳାହାଣ୍ଡିର ନାକରୁଣ୍ଡିର ପିଏଚ୍‌ସି ଏବଂ ରାୟଗଡ଼ାର କାଶୀପୁରର ସିଏଚ୍‌ସିରେ ସ୍ୱାସ୍ଥ୍ୟ ଶିବିର ଆୟୋଜନ କରିଥିଲା, ଏହାର ମୋବାଇଲ୍ ହେଲଥ ୟୁନିଟ୍ ସହିତ ଡାକ୍ତରୀ କର୍ମଚାରୀ, ରୋଗ ନିର୍ଣ୍ଣୟ ଏବଂ ଅତ୍ୟାବଶ୍ୟକ ଔଷଧ ନିୟୋଜିତ କରାଯାଇଥିଲା। ଶିବିରଗୁଡ଼ିକ ୪୬୮ ମହିଳା ଏବଂ ୪୧୦ରୁ ଅଧିକ ପୁରୁଷ ଏବଂ ଶିଶୁଙ୍କୁ ଉପକୃତ କରିଥିଲା। ଏହି ପ୍ରଚାର ଉପରେ ଆଧାରିତ ହୋଇ, କମ୍ପାନୀ ରାମପୁର ଏବଂ ସୁଙ୍ଗେରରେ ହେବାକୁ ଥିବା ଆଗାମୀ ଶିବିରଗୁଡ଼ିକୁ ମଧ୍ୟ ସମର୍ଥନ କରିବ।



## ବିଧାନସଭା ଖବର

### ତାପଜ କେନ୍ଦ୍ରରୁ ବାହାରୁଛି ୪୬ ନିୟୁତ ଟନ୍ ପାଉଁଶ

**ଭୁବନେଶ୍ୱର, ୨୩।୯(ସଂଚାର ବ୍ୟୁରୋ) :** ରାଜ୍ୟରେ ଥିବା ୪୫ଟି ବୃହତ୍ତ ତାପଜ ବିଦ୍ୟୁତ୍ କେନ୍ଦ୍ରରୁ ଗତ ଆର୍ଥିକ ବର୍ଷରେ ପ୍ରାୟ ୪୬ ନିୟୁତ୍ ଟନ୍ ପାଉଁଶ ବାହାରିଛି। ଏହାକୁ ଇଟା ତିଆରି କାରଖାନା ସହିତ ସିମେଣ୍ଟ କାରଖାନା, କଂକ୍ରିଟରେ ମିଶାଇବା, ଆଜବେଷ୍ଟସ ନିର୍ମାଣ, ବନ୍ଧ ଓ ରାସ୍ତା କାମରେ ଲଗାଯାଉଛି। ତାପଜ କେନ୍ଦ୍ରର ପାଉଁଶ ସଂକ୍ରାନ୍ତରେ ବିଜେପି ବିଧାୟକ ଟଙ୍କଧର ତ୍ରିପାଠୀ ପଚାରିଥିବା ପ୍ରଶ୍ନର ଉତ୍ତରରେ ଏହି ସୂଚନା ଦେଇଛନ୍ତି ଜଙ୍ଗଲ, ପରିବେଶ ଓ ଜଳବାୟୁ ପରିବର୍ତ୍ତନ ମନ୍ତ୍ରୀ ଗଣେଶ ରାମ ସିଂଖୁଣ୍ଟିଆ। ମନ୍ତ୍ରୀ କହିଛନ୍ତି ଯେ, ତାପଜ କେନ୍ଦ୍ରରୁ ବାହାରୁଥିବା ପାଉଁଶର ସର୍ବାଧିକ ଉପଯୋଗ ନିମନ୍ତେ କେନ୍ଦ୍ର ସରକାରଙ୍କ ପରିବେଶ, ଜଙ୍ଗଲ ଓ ଜଳବାୟୁ ପରିବର୍ତ୍ତନ ମନ୍ତ୍ରଣାଳୟ ଦବାରା ୨୦୨୧ରେ ବିଜ୍ଞପ୍ତି ପ୍ରକାଶ ପାଇଛି। ଓଡିଶା ରାଜ୍ୟ ପ୍ରଦୂଷଣ ନିୟନ୍ତ୍ର ବୋର୍ଡ ୨୦୧୭ ମସିହାରେ ଖାଲୁଆ ଅଞ୍ଚଳ ପୂରଣ ଏବଂ ପରିତ୍ୟକ୍ତ ଖଣି ଗର୍ତ୍ତ ପୂରଣ ପାଇଁ ଏକ ମାର୍ଗଦର୍ଶିକା ଜାରି କରିଛନ୍ତି। ସେହିପରି କେନ୍ଦ୍ରୀୟ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ ୨୦୧୯ ମସିହାରେ ଅନୁରୂପ ମାଗଦର୍ଶିକା ଜାରି କରିଛନ୍ତି। ଇତି ମଧ୍ୟରେ ରାଜ୍ୟ ପ୍ରଦୂଷଣ ବୋର୍ଡ ପାଉଁଶକୁ ଜାତୀୟ ରାଜପଥ ସଡକ ନିର୍ମାଣରେ ବିନିଯୋଗ ପାଇଁ ଏକ ୱେବସାଇଟ୍ ଉନ୍ମୋଚନ କରିଛନ୍ତି। ଏହାଛଡା ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ବିଭାଗ ଦ୍ୱାରା ପାଉଁଶକୁ ପରିତ୍ୟକ୍ତ ପଥର ଖାଦାନ ଗର୍ତ୍ତ ପୂରଣ ପାଇଁ ଏକ ସ୍ୱତନ୍ତ୍ର ମାର୍ଗଦର୍ଶିକା ପ୍ରଣୟନ କରିଛନ୍ତି।

### ୩ବର୍ଷରେ ଉଦ୍ଧାର ହୋଇଛନ୍ତି ୧୦୧ ଶିଶୁଶ୍ରମିକ

ବିଗତ ତିନି ବର୍ଷ ଅର୍ଥାତ୍ ୨୦୨୨-୨୩ ରୁ ୨୦୨୪-୨୫ ମଧ୍ୟରେ ରାଜ୍ୟରେ ୧୦୧ ଜଣ ଶିଶୁ ଶ୍ରମିକଙ୍କୁ ଉଦ୍ଧାର କରାଯାଇଛି। ଏହିସବୁ ଶିଶୁଙ୍କୁ ଶ୍ରମିକଭାବେ କାର୍ଯ୍ୟରେ ଲଗାଇଥିବା ନିଯୁକ୍ତିଦାତାମାନଙ୍କ ବିରୁଦ୍ଧରେ ବିଭିନ୍ନ ଅଦାଲତରେ ୧୧୬ଟି ମୋକଦ୍ଦମା ଦାୟର କରାଯାଇଛି। ଶିଶୁଶ୍ରମିକମାନଙ୍କ ସଂକ୍ରାନ୍ତରେ ବିଜେପି ବିଧାୟକ ଟଙ୍କଧର ତ୍ରିପାଠୀ ପଚାରିଥିବା ପ୍ରଶ୍ନର ଉତ୍ତରରେ ଏହି ସୂଚନା ଦେଇଛନ୍ତି ରାଜ୍ୟ ଶ୍ରମ ଓ କର୍ମଚାରୀ ରାଜ୍ୟବୀମା ମନ୍ତ୍ରୀ ଗଣେଶ ରାମ ସିଂଖୁଣ୍ଟି। ମନ୍ତ୍ରୀ କହିଛନ୍ତି ଯେ, ରାଜ୍ୟରେ ସର୍ବଶେଷ ଶିଶୁ ଶ୍ରମିକ ଗଣନା ୧୯୯୭ ମସିହାରେ କରାଯାଇଥିଲା। ସେହି ସମୟରେ ରାଜ୍ୟରେ ୨,୧୫,୨୨୨ ଜଣ ଶିଶୁ ଶ୍ରମିକ ଚିହ୍ନଟ ହୋଇଥିଲେ। ବିଭିନ୍ନ ସମୟରେ ଭିନ୍ନ ଭିନ୍ନ ସୂତ୍ରରୁ ହସ୍ତଗତ ହୋଇଥିବା ସୂଚନା ଓ ଅଭିଯୋଗ ଏବଂ ଶ୍ରମ ଅଧିକାରୀମାନଙ୍କ ଦ୍ୱାରା ନିରୀକ୍ଷଣ ଆଧାରରେ ମଧ୍ୟ ଶିଶୁ ଶ୍ରମିକ ଚିହ୍ନଟ ଓ ଉଦ୍ଧାର କାର୍ଯ୍ୟ କରାଯାଇଥାଏ। ୨୦୧୭ ମସିହା ପରଠାରୁ ରାଜ୍ୟର ଶିଶୁ ଶ୍ରମିକ ଗଣନା କାର୍ଯ୍ୟ କରାଯାଇନଥିବା ମନ୍ତ୍ରୀ ତାଙ୍କ ଉତ୍ତରରେ ଦର୍ଶାଇଛନ୍ତି।

### ରାଜ୍ୟରେ ଚିହ୍ନଟ ହୋଇଛି ୮୯୪ଟି ଜଳକ୍ଲିଷ୍ଟ ଗ୍ରାମ

ଚଳିତବର୍ଷ ସଂଗୃହୀତ ତଥ୍ୟ ଅନୁଯାୟୀ ରାଜ୍ୟରେ ୮୯୪ଟି ଗ୍ରାମ ଓ ପଡାଗ୍ରାମକୁ ଜଳକ୍ଲିଷ୍ଟ ଭାବେ ଚିହ୍ନଟ କରାଯାଇଥିଲା। ଏହିସବୁ ଗ୍ରାମରେ ଜଳାଭାବର ସାମୟିକ ନିରାକରଣ ନିମନ୍ତେ ପର୍ଯ୍ୟାୟକ୍ରମେ ନୂତନ ନଳକୂପ ଖନନ କରାଯିବା ସହିତ ଦୀର୍ଘକାଳୀନ ସମାଧାନ ପାଇଁ ପାଇପ୍ ଜଳଯୋଗାଣ ପ୍ରକଳ୍ପଗୁଡିକର ନିର୍ମାଣ କାର୍ଯ୍ୟ କରାଯାଉଛି। ଗ୍ରାମାଞ୍ଚଳରେ ପାନୀୟଜଳ ଯୋଗାଣ ସଂକ୍ରାନ୍ତରେ ବିଜେପି ବିଧାୟକ ଟଙ୍କଧର ତ୍ରିପାଠୀ ପଚାରିଥିବା ପ୍ରଶ୍ନର ଉତ୍ତରରେ ଏହି ସୂଚନା ଦେଇଛନ୍ତି ପଞ୍ଚାୟତିରାଜ ଓ ପାନୀୟଜଳ ମନ୍ତ୍ରୀ ରବି ନାରାୟଣ ନାଏକ। ମନ୍ତ୍ରୀ କହିଛନ୍ତି ଯେ, ବର୍ଷାଦିନେ ଗ୍ରାମାଞ୍ଚଳର ଜନସାଧାରଣ ଦୂଷିତ ପାନୀୟଜଳ ବ୍ୟବହାର କରିବାର ଆଶଙ୍କାକୁ ପ୍ରତିହତ କରିବାପାଇଁ ବର୍ଷାଦିନ ପୂର୍ବରୁ ପାନୀୟଜଳ ଉତ୍ସଗୁଡିକୁ ବିଶୋଧନ କରାଯାଇଥାଏ। ରାଜ୍ୟର ବିଭିନ୍ନ ଜିଲ୍ଲାରେ ମୋଟ୍ ୪୬,୫୩୧ଟି ଗ୍ରାମ ଥିବାବେଳେ ସେଥି ମଧ୍ୟରୁ ବର୍ତ୍ତମାନ ସୁଦ୍ଧା ୧୪,୯୯୫ ଟି ଗ୍ରାମର ସବୁ ପରିବାରକୁ ପାଇପ୍ ଯୋଗେ ବିଶୁଦ୍ଧ ପାନୀୟଜଳ ଯୋଗାଇ ଦିଆଯାଉଛି। ଗ୍ରାମାଞ୍ଚଳରେ ବସବାସ କରୁଥିବା ୪୬ଲକ୍ଷରୁ ଅଧିକ ପରିବାର ପାଇପ୍ ଯୋଗା ବିଶୁଦ୍ଧ ପାନୀୟଜଳ ଏବେସୁଦ୍ଧା ପାଇନଥିବାବେଳେ ସେମାନଙ୍କୁ ମାର୍ଚ୍ଚ ୨୦୨୭ ସୁଦ୍ଧା ପାଇପ୍ ଯୋଗେ ବିଶୁଦ୍ଧ ପାନୀୟଜଳ ଯୋଗାଇ ଦେବାପାଇଁ ଲକ୍ଷ୍ୟ ରଖାଯାଇଛି।

### ଅଦାଲତଙ୍କ ଆଦେଶ ମିଳିଲେ ହେବ ୪ ପୌରସଂସ୍ଥାର ନିର୍ବାଚନ

ଓଡିଶା ଉଚ୍ଚ ନ୍ୟାୟାଳୟଙ୍କର ଆଦେଶ ମିଳିଲେ ରାଜ୍ୟର ଚାରିଟି ପୌରସଂସ୍ଥା ସମ୍ବଲପୁର ମହାନଗର ନିଗମ, ରାଉରକେଲା ମହାନଗର ନିଗମ, ପୁରୀ ପୌରପାଳିକା ଏବଂ ଓଡଗାଁ ବିଜ୍ଞାପିତ ଅଞ୍ଚଳ ପରିଷଦରେ ନିର୍ବାଚନ ହେବ। ଅଦାଲତଙ୍କ ନିର୍ଦ୍ଦେଶକ୍ରମେ ଏହିସବୁ ପୌରସଂସ୍ଥାରେ ନିର୍ବାଚନ ସ୍ଥଗିତ ରହିଛି। ରାଜ୍ୟର ପୌରାଞ୍ଚଳରେ ନିର୍ବାଚନ ସଂକ୍ରାନ୍ତରେ ବିଜେପି ବିଧାୟକ ଟଙ୍କଧର ତ୍ରିପାଠୀ ପଚାରିଥିବା ପ୍ରଶ୍ନର ଉତ୍ତରରେ ଏହି ସୂଚନା ଦେଇଛନ୍ତି ଗୃହ ନିର୍ମାଣ ଓ ନଗର ଉନ୍ନୟନ ମନ୍ତ୍ରୀ ଡ.କୃଷ୍ଣ ଚନ୍ଦ୍ର ମହାପାତ୍ର। ମନ୍ତ୍ରୀ କହିଛନ୍ତି ଯେ ୨୦୨୩ ଶେଷ ସୁଦ୍ଧା ରାଜ୍ୟରେ ୬୨ଟି ବିଜ୍ଞାପିତ ଅଞ୍ଚଳ ପରିଷଦ, ୪୮ଟି ପୌରପାଳିକା ଓ ୫ଟି ମହାନଗର ନିଗମ ରହିଥିଲା। ମାନ୍ୟବର ଉଚ୍ଚ ନ୍ୟାୟାଳୟଙ୍କର ସ୍ଥଗିତାଦେଶ ଯୋଗୁଁ ୪ଟି ପୌରାଞ୍ଚଳରେ ନିର୍ବାଚନ ହୋଇପାରିନଥିଲା। ମନ୍ତ୍ରୀ କହିଛନ୍ତି ଯେ ଏବେ ରାଜ୍ୟରେ ସମୁଦାୟ ୧୧୫ଟି ପୌରସଂସ୍ଥା, ୫ଟି ପୌରନିଗମ, ୪୮ଟି ପୌରପାଳିକା ଓ ୬୨ଟି ବିଜ୍ଞାପିତ ଅଞ୍ଚଳ ପରିଷଦ ରହିଛି।

## ଓଡ଼ିଆରେ ନାମ ଫଳକ ନ ଲେଖିଲେ ହେବ ମକଦ୍ଦମା

**ଭୁବନେଶ୍ୱର,୨୩।୯(ସଂଚାର ବ୍ୟୁରୋ):** ଓଡ଼ିଆରେ ନାମଫଳକ ନ ଲେଖିଥିଲେ ସାବଧାନ୍। ଆପଣଙ୍କ ନାଁରେ ରୁଜୁ ହୋଇପାରେ ମାମଲା। ଓଡ଼ିଆରେ ନାମ ଫଳକ ନଲେଖିଲେ ହେବ ମୋକଦ୍ଦମା। ଖିଲାପକାରୀ ୧୦୦ ବ୍ୟବସାୟ ପ୍ରତିଷ୍ଠାନ ମାଲିକଙ୍କ ନାଁରେ ହେବ ମୋକଦ୍ଦମା। ୧୬୦୬ ପ୍ରତିଷ୍ଠାନକୁ ଓଡ଼ିଆରେ ନାମଫଳକ ଲେଖା ନ ଥିବାରୁ ନୋଟିସ୍ ହୋଇଛି। ଖୋର୍ଦ୍ଧା ଜିଲ୍ଲାରେ ସର୍ବାଧିକ ୩୮ ମୋକଦ୍ଦମା ରୁଜୁ କରାଯାଇଛି।

ଓଡିଆରେ ନାମ ଫଳକ ଲେଖା ନେଇ ରାଜ୍ୟ ସରକାରଙ୍କ ଅନବରତ ଚେଷ୍ଟା ଜାରି ରହିଛି। ଏହାରି ଭିତରେ ଝାରସୁଗୁଡ଼ା ୨୩୭, ଖୋର୍ଦ୍ଧାରେ ୨୦୧ ବ୍ୟବସାୟ ପ୍ରତିଷ୍ଠାନକୁ କାରଣ ଦର୍ଶାଅ ନୋଟିସ୍ ଜାରି ହୋଇଛି। ବିଧାୟକ ପ୍ରସନ୍ନ ଆଚାର୍ଯ୍ୟଙ୍କ ପ୍ରଶ୍ନରେ ଉତ୍ତର ରଖିଲେ ଶ୍ରମମନ୍ତ୍ରୀ। ମନ୍ତ୍ରୀଙ୍କ ସୂଚନା ମୁତାବକ, ରାଜ୍ୟରେ ଚଳିତ ଆର୍ଥିକ ବର୍ଷରେ ଏଯାବତ୍ ମୋଟ ୨୮୫୨ ଗୋଟି ପ୍ରତିଷ୍ଠାନରେ ଓଡିଆ ଭାଷାରେ ନାମଫଳକ ପ୍ରଦର୍ଶନ ନିମନ୍ତେ ନିରୀକ୍ଷଣ କରାଯାଇଛି। ଏହା ମଧ୍ୟରୁ ୧୬୦୬ ଗୋଟି ପ୍ରତିଷ୍ଠାନରେ ଓଡିଆ ଭାଷାରେ ନାମଫଳକ ନଥିବା କାରଣରୁ ପ୍ରତିଷ୍ଠାନର ମାଲିକଙ୍କୁ କାରଣ ଦର୍ଶାଅ ନୋଟିସ୍ ଜାରି କରାଯାଇଛି।

ଓଡ଼ିଆରେ ନାମ ଫଳକ ଲେଖିବା ନିୟମକୁ କଡ଼ାକଡ଼ି ଭାବେ ପାଳନ କରୁଛନ୍ତି ରାଜ୍ୟ ସରକାର। ସେହିପରି ବ୍ରହ୍ମପୁର ମହାନଗର ନିଗମ ମଧ୍ୟ ଏ ନେଇ ୫୫ ଦିନିଆ ନୋଟିସ୍ ଜାରି କରିବା ସହ ସମୟ ସୀମା ଭିତରେ ଏହାକୁ କାର୍ଯ୍ୟକାରୀ କରିବାକୁ ଡେଡ୍‌ଲାଇନ ବି ଦେଇଛି। ଆଉ ନିୟମ ନମାନିଲେ ଦଣ୍ଡ ଗଣିବେ ବ୍ୟାବସାୟିକ ପ୍ରତିଷ୍ଠାନ। ବ୍ରହ୍ମପୁର ସହରର ସମସ୍ତ ଦୋକାନ ଓ ବାଣିଜ୍ୟିକ ପ୍ରତିଷ୍ଠାନ ଏଣିକି ନାମ ଫଳକ ଓଡ଼ିଆରେ ଲେଖିବା ବାଧ୍ୟତାମୂଳକ। ସାଇନ୍ ବୋର୍ଡରେ ଅତିକମ୍‌ରେ ୬୦ ପ୍ରତିଶତ ଲେଖା ଓଡ଼ିଆରେ ରହିବା ଆବଶ୍ୟକ। ଏ ନେଇ ବିଜ୍ଞପ୍ତି ପ୍ରକାଶ କରିଛି ବ୍ରହ୍ମପୁର ମହାନଗର ନିଗମ। ଆଉ ନିୟମ ନମାନିଲେ ଦେବାକୁ ପଡ଼ିବ ୪୦୦ ଟଙ୍କା ଜରିମାନା।

ରାଜରାସ୍ତାରେ ନିଖିଳ ଓଡ଼ିଶା ଅନୁଦାନପ୍ରାପ୍ତ ମହାବିଦ୍ୟାଳୟ ଶିକ୍ଷକ ଓ କର୍ମଚାରୀ

## ୨ ମାସ ଦାବି ପୂରଣ ନ ହେଲେ କାର୍ଯ୍ୟ ବନ୍ଦ



**ଭୁବନେଶ୍ୱର, ୨୩।୯(ସଂଚାର ବ୍ୟୁରୋ):** ଲୋୟାର ପିଏମଜିରେ ଚାକିରି ସର୍ତ୍ତାବଳୀ ଓ ପେନସନ ଦାବିକୁ ନେଇ ନିଖିଳ ଓଡ଼ିଶା ଅନୁଦାନପ୍ରାପ୍ତ ମହାବିଦ୍ୟାଳୟ (୪୮୮ ବର୍ଗ) ଶିକ୍ଷକ ଓ କର୍ମଚାରୀ ସଂଘ ଆଜି ରାଜରାସ୍ତାକୁ ଓହ୍ଲାଇଥିଲେ। ସଂଘ ସଭାପତି ମାନସ ପୁରୋହିତ କହିବା ମୁତାବକ କହିଲେ, ୨୫-୩୦ ବର୍ଷ ଧରି କାର୍ଯ୍ୟ କରୁଥିବା ୨୦୦୯ ଗ୍ରାଣ୍ଟ ଇନ୍ ଏଡ୍ ନିୟମାବଳୀରେ ଥିବା ଶିକ୍ଷକ ଓ କର୍ମଚାରୀମାନେ ଏପର୍ଯ୍ୟନ୍ତ ସରକାରୀ ସର୍ତ୍ତାବଳୀ ଓ ପେନସନ ସୁବିଧାରୁ ବଞ୍ଚିତ। ବାରମ୍ବାର ଦାବି କଲା ସତ୍ତ୍ୱେ ସରକାର ପକ୍ଷରୁ କେବଳ ପ୍ରତିଶ୍ରୁତି ବ୍ୟତିତ ସକାରାତ୍ମକ ପଦକ୍ଷେପ ହୋଇନାହିଁ।

ସଂଘର ଅଭିଯୋଗ ଯେ, ୧୯୬୯, ୧୯୭୪, ୧୯୭୭, ୧୯୭୯, ୧୯୮୧, ୨୦୧୩ ଓ ୨୦୧୪ ସହିତ ବିଭିନ୍ନ ପ୍ରଚଳିତ ନିୟମ ଥିଲେ ମଧ୍ୟ, ସରକାର ୪୮୮ ବର୍ଗରେ କାର୍ଯ୍ୟରତ କର୍ମଚାରୀମାନଙ୍କୁ ସେଗୁଡିକୁ ଲାଗୁ କରୁନାହାନ୍ତି ଯାହା ଫଳରେ ଗୋଟିଏ ମହାବିଦ୍ୟାଳୟରେ ଭିନ୍ନ-ଭିନ୍ନ ଶ୍ରେଣୀର ଶିକ୍ଷକ- କର୍ମଚାରୀ ସୃଷ୍ଟି ହୋଇଛନ୍ତି ଓ ସେଥିପାଇଁ ମହାବିଦ୍ୟାଳୟର ଶୈକ୍ଷିକ ପରିବେଶ ନଷ୍ଟ ହେଉଛି। ଏଣୁ, ଏହି ମହାବିଦ୍ୟାଳୟଗୁଡିକରେ ଥିବା ନିୟମଗୁଡିକୁ ପାଳନ କରି ଚାରି ସର୍ତ୍ତାବଳି ଓ ପେନସନ ପ୍ରଦାନ କରିବା, ୪୮୮ ବର୍ଗ ମହାବିଦ୍ୟାଳୟମାନଙ୍କରେ ଏକକ ନିୟମ ଲାଗୁ କରିବା ଓ ଉଚ୍ଚ ନ୍ୟାୟାଳୟର ନିର୍ଦ୍ଦେଶଗୁଡିକୁ କାର୍ଯ୍ୟକାରୀ କରି ଏହି କର୍ମଚାରୀମାନଙ୍କୁ ନ୍ୟାୟ ପ୍ରଦାନ କରିବା ଭଳି ୩ ଦଫା ଦାବି କରିଥିଲେ। ଏହି ଦାବିଗୁଡିକୁ ନେଇ ସରକାର ତତ୍ପର ଅଛନ୍ତି ଓ ଖୁବଶୀଘ୍ର ଏହାର ସମାଧାନ କରାଯିବ ବୋଲି ଉଚ୍ଚ ଶିକ୍ଷାମନ୍ତ୍ରୀ ସୂର୍ଯ୍ୟବଂଶୀ ସୁରଜ ଆଶ୍ୱାସନା ଦେଇଛନ୍ତି। ତା ସହିତ ସରକାରଙ୍କ ତରଫରୁ ଡାକରା ଦିଆଯାଇଥିବା ସହିତ ଉଚ୍ଚ ଶିକ୍ଷା ସଚିବଙ୍କ ସହ ଆଲୋଚନା ସଫଳ ହୋଇଥିବା ସଂଘ ସଭାପତି ମାନସ ପୁରୋହିତ ଜଣାଇଛନ୍ତି। ଯଦି ଆସନ୍ତା ୨ ମାସ ମଧ୍ୟରେ ସରକାର ଦାବି ପୂରଣ ନ କରନ୍ତି ତାହେଲେ କାର୍ଯ୍ୟ ବନ୍ଦ କରିବା ସହିତ ରାଜରାସ୍ତାରେ ଅହରହ ଆନ୍ଦୋଳନ କରାଯିବ ବୋଲି ସଂଘ ସଭାପତି ମାନସ ପୁରୋହିତ ସୂଚନା ଦେଇଛନ୍ତି।

# ୯ ପ୍ରମୁଖ ନଦୀ ଜଳ ପିଇବା ଯୋଗ୍ୟ ନୁହେଁ

ଭୁବନେଶ୍ୱର, ୨୩ । ୯: ରାଜ୍ୟର ୯ଟି ପ୍ରମୁଖ ନଦୀର ଜଳ ସିଧାସଳଖ ପାନୀୟ ଉପଯୋଗୀ ନୁହେଁ। ଜଳ ପରୀକ୍ଷାରେ ଏହା 'ଗ' ଶ୍ରେଣୀଭୁକ୍ତ ହୋଇଥିବାବେଳେ ଏହିସବୁ ନଦୀର ଜଳକୁ ପାରମ୍ପରିକ ପଦ୍ଧତିରେ ବିଶୋଧନ କରି ପାନୀୟଜଳ ଭାବେ ବ୍ୟବହାର କରାଯାଇ ପାରିବ।

ନଦୀ ଜଳର ଗୁଣବତ୍ତା ସଂକ୍ରାନ୍ତରେ ବିଜେପି ବିଧାୟକ ଟଙ୍କଧର ତ୍ରିପାଠୀ ପଚାରିଥିବା ଏକ ପ୍ରଶ୍ନର ଉତ୍ତରରେ ଏହି ସୂଚନା ଦେଇଛନ୍ତି ରାଜ୍ୟ ଜଙ୍ଗଲ, ପରିବେଶ ଓ ଜଳବାୟୁ ପରିବର୍ତ୍ତନ ମନ୍ତ୍ରୀ ଗଣେଶ ରାମ ସିଂଖୁଣ୍ଟିଆ। ମନ୍ତ୍ରୀ ତାଙ୍କ ଉତ୍ତରରେ ଦର୍ଶାଇଛନ୍ତି ଯେ, ଯେଉଁସବୁ ନଦୀର ଜଳ ସିଧାସଳଖ ପାନୀୟ ଅନୁପଯୁକ୍ତ ସେହିସବୁ ନଦୀଗୁଡିକ ମଧ୍ୟରେ ରହିଛି ବୈତରଣୀ, ଋଷିକୂଲ୍ୟା, ନାଗାବଳୀ, ସୁବର୍ଣ୍ଣରେଖା, ବୁଢ଼ାବଳଙ୍ଗ, କୋଲାବ, ବଂଶଧରା, ଇନ୍ଦ୍ରାବତୀ ଓ ବାହୁଡା। ଏହିସବୁ ନଦୀର ଜଳକୁ ଚଳିତ ବର୍ଷ ଜାନୁୟାରୀ ରୁ ଜୁଲାଇ ମଧ୍ୟରେ ନିୟମିତ ପରୀକ୍ଷା କରାଯାଇଥିଲା।

ସେହିଭଳି ମହାନଦୀର ଶାଖା ଓ ପ୍ରା।ଖା ନଦୀର ୫୫ଟି ସ୍ଥାନରେ ଜଳନମୂନା ପରୀକ୍ଷଣ କରାଯାଇଥାଏ। ଏହି ୫୫ ସ୍ଥାନରୁ ୪୩ଟି ସ୍ଥାନରେ ଜଳର ଗୁଣବତ୍ତା 'ଗ' ଶ୍ରେଣୀ ମଧ୍ୟରେ ରହୁଛି ଏବଂ ୧୨ଟି ସ୍ଥାନରେ ଜଳର ଗୁରବତ୍ତା ଏହାଠାରୁ ଉପରେ ରହୁଛି। ବ୍ରାହ୍ମଣୀ ନଦୀର ୪୧ଟି ସ୍ଥାନର ନମୂନା ପରୀକ୍ଷଣ ମଧ୍ୟରୁ ୩୭ଟି ସ୍ଥାନରେ ଜଳର ମାନ 'ଗ' ଶ୍ରେଣୀରେ ରହୁଛି। ଏହିସବ ପରୀକ୍ଷଣରୁ ନଦୀ ଜଳରେ କୃଷି କାର୍ଯ୍ୟରେ ବ୍ୟବହୃତ କୀଟନାଶକ ଓ ରସାୟନିକ ସାରର ପରିମାଣ ଉଦ୍ଦିଷ୍ଟ ମାନଠାରୁ ନିମ୍ନରେ ଥିବା ଦେଖିବାକୁ ମିଳିଛି।

ପ୍ରଦୂଷିତ ସ୍ଥାନଗୁଡିକରେ ନଦୀ ଜଳ ପ୍ରଦୂଷଣ ମୁଖ୍ୟତଃ ସହରାଞ୍ଚଳର ବର୍ଜ୍ୟଜଳ ନିଷ୍କାସନ ତଥା ନଦୀ ଜଳର ଇନ୍ ଷ୍ଟ୍ରିମ୍ ବ୍ୟବହାର ଯୋଗୁଁ ଘଟୁଥିବା ଆକଳନ କରାଯାଏ। ଏହି ଅବବାହିକାରେ ଜଳ ପ୍ରଦୂଷଣ ରୋକିବାପାଇଁ ବୋର୍ଡ ଏବଂ ସରକାରଙ୍କ ପକ୍ଷରୁ କେତେକ ପଦକ୍ଷେପ ଗ୍ରହଣ କରାଯାଇଛି। ସେଥି ମଧ୍ୟରେ ନଦୀ ଜଳର ମାନ ସଂକ୍ରାନ୍ତର ସମ୍ପୃକ୍ତ ପୌରାଞ୍ଚଳ କର୍ତ୍ତୃପକ୍ଷଙ୍କୁ ନିୟମିତ ଭାବେ ଅବଗତ କରାଯିବା ସହିତ ବିହିତ ପଦକ୍ଷେପ ନେବାକୁ ପରାମର୍ଶ ଦିଆଯାଉଛି। ଜଳ ପ୍ରଦୂଷଣ ରୋକିବା ପାଇଁ ୨୦୨୩ ମସିହାରୁ ବର୍ଜ୍ୟ ଜଳ ପରିଚାଳନା ପାଇଁ ଅନୁଗୁଳ, ବାଲେଶ୍ୱର, ବରଗଡ, ଛତ୍ରପୁର, ଢେଙ୍କାନାଳ, ହିଞ୍ଜିଳିକାଟୁ, ଜଟଣୀ, ଯାଜପୁର, କେନ୍ଦୁଝର, କୋରାପୁଟ ଓ ନୟାଗଡରେ ପ୍ରକଳ୍ପ କାର୍ଯ୍ୟକାରୀ ହେଉଛି। ଏହା ପର୍ଯ୍ୟାୟକ୍ରମେ ଅନ୍ୟ ସହରଗୁଡିକରେ କାର୍ଯ୍ୟକାରୀ ହେବ। (ତଥ୍ୟ)

ଜୀବନ ଅମୃତ ଅନୁଚିନ୍ତା

ପ୍ରକୃତ ଧନ-ଆଜି ପର୍ଯ୍ୟନ୍ତ କେହି ପାର୍ଥିବ ଧନ ସଂସାରରୁ ନେଇ ଆର ପାରିକୁ ଯାଇ ନାହାଁନ୍ତି। ଯାହା ନେଇଛନ୍ତି ତାହା ସତ କର୍ମ ବା ପୁଣ୍ୟର ଫଳ। ଏହା ହିଁ ପ୍ରକୃତ ଧନ ଯାହା ଆର ପାରିରେ ସହାୟକ ହୋଇଥାଏ।

sanchar.live

ସମ୍ପାଦକୀୟ

SANCHAR
ସଂଚାର

୪
ବୁଧବାର ୨୪ ସେପ୍ଟେମ୍ବର ୨୦୨୫, ଭୁବନେଶ୍ୱର
Wednesday 24 September 2025, Bhubaneswar

# ଏଚ୍-୧ବି ଭିସା ଅର୍ଥନୈତିକ ସହଯୋଗର ପ୍ରତୀକ

ଆମେରିକାର ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପଙ୍କ ପ୍ରଶାସନ ଏଚ୍-୧ବି ଭିସା ଫିସ୍‌କୁ ୧୦୦,୦୦୦ ଡଲାର୍‌କୁ ବୃଦ୍ଧି କରିବାର ନିଷ୍ପତ୍ତି ଭାରତୀୟ ଆଇଟି କ୍ଷେତ୍ର ପାଇଁ ଏକ ବଡ଼ ଆଘାତ ହୋଇଛି। ଏହି ଭିସା ମୁଖ୍ୟତଃ ଉଚ୍ଚ କୌଶଳଯୁକ୍ତ ବିଦେଶୀ କର୍ମଚାରୀମାନଙ୍କ ପାଇଁ ହୋଇଥାଏ, ଯେଉଁଥିରେ ଭାରତୀୟମାନେ ପ୍ରମୁଖ ଭୂମିକା ନିର୍ବାହ କରନ୍ତି। ଟ୍ରମ୍ପଙ୍କ ଏହି ପଦକ୍ଷେପକୁ ଭାରତ କଡ଼ା ପ୍ରତିକ୍ରିୟା ପ୍ରଦାନ କରିଛି, କହିଛି ଯେ ଆମେରିକା ଆମର ପ୍ରତିଭାକୁ ଭୟ କରୁଛି। ଏହି ପରିପ୍ରେକ୍ଷୀରେ ଭାରତ ଏକ ଉଚ୍ଚସ୍ତରୀୟ ପ୍ରତିନିଧି ଦଳକୁ ଆମେରିକାକୁ ପଠାଇଛି, ଯେଉଁଥିରେ ବାଣିଜ୍ୟ ମନ୍ତ୍ରୀ ପିୟୁଷ ଗୋୟଲ୍ ପ୍ରମୁଖ ଅନ୍ତର୍ଭୁକ୍ତ। ଏହି ଆଲୋଚନାରେ ଭିସା ଫିସ୍ ବୃଦ୍ଧି ସହ ବାଣିଜ୍ୟ ଚୁକ୍ତି ଉପରେ ମଧ ଗୁରୁତ୍ୱ ଦିଆଯାଉଛି।




ଏହି ଭିସା ନୀତିର ପ୍ରଭାବ ଭାରତୀୟ ଆଇଟି କମ୍ପାନୀମାନଙ୍କ ଉପରେ ଗଭୀର। ପ୍ରତିବର୍ଷ ଲକ୍ଷାଧିକ ଭାରତୀୟ ପ୍ରଫେସନାଲ୍‌ମାନେ ଏଚ୍-୧ବି ଭିସା ମାଧମରେ ଆମେରିକାରେ କାର୍ଯ୍ୟରତ ହୁଅନ୍ତି, ଯାହା ଭାରତର ଅର୍ଥନୀତିକୁ ବଳିଷ୍ଠ କରିଥାଏ। କିନ୍ତୁ ଏହି ଫିସ୍ ବୃଦ୍ଧି ନୂତନ ଆବେଦନକାରୀମାନଙ୍କୁ ପ୍ରଭାବିତ କରିବ, ଯାହା ଆମେରିକାର ଟେକ୍ କମ୍ପାନୀମାନଙ୍କୁ ମଧ କ୍ଷତିଗ୍ରସ୍ତ କରିବ। ଆମେରିକାର ସଫ୍ଟୱେର୍ ଇଣ୍ଡଷ୍ଟ୍ରି ଭାରତୀୟ ପ୍ରତିଭା ଉପରେ ନିର୍ଭରଶୀଳ, ଏବଂ ଏହି ପଦକ୍ଷେପ ଉଭୟ ଦେଶର ଅର୍ଥନୀତିକୁ ପ୍ରଭାବିତ କରିପାରେ। ଆଲ୍‌ଜାଜିରା ଅନୁସାରେ, ଏହା ଅନ୍ୟ ଦେଶମାନଙ୍କୁ ଲାଭ ଦେଇପାରେ ଯେଉଁମାନେ କୌଶଳଯୁକ୍ତ କର୍ମଚାରୀ ଖୋଜୁଛନ୍ତି।

ଆମେରିକାର ଏହି ନିଷ୍ପତ୍ତିର ପଛରେ 'ଆମେରିକା ଫାଷ୍ଟ' ନୀତି ରହିଛି, ଯାହା ସ୍ଥାନୀୟ କର୍ମଚାରୀମାନଙ୍କୁ ପ୍ରାଥମିକତା ଦେବାକୁ ଚାହୁଁଛି। କିନ୍ତୁ ଏହା ବାସ୍ତବରେ ଆମେରିକାର ଟେକ୍ ସେକ୍ଟର୍‌ରେ କୌଶଳ ଅଭାବକୁ ବଢ଼ାଇବ, ଯାହା ଭାରତୀୟମାନେ ପୂରଣ କରୁଛନ୍ତି। ଭାରତର ବାହ୍ୟ ମନ୍ତ୍ରାଳୟ ଆମେରିକା ସହ ଆଲୋଚନା କରି ଏକକାଳୀନ ଫିସ୍ ସ୍ପଷ୍ଟୀକରଣ ହାସଲ କରିଛି, ଯାହା ବର୍ତ୍ତମାନର ଭିସା ଧାରକମାନଙ୍କୁ ରକ୍ଷା କରିବ। ଏହା ଏକ ସକାରାତ୍ମକ ପଦକ୍ଷେପ, କିନ୍ତୁ ଭବିଷ୍ୟତ ପାଇଁ ଆହୁରି ଆଲୋଚନା ଆବଶ୍ୟକ।

ବାଣିଜ୍ୟ ଆଲୋଚନାରେ ଭାରତ ଆଇଟି କର୍ମଚାରୀମାନଙ୍କ ପାଇଁ ମାମଲା ଉଠାଇବ, ଯାହା ଦ୍ୱିପାକ୍ଷିକ ସମ୍ପର୍କକୁ ମଜବୁତ୍ କରିବ। ହିନ୍ଦୁସ୍ତାନ ଟାଇମ୍ସ ଅନୁସାରେ, ଗୋୟଲ୍‌ଙ୍କ ନେତୃତ୍ୱରେ ଆଲୋଚନାକାରୀମାନେ ଏହି ବିଷୟକୁ ପ୍ରମୁଖତା ଦେବେ। ଜେପି ମର୍ଗାନ୍ ଭଳି କମ୍ପାନୀମାନେ ମଧ ଏହି ଫିସ୍ ଉପରେ ଆଲୋଚନା କରୁଛନ୍ତି, ଯାହା ଦର୍ଶାଉଛି ଯେ ଏହା ଆମେରିକାର କମ୍ପାନୀମାନଙ୍କୁ ମଧ ଚିନ୍ତାରେ ପକାଇଛି।

ଏହି ଆଲୋଚନା କୃଷି ଏବଂ ଡେୟରୀ ଭଳି କ୍ଷେତ୍ରରେ ଅଟକି ରହିଛି, ଯେଉଁଥିରେ ଆମେରିକା ଭାରତର ବଜାର ଖୋଲିବାକୁ ଚାପ ଦେଉଛି। ଡବ୍ଲ୍ୟୁ ଅନୁସାରେ, ଭାରତୀୟ ମନ୍ତ୍ରୀମାନଙ୍କ ଯାତ୍ରା ଟାରିଫ୍ ଏବଂ ଭିସା ଅନିଶ୍ଚିତତା ମଧ୍ୟରେ ହେଉଛି। ଭାରତକୁ ଏହି ବିଷୟରେ ଦୃଢ଼ ଅବସ୍ଥାନ ନେବାକୁ ପଡ଼ିବ, କାରଣ ଏଚ୍-୧ବି ଭିସା କେବଳ କର୍ମସଂସ୍ଥାନ ନୁହେଁ, ବରଂ ଦୁଇ ଦେଶର ଅର୍ଥନୈତିକ ସହଯୋଗର ପ୍ରତୀକ।

ଶେଷରେ, ଏହି ନୂତନ ଆଲୋଚନା ଉଭୟ ଦେଶର ସମ୍ପର୍କକୁ ନୂତନ ଦିଗ ଦେଇପାରେ। ଭାରତର ପ୍ରତିଭାବାନ୍ ଯୁବକମାନଙ୍କୁ ସମର୍ଥନ କରିବା ଆବଶ୍ୟକ, ଏବଂ ଆମେରିକା ସହ ସମ୍ଭାବ୍ୟ ଚୁକ୍ତି ଦ୍ୱାରା ଏହା ସମ୍ଭବ। ଏହି ପରିବର୍ତ୍ତନ ସମୟରେ ଭାରତ ନିଜର ଅର୍ଥନୀତିକୁ ବିବିଧୀକରଣ କରିବାକୁ ଚେଷ୍ଟା କରିବା ଉଚିତ୍, ଯାହା ଭବିଷ୍ୟତରେ ଏଭଳି ଆଘାତରୁ ରକ୍ଷା କରିବ। ଏହି ଆଲୋଚନାର ଫଳାଫଳ ଉପରେ ଲକ୍ଷାଧିକ ଭାରତୀୟଙ୍କ ଭବିଷ୍ୟତ ନିର୍ଭର କରୁଛି।

# 'ଯା ଦେବୀ ସର୍ବଭୂତେଷୁ ଶକ୍ତି ରୂପେଣ ସଂସ୍ଥିତା'

**ଡାକ୍ତର ବିଚିତ୍ରାନନ୍ଦ ଆଚାର୍ଯ୍ୟ**

ଆସିଛି ଆଶ୍ୱିନ। ପାର୍ବଣର ପରିବେଶ। ବିଲମାଳ, ନଈପଠାରେ କାଶତଣ୍ଡିର ଫେନିଳ ରାହାସ। ମା'ଆସୁଛନ୍ତି। ଦୁର୍ଗତି ନାଶିନୀ ମୋକ୍ଷପ୍ରଦାୟିନୀଙ୍କ ଆଗମନରେ ଧାରଣୀ ଚଳଚଞ୍ଚଳ। ଶିଳ୍ପୀ ହାତରେ ରଙ୍ଗର ପସରା। ପବନରେ ଭାସି ଆସୁଛି ମା'ଙ୍କର ଆଗମନର ଗୀତିକା। ମା' ଓହ୍ଲାଇଛନ୍ତି ଧରାପୃଷ୍ଠକୁ। ଦୁଃଖ, ଶୋକ ହରଣ କରି ସବୁରି ଓଠରେ ଭରିଦେବେ ଶାନ୍ତି-ମୈତ୍ରୀର ବାର୍ତ୍ତା। ଦେବୀଙ୍କ ଆଶୀର୍ବାଦରେ ସବୁ ପ୍ରତିକୂଳ ହେବ ସାଧନମୁଖୀ। ଘନ ଅନ୍ଧକାରରେ ମା'ଦେବେ ନିରନ୍ତର ଆଲୋକର ସନ୍ଧାନ। ତାଙ୍କରି କୃପା ଦୃଷ୍ଟିରେ ସକଳ ବ୍ୟାଧି ଦୂରେଇଯିବ। ପୋଛି ହୋଇଯିବ ସବୁ ସନ୍ତାପ। ସବୁ ଅଭାବ ପାଲଟିଯିବ ପୂର୍ଣ୍ଣତାରେ। ମା'ସୃଷ୍ଟି ସ୍ଥିତି ବିନାଶର ଆଧାର। ତାଙ୍କରି ଇଚ୍ଛାରେ ଆତଯାତ ଏ ସଂସାର। ଆଜିଠାରୁ ଆରମ୍ଭ ହେଉଛି ମା'ଦୁର୍ଗତିନାଶିନୀଙ୍କ ପବିତ୍ର ନବରାତ୍ରି ଉତ୍ସବ। ଏହି ନବରାତ୍ରିରେ କିଏ ଉପବାସ ରଖିଛି, ପୁଣି କିଏ ମାନସିକରେ ମା'ଦୁଆରରେ ଦୀପ ଜାଳୁଛି। ମା'ଙ୍କର ଏହି ନବଦିନାତ୍ମକ ଯାତ୍ରାରେ ଦେଶ ବିଦେଶର ସମସ୍ତ ଶକ୍ତିପୀଠ ଉତ୍ସବମୁଖର। ଏହି ନଅ ଦିନ ମା'ମହିଷାମର୍ଦ୍ଦିନୀ ଭିନ୍ନ ଭିନ୍ନ ସ୍ୱରୂପରେ ଭକ୍ତଙ୍କୁ ଦର୍ଶନ ଦେଇ ଅଭୟ ପ୍ରଦାନ କରିବେ। 'ପ୍ରଥମଂ ଶୈଳପୁତ୍ରୀ ଚ, ଦ୍ୱିତୀୟଂ ବ୍ରହ୍ମଚାରିଣୀ। ତୃତୀୟଂ ଚନ୍ଦ୍ରଘଣ୍ଟେତି, କୁଷ୍ମାଣ୍ଡେତି ଚତୁର୍ଥକମ୍। ପଞ୍ଚମଂ ସ୍କନ୍ଦମାତେତି, ଷଷ୍ଠଂ କାତ୍ୟାୟନୀତି ଚ। ସପ୍ତମଂ କାଳରାତ୍ରିତି, ମହାଗୌରୀ ଚାଷ୍ଟମମ୍। ନବମଂ ସିଦ୍ଧିଦାତ୍ରୀ ଚ, ନବଦୁର୍ଗାଃ ପ୍ରକୀର୍ତ୍ତିତାଃ, ଅକ୍ତାନ୍ୟେତାନି ନାମାନି, ବ୍ରାହ୍ମଣୈବ ମହାତ୍ମନା।' 'ଯା ଦେବୀ ସର୍ବଭୂତେଷୁ ଶକ୍ତି ରୂପେଣ ସଂସ୍ଥିତା, ନମସ୍ତସୈ ନମସ୍ତସୈ ନମସ୍ତସୈ ନମୋ ନମଃ' ଶକ୍ତି ଉପାସକଙ୍କ ଦୃଷ୍ଟିରେ ମହାଶକ୍ତି ହେଉଛନ୍ତି ପରବ୍ରହ୍ମ ପରମାତ୍ମା। ସେ ସୃଜନ କରନ୍ତି, ପାଳନ କରନ୍ତି, ସଂହାର କରନ୍ତି। ସେ ଆଦ୍ୟା ମହାଶକ୍ତି। ତାଙ୍କର ସ୍ୱରୂପ ବିବିଧ। ସେ ନବଦୁର୍ଗା, ଦଶ ମହାବିଦ୍ୟା, ଅନ୍ନପୂର୍ଣ୍ଣା, କାତ୍ୟାୟନୀ, ଲଳିତାମ୍ବା, ଗାୟତ୍ରୀ, ଭୁବନେଶ୍ୱରୀ, କାଳୀ, ତାରା, ବଗଳା। ସେ ସଂହାର ପାଇଁ ମହାକାଳୀ, ବିଦ୍ୟା ଦାନ ପାଇଁ ସରସ୍ୱତୀ, ଧନ ପାଇଁ ମହାଲକ୍ଷ୍ମୀ। ମାର୍କଣ୍ଡେୟ ପୁରାଣରେ ଭଗବତୀଙ୍କୁ ଏହି ରୂପେ ସ୍ତୁତି କରାଯାଇଛି।

ନବରାତ୍ରି ଅବସରରେ ପୂଜା ପାଉଥିବା ନଅ ଦେବୀ ନବଦୁର୍ଗା ଭାବେ ଖ୍ୟାତ। ଦେବୀ ମାହାତ୍ମ୍ୟ ଏବଂ ଦୁର୍ଗା ସପ୍ତସତୀରେ ସେମାନଙ୍କର କଥା ବର୍ଣ୍ଣିତ। ନବଦୁର୍ଗା ହେଉଛନ୍ତି ଶକ୍ତିଙ୍କ ଭିନ୍ନ ଭିନ୍ନ ଅବତାର। ସେମାନେ ହେଲେ - ଶୈଳପୁତ୍ରୀ, ବ୍ରହ୍ମଚାରିଣୀ, ଚନ୍ଦ୍ରଘଣ୍ଟା, କୁଷ୍ମାଣ୍ଡା, ସ୍କନ୍ଦ ମାତା, କାତ୍ୟାୟନୀ, କାଳରାତ୍ରି, ମହାଗୌରୀ ଏବଂ ସିଦ୍ଧିଦାୟିନୀ। ନବରାତ୍ରିର ପ୍ରଥମ ଦିନରେ ପୂଜା ପାଆନ୍ତି ମାତା ଶୈଳପୁତ୍ରୀ। 'ଶୈଳ' ଅର୍ଥ ପାହାଡ଼ ଓ 'ପୁତ୍ରୀ' ଅର୍ଥ କନ୍ୟା। ସେ ପାର୍ବତୀ ବା ହେମବତୀ ଭାବେ ମଧ ପରିଚିତ। ଦକ୍ଷକନ୍ୟା ସତୀ ପ୍ରଥମ ପୁନର୍ଜନ୍ମ ନେଇଥିଲେ ଶୈଳପୁତ୍ରୀ ଭାବେ। ଦ୍ୱିତୀୟ ପୁନର୍ଜନ୍ମ ନେଇଥିଲେ ହିମାଳୟପୁତ୍ରୀ ପାର୍ବତୀ ରୂପେ ଏବଂ ବିବାହ କରିଥିଲେ ମହାଦେବଙ୍କୁ। ଶୈଳପୁତ୍ରୀ ହେଉଛନ୍ତି ଶକ୍ତିଙ୍କ ପ୍ରଥମ ଅବତାର। ଦ୍ୱିତୀୟ ଦିନରେ ପୂଜା ପାଆନ୍ତି ମା'ବ୍ରହ୍ମଚାରିଣୀ। ତାଙ୍କର ଅନ୍ୟ ନାମଗୁଡ଼ିକ ହେଲା ଉମା, ଅପର୍ଣ୍ଣା ଏବଂ ତପଶ୍ଚାରିଣୀ। ବ୍ରହ୍ମଚାରିଣୀ ଅର୍ଥ ଚରମ ସତ୍ତାର ସାନ୍ନିଧ ପାଇବା ଲାଗି ସେ ସଦା ତପସ୍ୟାରତ। ତୃତୀୟ ଦିନରେ ଆରାଧନା କରାଯାଏ ମା'ଚନ୍ଦ୍ରଘଣ୍ଟାଙ୍କୁ। ମଥାରେ ଅର୍ଦ୍ଧଚନ୍ଦ୍ରଙ୍କୁ ଧାରଣ କରିଥିବାରୁ ସେ ହେଲେ ଚନ୍ଦ୍ରଘଣ୍ଟା। ଚତୁର୍ଥ ଦିନରେ ଆବାହନ କରାଯାଏ ମା'କୁଷ୍ମାଣ୍ଡାଙ୍କୁ। ସେ ଅଷ୍ଟଭୁଜା ଏବଂ ସମଗ୍ର ବିଶ୍ୱ ବ୍ରହ୍ମାଣ୍ଡର ସୃଷ୍ଟିକର୍ତ୍ତ୍ରୀ। ନିଜ ହସ ଦ୍ୱାରା ସେ ଦୂର କରିଥିଲେ ଅନ୍ତହୀନ ଅନ୍ଧକାରକୁ ଏବଂ ଯାହା ଦ୍ୱାରା ସୃଷ୍ଟି ପର୍ବ ଆରମ୍ଭ ହୋଇଥିଲା। ପଞ୍ଚମ ଦିନରେ ପୂଜା ପାଆନ୍ତି ସ୍କନ୍ଦ ମାତା। ସେ ଦେବତାଙ୍କ ସେନାମୁଖ୍ୟ କାର୍ତ୍ତିକେୟ ବା ମୁରୁଗ ବା ସ୍କନ୍ଦଙ୍କ ମାତା। ସେ ହେଉଛନ୍ତି ସକଳ ମାତୃତ୍ୱର ପରିପ୍ରକାଶ ଏବଂ ସ୍ନେହଶୀଳ କ୍ଷମାମୟୀ। ଷଷ୍ଠ ଦିବସରେ ପୂଜା ପାଆନ୍ତି ମା'କାତ୍ୟାୟାନୀ। କାତ୍ୟ ମୁନିଙ୍କ କନ୍ୟା ଭାବେ ଜାତ ହୋଇଥିବାରୁ ସେ କାତ୍ୟାୟନୀ। ସେ ଦୁର୍ଗାଙ୍କର କନ୍ୟା ସ୍ୱରୂପ। ସ୍ନେହ ଶ୍ରଦ୍ଧାର ପ୍ରତୀକ।

ଅନ୍ୟଥା ଯେ ମାତୃ ଶକ୍ତିକୁ ମନ ମଧ୍ୟରେ ଅନୁଭବ କରି ନପାରେ ବା ଭଗବତୀ ଶକ୍ତି ରୂପିଣୀ 'ମା'ର ପୂଜା ନ କରେ ବ ତାହାର ଶୁଭ ଆଗମନରେ ଆନନ୍ଦ ଅନୁଭବ ନକରେ ସେ କଦାପି କର୍ମ ଶକ୍ତିର ଆନନ୍ଦକୁ ଉପଲବ୍ଧି କରିପାରିବ ନାହିଁ। ଫଳତଃ ସେ ସତ ପ୍ରକୃତିର ବଶବର୍ତ୍ତୀ ହେବା ପରିବର୍ତ୍ତେ ଅସତ୍ ପ୍ରକୃତିର ବଶବର୍ତ୍ତୀ ହୋଇଥାଏ। କର୍ମମୟ ଜୀବନରେ ଉତ୍ସାହ, ନିଷ୍ଠା, ପ୍ରେରଣା ପାଇବା ପରିବର୍ତ୍ତେ ନିରୁତ୍ସାହିତ, ଗ୍ଲାନି, ପରାଜୟ, କର୍ମକୁଣ୍ଠା ତଥା ହିଂସାର ଭାବକୁ ମନ ମଧ୍ୟରେ ସ୍ଥାନ ଦେଇଥାଏ। ଏଜଗତରେ ମାତୃଶକ୍ତି ହିଁ ଅପରାଜେୟ ଆଦ୍ୟାଶକ୍ତି ରୂପେ ଯୁଗେ ଯୁଗେ ସମ୍ବୋଧିତ। ପ୍ରତ୍ୟେକ ଦେବତାର ବୈଶିଷ୍ଟ୍ୟ ତାଙ୍କର ସ୍ୱତନ୍ତ୍ର କ୍ଷମତାରେ। ଅପରାଜେୟ ମାତୃଶକ୍ତିର ଅଧିକାରୀ ହେବାପାଇଁ ପ୍ରତିଟି ପ୍ରାଣରେ ମହାମାୟାଙ୍କ କରୁଣା ଅପରିହାର୍ଯ୍ୟ। ତେଣୁ ପବିତ୍ର ଆବିର୍ଭାବୋତ୍ସବ (ଶରତ କାଳରେ) ମାନବ ମାତୃଶକ୍ତିର ଉପାସନା କରିବା ପୂର୍ବକ ସେହି ଶକ୍ତିରେ ଶକ୍ତିମନ୍ତ ହୋଇ ଜୀବନକୁ କର୍ମ ଚଞ୍ଚଳ ଓ ଆନନ୍ଦ ମୁଖର କରିବା ବିଧେୟ। ଏହା ଏ ଜଗତର ଏକ ପ୍ରଚଳିତ ଧାରା। କେଉଁ ପ୍ରାଚୀନ କାଳରୁ ଏ ଧାରା ପ୍ରତିଟି ପ୍ରାଣରେ ପ୍ରବଳ ବେଗଗାମୀ ସ୍ରୋତସ୍ୱିନୀ ସମ ପ୍ରବାହିତ ହେଉଛି। ଦେବୀ ନିଜେ କହିଛନ୍ତି ଯେ, ଶରତ କାଳରେ ଯେ ମୋର ବର୍ଷକୁ ଭକ୍ତିପୂତ ଭାବରେ ଆରାଧନା କରି ଶ୍ରଦ୍ଧାର ସହିତ ମୋର ମହାତ୍ମ୍ୟକୁ ଶ୍ରବଣ କରନ୍ତି, ସେମାନେ ମୋର ପ୍ରସାଦରୁ ସକଳ ବିଘ୍ନକୁ ଅତିକ୍ରମ ପୂର୍ବକ ଧନ୍ୟ, ଧାନ୍ୟ, ସ୍ତ୍ରୀ, ପୁତ୍ର ଇତ୍ୟାଦି ଲାଭ କରନ୍ତି।

**କନ୍ଧମାଳ, ମୋବାଇଲ୍: ୯୪୩୭୨୪୨୩୧୭**

# ଠକି ହେବା ଆମ ଅଧିକାର!

**ସୁବାସ ଷଡଙ୍ଗୀ**

ଭାରତୀୟ ରିଜର୍ଭ ବ୍ୟାଙ୍କ ଓ କେନ୍ଦ୍ର ସରକାରଙ୍କ ଅର୍ଥମନ୍ତ୍ରଣାଳୟ ମଧ୍ୟରେ ବେଳେ ବେଳେ ମତପାର୍ଥକ୍ୟ ଦେଖାଦେଇଥାଏ। ବ୍ୟାଙ୍କ କାର୍ଯ୍ୟରେ ସରକାର ହସ୍ତକ୍ଷେପ କରୁଛନ୍ତି ବୋଲି ରିଜର୍ଭ ବ୍ୟାଙ୍କଅଭିଯୋଗ କରନ୍ତି। ଏଇ ଅଭିଯୋଗ ଯେ ସତ୍ୟ, ତାର ପ୍ରମାଣ ଅର୍ଥମନ୍ତ୍ରଣାଳୟ ରିଜର୍ଭ ବ୍ୟାଙ୍କକ,, ରିଜର୍ଭ ବ୍ୟାଙ୍କ ଆଇନର ୭ ଧାରା ସମ୍ପର୍କରେ ମନେପକାଇ ସରକାର ଚାହିଁଲେ ରିଜର୍ଭ ବ୍ୟାଙ୍କ କାର୍ଯ୍ୟରେ ହସ୍ତକ୍ଷେପ କରିପାରିବେ ବୋଲି କହିଛନ୍ତି। ସରକାର କହୁଛନ୍ତି, ଋଣ ନୀତି ଟିକିଏ ଶିଥିଳ କରିବାକୁ। ରିଜର୍ଭ ବ୍ୟାଙ୍କର ୮୪ ବର୍ଷର ସ୍ୱାଧୀନତା ଇତିହାସରେ ଇଏ ହେଉଛି ପ୍ରଥମ ସରକାରୀ ହସ୍ତକ୍ଷେପ। କୁହାଯାଏ କେବଳ ସଂକଟ ସମୟରେ ରିଜର୍ଭ ବ୍ୟାଙ୍କ କାର୍ଯ୍ୟରେ ସରକାରେ ହସ୍ତକ୍ଷେପ କରିପାରିବେ।

ଯାହା ଜଣାଯାଇଛି, ମୋଟ ଉପରେ ଚାରୋଟି ବିଷୟ ନେଇ ରିଜର୍ଭ ବ୍ୟାଙ୍କ ସହିତ ସରକାରଙ୍କର ମତପାର୍ଥକ୍ୟ ରହିଛି। ପ୍ରଥମଟି ହେଲା, ଜାତୀୟକରଣ ହୋଇଥିବା ବ୍ୟାଙ୍କଗୁଡିକରେ ଏବେ ଅନାଦାୟ ଋଣର ଭାର ବଢ଼ି ଚାଲିଛି।ଏହି କାରଣରୁ ରିଜର୍ଭ ବ୍ୟାଙ୍କ ଏବେ ୧୧ଟି ବ୍ୟାଙ୍କର କାର୍ଯ୍ୟକଳାପ ଉପରେ ନଜର ରଖିଛନ୍ତି। ଏହାର କାର୍ଯ୍ୟକଳାପ, ବିଶେଷ କରି ଋଣ ଦେବା ବ୍ୟାପାର ଉପରେ ବ୍ୟାଙ୍କର ସ୍ୱାଧୀନତା କିଛି ପରିମାଣରେ ହ୍ରାସ ପାଇଛି। ସରକାରଙ୍କର ବକ୍ତବ୍ୟ ହେଲା, ରିଜର୍ଭ ବ୍ୟାଙ୍କର ଏଭଳି ତୀକ୍ଷଣ ନଜର ଫଳରେ ବ୍ୟବସାୟିମାନେ ହଇରାଣ ହେଉଛନ୍ତି। ଯାହାର ସିଧାସଳଖ ପ୍ରଭାବ ବିନିଯୋଗ ଉପରେ ପଡୁଛି। ଆର୍ଥିକ ଅଭିବୃଦ୍ଧି ହ୍ରାସ ପାଉଛି। ସେଥିପାଇଁ୍ ସରକାର ରିଜର୍ଭ ବ୍ୟାଙ୍କ ଉପରେ ଋଣନୀତି ଶିଥିଳ କରିବାକୁ କହିଛନ୍ତି।

ଦ୍ୱିତୀୟ କଥା ହେଲା, ସୁଧର ହାରକୁ ନେଇ। ରିଜର୍ଭ ବ୍ୟାଙ୍କ ପ୍ରତି ତିନିମାସରେ ଥରେ ସୁଧର ହାରକୁ ସମୀକ୍ଷା କରି କମ ବେଶୀ କରିଥାଏ। ସରକାର ଚାହାନ୍ତି, ସୁଧର ହାର କମୁ। ଯଦ୍ୱାରା ବିନିଯୋଗ ବଢ଼ିବ। ଅପରପକ୍ଷରେ ରିଜର୍ଭ ବ୍ୟାଙ୍କ ସୁଧ କମାଇବା ଦୂରର କଥା, ଏବେ ସୁଧର ହାର ବଢ଼ଉଛି। ସେମାନଙ୍କର ବକ୍ତବ୍ୟ ହେଲା ସୁଧର ହାର ବିନା କାରଣରେ କମାଇଲେ ଋଣ ନେବାକୁ ଆଗ୍ରହ ବଢ଼ିବ। ଯାହାଫଳରେ ବଜାରରେ ନଗଦ ଯୋଗାଣ ବୃଦ୍ଧି ପାଇବ। ଏହାର ପ୍ରଭାବ ମୁଦ୍ରାସ୍ଫୀତି ଓ ମୂଲ୍ୟବୃଦ୍ଧି ଉପରେ ପଡ଼ିବ। ରିଜର୍ଭ ବ୍ୟାଙ୍କର ଆଶଙ୍କା ଯେ ଋଣ ଦେବା ସୁଲଭ ହେଲେ ଅପରିଶୋଧ ଋଣର ଆକାର ବଢ଼ିବ। ବିଶେଷ କରି ଋଣର ବୃହଦ ଅଂଶ ନିର୍ମାଣ ଶିଳ୍ପରେ ବିନିଯୋଗ ହେଉ ବୋଲି ସରକାର ଚାହାନ୍ତି। ବ୍ୟାଙ୍କରୁ ସହଜରେ ଲୋନ ପାଇଲେ, ଲୋକେ ଘର ବା ଫ୍ଲାଟ କିଣିବେ, ଯାହା ଫଳରେ ନିର୍ମାଣ ଶିଳ୍ପ ପୁଣି ଥରେ ଚାଙ୍ଗା ହୋଇ ଉଠିବ। ଏପରି କରିବା ଦ୍ୱାରା ସାମଗ୍ରିକ ଭାବେ ଏକ ଧାରଣା ସୃଷ୍ଟି ହେବଯେ ସରକାରଙ୍କ ସଠିକ ନୀତି ଫଳରେ ଦେଶରେ ଅର୍ଥବ୍ୟବସ୍ଥା ଚାଙ୍ଗା ରହିଛି। କିନ୍ତୁ ନାନା ଦେଶର ଅଭିଜ୍ଞତାରୁ ଯାହା ଜଣାଯାଇଛି, ତାହା ହେଲା, ନିର୍ମାଣ ଶିଳ୍ପ ଚାଙ୍ଗା ହେବା ଫଳରେ ଖରାପ ଋଣର ପରିମାଣ ବଢ଼ିଥାଏ ଏବଂ ଏହାଫଳରେ ସଂକଟ ଦେଖାଦିଏ। ପୂର୍ବ ଏସିଆର ସଂକଟ ଏବଂ ଆମେରିକାର ସଂକଟ ଉଦାହରଣଭାବେ ନିଆଯାଇପାରେ। ଆମେରିକାରେ ସବ ପ୍ରାଇମ କ୍ରାଇସେସ ସଂକଟ ପଛରେ ନିର୍ମାଣ ଶିଳ୍ପରେ ବୃଦ୍ଧି ଏକ ବଡ ଭୂମିକା ନେଇଥିଲା।

ତୃତୀୟ ବିରୋଧ ହେଲା, ରିଜର୍ଭ ବ୍ୟାଙ୍କ ଏବଂ ରାଷ୍ଟ୍ରାୟତ ବ୍ୟାଙ୍କର ଲାଭାଂଶ ବଣ୍ଟନ ନେଇ। ସରକାରଙ୍କ ଆର୍ଥିକ ଅବସ୍ଥା ଭଲ ନାହିଁ। ବଜେଟର ଡେଫିସିଟି ବଢ଼ି ଚାଲିଛି। ତା ସହିତ ଜିଏସଟି କମିବାକୁ ଯାଉଛି। ବିହାରରେ ନିର୍ବାଚନ ହେବାକୁ ଯାଉଛି। ସେଥିପାଇଁ ଅଧିକ ଟଙ୍କା ଦରକାର। ତେଣୁ




ବ୍ୟାଙ୍କର ଲାଭାଂଶ ଟଙ୍କା ଅଧିକ ପରିମାଣରେ ସରକାର ଦାବି କରୁଛନ୍ତି। ମାଲିକ ହିସାବରେ ତାହା ସରକାର କରିପାରିବେ। କିନ୍ତୁ ରିଜର୍ଭ ବ୍ୟାଙ୍କ ଏହାର ବିରୋଧ କରୁଛି। ରିଜର୍ଭ ବ୍ୟାଙ୍କର ମତ ହେଲା, ସେୟାର ହୋଲ୍ଡରମାନଙ୍କ ମଧ୍ୟରେ ବେଶି ହାରରେ ଲାଭାଂଶ ବଣ୍ଟନ ନ କରି ବ୍ୟାଙ୍କ ଯଦି ସେଇ ଲାଭାଂଶକୁ ପୁନର୍ବିନିଯୋଗ ମଧ ଦେଇ ନିଜର ପୁଞ୍ଜି ବଢେଇ ପାରିବ, ତେବେ ବ୍ୟାଙ୍କ ଗୁଡିକ ଅଧିକ ଶକ୍ତିଶାଳୀ ହେବ। ସାମଗ୍ରିକ ଭାବରେ ବ୍ୟାଙ୍କର ଆର୍ଥିକ ଅବସ୍ଥା ଭଲ ହେବ। ଅପର ପକ୍ଷରେ ନିଜ ଆୟର ବର୍ଦ୍ଧିତ ଅଂଶ ରିଜର୍ଭ ବ୍ୟାଙ୍କ ସରକାରଙ୍କୁ ଦେବାକୁ ରାଜି ନୁହେଁ। ଲାଭାଂଶ ବଣ୍ଟନର ସିଦ୍ଧାନ୍ତ ନେଇଥାଏ ସଂଶ୍ଳିଷ୍ଟ ବୋର୍ଡ। ରିଜର୍ଭ ବ୍ୟାଙ୍କ ବୋର୍ଡରେ ନିଜର ପ୍ରଭାବ ବିସ୍ତାର କରିବା ପାଇଁ ସରକାରଙ୍କ ପକ୍ଷରୁ ନୂଆ ଅର୍ଥନୀତିବିଦମାନଙ୍କୁ ନିଯୁକ୍ତି ଦେବାକୁ ମସୁଧା ଚାଲିଛି।

ଚତୁର୍ଥ ବିରୋଧ ହେଲା, କେନ୍ଦ୍ରିୟ ବ୍ୟାଙ୍କର ବିରୋଧ କିଛି ନୂଆ କଥା ନୁହେଁ। ବିଭିନ୍ନ ଦେଶରେ ଭିନ୍ନ ଭିନ୍ନ ସମୟରେ ଏଭଳି ବିରୋଧ ଦେଖାଦେଇଛି। ଏହାପୂର୍ବରୁ ରିଜର୍ଭ ବ୍ୟାଙ୍କ ଓ ସରକାରଙ୍କ ମଧ୍ୟରେ ମତପାର୍ଥକ୍ୟ ଦେଖା ଦେଇଥିଲା। କିନ୍ତୁ ଏପରି ଆକାର କେବେ ଧାରଣ କରି ନଥିଲା। ମୂଳ କାରଣ ହେଲା, କେନ୍ଦ୍ରିୟ ବ୍ୟାଙ୍କ ଓ ସରକାରଙ୍କ ମଧ୍ୟରେ ଦୃଷ୍ଟିଭଙ୍ଗୀରେ ଭିନ୍ନତା। ଗଣତାନ୍ତ୍ରିକ ବ୍ୟବସ୍ଥାରେ ଏକ ନିର୍ବାଚିତ ସରକାରର ମିଆଦ କେଉଁଠି ଚାରିବର୍ଷ ତ ଆଉ କେଉଁଠି ପାଞ୍ଚବର୍ଷ। ଭାରତରେ ପାଞ୍ଚବର୍ଷ। ଏଇ ସୀମିତ ସମୟ ମଧ୍ୟରେ ତାଙ୍କୁ କିଛି ଗୋଟାଏ କରି ଦେଖାଇବାକୁ ହେବ। ସରକାରଙ୍କ ଦୃଷ୍ଟିଭଙ୍ଗୀ ସ୍ୱଳ୍ପମିଆଦି। ଅପର ପକ୍ଷରେ ରିଜର୍ଭ ବ୍ୟାଙ୍କ ଭଳି କେନ୍ଦ୍ରିୟ ବ୍ୟାଙ୍କଗୁଡିକର ପ୍ରାତିଷ୍ଠାନିକ ମିଆଦ ଆଜୀବନ। ତେଣୁ ଏହାର ଦୃଷ୍ଟିଭଙ୍ଗୀ ଦୀର୍ଘମିଆଦି। ଯାହାଫଳରେ ଏବେ ସ୍ୱଳ୍ପମିଆଦି ସହିତ ଦୀର୍ଘମିଆଦି ଦୃଷ୍ଟିଭଙ୍ଗୀର ସଂଘାତ ହେବା ସ୍ୱାଭାବିକ। ସୁଧର ହାର କମାଇବା ନେଇ ରିଜର୍ଭ ବ୍ୟାଙ୍କର ବିରୋଧ ହେଉଛି ଏଇ ସଂଘାତର କାରଣ। ଏଭଳି ଉଦାହରଣ ଆହୁରି ରହିଛି।

ଉଇଲିୟମ ନର୍ଡହାଉସ ଚଳିତ ବର୍ଷ ଅର୍ଥନୀତିରେ ନୋବେଲ ପୁରସ୍କାର ପାଇଛନ୍ତି। ୧୯୭୫ ମସିହାରେ ଏକ ଗବେଷଣାପତ୍ରରେ ସେ ଯୁକ୍ତି ବାଢ଼ିଥିଲେ, ନିର୍ବାଚନ ପୂର୍ବରୁ କ୍ଷମତାସୀନ ଦଳଗୁଡିକ ଭୋଟରମାନଙ୍କ ମନ ଜୟ କରିବା ପାଇଁ ବିଭିନ୍ନ ଜନକଲ୍ୟାଣମୂଳକ ପାଣ୍ଠିରେ ଅଧିକ ଖର୍ଚ୍ଚ କରିଥାନ୍ତି। ଯାହାଫଳରେ ସାମୟିକ ଭାବରେ ଦେଶରେ ଅର୍ଥନୈତି ନେଣଦେଣ ବଢେ। ନୂତନ କର୍ମସଂସ୍ଥାନ ବଢେ। ନିର୍ବାଚନ ସରିଲେ, ଯେଉଁ ଦଳ କ୍ଷମତାକୁ ଆସେ, ସେମାନେ ଦେଖନ୍ତି, ପୂର୍ବବର୍ତ୍ତି ସରକାରର ଅତିରିକ୍ତ ଖର୍ଚ୍ଚ ଫଳରେ ମୂଲ୍ୟବୃଦ୍ଧିର ହାର ବଢ଼ିଛି। ଅର୍ଥନୀତି ଅସମ୍ଭାଳ ହୋଇ ଉଠିଛି। ଫଳରେ ସରକାରି ଖର୍ଚ୍ଚ ସଂକୁଚନ କରାଯାଏ। ଯାହାର ପ୍ରଭାବରେଉତ୍ପାଦନ, କର୍ମସଂସ୍ଥାନ କମିଯାଏ। ଅର୍ଥନୀତିରେ ଏଇ ଉଠାପକାକୁ କୁହାଯାଏ ବିଜିନେସ ସାଇକେଲ। ଏହାର କାରଣ ହେଉଛି ରାଜନୈତିକ। ଏଇ ତତ୍ତ୍ୱକୁ ପରବର୍ତ୍ତୀ ସମୟରେ ଅନେକ ସମାଲୋଚନା କରିଛନ୍ତି। ସେମାନଙ୍କର ଯୁକ୍ତି ହେଉଛି, ଲୋକମାନେ କଣ ଏତେ ବୋକାଯେ ନିର୍ବାଚନ ପୂର୍ବବର୍ତ୍ତୀ ସରକାର ଯାହା ଘୋଷଣା କରିଦେବେ ସେଥିରେ ଢଳିଯିବେ!

ଭାରତ ଭଳି ଦେଶରେ ଏହା ସମ୍ଭବ। ଆମଦେଶରେ ଦେଖାଯାଏ, ନିର୍ବାଚନ ପୂର୍ବରୁ ଅନେକ ଲୋକଦେଖାଣିଆ ପ୍ରକଳ୍ପ ସରକାର ଘୋଷଣା କରନ୍ତି। ନିର୍ବାଚନ ପରେ କିଛି ନାହିଁ ବିଭିନ୍ନ ସଙ୍ଗଠନର ଦାବି ସରକାର ପୂରଣ କରନ୍ତି। କାହାକୁ ଖାଲି ହାତରେ ଫେରଉ ନାହାନ୍ତି। ଏପରି ସ୍ୱଳ୍ପ ମିଆଦି ଯୋଜନା ଫଳରେ ଦୀର୍ଘମିଆଦି ଲାଭ କିଛି ହେଉ ନାହିଁ। ସରକାର ଯଦି ଏଭଳି କିଛି ଯୋଜନା ନ କରନ୍ତି, ତେବେ ନିର୍ବାଚନରେ ଜିତିବା କାଠିକାର ପାଠହୋଇଯିବ। ଭୋଟରମାନେ ଯଦି ସବୁକଥାକଥା ବୁଝୁଥାନ୍ତେ, ତେବେ ଏପରି ହୁଅନ୍ତା ନାହିଁ। ଭୋଟରମାନେ ନିରେଖି କିଛି ଦେଖନ୍ତି ନାହିଁ ନେତାଙ୍କ କଥରେ ଢଳିଯାନ୍ତି। ସେଥିପାଇଁ ଆଜିକୁ ଦୀର୍ଘବର୍ଷ ହେଲା ଆମେ ଠକି ହୋଇଆସୁଛୁ।

# ମନରେ ରହିଛି ମହିଷାସୁର

**ପ୍ରଫେସର ଡାକ୍ତର ସମ୍ରାଟ କର**

ଥରେ ଆମ ସାଙ୍ଗମାନେ ଭସାଣି ଉତ୍ସବ ଦେଖିବାକୁ ନଈକୂଳକୁ ଯାଇଥିଲୁ। ବୁଲୁ ବୁଲୁ ଟିକେ ଦହିବରା ଓ ଆଳୁଦମ ଖାଇବାକୁ ଇଛା ହେଲା। ସମସ୍ତେ ସାଙ୍ଗ ହୋଇ ଦହିବରା ଆଳୁଦମ ଖାଉଥିଲୁ। ପାଖରେ ଥିଲା ନଈପଠା, କେତେକ ଗଛ ଓ ଅନ୍ଧାରୁଆ ଜାଗା। ଦୂରରୁ ପାଟି ହୋ ହା ଶବ୍ଦ ଶୁଣାଗଲା। କଅଣ ହେଲା ବୁଝୁବୁଝୁ ଦଳେ ପିଲା ଗୋଟିଏ ଝିଅକୁ ସେଇ ପଠାକୁ ନେଇ ପାଶବିକ ଅତ୍ୟାଚାର କରୁଥିଲେ। ଝିଅଟିର ଚିତ୍କାର ଶୁଣି ସ୍ୱେଚ୍ଛାସେବୀମାନେ ତାକୁ ଉଦ୍ଧାର କଲେ। ଏକଥା ଶୁଣି ମୋ ମନ ଭାରି ଦୁଃଖ ହେଲା। ତା'ପରଦିନ ଆମେ ସବୁ ସାଙ୍ଗ ହୋଇ ଟିକେ ପାର୍କଆଡ଼େ ବୁଲି ଆସିଲେ ଭଲ ଲାଗିବ ଭାବି ସବୁ ସାଙ୍ଗମାନେ ପାର୍କରେ ବସିଗଲୁ। ସେଇଠି ଆମ ମାନଙ୍କ ଭିତରେ ଚର୍ଚ୍ଚା ହେଲା ସମାଜରେ ଘଟୁଥିବା ଏପରି ଅଘଟଣକୁ କିପରି ଦୂର କରାଯାଇପାରିବ। ବିଶେଷକରି ଏହି ଘଟଣାଟି ମୋ ମନରେ ଦୁଃଖ ଦେଇଥିବାରୁ ମୁଁ ଏ ବିଷୟରେ ଚିନ୍ତା କରୁଥିଲି। ଏହି ସମୟରେ ମୋର ପିଲାଦିନର ସାଙ୍ଗମାନେ ଏକାଠି ବସିଥିବାରୁ ସମସ୍ତେ ପିଲାଦିନର କଥା ବଖାଣି ଚାଲିଥିଲେ। କିପରି ଆମେ ନଈପଠାରେ ବୁଲି ବୁଲି କୋଳି ଖାଉଥିଲୁ, କିପରି ନାନା ପ୍ରକାର ଖେଳାଖେଳି ସମୟ କାଟୁଥିଲୁ। ସବୁ ଖୁସି ଗପରେ ମାତିଲୁ। କିନ୍ତୁ ମୋ ଚିନ୍ତାପୂର୍ଣ୍ଣ ମୁହଁକୁ ଚାହିଁ ମୋର ଜଣେ ସାଙ୍ଗ ଦେବିଦତ୍ତ ପଚାରିଲା ତୁ ତ ଜଣେ ମାନସିକ ରୋଗ ଚିକିତ୍ସକ, ତୁ ଏ ବିଷୟରେ ଏତେ ଚିନ୍ତା କରୁଛୁ କାହିଁକି? ମୁଁ କହିଲା ନାହିଁ ଏବେ ଏଇ ଲୋକମାନଙ୍କ ମଧ୍ୟରେ ଯେଉଁ ପାଶବିକ ପ୍ରବୃତ୍ତି ଜାଗ୍ରତ ହେଉଛି, ଯାହା ଫଳରେ କି ମଣିଷ ଦେବତା ହେବା ବଦଳରେ ଆସୁରିକ ପ୍ରବୃତ୍ତି ଯୋଗୁଁ ଅସୁର ପାଲଟିଯାଉଛି ସେଇ କଥା ଭାବୁଥିଲି। ଦେଖୁନୁ... କେବେ ଗୋଟିଏ ଅସୁରର ପ୍ରାଦୁର୍ଭାବକୁ ଦେବତାମାନେ ସହି ନପାରି ମାଆ ଦୁର୍ଗତିନାଶିନୀ ଦୁର୍ଗାଙ୍କୁ ସ୍ତୁତି କଲେ ଓ ସବୁ ଦେବତାମାନେ ମା'ଦୁର୍ଗାଙ୍କୁ ଅସ୍ତ୍ରଶସ୍ତ୍ର ଯୋଗାଇ ଦେଇ ଗୋଟିଏ ମହିଷାସୁରକୁ ବଧ କଲେ। ତା'ଦ୍ୱାରା ଦେବଲୋକ ଓ ମର୍ତ୍ତ୍ୟଲୋକର ସମସ୍ତେ ଆନନ୍ଦରେ ରହିଲେ। ମାତ୍ର ଆଜି ଯେଉଁ ଲକ୍ଷ ଲକ୍ଷ ମହିଷାସୁର ଜନ୍ମ ନେଲେଣି, ଏଇ ମାନବ ସମାଜ କେମିତି ବା ଶାନ୍ତିରେ ରହିବେ? ଆଜି କାହାର ମାଆ ଉପରେ କିଏ ଅତ୍ୟାଚାର କରୁଛି ତ ଆଉ କାହାର ଝିଅ ଉପରେ ଅତ୍ୟାଚାର ହେଉଛି।



ଏହି କଥା ସବୁ ଶୁଣିବା ପରେ ମୋର ଆଉ ଜଣେ ସାଙ୍ଗ ତୁଷାର ମୋ କାନ୍ଧ ଉପରେ ହାତରଖି ପଚାରିଲା ତୁ କହୁନୁ ଏହା କଅଣ ପାଇଁ ହେଉଛି? ମୁଁ ତ ଦେଖିଛି ଅନେକ ଭଲ ଭଲ ଘରର ପିଲା ବି ପରିସ୍ଥିତିରେ ପଡ଼ି ଦୋଷୀ ପାଲଟି ଯାଉଛନ୍ତି। ମୁଁ ଗୋଟିଏ ଦୀର୍ଘ ନିଃଶ୍ୱାସ ନେଇ କହିଲି ଏମିତି ଅନେକ ପ୍ରକାର ମାନସିକ ରୋଗ ଅଛି ଯେଉଁଥିରେ କି ମନୁଷ୍ୟ ଅନେକ ପ୍ରକାର ଭୁଲ କରିଥାଏ। ଏଇ ଦେଖୁନୁ ଅନେକ ଲୋକ ଅଛନ୍ତି ଯେଉଁମାନେ କି ନିଶା ଦ୍ରବ୍ୟ ଖାଇ ନିଜ ମନର ପରିବର୍ତ୍ତନ ଆଣିବାକୁ ଚେଷ୍ଟା କରନ୍ତି। ସେମାନେ ସାମୟିକ ସୁଖ ପାଇବା ପାଇଁ ନିାର ଆଶ୍ରୟ ନେଇଥାନ୍ତି। ମାତ୍ର ସମୟକ୍ରମେ ଏହାର ପରିମାଣ ବଢ଼ିଥାଏ, କାରଣ ପ୍ରଥମେ ଅଳ୍ପ ନିଶାରେ ଯେତିକି ଆନନ୍ଦ ପାଆନ୍ତି ପରେ ତାହାର ପରିମାଣ ନ ବଢ଼ିଲେ ସେ ସେତିକି ଆନନ୍ଦ ପାଆନ୍ତି ନାହିଁ। ତେଣୁ ଦିନକୁ ଦିନ ଲୋକଟି ଅତ୍ୟଧିକ ନିଶାସେବନ କରିଥାଏ। ଏହି ନିଶା ଯୋଗୁଁ ଲୋକଟି ମାନସିକ ଭାରସାମ୍ୟ ହରାଇ ବସେ। କେତେବେଳେ ଅତ୍ୟଧିକ ନିଶା ଯୋଗୁଁ ସମାଜରେ ନାନା ପ୍ରକାର କ୍ଷତି ଘଟାଇଥାଏ। ଯେମିତିକି ବଳାତ୍କାର, ଚୋରି, ମାରପିଟ ଇତ୍ୟାଦି। କ୍ରମଶଃ ତାହାର ଏହି ଦୁର୍ଗୁଣଗୁଡ଼ିକ ମନ ଭିତରେ ବସାବାନ୍ଧି ରହିଯାଏ ଓ ତାହା କୁ-ଅଭ୍ୟାସରେ ପରିଣତ ହୋଇଯାଏ। ଆଉ କେତେକ ମାନସିକ ରୋଗ ଅଛି ଯାହା ସିଜୋଫ୍ରେନିଆ ଭଳି ରୋଗରେ ଲୋକଟି ମଧ ସମାଜରେ ନାନା କ୍ଷତି ଘଟାଇଥାଏ। ଏ ରୋଗରେ ମନୁଷ୍ୟ ମନରେ ନାନା ପ୍ରକାର ସନ୍ଦେହ ଉପୁଜିଥାଏ। ଜଣେ ଅନ୍ୟ ଜଣଙ୍କୁ ସନ୍ଦେହ କରିଥାଏ। ରୋଗୀଟି ଭାବେ ତାକୁ କିଏ ଖାଦ୍ୟରେ ବିଷ ମିଶାଇ ମାରିଦେବାକୁ ଚେଷ୍ଟା କରୁଛି ବା କେବେ କେବେ ଗୁଣି-ଗାରେଡ଼ି କରି ତାକୁ ମାରିବାକୁ ଚେଷ୍ଟା କରୁଛି। ଅନେକ ସମୟରେ ତାକୁ ଶୂନ୍ୟରୁ କେହି କିଛି ନିର୍ଦ୍ଦେଶ ଦେବାପରି ଜଣାଯାଏ। ସେ ସେହି ନିର୍ଦ୍ଦେଶକୁ ମାନି କାମ କରେ। ଫଳରେ ଅନେକ ଭୁଲ କାମ ତା ମୁଣ୍ଡରେ ପଶିଯାଏ ଓ ସେହି ଭୁଲ ନିର୍ଦ୍ଦେଶକୁ ମାନି କାମ କରିଥାଏ। ଯେପରିକି ନିଜ ସ୍ତ୍ରୀକୁ ସନ୍ଦେହ କରି ଅନେକ ସମୟରେ ନିଜ ସ୍ତ୍ରୀ ଓ ନିଜ ପିଲାଙ୍କୁ ହତ୍ୟା କରିଥାଏ। ଏସବୁ କଥା ଶୁଣି ମୋର ଆଉ ଜଣେ ସାଙ୍ଗ ସୁବାସ ପଚାରିଲା ଆଉ କଅଣ ସବୁ ରୋଗ ଅଛି, ଯାହାଦ୍ୱାରା କି ମନୁଷ୍ୟର ପ୍ରକୃତି ବଦଳିଯାଏ। ମୁଁ କହିଲି କେତେକ ଯୌନ ସମସ୍ୟା ଅଛି, ଯାହାଦ୍ୱାରା କି ମନୁଷ୍ୟ ପଶୁ ପାଲଟିଯାଏ। ଏପରି ରୋଗରେ ଜଣେ ତାର ସହପାଠୀ ବା ଛୋଟ ଛୋଟ ପିଲାଙ୍କ ସହିତ ଯୌନ ସମ୍ପର୍କ ଜୋର ଜବରଦସ୍ତ କରିଥାଏ। ଏସବୁ ଆସୁରିକ ପ୍ରବୃତ୍ତି ନୁହେଁ ତ ଆଉ କଅଣ? ଏହି ସମୟରେ ମୋର ଆଉ ଜଣେ ସାଙ୍ଗ ପ୍ରକାଶ ପଚାରିଲା, ଏତିକି ନା ଆଉ କିଛି ବାକି ଅଛି? ମୁଁ କହିଲି ନାଇଁ ତୁ ଧୈର୍ଯ୍ୟ ଧର, ମୁଁ କହୁଛି। ମୁଁ କହିଲି ଅନେକ ସମୟରେ ଦେଖାଯାଏ କେତେକ ଲୋକ ପରିବେଶ ଓ ପରିସ୍ଥିତିରେ ପଡ଼ି ନିଜର ବ୍ୟକ୍ତିତ୍ୱ ବଦଳାଇଥାଆନ୍ତି। ଯାହାକି ବାସ୍ତବ ଜୀବନରେ କ୍ଷତି ଘଟାଇଥାଏ। କେତେକ ଲୋକଙ୍କ ଠାରେ ନାନା ପ୍ରକାର ବ୍ୟକ୍ତିତ୍ୱ ଦେଖାଯାଏ ଯଥା ସନ୍ଦେହପ୍ରବଣ, ଅହଂକାରୀ ଓ ସମାଜବିରୋଧୀ। ଅନେକ ସମୟରେ ଏପରି ଗୁଣସବୁ ବିରୋଧାଭାସ ସୃଷ୍ଟି କରି ସମାଜର କ୍ଷତିକାରକ ହୋଇଥାଏ। ଏହିସବୁ ଆଲୋଚନା ପରେ ଆମେ ସବୁ ବସିଥିବା ଚେୟାରରୁ ଉଠିଲୁ। ଅନେକ ବେଳ ହୋଇଯାଇଥିଲା। ଘରକୁ ଯିବା ପାଇଁ ଘଣ୍ଟାକୁ ଚାହିଁଲୁ। ଏପରି ଆଲୋଚନା ପରେ ମୋ ମନଟି ଟିକେ ହାଲ୍କା ଲାଗିଲା। ଏହି ସମୟରେ ମୋର ଆଉ ଜଣେ ସାଙ୍ଗ ହେମନ୍ତ କହିଲା ସବୁ ସମସ୍ୟା ତ କହିଲୁ କିନ୍ତୁ ଏହି ସମସ୍ୟାଗୁଡ଼ିକର କାରଣ ତ କିଛି କହିଲୁ ନାହିଁ? ମୁଁ କହିଲି ତୁ ତ ସମସ୍ୟାଗୁଡ଼ିକୁ ଶୁଣି ଶୁଣି ବ୍ୟସ୍ତ ହୋଇଯିବୁଣି। ଏହାର କାରଣ ଆଉ ଦିନେ କହିଲେ କେମିତି ହୁଅନ୍ତା? ସେ କିନ୍ତୁ କହିଲା ନା ନା, କାରଣ ଗୁଡ଼ିକ ନ ଶୁଣିଲେ ମୋତେ ରାତିରେ ନିଦ ହେବନାହିଁ।

ମୁଁ କହିଲି ପରିବାର, ପରିବେଶ, ପରିସ୍ଥିତିର ଅଚାନକ ଓ ଅପ୍ରତ୍ୟାଶିତ ପରିବର୍ତ୍ତନ ହେଲେ ମନୁଷ୍ୟ ତାର ମାନସିକ ଭାରସାମ୍ୟ ରକ୍ଷା କରି ପରିସ୍ଥିତି ସହ ନିଜକୁ ଖାପ ଖୁଆଇପାରେ ନାହିଁ। ତେଣୁ ସେ ମାନସିକ ଭାରସାମ୍ୟ ହରାଇଥାଏ। ନା ନା କାରଣରୁ ଯେପରି ଶାରୀରିକ ରୋଗ ହୋଇଥାଏ ସେହିପରି ନା ନା ପ୍ରକାରର କାରଣରୁ ମାନସିକ ରୋଗ ହୋଇଥାଏ। ଏହାର ଭୂତ, ପ୍ରେତ, ପୂର୍ବଜନ୍ମର ଅଭିଶାପ ସଙ୍ଗେ କୌଣସି ସମ୍ପର୍କ ନଥାଏ। ମସ୍ତିଷ୍କରେ କେତେକ ସ୍ନାୟବିକ ରସ କ୍ଷରଣର ବୈଷମ୍ୟ ଯୋଗୁଁ ହୋଇଥାଏ। ମାନସିକ ରୋଗ ବିଷୟରେ ଜାଣିବାକୁ ହେଲେ ପ୍ରଥମେ ମସ୍ତିଷ୍କ ଉପରେ କିଛି ଜାଣିବା ଦରକାର। ମସ୍ତିଷ୍କର ଲିମ୍ବିକ୍ ସିଷ୍ଟମ ଜ୍ଞାନଶକ୍ତି, ବୁଦ୍ଧି ଓ ବିଚାରଶକ୍ତି ପରିଚାଳିତ କରିଥାଏ। ଏହା ଏକ ନିର୍ଦ୍ଦିଷ୍ଟ ପରିମାଣର ଜୈବ ତରଳ ପଦାର୍ଥ ନିର୍ଗତ ହେବାର କାର୍ଯ୍ୟ କରେ। ଯଦି କୌଣସି ରାସାୟନିକ ପ୍ରକ୍ରିୟା ଯୋଗୁଁ ଲିମ୍ବିକ୍ ସିଷ୍ଟମରେ ନିର୍ଗତ ହେଉଥିବା ଜୈବ ତରଳ ପଦାର୍ଥ ସଞ୍ଚାଳନର ପରିମାଣରେ ପରିବର୍ତ୍ତନ ହୁଏ, ତାହାଲେ ମାନସିକ ରୋଗ ସୃଷ୍ଟି ହୋଇଥାଏ। ଏହି ରାସାୟନିକ ପ୍ରକ୍ରିୟା ବଂଶଗତ କାରଣ ଯୋଗୁଁ ହୋଇପାରେ, ସାମାଜିକ ଓ ମାନସିକ ଦୁର୍ବଳତାରୁ ହୋଇପାରେ କିମ୍ବା କୌଣସି କାରଣ ନଥାଇ ମଧ ହେବାର ସମ୍ଭାବନା ଅଛି। ସେତେବେଳେ ସିନା ଦେବତାମାନେ ଦୁର୍ଗାଙ୍କୁ ସ୍ତୁତି କରିଥିଲେ ଯେ ଦୁର୍ଗା ଆବିର୍ଭାବ ହୋଇ ମହିଷାସୁରକୁ ବଧ କଲେ। ଏବେ ତ ଆଉ ଆମେମାନେ ଦୁର୍ଗାଙ୍କୁ ଡାକି ପାରିବୁନି। ଦୁର୍ଗା ନିଜେ ଆସି ଏହିସବୁ ଆସୁରିକ ପ୍ରବୃତ୍ତିର ଲୋକମାନଙ୍କୁ ମାରିପାରିବେନି। ଏଇ ଲୋକମାନଙ୍କ ମନରୁ ଆସୁରିକ ପ୍ରବୃତ୍ତିକୁ ବାହାର କରିବାର କଅଣ କିଛି ଉପାୟ ନାହିଁ? ମୁଁ କହିଲି ଏହା ସମ୍ଭବ, କିନ୍ତୁ ଲୋକମାନେ ମାନସିକ ରୋଗ ଚିକିତ୍ସକଙ୍କ ପରାମର୍ଶ ନେବା ଆବଶ୍ୟକ। ସମାଜ ଓ ପରିବାର ଦାୟିତ୍ୱବାନ ହୋଇ ରୋଗୀଟିକୁ ସାହାଯ୍ୟ, ସହାନୁଭୂତି ଓ ଉତ୍ସାହ ଦେଲେ ଏହାର ପରିମାଣ କମିଯାଇପାରିବ।

**ମାନସିକ ରୋଗ ବିଶେଷଜ୍ଞ, ଦି'ବ୍ରେନ୍, ପୁରୀଘାଟ ରୋଡ଼, କଟକ, ମୋବାଇଲ୍: ୯୧୩୨୪୩୩୩୩୩**



# ବର୍ଷା ପରେ ଭୁଶୁଡ଼ିଲା ୩ ମହଲା କୋଠା: ଦୁଇ ମୃତ

ଇନ୍ଦୋର,୨୩।୯: ଗତକାଲି ରାତିରେ ମଧ୍ୟପ୍ରଦେଶରେ ଏକ ବଡ଼ ଦୁର୍ଘଟଣା ଘଟିଛି। ପ୍ରବଳ ବର୍ଷା ଯୋଗୁ ସେଠାରେ ଏକ ତିନି ମହଲା କୋଠା ଭୁଶୁଡ଼ି ପଡ଼ିଛି। ଏଥିରେ ଦୁଇ ଜଣଙ୍କର ମୃତ୍ୟୁ ହୋଇଛି ଏବଂ ୧୨ ଜଣ ଆହତ ହୋଇଛନ୍ତି। ଆହତମାନେ ବର୍ତ୍ତମାନ ଚିକିତ୍ସାଧୀନ ଅଛନ୍ତି। ଦୁର୍ଘଟଣା ସମ୍ପର୍କରେ ସୂଚନା ପାଇବା ପରେ ଉଦ୍ଧାରକାରୀ ଦଳ ତୁରନ୍ତ ଘଟଣାସ୍ଥଳରେ ପହଞ୍ଚିଥିଲେ। ସେମାନେ ପ୍ରାୟ ପାଞ୍ଚ ଘଣ୍ଟା ଧରି ଉଦ୍ଧାର କାର୍ଯ୍ୟ କରିଥିଲେ। ଏହି ଘଟଣା ଦେଶର ସବୁଠାରୁ ସ୍ୱଚ୍ଛ ସହର ଇନ୍ଦୋରରେ ଘଟିଛି। ଦୀର୍ଘ ୫ ଘଣ୍ଟାର ସଂଘର୍ଷ ପରେ ଏନ୍‌ଡିଆର୍‌ଏଫ୍ ସମସ୍ତଙ୍କୁ ଉଦ୍ଧାର କରିଛି। ଏଥିସହ ସମସ୍ତ ୧୨ ଜଣ ଆହତଙ୍କୁ ମହାରାଜା ଯଶୱନ୍ତରାଓ ହସ୍ପିଟାଲକୁ ନିଆଯାଇଛି, ଯେଉଁଠାରେ ସେମାନଙ୍କର ଚିକିତ୍ସା କରାଯାଉଛି। ପ୍ରଶାସନ ଉଦ୍ଧାର କାର୍ଯ୍ୟ ତଦାରଖ କରୁଛି।

ଇନ୍ଦୋରର ଜବାହାର ମାର୍ଗ ଅଞ୍ଚଳର ରାଣୀପୁରରେ ଘଟିଥିବା ଦୁର୍ଘଟଣା ସମ୍ପର୍କରେ କଲେକ୍ଟର ଶିବମ ବର୍ମା କହିଛନ୍ତି ଯେ ମୃତକମାନଙ୍କୁ ଚିହ୍ନଟ କରାଯାଇଛି। ଜଣେ ଆଲିଫା ଏବଂ ଅନ୍ୟ ଜଣେ ଫହିମ। କଲେକ୍ଟର ବର୍ମା କହିଛନ୍ତି ଯେ କୋଠାର ସମ୍ମୁଖ ଭାଗ ସମ୍ପ୍ରତି ନିର୍ମିତ ହୋଇଥିଲା, ଯେତେବେଳେ ପଛ ଭାଗ ପୁରୁଣା ଥିଲା। ପୋଲିସ ଏବଂ ପ୍ରଶାସନ ମିଳିତ ଭାବରେ କୋଠାର ମୂଳଦୁଆ ତଦନ୍ତ କରିବେ। ମେୟର ଭାର୍ଗବ କହିଛନ୍ତି ଯେ କୋଠାର ଏକ ଅଂଶ ପାଖ କୋଠା ଉପରେ ମଧ ପଡ଼ିଥିଲା। ତଥାପି, ସମୟ ମଧ୍ୟରେ ଅଧିକାଂଶ ଲୋକଙ୍କୁ ଉଦ୍ଧାର କରାଯାଇଥିଲା। ଏହାର ତଦନ୍ତ ନିର୍ଦ୍ଦେଶ ଦିଆଯାଇଛି। ଆହତମାନଙ୍କୁସମସ୍ତପ୍ରକାରରସହାୟତାଯୋଗାଇଦିଆଯାଉଛି।ଘଟଣାସ୍ଥଳରେଉପସ୍ଥିତ ଲୋକମାନେ କହିଛନ୍ତି ଯେ କୋଠାଟି ପୂର୍ବରୁ ଭୁଶୁଡ଼ି ପଡ଼ିଥିଲା ଏବଂ ସେଥିରେ ଫାଟ ସୃଷ୍ଟି ହୋଇଥିଲା। କିନ୍ତୁ ଏତେ ବଡ଼ ଦୁର୍ଘଟଣା ଘଟିପାରେ ତାହା କେହିବି କଳ୍ପନା କରିନଥିଲେ।

## ଜାତୀୟ ଚଳଚ୍ଚିତ୍ର ପୁରସ୍କାର ସମାରୋହ ସମ୍ପନ୍ନ

# ମୋହନଲାଲ୍, ଶାହରୁଖ୍ ଓ ରାଣୀ ସମ୍ମାନିତ

ନୂଆଦିଲ୍ଲୀ,୨୩।୯: ସ୍ଥାନୀୟ ବିଜ୍ଞାନ ଭବନରେ ଆଜି ସନ୍ଧ୍ୟାରେ ୭୧ତମ ଜାତୀୟ ଚଳଚ୍ଚିତ୍ର ପୁରସ୍କାର ସମାରୋହ ଅନୁଷ୍ଠିତ ହୋଇଛି। ଏହି ସମାରୋହରେ ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ମନୋନୀତ କଳାକାରମାନଙ୍କୁ ସମ୍ମାନିତ କରିଛନ୍ତି। ଏହି ପୁରସ୍କାର ଗତ ୨୦୨୩ରେ ରିଲିଜ ହୋଇଥିବା ଫିଲ୍ମଗୁଡ଼ିକ ସକାଶେ ପ୍ରଦାନ କରାଯାଇଥିବା ବେଳେ ଭାରତୀୟ ଚଳଚ୍ଚିତ୍ର ଜଗତର ୩ ମହାରଥୀ ଶୀର୍ଷ ପୁରସ୍କାର ହାସଲ କରିଛନ୍ତି। ଗୋଟିଏ ପଟେ ମାଲାୟାଲମ୍ ସିନେମା ଜଗତର ସୁପର୍‌ଷ୍ଟାର୍ ଏଲ୍. ମୋହନଲାଲ୍ ମର୍ଯ୍ୟାଦାଜନକ ଦାଦା ସାହେବ ଫାଲ୍‌କେ ପୁରସ୍କାର ପାଇଥିବା ବେଳେ ଶ୍ରେଷ୍ଠ ଅଭିନେତା ପୁରସ୍କାର ବଲିଉଡ୍ ସୁପର୍ ଷ୍ଟାର୍ ଶାହରୁଖ୍ ଖାନ୍ ଓ ଶ୍ରେଷ୍ଠ ଅଭିନେତ୍ରୀ ପୁରସ୍କାର ରାଣୀ ମୁଖାର୍ଜୀ ହାସଲ କରିଛନ୍ତି। ଏହାଛଡ଼ା ଶାହରୁଖ୍‌ଙ୍କ ସହ ଯୁଗ୍ମ ଭାବେ ବ୍ରିକାନ୍ତ ମେସିଙ୍କୁ ଶ୍ରେଷ୍ଠ ଅଭିନେତା ପୁରସ୍କାର ପାଇଛନ୍ତି। ଫିଲ୍ମ 'ଯବାନ' ପାଇଁ ଶାହରୁଖଙ୍କୁ ୩୩ ବର୍ଷର ଲମ୍ବା କ୍ୟାରିଅର୍‌ରେ ପ୍ରଥମ ଥର ପାଇଁ









ଶ୍ରେଷ୍ଠ ଅଭିନେତା ସମ୍ମାନ ମିଳିଛି। ସେହିପରି ବିଧୁ ବିନୋଦ ଚୋପ୍ରାଙ୍କ 'ଟ୍ୱେଲ୍‌ଭଥ ଫେଲ' ପାଇଁ ବିକ୍ରାନ୍ତ ଶ୍ରେଷ୍ଠ ଅଭିନେତା ସମ୍ମାନ ପାଇଛନ୍ତି। ଆହୁରି 'ମିସେସ୍ ଚାଟାର୍ଜୀ ଭର୍ସେସ୍ ନରୱେ' ପାଇଁ ରାଣୀ ଶ୍ରେଷ୍ଠ ଅଭିନେତ୍ରୀ ଭାବେ ସମ୍ମାନିତ ହୋଇଛନ୍ତି। ଏହାଛଡ଼ା ଶ୍ରେଷ୍ଠ କୋରିଓଗ୍ରାଫି ଫିଲ୍ମ 'ରକି ଆଣ୍ଡ ରାନୀ କୀ ପ୍ରେମ କାହାନୀ'ର (ଢିଣ୍ଡୋରା ଗୀତ)କୁ ମିଳିଥିବା ବେଳେ ଶ୍ରେଷ୍ଠ ଗାୟକ ପୁରସ୍କାର ପିବିଏମ ଏସ ରୋହିତ (ବେବି), ଶ୍ରେଷ୍ଠ ଗାୟିକା ପୁରସ୍କାର ଶିଳ୍ପା ରାଓ ( ଚଲେୟା) ହାସଲ କରିଛନ୍ତି। 'ଦ ସି ଆଣ୍ଡ ସେଭେନ ଭିଲେଜ'କୁ ଶ୍ରେଷ୍ଠ ଫିଚର ଫିଲ୍ମ ପାଇଁ ଜାତୀୟ ଚଳଚ୍ଚିତ୍ର ପୁରସ୍କାର ମିଳିଛି। ଏହାର ପ୍ରଯୋଜକ ଡ. ଇତି ସାମନ୍ତ ରହିଥିବା ବେଳେ ନିର୍ଦ୍ଦେଶନା ଦେଇଛନ୍ତି ହିମାଂଶୁ ଖଟୁଆ। ଅନ୍ୟପକ୍ଷରେ ଶ୍ରେଷ୍ଠ ଓଡ଼ିଆ ଚଳଚ୍ଚିତ୍ର ଭାବେ ଜଣାଶୁଣା ସିନେମାଟୋଗ୍ରାଫର୍ ଶୁଭ୍ରାଂଶୁ ଦାସଙ୍କ ନିର୍ଦ୍ଦେଶିତ 'ପୁଷ୍କରା' ସମ୍ମାନିତ ହୋଇଛି। ତରଙ୍ଗ ସିନେ ପ୍ରଡକ୍ସନ୍‌ସ ପ୍ରଯୋଜିତ ଏହି ଫିଲ୍ମ ପକ୍ଷରୁ ଓଟିଭି ନେଟ୍‌ୱର୍କର ବିଜନେସ୍ ହେଡ୍ ଲିଟିଶା ମଙ୍ଗତ ପଣ୍ଡା ରାଷ୍ଟ୍ରପତିଙ୍କଠାରୁ ଏହି ପୁରସ୍କାର ଗ୍ରହଣ କରିଛନ୍ତି। ଏହି କାର୍ଯ୍ୟକ୍ରମରେ କେନ୍ଦ୍ର ସୂଚନା ଓ ପ୍ରସାରଣ ମନ୍ତ୍ରୀ ଅଶ୍ୱିନୀ ବୈଷ୍ଣବ ମଧ ଉପସ୍ଥିତ ଥିଲେ।

## ନିର୍ବାସିତ ପ୍ରଧାନମନ୍ତ୍ରୀଙ୍କ ଚାଞ୍ଚଲ୍ୟକର ଖୁଲାସା

# ଭାରତରେ ବିଭ୍ରାଟ ସୃଷ୍ଟି ଉଦ୍ୟମ କରୁଛି ଚୀନ୍



ନୂଆଦିଲ୍ଲୀ,୨୩।୯: ନିର୍ବାସିତ ତିବ୍ବତୀୟ ସରକାରଙ୍କ ପୂର୍ବତନ ପ୍ରଧାନମନ୍ତ୍ରୀ ଡକ୍ଟର ଲୋବସାଙ୍ଗ ସାଙ୍ଗାୟ ଚୀନ୍ ସମ୍ପର୍କରେ ଏକ ଚାଞ୍ଚଲ୍ୟକର ଖୁଲାସା କରିଛନ୍ତି। ଦେଶର ପ୍ରମୁଖ ନେତାମାନଙ୍କୁ ନିଜ ଜାଲରେ ଫସାଇ ଏହି ଦେଶ ଭାରତରେ ବିଭ୍ରାଟ ସୃଷ୍ଟି କରିବା ସକାଶେ ପ୍ରଚେଷ୍ଟା ଚଳାଇଛି ବୋଲି ସେ କହିଛନ୍ତି। ତାଙ୍କ କହିବା କଥା ଯେ ନୂଆଦିଲ୍ଲୀରେ ଥିବା ଚୀନ୍ ଦୂତାବାସ ଭାରତର ପ୍ରମୁଖ ନେତାମାନଙ୍କୁ କିଣିବାକୁ ଚେଷ୍ଟା କରୁଛି। ସେମାନେ ସରକାର ପରିବର୍ତ୍ତନ କରିବାକୁ ମଧ ଷଡ଼ଯନ୍ତ୍ର କରୁଛନ୍ତି। କାରଣ ଚୀନ୍ ସର୍ବଦା ପ୍ରଭାବଶାଳୀ ଲୋକଙ୍କୁ ନିଜ ପକ୍ଷକୁ ଆଣିବା ରଣନୀତିରେ ବିଶ୍ୱାସ କରିଆସିଛି ବୋଲି ଏକ ସାକ୍ଷାତକାରରେ ଡକ୍ଟର ସାଙ୍ଗାୟ କହିଛନ୍ତି।

ସେ ଦାବି କରିଛନ୍ତି ଯେ ଚୀନ୍ ରାଜନେତା, ବୁଦ୍ଧିଜୀବୀ, ବ୍ୟବସାୟୀ, ସାମ୍ବାଦିକ ଓ ଆଜିକାଲି ୟୁଟ୍ୟୁବରଙ୍କୁ ମଧ କିଣୁଛି। ତେଣୁ ଭାରତ ବେଜିଂର ରାଜନୈତିକ ଉଦ୍ଦେଶ୍ୟ ଉପରେ ସତର୍କ ଦୃଷ୍ଟି ରଖିବାର ଆବଶ୍ୟକତା ରହିଛି। ସେ କହିଛନ୍ତି ଯେ ଭାରତର ପଡ଼ୋଶୀ ଦେଶଗୁଡ଼ିକରେ ଚୀନ୍ ମଧ ସମାନ ଆଭିମୁଖ୍ୟ ଆପଣାଉଛି। ନେପାଳରେ ଗୋଟିଏ ଦଳ ଖୋଲାଖୋଲି ଭାବେ ଚୀନ୍‌କୁ ସମର୍ଥନ କରୁଥିବା ବେଳେ ଅନ୍ୟ ଏକ ଦଳ ଭାରତର ସମର୍ଥକ ବୋଲି ସେ କହିଛନ୍ତି।

## ଜୁବିନଙ୍କ ଶେଷକୃତ୍ୟରେ ଜନସମୁଦ୍ର

# ଲିମ୍‌କା ବୁକ୍‌ରେ ସ୍ଥାନ ପାଇଲା ଅନ୍ତିମ ଯାତ୍ରା



ଗୌହାଟୀ,୨୩।୯: ବଲିଉଡର ଜଣାଶୁଣା ଗାୟକ ଜୁବିନ ଗର୍ଗଙ୍କ ଶେଷକୃତ୍ୟ ଗତ ୨୧ ତାରିଖରେ ଏଠାରେ ସମ୍ପନ୍ନ ହୋଇଥିବା ବେଳେ ଏଥିରେ ୨୧ ଲକ୍ଷରୁ ଊର୍ଦ୍ଧ୍ୱ ପ୍ରଶଂସକଙ୍କ ଭିଡ଼ ଜମିଥିଲା। ତେଣୁ ଏହାକୁ ବିଶ୍ୱର ଚତୁର୍ଥ ସର୍ବବୃହତ୍ ଅନ୍ତିମ ଯାତ୍ରାର ପରିଚୟ ମିଳିଛି। ସିଙ୍ଗାପୁରରେ ଏକ ଦୁର୍ଘଟଣାର ଶିକାର ହୋଇ ପ୍ରାଣ ହରାଇଥିବା ଜୁବିନଙ୍କ ଶେଷକୃତ୍ୟ ନେଇ ଆସାମ ମୁଖ୍ୟମନ୍ତ୍ରୀ ହିମନ୍ତ ବିଶ୍ୱଶର୍ମା ସୂଚନା ଦେଇଥିଲେ। ରବିବାର ସକାଳେ ଜୁବିନଙ୍କ ମୃତଦେହକୁ ଅର୍ଜୁନ ଭୋଗେଶ୍ୱର ବରୁଆ ସ୍ପୋର୍ଟ୍ସରେ ରଖାଯାଇଥିଲା। ଜୁବିନଙ୍କ ଶେଷଦର୍ଶନ କରିବାକୁ ଲକ୍ଷାଧିକ ଲୋକଙ୍କ ଭିଡ଼ ଲାଗିଥିଲା। ତେବେ ଜୁବିନଙ୍କ ପାର୍ଥିବ ଶରୀର ଗୌହାଟୀରେ ପହଞ୍ଚିବା ପରେ ଏୟାରପୋର୍ଟରୁ ତାଙ୍କ ଘର ପର୍ଯ୍ୟନ୍ତ ଗହଳି ଲାଗିରହିଥିଲା। ଜୁବିନଙ୍କ ସମ୍ମାନାର୍ଥେ ଆସାମ ସରକାର ତିନିଦିନିଆ ରାଷ୍ଟ୍ରୀୟ ଶୋକ ଘୋଷଣା କରିଛନ୍ତି। ଜୁବିନଙ୍କ ଶବ ଶୋଭାଯାତ୍ରାରେ ଜମିଥିବା ଭିଡ଼ ପାଇଁ ଏହାକୁ ଲିମ୍‌କା ବୁକ୍ ଅଫ୍ ରେକର୍ଡସରେ ସ୍ଥାନ ମିଳିଛି। ପପ୍ ଗାୟକ ମାଇକେଲ ଜ୍ୟାକସନ, ପୋପ୍ ଫ୍ରାନସିସ୍ ଓ ବ୍ରିଟେନର ମହାରାଣୀ ଏଲିଜାବେଥ ଦ୍ୱିତୀୟଙ୍କ ଅନ୍ତିମ ଯାତ୍ରାରେ ଯଥାକ୍ରମେ ବିଶ୍ୱର ପ୍ରଥମ, ଦ୍ୱିତୀୟ ଓ ତୃତୀୟ ସର୍ବାଧିକ ଭିଡ଼ ଜମିଥିଲା। ସୂଚନାଯୋଗ୍ୟ ଯେ ମେଘାଳୟରେ ଜନ୍ମିତ ଜୁବିନ୍ 'ଗ୍ୟାଙ୍ଗଷ୍ଟାର' ଫିଲ୍ମର 'ୟା ଅଲି' ଗୀତ ଗାଇ ରାତାରାତି ପ୍ରସିଦ୍ଧି ପାଇଥିଲେ। ପରେ ସେ ଅନେକଗୁଡ଼ିଏ ହିଟ୍ ଗୀତ ଗାଇଥିଲେ। ଏହାଛଡ଼ା ସେ ଅହମିୟା ଓ ବଙ୍ଗଳା ଭାଷାରେ ମଧ୍ୟ ଅନେକ ଗୀତ ଗାଇ ଲୋକପ୍ରିୟତା ପାଇଥିଲେ।

# ଧକ୍କା ପରେ ଜଳିଗଲା ୨ ଗାଡ଼ି: ୪ ମୃତ

ଲକ୍ଷ୍ନୌ,୨୩।୯: ଉତ୍ତର ପ୍ରଦେଶର ଆଲିଗଡ଼ରେ ଗତକାଲି ଘଟିଛି ଏକ ମର୍ମନ୍ତୁଦ ସଡ଼କ ଦୁର୍ଘଟଣା। ଅକରାବାଦ ଥାନା ଅର୍ନ୍ତଗତ ଜାତୀୟ ରାଜପଥ ୯୧ରେ କାର୍ ଏବଂ ମିନିବସ୍ ମୁହାଁମୁହିଁ ଧକ୍କା ହୋଇଛନ୍ତି। ଫଳରେ ଉଭୟ ଗାଡ଼ି ମଧ୍ୟରେ ଭୟଙ୍କର ନିଆଁ ଲାଗି ଯାଇଥିଲା। ଦୁର୍ଘଟଣାରେ ପିଲାମାନଙ୍କ ସମେତ ଚାରି ଜଣ ଜଳିଯାଇଛନ୍ତି। ଅନ୍ୟ ଜଣେ ଗୁରୁତର ଆହତ ହୋଇଛନ୍ତି। ମିଳିଥିବା ସୂଚନା ମୁତାବକ, ସୋମବାର ସକାଳ ପ୍ରାୟ ୬ଟା ସମୟରେ ଅଲିଗଡ଼ ସହରରୁ ପ୍ରାୟ ୨୦-୨୫ କିଲୋମିଟର ଦୂରରେ ଅକରାବାଦ ପୋଲିସ ଷ୍ଟେସନ ଅଧୀନରେ ଥିବା ଜାତୀୟ ରାଜପଥ ନାନଉ ସେତୁ ନିକଟରେ ଦୁର୍ଘଟଣା ଘଟିଥିଲା। ଗାଡ଼ି ଦୁଇଟି ମୁହାଁମୁହିଁ ଧକ୍କା ପରେ ଇନ୍ଧନ ଟାଙ୍କି ଫାଟି ଯାଇଥିଲା। ଯେଉଁଥିପାଇଁ ଗାଡ଼ିରେ ନିଆଁ ଲାଗିଯାଇଥିଲା। ନିଆଁ ଦ୍ରୁତ ଗତିରେ ବ୍ୟାପିବାରୁ ଗାଡ଼ି ଭିତରେ ଫସି ରହିଥିବା ଲୋକମାନେ ଖସିଯିବାର ସୁଯୋଗ ପାଇନଥିଲେ। ତେବେ କାରରେ ଥିବା ପରିବାର, ମହିଳା ଏବଂ ପିଲାମାନେ ମନ୍ଦିର ଦର୍ଶନରୁ ଫେରୁଥିଲେ। ୪ଟି ମୃତଦେହ ଗୁରୁତର ଭାବେ ପୋଡ଼ି ଯାଇଥିବାରୁ ଚିହ୍ନଟ କରିବା କଷ୍ଟକର ହୋଇପଡିଥିଲା। କିନ୍ତୁ ସମସ୍ତ ମୃତକ ଗୋଟିଏ ପରିବାରର ସଦସ୍ୟ ବୋଲି ଜଣାପଡ଼ିଛି। ଖବର ପାଇ ସ୍ଥାନୀୟ ପୁଲିସ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ ଆରମ୍ଭ କରିଛି।

# ନରମିବେ ଟ୍ରମ୍ପ, କୋହଳ ହୋଇପାରେ ଏଚ୍- ୧ବି ଭିସା ନିୟମ

ନୂଆଦିଲ୍ଲୀ,୨୩।୯: ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ ଏଚ୍-୧ବି ଭିସା ପାଇଁ ଫି' ବୃଦ୍ଧି କରି ସମସ୍ତଙ୍କୁ ଆଶ୍ଚର୍ଯ୍ୟ କରିଛନ୍ତି। କିନ୍ତୁ ଏହା ସହିତ ଜଡିତ ନିୟମରେ ପରିବର୍ତ୍ତନ ହେବାର ଖବର ଆସୁଛି। ବ୍ଲୁମବର୍ଗର ଏକ ରିପୋର୍ଟ ଅନୁଯାୟୀ, ଟ୍ରମ୍ପ ପ୍ରଶାସନ ଡାକ୍ତରଙ୍କ ପାଇଁ ଏଚ୍-୧ବି ଭିସା ଫି' ଛାଡ଼ କରିପାରେ। ଏବେ ଏହି ଫି' ୧ ଲକ୍ଷ ଡଲାର୍ ରଖାଯାଇଛି। କିନ୍ତୁ ଡାକ୍ତରମାନଙ୍କୁ ଆଶ୍ୱସ୍ତି ମିଳିପାରେ। ଟ୍ରମ୍ପ ଗତ ୧୯ ତାରିଖରେ ଏକ ନୂତନ ଆଇନରେ ସ୍ୱାକ୍ଷର କରିବା ପରେ ଏହି ଖବର ସାମ୍ନାକୁ ଆସିଛି। ଟ୍ରମ୍ପଙ୍କ ଘୋଷଣା ଭାରତର ଆଇଟି କ୍ଷେତ୍ରରେ ହଇଚଇ ସୃଷ୍ଟି କରିଛି। ଭାରତ ଏଚ୍-୧ବି ଭିସାର ସର୍ବାଧିକ ବ୍ୟବହାରକାରୀ। ମାୟୋ କ୍ଲିନିକ, କ୍ଲିନ୍‌ଲ୍ୟାଣ୍ଡ କ୍ଲିନିକ ଏବଂ ସେଣ୍ଟ ଜୁଡ ହସ୍ପିଟାଲ ସମେତ ପ୍ରମୁଖ ହସ୍ପିଟାଲଗୁଡ଼ିକ ଏଚ୍-୧ବି ଭିସା ଉପରେ ନିର୍ଭର କରନ୍ତି। ରିପୋର୍ଟ ଅନୁଯାୟୀ, ମାୟୋରେ ୩୦୦ରୁ ଅଧିକ ଅନୁମୋଦିତ ଭିସା ରହିଛି। ତେଣୁ ଏହା ଉପରେ ଆଧାର



କରି ଭାରତୀୟ ଡାକ୍ତରମାନଙ୍କୁ ଭିସା ଫି' ଛାଡ଼ ମିଳିବାର ସମ୍ଭାବନା ରହିଛି। ଆମେରିକୀୟ ମେଡିକାଲ ଆସୋସିଏସନ ଚେତାବନୀ ଦେଇଛି ଯେ ଉଚ୍ଚ ଭିଜା ଫି' ଡାକ୍ତରଙ୍କ ଅଭାବକୁ ଆହୁରି ବଢ଼ାଇବ। ଅନେକ ଆମେରିକୀୟ ସ୍ୱାସ୍ଥ୍ୟ ବ୍ୟବସ୍ଥା ଡାକ୍ତରୀ ବାସିନ୍ଦାଙ୍କୁ ନିଯୁକ୍ତି ଦେବା ପାଇଁ ଏଚ୍-୧ବି ଭିସା ଉପରେ ଅତ୍ୟଧିକ ନିର୍ଭର କରେ। ହ୍ୱାଇଟ ହାଉସ ମୁଖପାତ୍ର ଟେଲର ରୋଜର୍ସ ଏ ସଂକ୍ରାନ୍ତରେ କହିଛନ୍ତି ଯେ ଆଇନ ସମ୍ଭାବ୍ୟ ଛାଡ଼ ପାଇଁ ଅନୁମତି ଦିଏ। ଏଥିରେ ଡାକ୍ତରୀ କର୍ମଚାରୀ ଓ ଡାକ୍ତର ସାମିଲ ହୋଇପାରେ। ଯଦି ଭିସା ଫି' ହ୍ରାସ କରାନଯାଏ, ତେବେ ଆମେରିକାରେ ଡାକ୍ତରୀ କର୍ମଚାରୀ ଅଭାବର ସମ୍ମୁଖୀନ ହୋଇପାରେ। ଏଚ୍-୧ବି ଭିସା ସମ୍ପର୍କରେ ଟ୍ରମ୍ପ ପ୍ରଶାସନ ପକ୍ଷରୁ କୁହାଯାଇଛି ଯେ ସେପ୍ଟେମ୍ବର ୨୧ରେ କିମ୍ବା ଏହାପରେ ଦାଖଲ ହୋଇଥିବା ନୂତନ ଆବେଦନ ପାଇଁ ୧ ଲକ୍ଷ ଡଲାର୍ ଫି' ଦେବାକୁ ପଡିବ। ଏହା ଏକ ଥର ପାଇଁ ଦେୟ ଏବଂ ଏହାକୁ ବାର୍ଷିକ ଫି ଭାବରେ ବିବେଚନା କରାଯିବା ଉଚିତ ନୁହେଁ। ଏହା ଉଲ୍ଲେଖନୀୟ ଯେ ଭାରତ ଏବଂ ଆମେରିକା ମଧ୍ୟରେ ଶୁଳ୍କକୁ ନେଇ ଉତ୍ତେଜନା ଥିବା ବେଳେ, ଭିଜା ପ୍ରସଙ୍ଗ ଏବେ ଏକ ଚର୍ଚ୍ଚିତ ବିଷୟ ପାଲଟିଛି। ତଥାପି, ଏହି ସମସ୍ୟାଗୁଡ଼ିକର ସମାଧାନ ଶୀଘ୍ର ହୋଇପାରେ। ବୈଦେଶିକ ମନ୍ତ୍ରୀ ଏସ. ଜୟଶଙ୍କର ସମ୍ପ୍ରତି ଆମେରିକାର ବୈଦେଶିକ ସଚିବ ମାର୍କୋ ରୁବିଓଙ୍କୁ ସାକ୍ଷାତ କରିଥିଲେ।

# ୨୩ ମାସ ପରେ ମୁକୁଳିଲେ ଆଜମ୍ ଖାନ୍

## ଏକାଧିକ ମାମଲାରେ ଜେଲ୍‌ରେ ଥିଲେ



ମୋରଦାବାଦ,୨୩।୯: ସମାଜବାଦୀ ପାର୍ଟିର ବରିଷ୍ଠ ନେତା ଆଜମ୍ ଖାନ୍ ଦୀର୍ଘ ୨୩ ମାସ ପରେ ଜେଲରୁ ମୁକ୍ତ ହୋଇଛନ୍ତି। ଆଜି ଜେଲ୍‌ରୁ ମୁକୁଳିବା ପରେ ତାଙ୍କୁ ସମର୍ଥକମାନେ ସ୍ୱାଗତ କରିଥିଲେ। ପୂର୍ବାହ୍ନ ୯ଟା ସମୟରେ ତାଙ୍କୁ ମୁକ୍ତ କରିବା ସକାଶେ ସମୟ ଧାର୍ଯ୍ୟ ହୋଇଥିଲେ ହେଁ ଔପଚାରିକତା କାରଣରୁ ସେ ସାଢ଼େ ୧୦ଟା ବେଳେ ଜେଲ୍ ବାହାରକୁ ଆସିଥିଲେ। ଆଜମ୍‌ଙ୍କ ବିରୁଦ୍ଧରେ ଜମି ହଡ଼ପଠାରୁ ଛେଳି ଚୋରି ପର୍ଯ୍ୟନ୍ତ ଅନେକ ଅଭିଯୋଗ ରହିଥିବା ବେଳେ ତାଙ୍କୁ ଉତ୍ତର ପ୍ରଦେଶର ସୀତାପୁର ଜେଲରେ ରଖାଯାଇଥିଲା। ଇଣ୍ଡିଆନ ଏକ୍ସପ୍ରେସ ଅନୁଯାୟୀ, ରାମପୁର ପୁଲିସ ଆଜମଙ୍କ ବିରୋଧରେ ମୋଟ ୧୦୪ଟି ମାମଲାର ତଦନ୍ତ କରିଛି। ଗତ ୨୦୧୭ ମାର୍ଚ୍ଚରେ ଉତ୍ତର ପ୍ରଦେଶରେ ବିଜେପି କ୍ଷମତାକୁ ଆସିବା ପରେ ଏହି ମାମଲାଗୁଡ଼ିକ ଦାୟର କରାଯାଇଥିଲା, ଯେଉଁଥିରେ ଠକେଇ ଓ ଜବରଦଖଲ ସମେତ ବିଭିନ୍ନ ଅଭିଯୋଗ ରହିଥିଲା। ଗତ ୨୦ ତାରିଖରେ ରାମପୁର କୋର୍ଟ ଆଜମ୍‌ଙ୍କ ବିରୋଧରେ ଥିବା ବିୟର୍ ବାର୍ ଉପରେ କବ୍‌ଜା ମାମଲାକୁ ଖାରଜ କରିବା ପରେ ତାଙ୍କର ଜେଲ୍‌ରୁ ମୁକୁଳିବା ରାସ୍ତା ପରିଷ୍କାର ହୋଇଥିଲା। ଜେଲ୍‌ରୁ ମୁକୁଳିବା ପରେ ତାଙ୍କୁ ତାଙ୍କର ପାଖାପାଖି ୪୦୦ ସମର୍ଥକଙ୍କ ସହ ଦୁଇ ପୁଅ ଅଦିବ୍ ଓ ଅବଦୁଲ୍ଲା ପହଞ୍ଚିଥିଲେ। ପାଖାପାଖି ୧୦୦ଟି ଗାଡ଼ି ଶୋଭାଯାତ୍ରା ମାଧମରେ ତାଙ୍କୁ ରାମପୁର ପର୍ଯ୍ୟନ୍ତ ପାଛୋଟି ନେଇଥିଲେ। ତେବେ ଜେଲ୍ ବାହାରକୁ ଆସିବା ପରେ ତାଙ୍କୁ ଗଣମାଧମ ପ୍ରତିନିଧିମାନେ ରାଜନୈତିକ ଭବିଷ୍ୟତ ନେଇ ପ୍ରଶ୍ନ ପଚାରିଥିଲେ। ସେ ପୁଣିଥରେ ସମାଜବାଦୀ ପାର୍ଟିକୁ ପ୍ରତ୍ୟାବର୍ତ୍ତନ କରିବେ କି ବୋଲି ପଚରାଯିବାରେ ଆଜମ୍ କହିଥିଲେ ଯେ ଏପରି ଆକଳନ କରୁଥିବା ଲୋକେ ହିଁ ଏ ବିଷୟରେ ଭଲ ଭାବେ ଜାଣିଥିବେ।

ଜମି ହଡ଼ପ ଏବଂ ଠକେଇ: ଇଣ୍ଡିଆ ଟୁଡେ ରିପୋର୍ଟ ଅନୁଯାୟୀ, ଆଜମ ଓ ତାଙ୍କ ସହଯୋଗୀଙ୍କ ବିରୋଧରେ ଜନୈକ ଚାଷୀଙ୍କୁ ଠକି ଜମି ଅଧିଗ୍ରହଣ କରିବା ନେଇ ଅଭିଯୋଗ ରହିଛି। ଆଜମ ଓ ତାଙ୍କର କେତେକ ସହଯୋଗୀ ଜାଲିଆତି ପୂର୍ବକ ଜମି ଦଲିଲରେ ଦସ୍ତଖତ କରାଇନେଇଥିଲେ। ଏହାପରେ ମହମ୍ମଦ ଅଲି ଜୌହର ବିଶ୍ୱବିଦ୍ୟାଳୟର କ୍ୟାମ୍ପସ ସମ୍ପ୍ରସାରଣ କରାଯାଇଥିଲା।

ନକଲି ଜନ୍ମ ପ୍ରମାଣପତ୍ର ମାମଲା: ଆଜମ ଓ ତାଙ୍କ ପତ୍ନୀ ତାନଜିନ ଫାତିମା ପୁଅ ପାଇଁ ଦୁଇଟି ଜନ୍ମ ପ୍ରମାଣପତ୍ର ଜାଲ କରିଥିବା ଅଭିଯୋଗ ରହିଛି। ଏହି ମାମଲାରେ ସେମାନଙ୍କୁ ଦୋଷୀ ମଧ ସାବ୍ୟସ୍ତ କରାଯାଇଛି। ଘର ଭାଙ୍ଗିବା ଓ ଆକ୍ରମଣ: ଆଜମ ଓ ତାଙ୍କ ସହଯୋଗୀଙ୍କ ବିରୋଧରେ ଗତ ୨୦୧୬ରେ ଘରେ ପଶି ଆକ୍ରମଣ କରିବା ନେଇ ଅଭିଯୋଗ ହୋଇଥିଲା। ଏହି ମାମଲାରେ ସେମାନଙ୍କୁ କୋର୍ଟ ୭ ବର୍ଷ ଜେଲଦଣ୍ଡ ସହ ୮ଲକ୍ଷ ଟଙ୍କା ଜରିମାନା କରିଥିଲେ। ଛେଳି ଚୋରି ମାମଲା: ଏପରି ଏକ ମାମଲା ଗତ ୨୦୧୯ରେ ଦାୟର୍ ହୋଇଥିଲା। ଆଜମ ଯତିମଖାନା ଅଞ୍ଚଳରେ ରହୁଥିବା ଜନୈକ ବ୍ୟକ୍ତିଙ୍କ ଘର ଭାଙ୍ଗିବା ସହ ତାଙ୍କ ଛେଳି ଓ ଗାଈ ଆଦି ଚୋରି କରିବା ନେଇ ଅଭିଯୋଗ ହୋଇଥିଲା।



# ଫିଲିପାଇନ୍ସରେ 'ରାଗାସା' ତାଣ୍ଡବ

ମାନିଲା,୨୩।୯: ଫିଲିପାଇନ୍ସରେ ତାଣ୍ଡବ ରଚିଛି ଶକ୍ତିଶାଳୀ 'ରାଗାସା'। 'ରାଗାସା'ର ତାଣ୍ଡବ କୌଣସି ମହାବତ୍ୟାଠାରୁ ବି କମ୍ ନଥିଲା। 'ରାଗାସା' ସ୍ଥଳଭାଗ ଛୁଇଁବା ପରେ ଘଣ୍ଟା ପ୍ରତି ୨୭୦ କିମି ପବନ ବହିବା ଆରମ୍ଭ ହୋଇଥିଲା। ଏହି ଭୟାବହ ତୋଫାନକୁ ଦୃଷ୍ଟିରେ ରଖି ୧୦ ହଜାରରୁ ଅଧିକ ଲୋକଙ୍କୁ ସୁରକ୍ଷିତ ସ୍ଥାନକୁ ନିଆଯାଇଥିଲା। 'ରାଗାସା' ପ୍ରଭାବରେ ଫିଲିପାଇନ୍ସରେ ଅନେକ ଘରଦ୍ୱାର ଭାଙ୍ଗିବା ସହ ବିରାଟ ବିରାଟ ଗଛ ଉପୁଡ଼ି ପଡ଼ିଛି। ଏହି କାରଣରୁ ସମଗ୍ର ଦେଶରେ ହାଇ ଆଲର୍ଟ ଜାରି କରାଯାଇଛି। ଫିଲିପାଇନ୍ସ ବ୍ୟତୀତ ଏହାର ପ୍ରଭାବ ପଡ଼ୋଶୀ ହଂକଂ, ତାଇୱାନ୍ ଓ ଚୀନ୍ ସମେତ ୫ଟି ଦେଶ ଉପରେ ପଡ଼ିବା ନେଇ ଚେତାବନୀ ଦିଆଯାଇଛି। ଫଳରେ ତାଇୱାନ ସମସ୍ତ ବିମାନ ଉଡ଼ାଣ ବନ୍ଦ କରିଥିଲା ବେଳେ ହଂକଂ ବିମାନବନ୍ଦର ଆଗାମୀ ୩୬ ଘଣ୍ଟା ପାଇଁ ସମସ୍ତ ଉଡ଼ାଣ ବନ୍ଦ କରିଛି। ସେହିପରି ଏହି ଭୟଙ୍କର ଝଡ଼ ପାଇଁ ସ୍କୁଲ ଏବଂ ସରକାରୀ କାର୍ଯ୍ୟାଳୟଗୁଡ଼ିକୁ ମଧ ବନ୍ଦ କରିଦିଆଯାଇଛି।

ଅନ୍ୟପକ୍ଷରେ ଚୀନର ସନଜେନ ସହରରୁ ୪ ଲକ୍ଷରୁ ଅଧିକ ଲୋକଙ୍କୁ ସ୍ଥାନାନ୍ତର କରାଯାଇଥିଲା। ସେହିପରି ପୂର୍ବ ତାଇୱାନର ହୁଆଲିଏନ୍ କାଉଣ୍ଟିରୁ ପ୍ରାୟ ୩୦୦ ଲୋକଙ୍କୁ ସ୍ଥାନାନ୍ତର କରାଯାଇଥିଲା। ଝୁହାଇ ଏବଂ ଜିଆଙ୍ଗମେନରେ ସ୍କୁଲ ସମେତ କାମ, କାରଖାନା, ବସ୍ ଓ ଦୋକାନ ବନ୍ଦ ରହିଥିବାବେଳେ ତାଇୱାନରେ ମଧ ସମସ୍ତ ସେବା ବନ୍ଦ କରାଯାଇଛି। ସମ୍ଭାବ୍ୟ ବନ୍ୟା ଏବଂ ଝଡ଼ ଆଶଙ୍କା ପରିପ୍ରେକ୍ଷୀରେ ପ୍ରଶାସନ ପକ୍ଷରୁ ଏପରି ନିଷ୍ପତ୍ତି ନିଆଯାଇଛି।

# ଦୁର୍ଗାପୂଜା ପୂର୍ବରୁ ଉବୁଟୁବୁ କୋଲ୍‌କାତା, ୧୦ ମୃତ

## ସାଧାରଣ ଜୀବନଯାତ୍ରା ଠପ୍

## ୩୭ବର୍ଷର ରେକର୍ଡ ଭାଙ୍ଗିଲା

## ପାଣି ଘେରରେ ପୂଜା ପେଣ୍ଡାଲ୍



କୋଲକାତ,୨୩।୯: ସୋମବାର ରାତିରୁ ମଙ୍ଗଳବାର ପୂର୍ବାହ୍ନ ପର୍ଯ୍ୟନ୍ତ କୋଲକାତା ଏବଂ ଏହାର ଆଖପାଖ ଅଞ୍ଚଳରେ ମୂଷଳଧାରାରେ ବର୍ଷା ହୋଇଛି। ଫଳରେ ସାଧାରଣ ଜୀବନଯାତ୍ରା ଏକରକମ ଠପ୍ ହୋଇଯାଇଛି। ପ୍ରବଳ ବର୍ଷା ଯୋଗୁ ସହରର ବିଭିନ୍ନ ସ୍ଥାନରେ ୧୦ ଜଣଙ୍କର ମୃତ୍ୟୁ ହୋଇଛି। ସେହିପରି ପ୍ରବଳ ବର୍ଷା ଯୋଗୁ ରାସ୍ତାରେ ପାଣି ଜମିଯାଇଛି। ରେଳ ଏବଂ ମେଟ୍ରୋ ସେବା ସହ ସାଧାରଣ ଜୀନଯାତ୍ରା ବ୍ୟାହତ ହୋଇଛି। ଅନେକ ଘର ଏବଂ ଆବାସିକ ଅଞ୍ଚଳରେ ପାଣି ପଶିଥିବାରୁ ଲୋକଙ୍କ କଷ୍ଟ ବହୁଗୁଣିତ ହୋଇଛି। ତେବେ ଆଜିର ବର୍ଷା ଦୀର୍ଘ ୩୭ ବର୍ଷର ରେକର୍ଡକୁ ଭାଙ୍ଗିଦେଇଛି। ଗତ ୨୪ ଘଣ୍ଟାରେ ୨୫୧.୪ ମିଲିମିଟର ବର୍ଷା ହୋଇଛି, ଯାହାକି ଗତ ୩୭ ବର୍ଷ ମଧ୍ୟରେ ସର୍ବାଧିକ। ଗତ ୧୯୮୬ରେ କୋଲ୍‌କାତାରେ ୨୪ ଘଣ୍ଟାରେ ସର୍ବାଧିକ ବର୍ଷା ହୋଇଥିବା ବେଳେ ୧୩୭ ବର୍ଷ ମଧ୍ୟରେ ଦିନକ ଭିତରେ ଷଷ୍ଠ ସର୍ବାଧିକ ବର୍ଷା ବୋଲି କୁହାଯାଇଛି। ତେବେ ସହରରେ କେତେକ ସ୍ଥାନରେ ଦୁର୍ଗାପୂଜା ଆରମ୍ଭ ହୋଇସାରିଥିବା ବେଳେ ପେଣ୍ଡାଲ୍‌ଗୁଡ଼ିକୁ ବେଶ୍ ସୁନ୍ଦର ଭାବେ ସଜାଯାଇଛି। କିନ୍ତୁ ଏବେ ଅଧିକାଂଶ ପୂଜା ପେଣ୍ଡାଲ୍ ପାଣି ଘେରରେ ରହିଛି। ମୁଖ୍ୟମନ୍ତ୍ରୀ ମମତା ବାନାର୍ଜୀ ଆଜି କେତେକ ସ୍ଥାନରେ ପୂଜା ପେଣ୍ଡାଲ୍ ଉଦ୍‌ଘାଟନ କାର୍ଯ୍ୟକ୍ରମରେ ଯୋଗଦେବାର ଥିଲେ ହେଁ ଏଥିରୁ ଓହରିଯାଇଥିବା ଜଣାପଡ଼ିଛି। ଅନ୍ୟପକ୍ଷରେ ଭାରତୀୟ ପାଣିପାଗ ବିଭାଗ (ଆଇଏମ୍‌ଡି) ଉତ୍ତର-ପୂର୍ବ ବଙ୍ଗୋପସାଗରରେ ଏକ ନିମ୍ନ ଚାପ କ୍ଷେତ୍ର ସୃଷ୍ଟି ହୋଇଥିବାରୁ ଏହାର ପ୍ରଭାବରେ ଦକ୍ଷିଣ ପଶ୍ଚିମବଙ୍ଗର ଅନେକ ଜିଲ୍ଲାରେ ଆଗାମୀ ୨୪ ଘଣ୍ଟା ମଧ୍ୟରେ ଆହୁରି ବର୍ଷା ହେବା ନେଇ ସତର୍କ କରାଇଦେଇଛି। ସହରରେ ଗରିଆ କାମଦାହାରୀରେ ମାତ୍ର କେଇ ଘଣ୍ଟା ମଧ୍ୟରେ ୩୩୨ ମିମି ବର୍ଷା ରେକର୍ଡ କରାଯାଇଛି। ଏହାଛଡ଼ା ଯୋଧପୁର ପାର୍କରେ ୨୮୫ ମିମି ଓ କାଳିଘାଟରେ ୨୮୦ ମିମି ବର୍ଷା ହୋଇଥିବା ରେକର୍ଡ ହୋଇଛଇ। କୋଲକାତା ମେଟ୍ରୋ ରେଳବାଇର ବ୍ଲୁ ଲାଇନ (ଦକ୍ଷିଣେଶ୍ୱର-ଶହୀଦ ଖୁଦିରାମ)ର କେନ୍ଦ୍ରୀୟ ଅଂଶରେ, ବିଶେଷକରି ମହାନାୟକ ଉତ୍ତମ କୁମାର ଓ ରବୀନ୍ଦ୍ର ସରୋବର ଷ୍ଟେସନ ମଧ୍ୟରେ ଜଳବନ୍ଦୀ ସମସ୍ୟା ଯୋଗୁଁ ରେଳ ସେବା ସ୍ଥଗିତ ରହିଛି। ପୂର୍ବତଟ ରେଳବାଇର ଜଣେ ଅଧିକାରୀ କହିଛନ୍ତି ଯେ ରେଳ ଧାରଣାରେ ପାଣି ଜମି ରହିବା ଫଳରେ ସିଆଲଦା ଦକ୍ଷିଣ ସେକ୍ସନରେ ଟ୍ରେନ ଚଳାଚଳ ସମ୍ପୂର୍ଣ୍ଣ ବନ୍ଦ ରହିଛି। ସିଆଲଦା ଉତ୍ତର ଓ ମୁଖ୍ୟ ସେକ୍ସନରେ କେବଳ ନାମମାତ୍ର ସେବା ଜାରି ରହିଛି। ହାଓଡା ଓ କୋଲକାତା ଟର୍ମିନାଲ ଷ୍ଟେସନରୁ ରେଳ ଚଳାଚଳ ମଧ ପ୍ରଭାବିତ ହୋଇଛି।

### ବୌଦ୍ଧ ବାଣ ବିସ୍ଫୋରଣ ଘଟଣା

## ମୁଖ୍ୟ ଅଭିଯୁକ୍ତ ସମେତ ୫ ଗିରଫ



**ବୌଦ୍ଧ,୨୩।୯(ସଂଚାର ବ୍ୟୁରୋ):** ବୌଦ୍ଧ ଜିଲ୍ଲା ପୁରୁଣାକଟକ ଥାନା ଜିଆଁକଟା ଗ୍ରାମରେ ବିସ୍ଫୋରଣ ଘଟଣାରେ ମୁଖ୍ୟ ଅଭିଯୁକ୍ତ ଆଲୋକ କାନ୍ତିଙ୍କୁ ଗିରଫ କରିଛି ବୌଦ୍ଧ ପୋଲିସ। ଏଥି ସହିତ ଅନ୍ୟ ୪ ଅଭିଯୁକ୍ତଙ୍କୁ ମଧ୍ୟ ଗିରଫ କରାଯାଇଛି। ଅନ୍ୟ ୪ ଅଭିଯୁକ୍ତ ହେଲେ ପୁରୁଣାକଟକ ଗ୍ରାମର ମାଗିରାମ ବେହେରା, କାହ୍ନୁ ପରିଡ଼ା, ଲକ୍ଷ୍ମୀଧର ପରିଡ଼ା ଓ ପ୍ରଶାନ୍ତ ସାହୁ। ମୁଖ୍ୟ ଅଭିଯୁକ୍ତ ଆଲୋକ କାନ୍ତି ଦୀର୍ଘ ବର୍ଷ ହେବ ଏହି ଅଞ୍ଚଳରେ ବେଆଇନ ଭାବେ ବାଣ ବ୍ୟବସାୟ କରୁଥିବା ବେଳେ ପୁରୁଣା କଟକରେ ନିଜ ବାସଭବନରେ, କଲେଜ ଛକଠାରେ, ରୁଗୁଡିପାଲି ସ୍ଥିତ ସମ୍ପର୍କୀୟ ଘରେ ଓ ଏସବିଆଇ କଲୋନୀ ସ୍ଥିତ ଏବଂ ଭଡ଼ା ଦୋକାନରେ ବିପୁଳ ପରିମାଣର ବାଣ ଗଚ୍ଛିତ ରଖିଥିବା ବେଳେ ଆଲୋକ କାନ୍ତିଙ୍କ ଏହି ୪ଟି ଠିକଣାରେ ପୋଲିସ ଚଢ଼ାଉ କରି ବିପୁଳ ପରିମାଣର ବାଣ ଜବତ କରିଛି। ଘର ମାଲିକଙ୍କ ସମେତ ଅନ୍ୟ ସଂପୃକ୍ତ ଅଭିଯୁକ୍ତଙ୍କୁ ମଧ୍ୟ ଗିରଫ କରିଛି ପୋଲିସ। ଏନେଇ ଏକ ସାମ୍ବାଦିକ ସମ୍ମିଳନୀରେ ସୂଚନା ଦେଇଛନ୍ତି ଦକ୍ଷିଣାଞ୍ଚଳ ଆଇଜି ନୀତି ଶେଖର। ଦକ୍ଷିଣାଞ୍ଚଳ ଆଇଜି ନୀତି ଶେଖର ବୌଦ୍ଧ ଜିଲ୍ଲା ଗସ୍ତରେ ଆସି ପ୍ରଥମେ ଘଟଣାସ୍ଥଳ ପରିଦର୍ଶନ କରିବା ସହିତ ଘଟଣାରେ କ୍ଷୟକ୍ଷତି ହୋଇଥିବା ଘର ଗୁଡ଼ିକ ବୁଲି ଦେଖିଥିଲେ। କେଉଁ କାରଣରୁ ବାଣ ବିସ୍ଫୋରଣ ହେଲା ସେ ନେଇ ତଦନ୍ତ ଚାଲିଛି ଏବଂ ଜବତ ହୋଇଥିବ ସାମଗ୍ରୀରେ କିଛି ଅନ୍ୟ ବିସ୍ଫୋରକ ରହିଛି କି ନାହିଁ ସେ ନେଇ ସାଇଣ୍ଟିଫିକ୍ ତଦନ୍ତ କରୁଛି, ତଦନ୍ତ ପରେ ହିଁ ଏସବୁ ତଥ୍ୟ ସାମ୍ନାକୁ ଆସିବ ବୋଲି କହିଛନ୍ତି ଆଇଜି। ତେବେ ଦୀର୍ଘବର୍ଷ ହେଲା ଏହି ଅଞ୍ଚଳରେ ଏତେ ପରିମାଣର ବାଣ ଗଚ୍ଛିତ ରଖାଯିବା ସହିତ ବାଣ ବ୍ୟବସାୟ ମଧ୍ୟ ହେଉଥିଲା, ହେଲେ ପୋଲିସ କିଭଳି ଜାଣି ପାରିଲା ନାହିଁ ସେ ନେଇ ପ୍ରଶ୍ନ କରିବାରୁ ସେ ଦିଗରେ ମଧ୍ୟ ତଦନ୍ତ ଚାଲିଛି, ଯେଉଁ ଅଧିକାରୀ କିମ୍ବା କର୍ମଚାରୀ ମଧ୍ୟ ଏଥିରେ ସଂପୃକ୍ତ ଥିବେ ତଦନ୍ତ କରାଯାଇ ତାଙ୍କ ବିରୁଦ୍ଧରେ ମଧ୍ୟ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି କହିଛନ୍ତି ଆଇଜି ନୀତି ଶେଖର।

## ୮୩ ଗ୍ରାମ ବ୍ରାଉନସୁଗର ଜବତ, ଜଣେ ଗିରଫ

**ଭଦ୍ରକ,୨୩।୯(ସଂଚାର ବ୍ୟୁରୋ):** ଭଦ୍ରକ ଜିଲା ଧାମନଗର ଅବକାରୀ ଥାନା ଅଧିକାରୀ ଅଭିଳାଷ ପାଲ ଓ ଜିଲ୍ଲା ଭ୍ରାମ୍ୟମାଣ ୟୁନିଟ୍ ର ଉପ ନିରୀକ୍ଷକ ରବି ବେହେରା, ଚାନ୍ଦବାଲି ଥାନା ଭାରପ୍ରାପ୍ତ ଅଧିକାରୀ ସନ୍ଦୀପ ପାଢ଼ୀ, ଉପ ନିରୀକ୍ଷକ ସୌରଭ ପଣ୍ଡା ଓ ଭଦ୍ରକ ଅବକାରୀ ଥାନା ଷ୍ଟାଫମାନଙ୍କୁ ନେଇ ଗଠିତ ଏକ ସ୍ୱତନ୍ତ୍ର ଟିମ ଦ୍ୱାରା ଚଢ଼ାଉ କରାଯାଇ ବେଆଇନ ବ୍ରାଉନ ସୁଗାର ଜବତ କରିବା ସହିତ ଏଥିରେ ସମ୍ପୃକ୍ତ ଧୁସୁରି ଥାନା ଅନ୍ତର୍ଗତ ମଙ୍ଗଳପୁର ଅଞ୍ଚଳର ଜଣେ ବ୍ୟକ୍ତିଙ୍କୁ ଗିରଫ କରାଯାଇଛି। ଜବତ ବ୍ରାଉନ ସୁଗାର ଆନୁମାନିକ ମୂଲ୍ୟ ୮ ଲକ୍ଷ ଟଙ୍କାରୁ ଉର୍ଦ୍ଧ୍ୱ ହେବ ବୋଲି ଅବକାରୀ ବିଭାଗ ସୂଚନା ଦେଇଛି। ଉକ୍ତ ଚଢ଼ାଉରେ ଏ.ଏସ୍.ଆଇ ଦେବେନ୍ଦ୍ର କୁମାର ପାତ୍ର କନେଷ୍ଟବଳ ଶିବପ୍ରସାଦ ସାହୁ, ସୂର୍ଯ୍ୟକାନ୍ତ କିସ୍କୁ, ପରେଶ୍ ଟୁଡୁ, ସୁଦର୍ଶନ, ସନ୍ଧ୍ୟାରଣି ସେନାପତି, ଜେନାମଣି ଜାମୁଦା, ଅନବଦିତ୍ୟ ବାରିକ୍ ପ୍ରଭୃତି ସାମିଲ ଥିଲେ। ଏନେଇ ଧାମନଗର ଅବକାରୀ ଥାନା ପକ୍ଷରୁ କେସ ନଂ: ୧୨୯/୨୫-୨୬ ମୂଳେ ମାମଲା ରୁଜୁ କରାଯାଇ ଅଭିଯୁକ୍ତକୁ କୋର୍ଟ ଚାଲାଣ କରାଯାଇଛି।

## ଡିସଚାର୍ଜ ହେଲେ ବୁଦ୍ଧାଦିତ୍ୟ

**ଭୁବନେଶ୍ୱର,୨୩।୯(ସଂଚାର ବ୍ୟୁରୋ):** କଟକର ଘରୋଇ ହସ୍ପିଟାଲରୁ ଡିସଚାର୍ଜ ହେଲେ ଓଲିଉଡ ଅଭିନେତା ବୁଦ୍ଧାଦିତ୍ୟ ମହାନ୍ତି। ୮ ଦିନ ପରେ ସୁସ୍ଥ ହୋଇ ଘରକୁ ଫେରିଛନ୍ତି ଏହି ଅଭିନେତା। ତେବେ ତାଙ୍କୁ ଡାକ୍ତର କେତେକ ସତର୍କତା ଅବଲମ୍ବନ କରିବାକୁ ପରାମର୍ଶ ଦେଇଛନ୍ତି। ବିଶେଷକରି ଯଥେଷ୍ଟ କମ କଥାବାର୍ତ୍ତା କରିବାକୁ ପରାମର୍ଶ ଦିଆଯାଇଛି। ହସ୍ପିଟାଲ୍‌ରେ ବୁଦ୍ଧାଦିତ୍ୟ ଭର୍ତ୍ତି ହେବା ପରେ ଡାକ୍ତର ବିଭିନ୍ନ ଟେଷ୍ଟ୍ କରି ଫୁସଫୁସ ଓ ଛାତିରେ ସାମାନ୍ୟ ସଂକ୍ରମଣ ହୋଇଥିବା ଜାଣିବାକୁ ପାଇଥିଲେ। ପାଖାପାଖି ଆଠ ଦିନ ତଳେ ଘରେ ଥିବା ସମୟରେ ବୁଦ୍ଧାଦିତ୍ୟ ଯନ୍ତ୍ରଣା ଅନୁଭବ କରିଥିଲେ। ତୁରନ୍ତ ପରିବାର ଲୋକେ ତାଙ୍କୁ ନିକଟସ୍ଥ ଏକ ଘରୋଇ ହସ୍ପିଟାଲରେ ଭର୍ତ୍ତି କରିଥିଲେ। ତାଙ୍କର ଚିକିତ୍ସା ଦାୟିତ୍ୱ ଉକ୍ତ ହସ୍ପିଟାଲ୍‌ର ପୁଲ୍‌ମୋନାରୀ ମେଡିସିନ୍ ବିଭାଗ ଡାକ୍ତର ନେଇଥିଲେ।

## ଲଘୁଚାପ ଜନିତ ବର୍ଷା ପ୍ରଭାବରେ ସମଗ୍ର ଅଞ୍ଚଳ ବେହାଲ

**ବୈଶିଙ୍ଗା,୨୩।୯(ସଂଚାର ବ୍ୟୁରୋ):** ଦୁଇ ଦିନ ଧରି ଲଘୁଚାପ ଜନିତ ବର୍ଷା ସମଗ୍ର ବୈଶିଙ୍ଗା ଅଞ୍ଚଳବାସୀ ଙ୍କ ଜନ ଜୀବନ ଅସ୍ତବ୍ୟସ୍ତ କରି ପକାଇଛି। ରାସ୍ତା ଘାଟରେ ଲୋକ ଚଳପ୍ରଚଳ ଏକ ରକମ ବନ୍ଦ ହୋଇ ଯାଇଥିବାର ଦେଖିବାକୁ ମିଳି ଥିଲା। ଲଘୁଚାପ ବର୍ଷା ସହିତ ପ୍ରବଳ ଘଡ ଘଡି ଶବ୍ଦ ଲୋକଙ୍କୁ ଭୟଭୀତ କରିଦେଇଛି। ପାଣିପାଗ ସୂଚନା ଅନୁଯାଇ ଆଗକୁ ଆଉ ଏକ ମହାବାତ୍ୟା ଆସୁଥିବା ଖବର ଶୁଣି ଲୋକଙ୍କ ମନରେ ଭୟର ବାତାବରଣ ସୃଷ୍ଟି ହୋଇଛି। ଆଜି ଦିନ ତମାମ ଝିପି ଝିପି ବର୍ଷା ଲାଗି ରହିବା ଯୋଗୁଁ ବହୁ ବ୍ୟବସାୟ ଅନୁଷ୍ଠାନ ମଧ୍ୟ ବନ୍ଦ ରହିଥିବାର ଦେଖିବାକୁ ମିଳିଥିଲା। ଦିନ ମଜୁରୀଆ ମାନେ କୌଣସି କାମ ନ ପାଇ ନିଜ ଗୁଜୁରାଣ ମେଣ୍ଟାଇବା କଷ୍ଟକର ହୋଇ ପଡ଼ିଛି। ଆଗକୁ ଏମିତି ବର୍ଷା ଲାଗି ରହିଲେ ଜନଜୀବନ ପ୍ରଭାବିତ ହେବାର ଆଶଙ୍କା ରହିଛି। ପ୍ରଶାସନ ତରଫରୁ ଜନଜୀବନ ପ୍ରଭାବିତ ନ ହେବା ପାଇଁ ବିଡିଓ, ତହସିଲଦାର ତଥା ଜିଲ୍ଲା ଜରୁରୀକାଳୀନ ଅଧିକାରୀ ପ୍ରସ୍ତୁତ ଥିବା ବିଷୟ ଅତିରିକ୍ତ ତହସିଲଦାର ଈଶ୍ୱର ଚନ୍ଦ୍ର ରଣା ପ୍ରକାଶ କରିଛନ୍ତି।

## ୧୬୦ ବସ୍ତା ଚାଉଳ ଚୋରି ଘଟଣା: ଚିନ୍ତାରେ ହିତାଧିକାରୀ

**ଭଦ୍ରକ,୨୩।୯(ସଂଚାର ବ୍ୟୁରୋ):** ଭଦ୍ରକ ଜିଲ୍ଲା ତିହିଡି ବ୍ଲକ ପୀରହାଟ ଥାନା ବାରସର ପଞ୍ଚାୟତ ଅଧୀନ ତିଆଡ଼ିସାହି ଗ୍ରାମସ୍ଥିତ ଯୋଗାଣ ସାମଗ୍ରୀ ବଣ୍ଟନ କେନ୍ଦ୍ରରୁ ଶନିବାର ରାତିରେ ୧୬୦ ବସ୍ତା ଚାଉଳ ଚୋରି ହୋଇଥିଲା। ଏ ସମ୍ପର୍କରେ ନୂଆବନ୍ଧ ଗ୍ରାମର ରିଟେଲର ଭାଗିରଥି ବେହେରା ରବିବାର ଥାନାରେ ଅଭିଯୋଗ କରିଥିଲେ। ପୋଲିସ ଘଟଣାସ୍ଥଳରେ ପହଞ୍ଚି ସନ୍ଧାନୀ କୁକୁର ସହାୟତାରେ ସୋମବାର ତଦନ୍ତ କରିଥିଲେ। ମାତ୍ର ଏପର୍ଯ୍ୟନ୍ତ ଚୋରି ହୋଇଥିବା ଚାଉଳର କୌଣସି ସନ୍ଧାନ ମିଳିପାରି ନଥିବାବେଳେ ଚୋରକୁ ଧରିବାରେ ପୋଲିସ୍ ଅସମର୍ଥ ହୋଇଛି। ଯୋଗାଣ ସାମଗ୍ରୀ ବଣ୍ଟନ କେନ୍ଦ୍ରରୁ ଚୋରି ହୋଇଥିବା ଚାଉଳ ସେମାନେ କିପରି ପାଇବେ, ସେ ନେଇ ହିତାଧିକାରୀମାନେ ଚିନ୍ତାରେ ପଡ଼ିଛନ୍ତି। ଚୋରି ହୋଇଥିବା ୧୬୦ବସ୍ତା ଚାଉଳକୁ ରିଟେଲର ହିଁ ଭରଣା କରିବେ ବୋଲି ଯୋଗାଣ ବିଭାଗ ପକ୍ଷରୁ କୁହାଯାଇଛି। ଯେଉଁଥିପାଇଁ ରିଟେଲର ଶ୍ରୀ ବେହେରା ବଡ଼ ଦୁଶ୍ଚିନ୍ତାରେ ପଡ଼ିଛନ୍ତି। ପ୍ରକାଶଯୋଗ୍ୟ ଯେ ରିଟେଲର ଶ୍ରୀ ବେହେରା ବାରସର ପଞ୍ଚାୟତର ୨୨ଟି ୱାର୍ଡ଼ର ହିତାଧିକାରୀମାନଙ୍କୁ ରେସନ ଚାଉଳ ବଣ୍ଟନ ଦାୟିତ୍ୱରେ ରହିଛନ୍ତି। ସେ ତିଆଡ଼ିସାହିସ୍ଥିତ ମାର୍କେଟ କମ୍ପ୍ଲେକ୍ସରେ ଭଡ଼ାସୂତ୍ରରେ ଏକ ଘର ନେଇ ସେଠାରେ ଚାଉଳ ମହଜୁଦ କରି ହିତାଧିକାରୀମାନଙ୍କୁ ବଣ୍ଟନ କରୁଥିଲେ। ତେବେ ରିଟେଲର ଶ୍ରୀ ବେହେରା ଶନିବାର କେତେକ ହିତାଧିକାରୀଙ୍କୁ ଚାଉଳ ବଣ୍ଟନ କରି ବଣ୍ଟନ କେନ୍ଦ୍ରରେ ତାଲା ପକାଇ ଘରକୁ ଯାଇଥିଲେ। ପରଦିନ ସକାଳେ ସେ ଚାଉଳ ବଣ୍ଟନ କରିବାକୁ ଯାଇ ଚାଉଳ ଚୋରି ହୋଇଥିବା ସମ୍ପର୍କରେ ଜାଣିବାକୁ ପାଇଥିଲେ। ପରେ ୧୬୦ବସ୍ତାରୁ ଉର୍ଦ୍ଧ୍ୱ ଚାଉଳ ଚୋରି ହୋଇଯାଇଥିବା ସେ ଥାନାରେ ଅଭିଯୋଗ କରିଥିଲେ। ତେବେ ଏହି ଚାଉଳ ଚୋରି ହେବା ପରେ ଶତାଧିକ ହିତାଧିକାରୀ ଚାଉଳ ପାଇବା ନେଇ ଆଶଙ୍କାରେ ରହିଛନ୍ତି। ତେବେ ହିତାଧିକାରୀମାନେ କିପରି ଚାଉଳ ପାଇପାରିବେ ସେ ଦିଗରେ ଯୋଗାଣ ବିଭାଗ ପଦକ୍ଷେପ ନେବାକୁ ଦାବି ହୋଇଛି।

## ଓଡ଼ିଶା ଲୋକସେବା ଅଧିକାର ଅଧିନିୟମ ସମ୍ପର୍କିତ ପ୍ରଶିକ୍ଷଣ ଶିବିର



**ଭୁବନେଶ୍ୱର,୨୩।୯(ସଂଚାର ବ୍ୟୁରୋ):** ଉତ୍କଳ ସଂସ୍କୃତି ବିଶ୍ୱବିଦ୍ୟାଳୟର ଜାତୀୟ ସେବା ଯୋଜନା ଆନୁକୂଲ୍ୟରେ ଓଡ଼ିଶା ଲୋକସେବା ଅଧିକାର ଅଧିନିୟମ ସଂପର୍କରେ ଏକ ପ୍ରଶିକ୍ଷଣ ଶିବିର ଅନୁଷ୍ଠିତ ହୋଇଯାଇଛି। ଜାତୀୟ ସେବା ଯୋଜନାର କାର୍ଯ୍ୟକ୍ରମ ଅଧିକାରୀ ଓ ସ୍ୱେଚ୍ଛାସେବୀମାନଙ୍କୁ ଓଡ଼ିଶା ଲୋକସେବା ଅଧିକାର ନିୟମାବଳୀ ସଂପର୍କରେ ସଚେତନ କରିବା ନିମନ୍ତେ ଏହି ଶିବିରର ଆୟୋଜନ କରାଯାଇଥିଲା। ରାଜ୍ୟ ଆଧୁନିକୀକରଣ ପ୍ରଶିକ୍ଷଣ କେନ୍ଦ୍ରର ଜିଲ୍ଲା କାର୍ଯ୍ୟକ୍ରମ ସଂଯୋଜିକା ସରିତା କାନୁନଗୋ ଏହି ଶିବିରରେ ଓଡ଼ିଶା ଲୋକସେବା ଅଧିକାରର ଅଧିନିୟମର ଉପଯୋଗିତା ସଂପର୍କରେ ପ୍ରଶିକ୍ଷଣ ଦେଇଥିଲେ। ନିର୍ଦ୍ଧାରିତ ସମୟସୀମା ମଧ୍ୟରେ ନାଗରିକମାନଙ୍କୁ ଲୋକସେବା ତଥା ଏଥି ସଂପର୍କିତ ସେବା ଯୋଗାଇଦେବା ଓ ନିର୍ଦ୍ଧାରିତ ସମୟ ମଧ୍ୟରେ ବିଭିନ୍ନ ଜନସେବା ହାସଲର ଅଧିକାର ବିଷୟରେ ନାଗରିକମାନେ ସଚେତନ ହେବା ଏହି ଅଧିନିୟମର ମୁଖ୍ୟ ଉଦ୍ଦେଶ୍ୟ ବୋଲି ସେ କହିଥିଲେ। ରାଜ୍ୟ ସରକାରଙ୍କ ୩୨ଟି ବିଭାଗରେ ୪୩୩ ପ୍ରକାର ଲୋକସେବା ସଂପର୍କରେ ସେ ସୁବିସ୍ତୃତ ଆଲୋଚନା କରିଥିଲେ। ଅନ୍ୟତମ ବରିଷ୍ଠ ପ୍ରଶିକ୍ଷକ ଶାନ୍ତନୁ କୁମାର ମହାନ୍ତି ଏହି ପ୍ରଶିକ୍ଷଣ ଶିବିରରେ ବିଭିନ୍ନ ସମୟରେ ରାଜ୍ୟ ସରକାର ଯେଉଁସବୁ ସେବା ନିମନ୍ତେ ଏହି ଅଧିନିୟମ ଅଭିପ୍ରେତ ତଥା ନିଯୁକ୍ତିପ୍ରାପ୍ତ ଅଧିକାରୀମାନେ ନିର୍ଦ୍ଦିଷ୍ଟ ସମୟସୀମା ମଧ୍ୟରେ କେଉଁ ପଦ୍ଧତିରେ ଲୋକସେବା ପ୍ରଦାନ କରିବେ ସେ ସଂପର୍କରେ ଆଲୋଚନା କରିଥିଲେ। ଏହି ଅବସରରେ ରାଜ୍ୟ ସରକାରଙ୍କ ସାଧାରଣ ପ୍ରଶାସନ ଓ ସାଧାରଣ ଅଭିଯୋଗ ବିଭାଗ ତରଫରୁ ଲୋକସେବା ଅଧିକାର ନିୟମାବଳୀ ସଂପର୍କିତ ଏକ ସୂଚନା ପୁସ୍ତିକା ବିତରଣ କରାଯାଇଥିଲା। ଏହି ଏକଦିବସୀୟ ପ୍ରଶିକ୍ଷଣ ଶିବିରକୁ ଜାତୀୟ ସେବା ଯୋଜନା କାର୍ଯ୍ୟକ୍ରମ ସଂଯୋଜକ ଡ. ସନ୍ଦୀପ କୁମାର ରାଉତ ଓ କାର୍ଯ୍ୟକ୍ରମ ଅଧିକାରୀ ଡ. ଶାରଦା ପ୍ରସନ୍ନ ଦାସ ପରିଚାଳନା କରିଥିଲେ। ସ୍ନାତକୋତ୍ତର ବିଭାଗ ମୁଖ୍ୟ ଡ. ଚକ୍ରଧର ବେହେରା କାର୍ଯ୍ୟକ୍ରମ ଅଧିକାରୀମାନଙ୍କୁ ସମ୍ବର୍ଦ୍ଧିତ କରିଥିଲେ। ଏହି ଅବସରରେ ସ୍ୱେଚ୍ଛାସେବୀମାନେ ବିଭିନ୍ନ ଦଳଗତ କାର୍ଯ୍ୟକ୍ରମରେ ଅଂଶଗ୍ରହଣ କରିଥିଲେ।

## ଦ୍ୱିତୀୟ ଦିନରେ ମିଶନ ଶକ୍ତି ମହିଳାଙ୍କ ଧାରଣା



**କଣାସ,୨୩।୯(ସଂଚାର ବ୍ୟୁରୋ):** ରାଜ୍ୟ ମିଶନ ଶକ୍ତି କର୍ମୀ ସଂଘ ଆହ୍ୱାନ କ୍ରମେ କଣାସ ବ୍ଲକ ଜି.ପି.ଏଲ୍.ଏଫ ମିଶନ ଶକ୍ତି କର୍ମୀ ସଂଘ ପକ୍ଷରୁ ସୋମବାର ଠାରୁ ବ୍ଲକ କାର୍ଯ୍ୟାଳୟ ପରିସରରେ ଧାରଣାରେ ବସିଥିବାରୁ ବ୍ଲକର ସମସ୍ତ କାର୍ଯ୍ୟ ବାଧାପ୍ରାପ୍ତ ହୋଇଥିବା ବିଡିଓ ସୌମ୍ୟରଞ୍ଜନ ସ୍ୱାଇଁଙ୍କ ଠାରୁ ପ୍ରକାଶ। କଣାସର ୨୮ଟି ଗ୍ରାମପଞ୍ଚାୟତର କର୍ମୀମାନେ ଧାରଣା ଦେଇ ବସି ରହିବା ସହିତ ସେମାନଙ୍କର ଦାବି ସମ୍ପର୍କରେ ସ୍ଲୋଗାନ୍ ଦେଇଛନ୍ତି। ପୂର୍ବରୁ ସେମାନଙ୍କୁ ସରକାର ନିର୍ଦ୍ଧାରିତ କରିଥିବା ଦରମା ନିୟମିତ ଦିଆ ଯାଇନଥିବା ବେଳେ ୬ମାସ ହେଲାଣି ଏଥିରେ ବେତିକ୍ରମ ଦେଖାଦେଇଛି। କର୍ମୀମାନେ ବ୍ଲକ, ଜିଲ୍ଲା, ରାଜ୍ୟ ସ୍ତରୀୟ ଅଧିକାରୀ ଓ ବିଭାଗୀ ମନ୍ତ୍ରୀଙ୍କୁ ବାରମ୍ବାର ଜଣାଇବା ପରେ କୌଣସି ସୁଫଳ ମିଳିନଥିବାରୁ ଆନ୍ଦୋଳନକୁ ଓହ୍ଲାଇ ଛନ୍ତି। ବ୍ଲକକୁ ବିଭିନ୍ନ କାର୍ଯ୍ୟରେ ଆସୁଥିବା ଲୋକମାନେ ଦୁଇଦିନ ହେଲା କୌଣସି କାର୍ଯ୍ୟ କରି ନ ପାରି ନିରାଶ ହୋଇ ଫେରିଯାଉଛନ୍ତି।

## ସୌର ପ୍ରକଳ୍ପ - ଟାଟା ପାୱାର ଯୋଗୁଁ ମନ୍ଥର

ଭୁବନେଶ୍ୱର, ୨୩ । ୯: ଲୋକଙ୍କ ଘରେ ସୌରଶକ୍ତି ପ୍ରକଳ୍ପ ସ୍ଥାପନ ପାଇଁ ଟାଟା ପାୱାର ଯେଉଁ ସର୍ତ୍ତ ରଖୁଛି ସେଥିରେ ଭେଣ୍ଡରମାନେ ରାଜି ନୁହନ୍ତି। ଏଥିଯୋଗୁଁ ସରକାରଙ୍କ ମାଗଣା ବିଜୁଳି ଯୋଜନା ମନ୍ଥର ହେବା ଆଶଙ୍କା ସୃଷ୍ଟି ହେଲାଣି।

ନିକଟରେ ହର ଘର ବିଜୁଳି ଯୋଜନାକୁ ତ୍ୱରାନିତ ଲାଗି ଟାଟା ପାୱାର ପକ୍ଷରୁ ଭେଣ୍ଡାମାନଙ୍କର ଏକ ବୈଠକ ଡକାଯାଇଥିଲା। ଏଥିରେ ସେମାନଙ୍କୁ ୧ କିଲୋୱାଟ ପ୍ରକଳ୍ପ ସ୍ଥାପନ ପାଇଁ କୁହାଯାଇଥିଲା। ହେଲେ ଏଥିରେ ଯେଉଁ ସର୍ତ୍ତ ରଖାଯାଇଛି ତାହା ପାଳନ କରିବା କଷ୍ଟକର ବୋଲି ଭେଣ୍ଡରମାନେ ଜଣାଇଛନ୍ତି। ଟାଟା ପାୱାର ସର୍ତ୍ତ ରଖିଛି ଯେ, ଏହି ପ୍ରକଳ୍ପ ପାଇଁ ହିତାଧିକାରୀଙ୍କ ଘର ଗୋଟିଏ ମହଲା ହୋଇଥିବା। କାରଣ ଏଥିପାଇଁ କମ୍ ତାର ଖର୍ଚ୍ଚ ହେବା ସହିତ ଓଜନିଆ ସିମେଣ୍ଟ ବ୍ଲକ ସହଜରେ ଛାତ ଉପରକୁ ଯାଇପାରିବ। ଏଥି ସହିତ ଭେଣ୍ଡରମାନଙ୍କୁ କମ୍ପାନୀର କଟକ ନିକଟରେ ଥିବା ଗୋଦାମରୁ ସୋଲାର ପ୍ୟାନେଲ ନିଜ ଖର୍ଚ୍ଚରେ ନେବାକୁ କୁହାଯାଇଛି।

ନାମ ଗୋପନ ସର୍ତ୍ତରେ ଜଣେ ଭେଣ୍ଡର ମତ ଦେଇଛନ୍ତି ଯେ ଆମକୁ ଯେତିକି ପାରିଶ୍ରମିକ ମିଳିବ ତାହା ଗାଡି ଭଡାରେ ଉଡିଯିବ। ଏହା ସହିତ ଟାଟା ପାୱାରର ଓଜନିଆ ସିମେଣ୍ଟ ବ୍ଲକକୁ ଛାତ ଉପରକୁ ଉଠାଇବା ଅତ୍ୟନ୍ତ କଷ୍ଟକର। ଯେଉଁମାନଙ୍କ ଦୁଇ ମହଲା ଘର ରହିଛି ସେମାନଙ୍କୁ ଆମେ କ'ଣ କହିବୁ ଜାଣିପାରୁ ନାହୁଁ। ଶସ୍ତାରେ ସୌରଶକ୍ତି ପ୍ରକଳ୍ପ ବସାଇବାପାଇଁ ଘୋଷଣା କରି ଏବେ ଭେଣ୍ଡରଙ୍କ ଉପରେ ଚାପ ଲଦିବାରେ ଲାଗିଛନ୍ତି।

ସେହିଭଳି ଟାଟା ପକ୍ଷରୁ ଗୋଟିଏ କିଲୋୱାଟ ପ୍ରକଳ୍ପ ୫୦୦୦ ଟଙ୍କାରେ ବସାଯିବ ବୋଲି ଜୋରଦାର ଭାବେ ପ୍ରଚାର କରାଯାଉଛି। ହେଲେ ଏଥି ସହିତ ହିତାଧିକାରୀଙ୍କୁ ଆଉ ୩୫୦୦ ଟଙ୍କା ମିଟର ବାବଦକୁ ଦେବାକଥା ସିଧାସଳଖ କୁହାଯାଉ ନାହିଁ। ଭେଣ୍ଡରମାନେ ହିତାଧିକାରୀଙ୍କ ନିକଟକୁ ଗଲା ବେଳକୁ ସେମାନେ ଟାଟାପାୱାର ବିଜ୍ଞାପନ କଥା କହି ଯୁକ୍ତିତର୍କ କରୁଛନ୍ତି। ସେହିଭଳି ୨ ଓ ୩ କିଲୋୱାଟ କ୍ଷମତାର ସୌରପ୍ରକଳ୍ପ ବସାଇଲେ କେତେ ଖର୍ଚ୍ଚହେବ ତାହା କମ୍ପାନୀ ପକ୍ଷରୁ ସ୍ପଷ୍ଟଭାବେ କୁହାଯାଉନାହିଁ। ଫଳରେ ଲୋକେ ଗୋଟିଏ କିଲୋୱାଟକୁ ୫ହଜାର ଟଙ୍କା ହୋଇଥିବାରୁ ୧୫ହଜାର ଟଙ୍କାରେ ୩ କିଲୋୱାଟ ବସାଇବାକୁ ଭେଣ୍ଡରଙ୍କୁ ବାଧ୍ୟ କରୁଛନ୍ତି। ଏହାକୁ ନେଇ ଅନେକ ଭେଣ୍ଡର ଏବେ ଅକଳରେ ପଡୁଛନ୍ତି।

ଅନ୍ୟ ପକ୍ଷରେ ଯେଉଁସବୁ ସ୍ଥାନରେ ଭେଣ୍ଡରମାନେ ସୌରପ୍ୟାନେଲ ବସାଇ ସାରିଛନ୍ତି ସେଠାରେ ଟାଟା ପାୱାର କର୍ତ୍ତୃପକ୍ଷ ମିଟର ବସାଇବା କଥା। ମିଟର ବସିଲା ପରେ ହିତାଧିକାରୀମାନେ ୟୁନିଟ୍ ପିଛା ଅର୍ଥ ପାଇବା ସହିତ ସବସିଡ୍ ଅର୍ଥ ବି ପାଇବେ। ହେଲେ ଟାଟାପାୱାର କର୍ତ୍ତୃପକ୍ଷ ବହୁ ସ୍ଥାନରେ ମିଟର ଲଗାଇବାକୁ ଅହେତୁକ ବିଳମ୍ବ କରୁଥିବା ନେଇ ବୈଠକରେ ଭେଣ୍ଡରମାନେ ଦୃଷ୍ଟି ଆକର୍ଷଣ କରିଥିଲେ। ସେହିଭଳି ବିଦ୍ୟୁତ୍ ବିଲ୍‌ରେ ହିତାଧିକାରୀଙ୍କ ନାଁ ଓ ସେମାନଙ୍କ ବ୍ୟାଙ୍କ୍ ଆକାଉଣ୍ଟରେ ଥିବା ନାଁ ମେଳ ଖାଉନଥିବାରୁ ସୌର ପ୍ରକଳ୍ପ ବାବଦ ସବସିଡ୍ ପାଇବା କଷ୍ଟକର ହେଉଛି । ପ୍ରାୟତଃ ଅଧିକାଂଶ ବିଦ୍ୟୁତ୍ ବିଲ୍‌ରେ ହିତାଧିକାରୀଙ୍କ ନାଁକୁ ଅତି ସଂକ୍ଷେପରେ ଲେଖାଯାଇଛି। ଏହାକୁ ବ୍ୟାଙ୍କ୍ କର୍ତ୍ତୃପକ୍ଷ ଗ୍ରହଣ କରୁନଥିବାରୁ ଭେଣ୍ଡରମାନେ ହିଁ ଅକଳରେ ପଡୁଛନ୍ତି। କାରଣ ହିତାଧିକାରୀମାନେ ସବସିଡ୍ ପାଇବାରେ ବିଳମ୍ବ ପାଇଁ ସେମାନଙ୍କୁ ଦାୟୀ କରୁଛନ୍ତି। ତେଣୁ ଟାଟା ପାୱାର କର୍ତ୍ତୃପକ୍ଷ ତୁରନ୍ତ ଏହିସବୁ ସମସ୍ୟାର ସମାଧାନ ସହିତ ସୌର ପ୍ରକଳ୍ପ ବସାଇବା ନେଇ ଲୋକଙ୍କୁ ସଠିକ୍ ସୂଚନା ଦେବାକୁ ମତପ୍ରକାଶ ପାଉଛି। (ତଥ୍ୟ)

## ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ

### ରାଇରଙ୍ଗପୁରରେ...

ଆଭିମୁଖ୍ୟ ବିଷୟରେ କହିବାକୁ ଯାଇ ମୁଖ୍ୟମନ୍ତ୍ରୀ କହିଥିଲେ ଯେ, ଓଡିଶାରେ ୩ ଟି ସରକାରୀ ଆୟୁର୍ବେଦିକ କଲେଜ, ୪ ଟି ସରକାରୀ ହୋମିଓପାଥିକ କଲେଜ, ୫ଟି ସରକାରୀ ଆୟୁର୍ବେଦିକ ଓ ୪ଟି ସରକାରୀ ହୋମିଓପାଥିକ ହସ୍ପିଟାଲ ଅଛି, ଯେଉଁଠି ନୂତନ ପିଢିର ଡାକ୍ତରମାନେ ତିଆରି ହେବା ସହିତ ରାଜ୍ୟ ଓ ରାଜ୍ୟ ବାହାରର ଅନେକ ରୋଗୀ ପ୍ରାକୃତିକ ଭାବରେ ଚିକିତ୍ସିତ ହେଉଛନ୍ତି। ଏହା ବ୍ୟତିତ ବର୍ତ୍ତମାନ ୧ ହଜାର ୧୯୧ ଟି ଆୟୁଷ ଡିସ୍‌ପେନସାରୀ ଚାଲିଛି ଯାହା ମଧ୍ୟରୁ ୬୨୦ ଟି ଆୟୁର୍ବେଦିକ, ୫୬୨ ଟି ହୋମିଓପାଥିକ ଓ ୯ ଟି ୟୁନାନି ଡିସ୍ପେନସାରୀ ଅଛି। ଏହି ସମସ୍ତ ଚିକିତ୍ସାକେନ୍ଦ୍ର ଗ୍ରାମ ଓ ଅନ୍ୟ ଅବହେଳିତ ଅଞ୍ଚଳରେ ଲୋକଙ୍କୁ ସହଜରେ ସ୍ୱାସ୍ଥ୍ୟ ସେବା ପ୍ରଦାନ କରୁଛି।

ନ୍ୟାସନାଲ ଆୟୁଷ ମିଶନ ଅଧୀନରେ ଢେଙ୍କାନାଳ, ବ୍ରହ୍ମପୁର ଓ ବାଲେଶ୍ୱରରେ ୩ଟି ଇଣ୍ଟିଗ୍ରେଟେଡ୍ ଆୟୁଷ ହସ୍ପିଟାଲ ନିର୍ମାଣ କରାଯାଉଛି। ଆଗାମୀ ଦିନରେ ଏହା ଜରିଆରେ ଅଧିକ ଲୋକଙ୍କୁ ଉଚ୍ଚମାନର ସେବା ଯୋଗାଇ ଦିଆଯିବ। ଏଥି ସହିତ ଚଳିତ ବର୍ଷ ଉଭୟ ରାଜ୍ୟ ସରକାର ଓ ଭାରତ ସରକାରଙ୍କ ମିଳିତ ପ୍ରଚେଷ୍ଟାରେ ମୟୂରଭଞ୍ଜ ଜିଲ୍ଲାର ରାଇରଙ୍ଗପୁର ଠାରେ ଏକ ନୂତନ ଆୟୁର୍ବେଦିକ କଲେଜ ପ୍ରତିଷ୍ଠା କରିବାକୁ ନିଷ୍ପତ୍ତି ନିଆ ଯାଇଛି। ଏଥିପାଇଁ ୮୫ କୋଟି ଟଙ୍କା ଖର୍ଚ୍ଚ କରାଯିବ। ବର୍ତ୍ତମାନ କେନ୍ଦ୍ରାପଡା ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରେ ଆୟୁଷ ଅଧୀନରେ ଏକ ପଞ୍ଚକର୍ମ ୟୁନିଟ୍ କାର୍ଯ୍ୟରତ ଅଛି। ବରଗଡ଼ ଓ କେନ୍ଦୁଝର ମୁଖ୍ୟ ଚିକିତ୍ସାଳୟ ଠାରେ ଦୁଇଟି ୟୁନିଟ୍ ନିର୍ମାଣ କରାଯାଉଛି। ଅଧିକ ସ୍ୱାସ୍ଥ୍ୟ ସୁବିଧା ପ୍ରଦାନ ପାଇଁ ଚଳିତବର୍ଷ ଆଉ ୮ଟି ନୂତନ ପଞ୍ଚକର୍ମ କେନ୍ଦ୍ର, ବିଭିନ୍ନ ଜିଲ୍ଲା ଆୟୁର୍ବେଦିକ ମୁଖ୍ୟ କାର୍ଯ୍ୟାଳୟରେ ନିର୍ମାଣ କରାଯିବ ବୋଲି ସେ କହିଥିଲେ।

ସେ ପୁଣି କହିଥିଲେ ଯେ, ଯୋଗ, ଆୟୁର୍ବେଦ ଆଦି ସବୁ ହଜାର ହଜାର ବର୍ଷର ଜ୍ଞାନ। ଆଜି ଏହି ସବୁ ଚିକିତ୍ସା ପଦ୍ଧତିର ଲୋକପ୍ରିୟତା ଦିନକୁ ଦିନ ବଢି ଚାଲିଛି। ଆଜି ବିଶ୍ୱ ଭାରତୀୟ ଚିକିତ୍ସା ବିଜ୍ଞାନକୁ ଚାହିଁ ରହିଛି। ଆମ ଶାସ୍ତ୍ର, ପୋଥି ଓ ପାଣ୍ଡୁଲିପି, ଏପରିକି ଅଥର୍ବ ବେଦରେ ଥିବା ଚିକିତ୍ସା ବିଜ୍ଞାନ ସଂପୂର୍ଣ୍ଣ ଭାବେ ଅନୁସନ୍ଧାନ ଏବଂ ଆବିଷ୍କୃତ ହୋଇନାହିଁ। ଏଥିପାଇଁ ଅଧିକ ଅନୁସନ୍ଧାନର ଆବଶ୍ୟକତା ଅଛି। ଏହି ଦିବସଟି ଆମକୁ ଆମର ପ୍ରାଚୀନ ପାରମ୍ପରିକ ଚିକିତ୍ସା ବିଧିକୁ ସ୍ମରଣ କରାଇଥାଏ। ଆପଣମାନଙ୍କ ସହଯୋଗରେ ଆୟୁର୍ବେଦକୁ ବିଶ୍ୱ ମଞ୍ଚରେ ପ୍ରସାରିତ କରିବା ପାଇଁ ଆମର ଉଦ୍ୟମ ଜାରି ରହିବ।

ଏହି କାର୍ଯ୍ୟକ୍ରମ ଅବସରରେ ସ୍ୱାସ୍ଥ୍ୟ ମନ୍ତ୍ରୀ ଡଃ ମୁକେଶ ମହାଲିଙ୍ଗ କହିଥିଲେ ଯେ, ଆୟୁଷ ବିଭାଗ ମାଧ୍ୟମରେ ଆମେ ଗ୍ରାମ ଓ ସହର, ଉଭୟ ସ୍ତରରେ ଆୟୁର୍ବେଦ ଚିକିତ୍ସାକୁ ପହଞ୍ଚାଇବା ଦିଗରେ ଦୃଢ ପଦକ୍ଷେପ ଗ୍ରହଣ କରି ଆସୁଛୁ। ଆୟୁର୍ବେଦ ଚିକିତ୍ସା ମାଧ୍ୟମରେ ଚଳିତ ବର୍ଷ ଅଦ୍ୟାବଧି ପ୍ରାୟ ୨ କୋଟି ୩୦ ଲକ୍ଷରୁ ଉର୍ଦ୍ଧ୍ୱ ରୋଗୀମାନଙ୍କୁ ସେବା ଯୋଗାଇ ଦିଆଯାଇଛି। ଖୁବ ଶୀଘ୍ର ରାଇରଙ୍ଗପୁର ଠାରେ ଆୟୁର୍ବେଦିକ ମେଡିକାଲ କଲେଜ ଖୋଲିବାକୁ ମଧ ଯାଉଛି। ଉକ୍ତ କାର୍ଯ୍ୟକ୍ରମରେ ରାଜ୍ୟ ଆୟୁଷ ନିର୍ଦ୍ଦେଶାଳୟ ପକ୍ଷରୁ ଏକ ନିଉଜ ଲେଟର, ମୁଖ୍ୟମନ୍ତ୍ରୀ ଦ୍ୱାରା ଉନ୍ମୋଚିତ ହୋଇଥିଲା। କାର୍ଯ୍ୟକ୍ରମରେ ସ୍ୱାସ୍ଥ୍ୟ ବିଭାଗ ସଚିବ ତଥା କମିଶନର ଅଶ୍ୱଥି ଏସ. ସ୍ୱାଗତ ଭାଷଣ ଦେଇଥିବା ବେଳେ ଆୟୁଷ ନିର୍ଦ୍ଦେଶିକା ଅଞ୍ଜନା ପଣ୍ଡା ଧନ୍ୟବାଦ ଦେଇଥିଲେ।

### ଏମ୍‌ଡିଙ୍କ...

କରିଥିଲେ। ଫେବ୍ରୁଆରି ୧୧ ତାରିଖରେ ଯୋଗାଣ ନିଗମ ପରିଚାଳନା ନିର୍ଦ୍ଦେଶକ ଆଇଏଏସ୍ ଶୁଭମ ସାକ୍ସେନା ତୁରନ୍ତ ତଦନ୍ତ ନିର୍ଦ୍ଦେଶ ଦେଇଥିଲେ। ଗଞ୍ଜାମ ଜିଲ୍ଲାପାଳଙ୍କୁ ପତ୍ରସଂଖ୍ୟା ୨୩୮୩ରେ ଚିଠି ଲେଖି ଶ୍ରୀ ସାକ୍ସେନା ତଦନ୍ତ ରିପୋର୍ଟ ଓ ଆକ୍ସନ ଟେକେନ୍ ରିପୋର୍ଟ ଦାଖଲ ଲାଗି ନିର୍ଦ୍ଦେଶ ଦେଇଥିଲେ। ୧୨ ତାରିଖ ଦିନ ଚିଠି ଜିଲ୍ଲାପାଳଙ୍କ କାର୍ଯ୍ୟାଳୟରେ ପହଞ୍ଚିଥିଲେ ବି ଏନେଇ କୌଣସି ତଦନ୍ତ ହୋଇନଥିଲା।

ଲେବୁଲ-୨ କଣ୍ଟ୍ରାକ୍ଟର ଟେଣ୍ଡର ନିୟମକୁ ଉଲ୍ଲଂଘନ ଅଭିଯୋଗରେ ସନତ ପଣ୍ଡାଙ୍କ ଟେଣ୍ଡର ବାତିଲ ହେବା କଥା। ତାଙ୍କୁ କଳାତାଲିକାଭୁକ୍ତ କରି କଷ୍ଟମ ମିଲର୍ସ ଅନୁମତି ବି ରଦ୍ଦ ହେବା କଥା। ହେଲେ ସେମିତି କିଛି ହେଲାନାହିଁ। ଜିଲ୍ଲାପାଳ ଚୁପ୍ ରହିଲେ। ଜିଲ୍ଲା ଯୋଗାଣ ଅଧିକାରୀ ବି ନିରବ ରହିଲେ। ଏପରିକି ଏ ବାବଦରେ ସବୁ ପ୍ରମାଣ ଥିଲେ ବି କେହି କିଛି କାର୍ଯ୍ୟାନୁଷ୍ଠାନ ନେଲେନାହିଁ। ଏମିତିରେ ୬ ମାସ ବିତିଗଲାଣି। ଏହି ୬ ମାସରେ ସୋରଡ଼ା ଓ ପୁରୁଷୋତ୍ତମପୁର ବ୍ଲକରେ ସନତ ପଣ୍ଡା କେତେ କୋଟିର କାରବାର କରିଛନ୍ତି ତାହାର ତଦନ୍ତ ଜରୁରି ହୋଇଛି।

ସୂଚନାଯୋଗ୍ୟ, ପୂର୍ବରୁ ଲାଞ୍ଚ ମାଗି ଭିଜିଲାନ୍ସରେ ଧରା ପଡ଼ିଥିବା ଗଞ୍ଜାମ ଜିଲ୍ଲା ଯୋଗାଣ ଅଧିକାରୀ ପୁଷା ମୁଣ୍ଡାଙ୍କ ବ୍ଲୁ ଆଏଡ୍ ବୟ ସାଜିଥିଲେ ସନତ। ପଣ୍ଡା ବାବୁଙ୍କ ଦ୍ୱାରା ମୁଣ୍ଡା ବାବୁ କୁଆଡ଼େ ସବୁ କୁକର୍ମ କରି ଚାଲିଥିଲେ। ଶ୍ରୀ ମୁଣ୍ଡା ଧରା ପଡ଼ି ଜେଲ୍ ଯିବା ପରେ ସନତ ପଣ୍ଡାଙ୍କୁ ତଦନ୍ତ ପରିସରକୁ ନେବାକୁ ବିଭିନ୍ନ ମହଲରେ ଦାବି ଉଠିଥିଲା। ଯଦିଓ ଏ ଦିଗରେ କେହି ଗୁରୁତ୍ୱ ଦେଲେନାହିଁ, କିନ୍ତୁ ଜଣେ ସବୁ ନିୟମକୁ ଜଳାଞ୍ଜଳି ଦେଇ ଉଭୟ କଷ୍ଟମ ରାଇସ୍ ମିଲର୍ସ ଓ ଲେବୁଲ-୨ କଣ୍ଟ୍ରାକ୍ଟର ସାଜିଥିଲେ ବି କେହି କାହିଁକି ଶୁଣୁନାହାନ୍ତି ବୁଝାପଡୁନି। ଓଡ଼ିଶା ସାଧାରଣ ଖାଉଟି ଯୋଗାଣ ନିଗମରେ ଏ ନେଇ ବାରମ୍ବାର ଅଭିଯୋଗ ହୋଇଛି। ହେଲେ କେହି କିଛି ଶୁଣିନାହାନ୍ତି। ତୁରନ୍ତ ସନତ ପଣ୍ଡାଙ୍କ ବିରୋଧରେ କଡ଼ା କାର୍ଯ୍ୟାନୁଷ୍ଠାନ ନେବାକୁ ଦାବି ହୋଇଛି।

### ବିଧାନସଭାରେ...

ହୋହଲ୍ଲା କରି କକ୍ଷତ୍ୟାଗ କରିଛନ୍ତି ବିଜେଡି ସଦସ୍ୟ। ଗାନ୍ଧୀମୂର୍ତ୍ତି ତଳେ ବସି ପ୍ରତିବାଦ କରିଛନ୍ତି ଦଳର ବିଧାୟକ। ଅନ୍ୟପଟେ ବିଜେପି-ବିଜେଡିକୁ ଭାଇ-ଭାଇ କହି କଟାକ୍ଷ କରିଛି କଂଗ୍ରେସ। ଯାହାର ଜବାବ ରଖିଛି ଶାସକ ବିଜେପି।

ଗୃହର ଅଚଳାବସ୍ଥା ଦୂର କରିବାକୁ ଚଳିତ ଅଧିବେଶନରେ ପ୍ରଥମଥର ପାଇଁ ସର୍ବଦଳୀୟ ବୈଠକ ଡାକିଛନ୍ତି ବାଚସ୍ପତି। ସେପେଟେ ପୁଣିଥରେ ଅନାସ୍ଥାରେ ଅଡି ବସିଛି କଂଗ୍ରେସ। ଯାହାକୁ ଅଗ୍ରାହ୍ୟ କରିଛନ୍ତି ବାଚସ୍ପତି। କହିଛନ୍ତି, ଗୋଟିଏ ଅଧିବେଶନରେ ସମାନ ପ୍ରସଙ୍ଗରେ ୨ ଥର ଆସିପାରିବନି ଅନାସ୍ଥା। ୫ ଦିନରେ ମାତ୍ର ୫ ଘଣ୍ଟାରୁ ଅଧିକ ଚାଲିଛି ଗୃହ। ଦୈନିକ ଅଧିବେଶନ ପାଇଁ ଲକ୍ଷାଧିକ ଟଙ୍କା ଖର୍ଚ୍ଚ ହେଉଛି, କିନ୍ତୁ ଶାସକ-ବିରୋଧୀଙ୍କ କାଦୁଅଫିଙ୍ଗା ରାଜନୀତିରେ ଧୋଇ ହୋଇଗଲାଣି ଦୁଇ ବିରୋଧୀ ଦଳର ସବୁ ନୀତି ନୈତିକତା।

### ସ୍ଥାନାନ୍ତର...

ରତ୍ନଭଣ୍ଡାର ଖୋଲାଯାଇଥିଲା। ସେ ସମୟରେ ବାହାର ରତ୍ନଭଣ୍ଡାର ଓ ଭିତର ରତ୍ନଭଣ୍ଡାରର ସମସ୍ତ ମୂଲ୍ୟବାନ ରତ୍ନ ଅଳଙ୍କାର ଅସ୍ଥାୟୀ ରତ୍ନଭଣ୍ଡାର ଗୃହକୁ ସ୍ଥାନାନ୍ତର କରାଯାଇଥିଲା। ଏହା ପରେ ୨୦୨୪ ଅଗଷ୍ଟ ମାସରେ ଭିତର ରତ୍ନଭଣ୍ଡାର ଘରେ ଥିବା ସମସ୍ତ ଆଲମିରା ସ୍ଥାନାନ୍ତର କରାଯାଇଥିଲା। ସେପ୍ଟେମ୍ବର ମାସରେ ଏଏସଆଇ ପକ୍ଷରୁ ପ୍ରାଥମିକ ନୀରିକ୍ଷଣ କରାଯାଇ ରିପୋର୍ଟ ପ୍ରସ୍ତୁତ କରାଯାଇଥିଲା। ବୈଷୟିକ କମିଟିର ରିପୋର୍ଟ ଆଧାରରେ ଡିସେମ୍ବର ୧୭ ତାରିଖ ଠାରୁ ରତ୍ନଭଣ୍ଡାର ମରାମତି ଓ ସଂରକ୍ଷଣ କାମ ଆରମ୍ଭ କରାଯାଇଥିଲା । ଦୀର୍ଘ ୯୫ ଦିନ ମଧ୍ୟରେ ୩୩୩ ଘଣ୍ଟାର କାର୍ଯ୍ୟ କରାଯାଇ ଏହାର ସଂରକ୍ଷଣ କରାଯାଇଥିଲା । ପରେ ନୂତନ ଭାବେ ଗଠିତ ପରିଚାଳନା କମିଟିର ଅନୁମୋଦନ ଅନୁସାରେ ଆଜି ଚାଙ୍ଗେଡା ଘର ଓ ଖଟସେଜ ଘରେ ରଖାଯାଇଥିବା ରତ୍ନ ଅଳଙ୍କାର ଗୁଡିକୁ ମରାମତି ହୋଇଥିବା ଭିତର ରତ୍ନଭଣ୍ଡାର ଓ ବାହାର ରତ୍ନଭଣ୍ଡାର ଗୃହକୁ ସ୍ଥାନାନ୍ତର କରାଯାଇଥିଲା। ଏହି ପ୍ରକ୍ରିୟା ଶୃଙ୍ଖଳିତ ଭାବେ ଅନୁଷ୍ଠିତ ହୋଇଥିବା ବେଳେ ଆଗକୁ ପରିଚାଳନା କମିଟି ଓ ରାଜ୍ୟ ସରକାରଙ୍କ ଅନୁମୋଦନ ପରେ ଗଣତି ମଣତି କରାଯିବା ନେଇ ଶ୍ରୀମନ୍ଦିର ମୁଖ୍ୟ ପ୍ରଶାସକ ସୂଚନା ଦେଇଛନ୍ତି।

ଉଚ୍ଚସ୍ତରୀୟ କମିଟିର ସଦସ୍ୟ ସୁଦର୍ଶନ ପଟ୍ଟନାୟକଙ୍କ ଅନୁପସ୍ଥିତିରେ ଅନ୍ୟତମ ସଦସ୍ୟ ମଧୁସୁଦନ ସିଂହାରୀଙ୍କୁ ମିଶାଇ ୧୧ଜଣିଆ ଟିମ ଆଜି ଏହି ରତ୍ନଭଣ୍ଡାର ସ୍ଥାନାନ୍ତର ପ୍ରକ୍ରିୟାରେ ସାମିଲ ହୋଇଥିଲେ। ପୂର୍ବ ନିର୍ଧାରିତ ସମୟ ୧୦ଟାରେ ଶ୍ରୀମନ୍ଦିରକୁ ସାଧାରଣ ଭକ୍ତଙ୍କ ପ୍ରବେଶ ବନ୍ଦ ରଖାଯାଇଥିଲା। ପାଖାପାଖି ସାଢେ ୫ ଘଣ୍ଟା ପରେ ସ୍ଥାନାନ୍ତର ପ୍ରକ୍ରିୟା ଶେଷ ହୋଇ ସର୍ବସାଧାରଣ ଆରମ୍ଭ ହୋଇଥିଲା। ତେବେ ରତ୍ନଭଣ୍ଡାରରେ ରତ୍ନ ଅଳଙ୍କାର ଗଣତି ମଣତି ହୋଇନଥିବାରୁ ବର୍ତ୍ତମାନ ସରକାର ଭକ୍ତଙ୍କୁ ଦେଇଥିବା ପ୍ରତିଶ୍ରୁତି ପାଣିର ଗାର ବୋଲି ସେବାୟତମାନେ ପ୍ରତିକ୍ରିୟା ପ୍ରକାଶ କରିଛନ୍ତି। ପ୍ରାୟ ବର୍ଷକ ମଧ୍ୟରେ କେବଳ ଭଣ୍ଡାର ଘର ମରାମତି କାର୍ଯ୍ୟ ହୋଇଛି। ଗଣତି ମଣତି କାର୍ଯ୍ୟ କରାଯିବାରେ କି ଅସୁବିଧା ରହିଲା ସେ ନେଇ ସେବାୟତମାନେ ପ୍ରଶ୍ନ ଉଠାଇଛନ୍ତି। ଗଣତି ମଣତି ନକରି ରତ୍ନ ଅଳଙ୍କାରକୁ ସ୍ଥାନାନ୍ତର ସରକାରଙ୍କ ଏକ ପ୍ରହେଳିକା ବୋଲି ସାଧାରଣରେ ଚର୍ଚ୍ଚା ହେଉଛି। ସମସ୍ତ ଅଳଙ୍କାର ଭିତର ରତ୍ନଭଣ୍ଡାର ଗୃହରେ ମାଜିଷ୍ଟ୍ରେଟଙ୍କ ଉପସ୍ଥିତିରେ ସିଲ କରାଯାଇ ସମସ୍ତ ଚାବି ଟ୍ରେଜେରୀରରେ ଜିଲ୍ଲାପାଳଙ୍କ ତତ୍ତ୍ୱାବଧାନରେ ରଖାଯାଇଛି ବୋଲି ମୁଖ୍ୟ ପ୍ରଶାସକ କହିଛନ୍ତି।

### ଦିଲ୍ଲୀପ...

ବିଜେଡିର ଆଗଧାଡିର ନେତା ବୋଲି ପ୍ରକାଶ ପାଇଲା। କିନ୍ତୁ ଦଳ ତାଙ୍କୁ ନିଲମ୍ବନ କଲା ନାହିଁ କି ସିଏ ବିଜେଡିର ସଦସ୍ୟ ନୁହନ୍ତି ବୋଲି ସଫେଇ ଦେଲା ନାହିଁ। ଏପରିକି ଦିଲ୍ଲୀପ ଏବେ ଜେଲ୍‌ରେ ରହିଲା ପରେ ବି ବିଜେଡି ପକ୍ଷରୁ ତାଙ୍କୁ ନିଲମ୍ବନ କରାଯାଉନାହିଁ। ଏହାକୁ ନେଇ ଏବେ ଦଳରେ ଜୋରଦାର ଚର୍ଚ୍ଚା। ପୂର୍ବତନ ମନ୍ତ୍ରୀ ପ୍ରଫୁଲ ମଲ୍ଲିକ ଓ ଦଳର ବରିଷ୍ଠ ନେତ୍ରୀ ଶ୍ରୀମୟୀଙ୍କୁ ଧଡାଧଡ ସସପେଣ୍ଡ କରୁଥିବା ବିଜେଡି ଦିଲ୍ଲୀପଙ୍କ ବେଳକୁ ନିରବ କାହିଁକି। କର୍ମୀ ମହଲରେ ହେଉଥିବା ଆଲୋଚନା ଅନୁଯାୟୀ ଦିଲ୍ଲୀପ ହେଉଛି ବିଜେଡି ମାମଲତକାରଙ୍କ ପାଖଲୋକ। ଠକେଇ ପଇସାରୁ କିଛି ବି ମାମଲତକାରଙ୍କ ପାଖକୁ ଯାଇଛି। ଯଦି ଦିଲ୍ଲୀପକୁ ସସ୍‌ପେଣ୍ଡ କରିଦେବେ ତେବେ ସେ ଗୁମର ଖୋଲିଦେବାର ଭୟ ରହିଛି। ତେଣୁ ଏତେବଡ ଘଟଣାରେ ମରୁଭୂମିର ଓଟ ପରି ବିଜେଡି ଏବେ ମୁହଁମାଡି ରହିଯାଇଛି। ହେଲେ ଦଳର କର୍ମୀମାନେ କିନ୍ତୁ ଚର୍ଚ୍ଚାରେ ବିରାମ ଲଗାଇବା ବଦଳରେ ତାହାକୁ ଜୋରଦାର କରୁଛନ୍ତି। ଏପରିକି ଦିଲ୍ଲୀପଙ୍କ ଗଡଫାଦରଙ୍କୁ କାଠଗଡାକୁ ଟାଣିବାପାଇଁ କିଛି କର୍ମୀ ପ୍ରସ୍ତୁତି ଚଳାଇଥିବା ସୂଚନା ମିଳୁଛି।

### ପଣ୍ଡା...

ତତ୍କାଳୀନ ଗଜପତି ମହାରାଜାଙ୍କ ଦ୍ୱାରା ପ୍ରତିଷ୍ଠିତ ହୋଇଥିଲା। ଏହି ବିଦ୍ୟାଳୟ ସେବାୟତଙ୍କ ପିଲାମାନଙ୍କୁ ସଂସ୍କୃତ ଶିକ୍ଷା, ବୈଦିକ ଶିକ୍ଷା ଏବଂ କର୍ମକାଣ୍ଡ ପ୍ରଶିକ୍ଷଣ ପ୍ରଦାନ କରିବାରେ ଏକ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିଛି। ଏହି ବିଦ୍ୟାଳୟ ବର୍ତ୍ତମାନ ପୂଜା ପଣ୍ଡା ନିଯୋଗ ଦ୍ୱାରା ପରିଚାଳିତ ଏକ ସହାୟତାପ୍ରାପ୍ତ ବିଦ୍ୟାଳୟ ଭାବରେ କାର୍ଯ୍ୟ କରୁଛି। ଏହାର ନାମରେ ଏକ ସ୍ଥାୟୀ ରେକର୍ଡ ଅଫ୍ ରାଇଟ୍ସ ମଧ ରହିଛି। ପାରମ୍ପରିକ ଜ୍ଞାନର ସଂରକ୍ଷଣ ଏବଂ ପ୍ରଚାର ପ୍ରସାର କରିବା, ଆଧ୍ୟାତ୍ମିକ କାର୍ଯ୍ୟ ପାଇଁ ଏକ ମାଧ୍ୟମ ଭାବରେ ସଂସ୍କୃତକୁ ପ୍ରୋତ୍ସାହିତ କରିବା ଏବଂ ଶ୍ରୀଜଗନ୍ନାଥ ମନ୍ଦିରର ଅନନ୍ୟ ସାଂସ୍କୃତିକ ଏବଂ ଧାର୍ମିକ ଐତିହ୍ୟକୁ ସୁରକ୍ଷା ଦେବା ହେଉଛି ବିଦ୍ୟାଳୟର ମୂଳ ଲକ୍ଷ୍ୟ।

ଏହି ମର୍ମରେ ବିଦ୍ୟାଳୟର ସମ୍ପୂର୍ଣ୍ଣ ପରିଚାଳନା ଏବଂ ପ୍ରଶାସନ ଭାର ଓଡିଶା ସରକାରଙ୍କ ସ୍କୁଲ ଓ ଗଣଶିକ୍ଷା ବିଭାଗ ଅଧୀନରେ ଆଣିବା ପାଇଁ ଶ୍ରୀଜଗନ୍ନାଥ ମନ୍ଦିର ପ୍ରଶାସନକୁ ନିର୍ଦ୍ଦେଶ ଦେବା ପାଇଁ କେନ୍ଦ୍ର ଶିକ୍ଷାମନ୍ତ୍ରୀ ଅନୁରୋଧ କରିଛନ୍ତି। ଏହା ଦ୍ୱାରା ବିଦ୍ୟାଳୟର ସାମଗ୍ରିକ ବିକାଶ ସୁନିଶ୍ଚିତ ହେବା ସହ ଶ୍ରୀଜଗନ୍ନାଥ ସଂସ୍କୃତିର ଗୌରବମୟ ଐତିହ୍ୟକୁ ଭବିଷ୍ୟତ ପିଢ଼ି ପାଇଁ ସଂରକ୍ଷଣ ହୋଇପାରିବ ବୋଲି ସେ ପତ୍ରରେ ଉଲ୍ଲେଖ କରିଛନ୍ତି।

### ପିଲାଳିଆମୀ...

ବିଜେଡି ଇତି ମଧ୍ୟରେ ଶ୍ରୀମୟୀଙ୍କୁ ଦଳରୁ ନିଲମ୍ବନ କରିଛି, ତଥାପି ମହିଳାଙ୍କ ଚରିତ୍ର ସଂହାର ଭଳି ବକ୍ତବ୍ୟ ଦେଇ ଦୁଇ ବିଜେଡି ନେତା ଦଳକୁ ନିନ୍ଦିତ କରିଛନ୍ତି। ବିଜେଡିର ନେତାମାନେ ଏଭଳି ମନ୍ତବ୍ୟ ଦେବା ପୂର୍ବରୁ ଦେଖାଯାଇନାହିଁ। ଯଦି ସେଭଳି କିଛି ପ୍ରମାଣ ଥିଲା, ତେବେ ଦଳୀୟ ନେତାଙ୍କୁ ଦେଇପାରିଥାନ୍ତେ କିମ୍ବା ପୁଲିସର ଆଶ୍ରୟ ନେଇଥାନ୍ତେ। ହେଲେ ତାହା ନକରି ଗଣମାଧ୍ୟମରେ ବିବୃତ୍ତି ଦେଇଛନ୍ତି। ଏହା ପିଲାଳିଆମି ଛଡା କିଛି ନୁହେଁ ବୋଲି ଖୋଦ ଦଳୀୟ କର୍ମୀମାନେ କହୁଛନ୍ତି।

ଗତ କିଛିଦିନ ଧରି ବିଜେଡିର କିଛି ନେତା ବୁଲେଇ ବଙ୍କେଇ ପାଣ୍ଡିଆନଙ୍କୁ ନିଶାଣ କରୁଥିଲେ। ହେଲେ ବାହାରର କୌଣସି ସଂସ୍ଥା କିମ୍ବା ବ୍ୟକ୍ତିବିଶେଷ ଏଥିରେ ହସ୍ତକ୍ଷେପ କରୁନଥିଲେ। ଏବେ ଗୋଟିଏ ଅନୁଷ୍ଠାନ ପାଣ୍ଡିଆନଙ୍କୁ କାଠଗଡାକୁ ଟାଣିବାକୁ ଯେଉଁ ସାହସ କଲା ସେଥିପାଇଁ ବିଜେଡିର ଏହି ଦୁଇ କୁହାଳିଆ ନେତା ଦାୟୀ ବୋଲି କର୍ମୀ ମହଲରେ ଆଲୋଚନା ହେଉଛି। ଆଗକୁ ଏହି ମାମଲା କେଉଁ ରୂପ ନେବ, ତାହା ଉପରେ ସମସ୍ତଙ୍କ ନଜର ଥିବାବେଳେ ବିଜେଡି ନେତାଙ୍କ ତୁଣ୍ଡରେ ଲଗାମ ନଲାଗିଲେ ଆଗକୁ ନବୀନ ବି କାଠଗଡାକୁ ଟଣାହୋଇ ପାରନ୍ତି ବୋଲି ଦଳୀୟ କର୍ମୀମାନେ ଖୋଲାଖୋଲି କହୁଛନ୍ତି।

### ଶ୍ରୀମୟୀ...

'ଧୃତରାଷ୍ଟ୍ର ଓ ଦୁର୍ଯ୍ୟୋଧନ' କଥା କହୁଥିଲେ ତ ଆଉ କେତେବେଳେ 'ଭଣ୍ଡ ସନ୍ନ୍ୟାସୀ' କଥା କହି ପୋଷ୍ଟ କରୁଥିଲେ। ପରୋକ୍ଷରେ ଶ୍ରୀମୟୀ ବିଜେଡି ଶୀର୍ଷ ନେତୃତ୍ୱକୁ ନିଶାଣ କରୁଥିବା ସାଧାରଣରେ ଚର୍ଚ୍ଚା ହେଉଥିଲା।୨୦୨୪ ସାଧାରଣ ନିର୍ବାଚନରେ ଭୁବନେଶ୍ୱର ଲୋକସଭା କ୍ଷେତ୍ର ପାଇଁ ଦଳୀୟ ଟିକଟରୁ ବଞ୍ଚିତ ହେବା ପରେ ଶ୍ରୀମୟୀ ସାଂଗଠନିକ କାର୍ଯ୍ୟରୁ ଦୂରେଇ ରହିଥିଲେ। ନିକଟରେ ତାଙ୍କୁ ମହିଳା ବ୍ୟାପାରର ସାଧାରଣ ସମ୍ପାଦକ ଦାୟିତ୍ୱ ଦିଆଯାଇଥିଲା। କିନ୍ତୁ ଦଳୀୟ କାର୍ଯ୍ୟକ୍ରମରେ ସେ ନଜର ଆସୁନଥିଲେ। ଟିକଟ ନ ମିଳିବା ପରଠାରୁ ସେ ଅସନ୍ତୁଷ୍ଟ ଥିବା କୁହାଯାଉଛି। ଦୀର୍ଘଦିନ ନିରବ ରହିବା ପରେ କିଛିଦିନ ହେଲା ସାମାଜିକ ଗଣମାଧ୍ୟମରେ ତାଙ୍କର ବିଭିନ୍ନ ଉପାଖ୍ୟାନ ଦେଖିବାକୁ ମିଳୁଥିଲା।

### ଜଗତେ...

ଆହ୍ୱାନ ଦେଉଥିବା ଜଣେ ଜନନାୟକଙ୍କର ଦାୟାଦ ଯେ ନିଜେ ନିଷ୍ପତ୍ତି ନେବାରେ ସକ୍ଷମ ନୁହଁ, ଆଜି ପ୍ରମାଣିତ କରିଦେଲେ। ମୁଁ ଓଡ଼ିଆ ଝିଅ ବୋଲି ପ୍ରମାଣିତ କରିବା ପାଇଁ ଆତ୍ମଗାରିମାକୁ ଜଳାଞ୍ଜଳି ଦେବା ଆଦୌ ଉଚିତ୍ ମନେ କରୁନାହିଁ।

## ସୁସ୍ଥ ନାରୀ ସଶକ୍ତ ପରିବାର ଅଭିଯାନ




**ହିଞ୍ଜିଳିକାଟୁ,୨୩।୯ (ସଂଚାର ବ୍ୟୁରୋ):** ସ୍ୱାସ୍ଥ୍ୟ ବିଭାଗ ତରଫରୁ ସୁସ୍ଥ ନାରୀ ସଶକ୍ତ ପରିବାର ଅଭିଯାନରେ ସ୍ୱାସ୍ଥ୍ୟ ବିଶେଷଜ୍ଞ ଶିବିର ହିଞ୍ଜିଳିକାଟୁ ଉପଖଣ୍ଡ ଚିକିତ୍ସାଳୟ ଠାରେ ଅଧିକ୍ଷକ ଡାକ୍ତର ଶ୍ରୀକାନ୍ତ କୁମାର ସାହୁଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମରେ ଅତିଥି ଭାବେ ଗଂଜାମ ଜିଲ୍ଲା ଚିକିତ୍ସାଧିକାରୀ ଡ଼ ସୁଶାନ୍ତ କୁମାର ନାୟକ , ହିଞ୍ଜିଳି ବିଡ଼ିଓ ସାଗରିକା ଷଡ଼ଙ୍ଗୀ, ଆସ୍କା ସାଂସଦଙ୍କ ପ୍ରତିନିଧି ଶିଶିର ମିଶ୍ର , ପୌର ଅଧକ୍ଷ ସୁବାଷ ଚନ୍ଦ୍ର ପୋଲାଇ ,ହିଞ୍ଜିଳି ବିଧାୟକ ପ୍ରତିନିଧି ପ୍ୟାରୀ ମୋହନ ପାଢ଼ୀ ଯୋଗ ଦେଇଥିଲେ। ମଞ୍ଚାସିନ ସମସ୍ତ ଅତିଥି ସୁସ୍ଥ ନାରୀ ସଶକ୍ତ ପରିବାର ଅଭିଯାନର ସୁଫଳତା ନେଇ ନିଜ ନିଜ ସୁ -ଅଭିଭାଷଣ ରଖିଥିଲେ।ଏହି ଅଭିଯାନ ମାଧ୍ୟମରେ ଉଚ୍ଚରକ୍ତ ଚାପ, ମଧୁମେହ, କର୍କଟ, ରକ୍ତ ହୀନତା, ଯକ୍ଷ୍ମା, ଆଦି ରୋଗର ସ୍ୱାସ୍ଥ୍ୟ ଯାଞ୍ଚ କରାଯାଇଥିଲା।

# ସମାନତା ଓ ମାନବାଧିକାରକୁ ନେଇ ଆଇନ୍ ପ୍ରସ୍ତୁତ ହେଉ: ତସ୍‌ଲିମା




**ଭୁବନେଶ୍ୱର,୨୩।୯ (ସଂଚାର ବ୍ୟୁରୋ):** ମହିଳାଙ୍କୁ ପ୍ରକୃତ ସମାନତା ପ୍ରଦାନ କରିବାକୁ ହେଲେ ରାଜ୍ୟ ଓ ଧର୍ମର ସମ୍ପର୍କକୁ ବିଚ୍ଛିନ୍ନ କରିବାର ଆବଶ୍ୟକତା ରହିଛି ବୋଲି କହିଛନ୍ତି ବିଶିଷ୍ଟ ଲେଖିକା ତଥା ସାମାଜିକକର୍ମୀ ଡକ୍ଟର ତସ୍‌ଲିମା ନସରିନ୍। ଆଇନ୍ ସମାନତା ଏବଂ ମାନବାଧିକାର ଉପରେ ପର୍ଯ୍ୟବେଶିତ ହେବା ଉଚିତ୍। ଏହା କୌଣସି ଧାର୍ମିକ ସିଦ୍ଧାନ୍ତ ଦ୍ୱାରା ପରିଚାଳିତ ହେବା ଉଚିତ ନୁହେଁ ଯାହାକି ମହିଳାମାନଙ୍କୁ ସେମାନଙ୍କର ଅଧିକାରରୁ ବଞ୍ଚିତ କରେ ବୋଲି କହିଛନ୍ତି ଡକ୍ଟର ନସରିନ୍। ଶିକ୍ଷା ଓ ଅନୁସନ୍ଧାନ (ସୋଆ) ବିଶ୍ୱବିଦ୍ୟାଳୟ ବକ୍ତୃତା କାର୍ଯ୍ୟକ୍ରମରେ ମଙ୍ଗଳବାର ଯୋଗଦେଇ ସେ ଏହି ମନ୍ତବ୍ୟ ରଖିଛନ୍ତି।

ପେସାରେ ଜଣେ ସ୍ତ୍ରୀ ଓ ପ୍ରସୂତି ରୋଗ ବିଶେଷଜ୍ଞ ହୋଇଥିଲେ ମଧ ଡକ୍ଟର ନସରିନ୍ ହେଉଛନ୍ତି ଜଣେ ବାଂଲାଦେଶୀ ଲେଖିକା ଯାହାଙ୍କୁ କି ନିଜର ଲେଖନୀ ଏବଂ ମତ ନିମନ୍ତେ ନିଜ ଦେଶରୁ ନିର୍ବାସିତ କରାଯାଇଥିଲା। ନିଜ ବକ୍ତବ୍ୟରେ ମହିଳାମାନଙ୍କର ମାନବିକ ସମ୍ମାନ ଏବଂ ସମାନତାକୁ ବଜାୟ ରଖିବା ପାଇଁ ତାଙ୍କ ସଂଘର୍ଷ ସମ୍ପର୍କରେ କହିବା ସହ ଏହି ପଥରୁ ସେ କେବେ ବି ବିଚ୍ୟୁତ ହେବେ ନାହିଁ ବୋଲି କହିଥିଲେ।

ସେ ନିଜ ବକ୍ତବ୍ୟରେ କହିଥିଲେ ଯେ "ବାଂଲାଦେଶ ମୋତେ ନିର୍ବାସିତ କଲା, ପଶ୍ଚିମବଂଗ ଯେଉଁଠାରେ ମୁଁ ରହୁଥିଲି ସେଠାରୁ ବି ମୁଁ ନିର୍ବାସିତ ହେଲି। ମୋର କୌଣସି ଘର ନାହିଁ, ମୋର କୌଣସି ଦେଶ ବି ନାହିଁ। ମୁଁ ଅଭିବ୍ୟକ୍ତିର ସ୍ୱତନ୍ତ୍ରତାରେ ବିଶ୍ୱାସ କରେ ଏବଂ ମହିଳାମାନେ ଧାର୍ମିକ ଅତ୍ୟାଚାରକୁ ପ୍ରତିରୋଧ କରିବା ଉଚିତ୍ ବୋଲି ମୁଁ ମନେ କରେ ବୋଲି ଡକ୍ଟର ନସରିନ୍ ଭରପୂର ଅଡିଟୋରିୟମରେ କହିଛନ୍ତି। ସେ କହିଥିଲେ ଯେ ଯଦି ମହିଳାମାନେ ପ୍ରଶ୍ନ କରିବାର ସାହସ ରଖି ପାରିବେ ତେବେ ପରିବର୍ତ୍ତନ ସମ୍ଭବ ହୋଇପାରିବ। ନିଜ ବକ୍ତବ୍ୟ ଶେଷରେ ତାଙ୍କର କବିତା 'ଦ ଡେଥଲେସ୍ ଗାର୍ଲ' ପଢ଼ି ସମବେତ ଛାତ୍ରଛାତ୍ରୀ ଓ ଅଧାପକମାନଙ୍କୁ ଶୁଣାଇଥିଲେ।

ଡକ୍ଟର ନସରିନ୍‌ଙ୍କର ବହୁଚର୍ଚ୍ଚିତ ଉପନ୍ୟାସ 'ଲଜ୍ଜା' ଏବଂ 'ଦ୍ୱିଖଣ୍ଡିତୋ' ତାଙ୍କୁ ଓ ତାଙ୍କ ଚିନ୍ତାଧାରାକୁ ଲୋକଲୋଚନକୁ ଆଣିଥିଲା।

## ପ୍ରହସନ ପାଲଟିଛି 'ସୁସ୍ଥ ନାରୀ ଓ ସଶକ୍ତ ପରିବାର' ଅଭିଯାନ

● ଦିନକ ପାଇଁ ବିଶେଷଜ୍ଞ ଡାକ୍ତର ଆସି ଚିକିତ୍ସା କଲେ




**କାକଟପୁର/ଅସ୍ତରଙ୍ଗ,୨୩।୯ (ସଂଚାର ବ୍ୟୁରୋ):** ପୁରୀ ଜିଲ୍ଲା ଅସ୍ତରଙ୍ଗ ବ୍ଲକର ୧୫ଗୋଟି ପଂଚାୟତରେ ଏକ ଲକ୍ଷରୁ ଉର୍ଦ୍ଧ ଜନସଂଖ୍ୟା ଲୋକଙ୍କ ଜୀବନ ରେଖା ମାତ୍ର ଅସ୍ତରଙ୍ଗ ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରରେ ବିଶେଷଜ୍ଞ ଡକ୍ଟର ନଥିବାରୁ ଲୋକଙ୍କୁ ଚିକିତ୍ସା ପାଇଁ ଅସୁବିଧା ସମ୍ମୁଖୀନ ହେଉଥିବା ବେଳେ ବିକଳ୍ପ ନଥିବାରୁ ବାଧ୍ୟ ହୋଇ ଘରୋଇ ହସ୍ପିଟାଲ ମୁହାଁ ହେଲେଣି ରୋଗୀ ଏବଂ ସମ୍ପର୍କୀୟ। ଦେଢ଼ ବର୍ଷ ପୂର୍ବରୁ ଏହା ସହ ନିର୍ବାଚନ ସମୟରେ ରାଜନୀତି ଲୋକ ମୁଖନିଃସୃତ ଡକ୍ଟର ନିୟୋଜିତ ଓ ମେଡିକାଲ ଉନ୍ନତି କରଣ ପାଇଁ ବୟାନ ବାଜି କରୁଥିବା ବେଳେ ସରକାର ପରିବର୍ତ୍ତନ ପରେ ମଧ ସମାନ ସ୍ଥିତି। କାକଟପୁର ନିର୍ବାଚନ ମଣ୍ଡଳୀ ଅସ୍ତରଙ୍ଗ ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରରେ ଏଭଳି ବିକଳ ଚିତ୍ର ଦେଖିବାକୁ ମିଳିଥିବା ବେଳେ ସମସ୍ୟା ସୁଧୁରିବ ତାକୁ ନେଇ ପ୍ରଶ୍ନ ଉଠାଇଛନ୍ତି ଅଂଚଳବାସୀ।

ଅନ୍ୟ ପକ୍ଷରେ, ୧୭ତାରିଖ ଠାରୁ ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ "ସୁସ୍ଥ ନାରୀ ଓ ସଶକ୍ତ ପରିବାର ଅଭିଯାନ "ଆରମ୍ଭ ହୋଇଥିବା ବେଳେ ଏହା କେବଳ ପ୍ରହସନ ଛଡା ଆଉ କିଛି ନୁହେଁ ବୋଲି କୁହନ୍ତି କିଛି ପଂଚାୟତ ଜନପ୍ରତିନିଧି। ମିଳିଥିବା ସୂଚନା ଅନୁଯାୟୀ ଅସ୍ତରଙ୍ଗ ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ର ଅଧୀନରେ ରତନପୁର ଓ ଖଣ୍ଡାସାହି ଉପସ୍ୱାସ୍ଥ୍ୟ କେନ୍ଦ୍ର ରହିଛି। ଏଥି ସହିତ ପ୍ରାଥମିକ ସ୍ୱାସ୍ଥ୍ୟ କେନ୍ଦ୍ର ଓ ବିଭିନ୍ନ ପଂଚାୟତ ରେ ଆୟୁଷ୍ମାନ ଆରୋଗ୍ୟ ମନ୍ଦିର ତଥା ସ୍ୱାସ୍ଥ୍ୟ ଉପକେନ୍ଦ୍ର ସ୍ଥାପନ କରାଯାଇଛି। ତେବେ ବାହାରୁ ଚକାଚକ ଦେଖାଯାଉଥିବା ଏହି କୋଠା ଗୁଡିକ ଭିତରୁ କିନ୍ତୁ ଫମ୍ପା ସମସ୍ତ ଭିତ୍ତିଭୂମି ଥାଇ ବି ରୋଗୀଙ୍କୁ ଉତ୍ତମ ଚିକିତ୍ସା ମିଳୁନଥିବା ବର୍ଷ ବର୍ଷ ଧରି ଅଭିଯୋଗ ହୋଇଆସୁଛି। କିନ୍ତୁ ମଙ୍ଗଳବାର ଦିନ ଅସ୍ତରଙ୍ଗ ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ର ପରିସରରେ ଅନୁଷ୍ଠିତ"ସୁସ୍ଥ ନାରୀ ଓ ସଶକ୍ତ ପରିବାର"ଶିବିର ପାଇଁ ଦିନକ ପାଇଁ ମେଡ଼ସିନ ବିଭାଗ ବିଶେଷଜ୍ଞ ଡ଼ଃ ଦେବ ଜ୍ୟୋତି ସାହୁ, ଶିଶୁ ବିଶେଷଜ୍ଞ କାଳୀ ପ୍ରସାଦ ମିଶ୍ର ଓ ସ୍ତ୍ରୀ ଓ ପ୍ରସୂତି ବିଭାଗ ବିଶେଷଜ୍ଞ ସରୋଜାଲକ୍ଷ୍ମୀ ଦାଶ ଉପସ୍ଥିତ ରହି ଶିଶୁ ଓ ମହିଳାଙ୍କୁ ଚିକିତ୍ସା କରିଥିଲେ।

## ଦଶରଥପୁରରେ ଏକଲକ୍ଷ ଲୋକଙ୍କୁ ମିଳିନି ଆୟୁଷ୍ମାନ କାର୍ଡ




**ଯାଜପୁର,୨୩।୯ (ସଂଚାର ବ୍ୟୁରୋ):** ରାସନକାର୍ଡ ହିତାଧିକାରୀଙ୍କୁ ଉତ୍ତମ ଚିକିତ୍ସା ସୁବିଧା ଯୋଗାଇବା ଉଦ୍ଦେଶ୍ୟରେ ବିଜୁ ସ୍ୱାସ୍ଥ୍ୟକାର୍ଡକୁ ଉଚ୍ଛେଦ କରି ଆୟୁଷ୍ମାନ ଯୋଜନା ଲାଗୁ କରାଯାଇଥିଲା। କିନ୍ତୁ ଯାଜପୁର ଜିଲ୍ଲାର ଦଶରଥପୁର ବ୍ଲକ୍‌ରେ ଏହା କାର୍ଯ୍ୟକାରୀ ହେବାର ୬ ମାସ ପରେମଧ କେବଳ ୨୯% ଲୋକଙ୍କୁ କାର୍ଡ ମିଳିଛି, ଯେଉଁଥିରୁ ୭୧% ଲୋକ ଏଯାବତ୍ ବଞ୍ଚିତ।

ବ୍ଲକର ୩୫ ପଞ୍ଚାୟତରେ ମୋଟ ୪୮,୪୧୧ ପରିବାର ରାସନକାର୍ଡ ହିତାଧିକାରୀ। ସେଥିରୁ ୧,୭୦,୫୭୦ ସଦସ୍ୟ ରାସନ ସାମଗ୍ରୀ ପାଉଛନ୍ତି। କିନ୍ତୁ ସେମାନଙ୍କ ମଧ୍ୟରୁ ମାତ୍ର ୪୯,୭୫୮ ଜଣଙ୍କୁ ଆୟୁଷ୍ମାନ କାର୍ଡ ମିଳିଛି, ଯେଉଁଠାରେ ୧,୨୦,୮୧୨ ଜଣଙ୍କୁ ଆଜି ପର୍ଯ୍ୟନ୍ତ ମିଳିପାରିନି। କାର୍ଡ ନ ମିଳିବାରୁ ସାଧାରଣ ଲୋକ ଜରୁରୀ ଚିକିତ୍ସା ପାଇଁ ଘରୋଇ ଡାକ୍ତରଖାନାରେ ବହୁ ଖର୍ଚ୍ଚ କରିବାକୁ ବାଧ ହେଉଛନ୍ତି। ସେହିପରି, ଜନସେବା କେନ୍ଦ୍ରଗୁଡ଼ିକ ପ୍ରତି କାର୍ଡ ପିଛା ୧୦୦ ଟଙ୍କା ନେଉଥିବା ଅଭିଯୋଗ ଆସିଛି। ଏହାକୁ ନେଇ ଅନେକ ଲୋକ ସରପଞ୍ଚଙ୍କ ନିକଟରେ ଅଭିଯୋଗ କରିଥିବା ଜଣାପଡ଼ିଛି।

୧୧ ଏପ୍ରିଲ ୨୦୨୫ରେ ବିଜେପି ସରକାରର ଏକବର୍ଷ ପୂର୍ତ୍ତି ଅବସରରେ ଏହି ଯୋଜନା ଆରମ୍ଭ କରାଯାଇଥିଲା। କିନ୍ତୁ ଛଅମାସ ପରେମଧ ଅଧିକାଂଶ ଲୋକଙ୍କୁ କାର୍ଡ ନମିଳିବାରୁ ସ୍ଥାନୀୟ ବାସିନ୍ଦା ସରକାରର ଅବହେଳା କୁ ଦାୟୀ କରୁଛନ୍ତି ଏବଂ ତୁରନ୍ତ ପଦକ୍ଷେପ ନେବାକୁ ଦାବି କରିଛନ୍ତି।

## ବେଆଇନ୍ ଗୋହତ୍ୟା ନେଇ ଜିଲ୍ଲା ପ୍ରଶାସନ ନୀରବ



**ଯାଜପୁର,୨୩।୯ (ସଂଚାର ବ୍ୟୁରୋ):** ଯାଜପୁର ସହର ମେଡିକାଲ୍ କଲେଜ୍ ରିଙ୍ଗ୍ ରୋଡ୍ ନିକଟରେ ବେଆଇନ୍ କଂସେଇ ଖାନାରୁ ଗୋହତ୍ୟା ପରେ ଅଂଶବିଶେଷକୁ ରାସ୍ତାରେ ପକାଯାଇଥିବା ଘଟଣାକୁ ନେଇ ସ୍ଥାନୀୟ ଲୋକଙ୍କ ଭାବାବେଗରେ ତୀବ୍ର କ୍ଷୋଭ ସୃଷ୍ଟି ହୋଇଛି। ଏହି ଦୁର୍ଗନ୍ଧରେ ଆଖ ପାଖ ରହି ହେଉନାହିଁ। ପବିତ୍ର ଗୋମାତାଙ୍କୁ ଏଭଳି ନିର୍ଦ୍ଦୟତାରେ ହତ୍ୟା କରାଯାଇଥିବା ସମୟରେ ପ୍ରଶାସନିକ ମେସିନରୀ ପୂରାପୁରି ନୀରବ। ସୂଚନା ମିଳୁଛି ଯେ, ଯାଜପୁର ସହରର ଅନେକ ସ୍ଥାନରେ ବେଆଇନ୍ କଂସେଇ ଖାନା ସରଗରମ ରହିଥିବା ସତ୍ତ୍ୱେ ଅଧିକାରୀମାନେ ଯେପରି 'ଚୁପ୍'। ସ୍ପଷ୍ଟ, ରାଜନେତାଙ୍କର ଭୋଟ୍ ବ୍ୟାଙ୍କ ସମୀକରଣକୁ ରକ୍ଷା କରିବା ପାଇଁ ଏହି ନୀରବତା। ସାଧାରଣରେ ପ୍ରଶ୍ନ ହେଉଛି - ଗୋହତ୍ୟା ନିଷିଦ୍ଧ ଥିବା ସତ୍ତ୍ୱେ ଯାଜପୁରରେ କିପରି ଏହି ବେଆଇନ୍ ହତ୍ୟାଖାନା ଚାଲୁଛି? ପ୍ରଶାସନ ଓ ପୁଲିସ କାହିଁକି ନୀରବ? ହିନ୍ଦୁ ମାନଙ୍କ ଧର୍ମୀୟ ଭାବାବେଗକୁ କୁଠାରଘାତ ଦେଇଥିବା ଦୋଷୀଙ୍କ ଉପରେ କାହିଁକି କୌଣସି କାର୍ଯ୍ୟାନୁଷ୍ଠାନ ହୋଇନାହିଁ? ଗୋହତ୍ୟା ବିଷୟରେ କାନୁନ ରହିଥିଲେ ମଧ, ଏହାର ପାଳନ ହୋଇନଥିବା, ପ୍ରଶାସନର ନୀରବତା ଓ ରାଜନୈତିକ 'ସୁବିଧାବାଦ' - ସବୁମିଶି କରି ଯାଜପୁରରେ ଆଇନର ଶାସନକୁ ପ୍ରଶ୍ନଚିହ୍ନ ଦେଇଛି। ଲୋକମାନଙ୍କ ଆବେଗ କହୁଛି - ଗୋହତ୍ୟାରେ ନୀରବତା, ପ୍ରଶାସନର ଦୁର୍ବଳତା ।

# ଲଗାଣ ବର୍ଷାରେ ଉମରକୋଟ ସହର ଜଳବନ୍ଦୀ




**ନବରଙ୍ଗପୁର/ଉମରକୋଟ,୨୩।୯ (ସଂଚାର ବ୍ୟୁରୋ):** ନବରଙ୍ଗପୁର ଜିଲ୍ଲା ଉମରକୋଟ ସହରରେ ଲଘୁଚାପ ଜନିତ ଲଗାଣ ବର୍ଷା ଯୋଗୁ ବିଭିନ୍ନ ସ୍ଥାନରେ ଜଳବନ୍ଦୀ ହେବାର ଦୃଶ୍ୟ ସାମନାକୁ ଆସିଛି। ତଳି ଅଞ୍ଚଳ ମାନଙ୍କରେ ଘରମାନଙ୍କ ସହ ଦୋକାନ ଗୁଡିକରେ ଭିତରେ ପାଣି ପଶିଛି। ଏହାସହ କିଛି ଗାଡ଼ି ପାର୍କିଂ ସ୍ଥାନରେ ପାଣି ପଶି ପାଣି ମଧରେ ଗାଡ଼ି ଅଧା ବୁଡ଼ିଯାଇଛି। ଲଗାତାର ବର୍ଷାରେ ଉମରକୋଟ ସହରର ଅବସ୍ଥା ବେହାଲ ହୋଇ ପଡିଛି। ବର୍ଷା ଜଳ ନିଷ୍କାସନ ହୋଇ ପାରି ନଥିବା ଯୋଗୁଁ ଏହି ଭଳି ପରିସ୍ଥିତି ସୃଷ୍ଟି ହୋଇଛି। ଯେଉଁ ପରିବାରର ଘର ଭିତରେ ପାଣି ପଶି ଯାଇଛି କିମ୍ବା ଭାଙ୍ଗି ଯାଇଛି ସେମାନଙ୍କୁ ଡିଏନ୍‌କେ ସ୍ଥିତ ବାତ୍ୟା ଆଶ୍ରୟସ୍ଥଳକୁ ସ୍ଥାନାନ୍ତର କରାଯାଇଛି।

ଉମରକୋଟ ସହର ର ବନ୍ୟା ପରିସ୍ଥିତି ପାଇଁ ସହରବାସି ପୌର ପ୍ରଶାସନ ର ଅପାରଗତାକୁ ଦାୟୀ କରିଛନ୍ତି। ଅନ୍ୟ ପକ୍ଷରେ ଉମରକୋଟ ପୌର ପ୍ରଶାସନ କାର୍ଯ୍ୟ ନିର୍ବାହୀ ଅଧିକାରୀ ଆଲୋକ ଅନୁଗୁଳିଆ ବର୍ଷା ପୂର୍ବରୁ ନାଳ ଗୁଡିକ ସଫା କରାଯାଇଥିଲା କିନ୍ତୁ ଅଧିକ ବର୍ଷା ଯୋଗୁଁ ଏହି ଭଳି ପରିସ୍ଥିତି ସୃଷ୍ଟି ହୋଇଥିବା ପ୍ରକାଶ କରିଛନ୍ତି।

ଉମରକୋଟ ସହରରେ ଗତକାଲି ରାତିଠାରୁ ଲଘୁଚାପ ପର୍ଯ୍ୟନ୍ତ ଲଗାଣ ବର୍ଷା ଲାଗି ରହିଛି, ପ୍ରବଳ ବର୍ଷା ଯୋଗୁ ବିଶେଷ କରି ଶିବାଜୀ ନଗର, ଗୁଲିପାଟଣାର ଅକ୍ସଫୋର୍ଡ଼ କଲୋନୀ, ଡିଏନକେରେ ଥିବା ତଳି ଅଞ୍ଚଳ ମାନଙ୍କର ଘର ଭିତରେ ପାଣି ପଶିବା ଦୃଶ୍ୟ ନଜରକୁ ଆସିଛି। ଲୋକମାନଙ୍କର ଘର ଭିତରେ ପାଣି ପଶିବା ଯୋଗୁ ମୂଲ୍ୟବାନ ଆସବାସ ପତ୍ର ନଷ୍ଟ ହେବା ସହ କିଛି ଦୋକାନ ଘରେ ମଧ ପାଣି ପଶିଛି। ଡିଏନକେ ଅଞ୍ଚଳର ଜଣେ ବ୍ୟକ୍ତିଙ୍କ ଘରେ ପାଣି ପଶିବା ପଶିଯିବା ଯୋଗୁ ତାଙ୍କୁ ବାତ୍ୟା ଆଶ୍ରୟସ୍ଥଳକୁ ସ୍ଥାନାନ୍ତର କରାଯାଇଛି।

## ବୋଲାଗଡ଼ ପିଏସ୍‌ରେ ଆମ ପୁଲିସ ବୈଠକ



**ଖୋର୍ଦ୍ଧା,୨୩।୯ (ସଂଚାର ବ୍ୟୁରୋ):** ଓଡିଶା ପୁଲିସର ପ୍ରମୁଖ କମ୍ୟୁନିଟି ପୋଲିସିଂ ପଦକ୍ଷେପ 'ଆମ ପୁଲିସ'ର ଅଂଶ ସ୍ୱରୂପ, ଆଜି ଖୋର୍ଦ୍ଧାର ବୋଲାଗଡ଼ ପୋଲିସ ଷ୍ଟେସନରେ ଏକ ସମ୍ପ୍ରଦାୟ ଆଦାନପ୍ରଦାନ ବୈଠକ ଅନୁଷ୍ଠିତ ହୋଇଥିଲା। ଏହି କାର୍ଯ୍ୟକ୍ରମରେ ଅଞ୍ଚଳର ବିଭିନ୍ନ ଅଂଶୀଦାରଙ୍କ ଉତ୍ସାହଜନକ ଅଂଶଗ୍ରହଣ ଦେଖିବାକୁ ମିଳିଥିଲା, ଯାହାର ଲକ୍ଷ୍ୟ ପୁଲିସ-ଜନସାଧାରଣ ସହଯୋଗକୁ ସୁଦୃଢ଼ କରିବା ଏବଂ ସମ୍ପ୍ରଦାୟ-କୈନ୍ଦ୍ରିକ ପୁଲିସିଂକୁ ପ୍ରୋତ୍ସାହିତ କରିବା। ଏହି ବୈଠକରେ ଖୋର୍ଦ୍ଧାର ପୁଲିସ ଅଧିକ୍ଷକ ବିବେକାନନ୍ଦ ଶର୍ମାଙ୍କ ସହିତ ଏସଡିପିଓ ଖୋର୍ଦ୍ଧା ନିହାର ରଞ୍ଜନ ପ୍ରଧାନ, ଆଇଆଇସି ବୋଲାଗଡ଼ ପୋଲିସ ଷ୍ଟେସନ୍ ସୁଶ୍ରୀ ସ୍ମିତାମୟୀ ବରାଳ ଏବଂ ଥାନାର ଅନ୍ୟାନ୍ୟ ଅଧିକାରୀ ଏବଂ କର୍ମଚାରୀମାନେ ଯୋଗଦେଇଥିଲେ। ବିଭିନ୍ନ ଗ୍ରାମ ପଞ୍ଚାୟତର ସରପଞ୍ଚ, ଅଟୋ ରିକ୍ସା ଡ୍ରାଇଭର ଆସୋସିଏସନର ସଦସ୍ୟ, ସ୍ଥାନୀୟ ଚାମ୍ବର ଅଫ୍ କମର୍ସର ପ୍ରତିନିଧି, ଗଣମାଧ୍ୟମ ଏବଂ ଅନ୍ୟାନ୍ୟ ସ୍ଥାନୀୟ ଅନୁଷ୍ଠାନର ସଦସ୍ୟମାନେ ଉପସ୍ଥିତ ଥିଲେ। ସମାବେଶରେ ଟ୍ରାଫିକ ପରିଚାଳନା, ଛୋଟ ଅପରାଧ ରୋକିବା, ସାଇବର ସୁରକ୍ଷା ସଚେତନତା ଏବଂ ଯୁବପିଢ଼ିଙ୍କ ସମ୍ପୃକ୍ତି ସମେତ ପ୍ରମୁଖ ସ୍ଥାନୀୟ ପ୍ରସଙ୍ଗ ଉପରେ ଆଲୋଚନା କରାଯାଇଥିଲା।

## 'ସେବା ପର୍ବ' ଅବସରରେ ଚିତ୍ରାଙ୍କନ ପ୍ରତିଯୋଗିତା




**ନବରଙ୍ଗପୁର,୨୩।୯ (ସଂଚାର ବ୍ୟୁରୋ):** ନବରଙ୍ଗପୁର ଜିଲ୍ଲା ସଂସ୍କୃତି ବିଭାଗ ତରଫରୁ "ସେବା ପର୍ବ–୨୦୨୫" ଅବସରରେ ଜିଲ୍ଲା ସ୍ତରୀୟ ବିଦ୍ୟାଳୟ ଚିତ୍ରାଙ୍କନ ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା। ସଂସ୍କୃତି ମନ୍ତ୍ରଣାଳୟ, ଭାରତ ସରକାରଙ୍କ ନିର୍ଦ୍ଦେଶନାନୁସାରେ ସେପ୍ଟେମ୍ବର ୧୭ ରୁ ଅକ୍ଟୋବର ୦୨ ପର୍ଯ୍ୟନ୍ତ ସମୟକୁ "ସେବା ପର୍ବ" ଭାବେ ଦେଶବ୍ୟାପୀ ଭାବେ ପାଳନ କରାଯାଉଅଛି। ଓଡ଼ିଶା ସରକାରଙ୍କ ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗ ତରଫରୁ ଏହି ଅବସରରେ ବିଦ୍ୟାଳୟ, ମହାବିଦ୍ୟାଳୟ ଓ ବୃତ୍ତିଗତ ଚିତ୍ରକାରମାନେ ନିମନ୍ତେ ଜିଲ୍ଲା ସ୍ତରରେ ଚିତ୍ରାଙ୍କନ ପ୍ରତିଯୋଗିତା ଆୟୋଜିତ ହୋଇଛି। ଆଜି ରାଜା ଚୈତନ୍ୟ ଦେବ ନୋଡାଲ ଉଚ୍ଚ ବିଦ୍ୟାଳୟ ପରିସରରେ ଅନୁଷ୍ଠିତ ଏହି ପ୍ରତିଯୋଗିତାର ପ୍ରସଙ୍ଗ ଥିଲା "ବିକଶିତ ଭାରତ @୨୦୪୭"। ଜିଲ୍ଲାର ବିଭିନ୍ନ ବିଦ୍ୟାଳୟ ଓ ଉଚ୍ଚ ମାଧମିକ ବିଦ୍ୟାଳୟର ଛାତ୍ରଛାତ୍ରୀମାନେ ଉତ୍ସାହଭରି ଅଂଶଗ୍ରହଣ କରି ଏହି ପ୍ରସଙ୍ଗ ଉପରେ ଅତ୍ୟନ୍ତ ସୁନ୍ଦର ଓ ଚିନ୍ତାନିଷ୍ଠ ଚିତ୍ରାଙ୍କନ ପ୍ରସ୍ତୁତ କରିଥିଲେ। ବିଚାରପତି ଭାବେ ବରିଷ୍ଠ କଳା ଶିକ୍ଷକ ବସନ୍ତ ବେହିଆ ଓ ପବିତ୍ର ଦତ୍ତ ମୂଲ୍ୟାଙ୍କନ କରିଥିଲେ। ବିଦ୍ୟାଳୟ ସ୍ତରରେ ଟେକ୍ନୋ ଗୁରୁକୁଳ ବିଦ୍ୟାଳୟର ଅଷ୍ଟମ ଶ୍ରେଣୀର ଛାତ୍ର ଶୁଭ୍ରାଂଶୁ ଶତପଥୀ ପ୍ରଥମ, ପଞ୍ଚାୟତ ଉଚ୍ଚ ବିଦ୍ୟାଳୟ ଡାବୁ ଗାଁର ସଦାନନ୍ଦ ପୂଜାରୀ ଦ୍ୱିତୀୟ ଓ ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ଘୋଡାଖୁଣ୍ଟାର ଅଜିତ୍ ଭତ୍ରା ତୃତୀୟ ସ୍ଥାନ ଅଧିକୃତ କରିଥିଲେ। ଏହି ଉଲ୍ଲେଖନୀୟ କୃତି ପାଇଁ ସମସ୍ତ ଅଂଶଗ୍ରହଣକାରୀଙ୍କୁ ମୁଖ୍ୟ ଅତିଥିଙ୍କ ଦ୍ୱାରା ମାନପତ୍ର ପ୍ରଦାନ କରାଯାଇଥିଲା। ବିଜୟୀ ତିନୋଟି ବର୍ଗର ଚିତ୍ର ସମୂହ ୨୫ ସେପ୍ଟେମ୍ବର ୨୦୨୫ରେ ଭୁବନେଶ୍ୱରରେ ହେବାକୁ ଥିବା ରାଜ୍ୟ ସ୍ତରୀୟ ଚିତ୍ରାଙ୍କନ ପ୍ରତିଯୋଗିତାରେ ପ୍ରଦର୍ଶିତ ହେବ।

## ସାର ପାଇଁ ଠେଲାପେଲା ପରିସ୍ଥିତି



**ହିଞ୍ଜିଳିକାଟୁ,୨୩।୯ (ସଂଚାର ବ୍ୟୁରୋ):** ସାରା ରାଜ୍ୟରେ ସାର ସଙ୍କଟ। ସବୁଠି ଲାଗୁଛି ଲମ୍ବା ଲାଇନ । ବସ୍ତାଏ ସାର ପାଇଁ ନାକେଦମ୍ ହେଉଛନ୍ତି ଚାଷୀ।କେଉଁଟି ଚାଷୀ ମାନେ ରାତି ଅନିଦ୍ରା ତ ଆଉ କେଉଁଟି ଆଧାର କାର୍ଡ ଧରି ଧାଡିରେ ଠିଆ ହୋଇଛନ୍ତି ଚାଷୀ।ତେବେ ଆଜି ହିଞ୍ଜିଳିକାଟୁ ପୌରାଞ୍ଚଳ ସ୍ଥିତ ସମବାୟ ସମିତି କେନ୍ଦ୍ରରେ ୟୁରିଆ ସାର ପାଇଁ ଚାଷୀଙ୍କ ଭିତରେ ଠେଲାପେଲା ପରିସ୍ଥିତି ସୃଷ୍ଟି ହୋଇଛି । ଏମିତି ସ୍ଥିତି ପାଲଟିଥିଲା ଯେ କିଛି ଚାଷୀ ଦଳାଚକଟାରେ ଆହତ ବି ହୋଇଥିଲେ।ସମବାୟ ସମିତିକୁ ୩୦୦-୪୦୦ ବସ୍ତା ୟୁରିଆ ସାର ଆସିଥିବାବେଳେ ସାର ନେବା ପାଇଁ ରୁଣ୍ଡ ହୋଇଛନ୍ତି ୭୦୦-୮୦୦ ଅଧିକ ଚାଷୀ । ଫଳରେ ସମବାୟ ସମିତି ଆଗରେ ସାମାନ୍ୟ ଉତ୍ତେଜନା ଦେଖିବାକୁ ମିଳିଛି । ଶେଷରେ ଭିଡ ନିୟନ୍ତ୍ରଣ ନହେବାରୁ ଶେଷରେ ପୋଲିସ ଉପସ୍ଥିତିରେ ବଣ୍ଟାଯାଇଛି ୟୁରିଆ ସାର । ସବୁ କାମ ଛାଡି ଚାଷୀ ମାନେ ଆସି ଲାଇନରେ ଛିଡା ହେବା ସତ୍ତ୍ୱେ ବି କିଛି ଚାଷୀଙ୍କୁ ନିରାଶ ହୋଇ ଫେରିବାକୁ ପଡିଛି । ବର୍ତ୍ତମାନ ଚାଷ ଜମିରେ ସାର ପକାଇବାର ଉଚିତ ସମୟ ହୋଇଥିଲେ ମଧ ସମବାୟ ସମିତିରେ ସାର ମିଳୁନାହିଁ । କୃଷି ବିଭାଗ ପର୍ଯ୍ୟାପ୍ତ ସାର ଥିବା କଥା କହୁଥିବାବେଳେ ଚାଷୀ ସାର ନ ପାଇବାକୁ ନେଇ ଅସନ୍ତୋଷ ଜାହିର କରିଛନ୍ତି। ଯେଉଁ ଦୋକାନମାନଙ୍କରେ ସାର ମିଳୁଛି, ସେଠାରେ ୟୁରିଆ ସାର ଉର୍ଦ୍ଧ୍ୱ ଟଙ୍କା ବା ଚଢ଼ା ଦରରେ ଦୋକାନ ମାଲିକ ବିକ୍ରି କରୁଥିବା ଅଭିଯୋଗ ହୋଇଛି ।

## ବାଲି ବୋଝେଇ ଟ୍ରାକ୍ଟର ଜବତ, ଜଣେ ଗିରଫ

**ହିଞ୍ଜିଳିକାଟୁ,୨୩।୯ (ସଂଚାର ବ୍ୟୁରୋ):** ହିଞ୍ଜିଳି ଥାନା ଚାନ୍ଦୁଲି ନିକଟସ୍ଥ ଋଷିକୁଲ୍ୟା ନଦୀରୁ ସୋମବାର ଦିନ ବେଆଇନ ବାଲି ଚାଲାଣ ହେଉଥିବା ବେଳେ ହିଞ୍ଜିଳି ପୋଲିସ କୌଣସି ସୂତ୍ରରୁ ଖବର ପାଇ ଚଢ଼ଉ କରିଥିଲା। ୨ଟି ବାଲି ବୋଝେଇ ଟ୍ରାକ୍ଟରକୁ ଜବତ କରିବା ସହ ଜଣେ ଚାଳକକୁ ମଧ୍ୟ ଗିରଫ କରିଛି। ଗିରଫ ଚାଳକ ଜଣକ ହେଲେ ହିଞ୍ଜିଳି ଥାନା ଖଣ୍ଡରା ଗ୍ରାମର ଟୁକୁନା ଦାସ (୪୦)।ଏ ନେଇ ଥାନାରେ କେସ ନଂ ୭୬୫/୨୫ରେ ମାମଲା ରୁଜୁ ହୋଇଛି ନେଇ ଥାନାଧିକାରୀ ସୂଚନା ଦେଇଛନ୍ତି।



## ଜିଲ୍ଲା ଶ୍ରମ ବିଭାଗ ପକ୍ଷରୁ ସୁସ୍ଥ ନାରୀ ସଶକ୍ତ ପରିବାର ଅଭିଯାନ



**ଯାଜପୁର,୨୩।୯ (ସଂଚାର ବ୍ୟୁରୋ):** ଶ୍ରମ କମିଶନର, ଓଡିଶାଙ୍କ ନିର୍ଦ୍ଦେଶ କ୍ରମେ "ସ୍ୱସ୍ଥ ନାରୀ, ଶସକ୍ତ ପରିବାର ଅଭିଯାନ" ଯାଜପୁର ଜିଲ୍ଲା ଶ୍ରମ କାର୍ଯ୍ୟାଳୟ ତରଫରୁ ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ର, ଯାଜପୁର ରୋଡରେ ଆଜି ଅନୁଷ୍ଠିତ ହୋଇଯାଇଛି। ଏଥିରେ ମୁଖ୍ୟତଃ ମହିଳା ଶ୍ରମିକମାନଙ୍କ ସ୍ୱାସ୍ଥ୍ୟଗତ ସମସ୍ୟାର ନିରାକରଣ ପାଇଁ ବିଶେଷଜ୍ଞ ଡାକ୍ତରମାନଙ୍କ ଦ୍ୱାରା ବିଭିନ୍ନ ପରୀକ୍ଷା ନିରୀକ୍ଷା କରାଯାଇ ଉପାଦେୟ ପରାମର୍ଶ ଦିଆଯିବା ସହିତ ଔଷଧ ଯୋଗାଇ ଦିଆଯାଇଥିଲା । ଆୟୋଜିତ ଉକ୍ତ ସ୍ୱତନ୍ତ୍ର ଶିବିରରେ ଯାଜପୁର ରୋଡ ଡାକ୍ତରଖାନାର ଅଧିକ୍ଷକ ଡାକ୍ତର ପ୍ରସନଜିତ କର,ଡାକ୍ତର ବିରଞ୍ଚି ନାରାୟଣ ମହାପାତ୍ର, ଯାଜପୁର ରେଞ୍ଜ ଶ୍ରମ କମିଶନର ଶ୍ରୀଯୁକ୍ତ ଶିବ ଶଙ୍କର ମିଶ୍ର ପ୍ରମୁଖ ଉପସ୍ଥିତ ଥିଲେ । ଜିଲ୍ଲା ଶ୍ରମ କାର୍ଯ୍ୟାଳୟର ଅନ୍ୟ ଅଧିକାରୀ ଓ କର୍ମଚାରୀମାନେ ଶିବିରକୁ ପରିଚାଳନା କରିବାରେ ସହଯୋଗ କରିଥିଲେ। ଏହି ଶିବିରରେ ପଚାଶରୁ ଉର୍ଦ୍ଧ୍ୱ ଶ୍ରମିକ ଯୋଗ ଦେଇ ସେମାନଙ୍କ ସ୍ୱାସ୍ଥ୍ୟ ପରୀକ୍ଷା କରାଇଥିଲେ। ଦୁଇ ଶ୍ରମ ଅଧିକାରୀ ରକ୍ତଦାନ କରିଥିଲେ।

ଏହି ଶିବିର ଆସନ୍ତା ୨୫ ତାରିଖରେ ଧର୍ମଶାଳାରେ ଏବଂ ଅନ୍ୟ କିଛି ବ୍ଲକରେ ଅୟୋଜିତ ହେବାର କାର୍ଯ୍ୟକ୍ରମ ଅଛି ବୋଲି ଜିଲ୍ଲା ଶ୍ରମ କାର୍ଯ୍ୟାଳୟ ତରଫରୁ ପ୍ରକାଶ ।

# ସୁଧୁରୁନି ସାର ସମସ୍ୟା, ଚାଷୀ ନିରାଶ

**ସମିତିକୁ ପର୍ଯ୍ୟାପ୍ତ ଯୋଗାଣ ହେଉନି**

**ସାର ନ ପାଇ ହୋ ହାଲ୍ଲା କରୁଛନ୍ତି ଚାଷୀ**

**ରାତି ୩ଟାରୁ ପ୍ୟାକ୍ସରେ ଲାଗୁଛି ଲମ୍ବା ଧାଡି**



**କାକଟପୁର/ଅସ୍ତରଙ୍ଗ,୨୩।୯ (ସଂଚାର ବ୍ୟୁରୋ):** ଚାଷ ତର ତର, ବଣିଜ ମଠ। ଧାନ ରୁଆ ପରେ ସମୟ ଗଡି ଯାଉଥିବା ବେଳେ ସାର ଅଭାବ ଏହି ଢଗକୁ ଏବେ ପ୍ରାସଙ୍ଗିକ କରିଛି। ପୁରୀ ଜିଲ୍ଲା ଅସ୍ତରଙ୍ଗ ବ୍ଲକ ଅଂଚଳରେ ଏବେ ସାର ସଙ୍କଟ ଉତ୍କଟ ରୂପ ନେଇଛି। ବଜାରରୁ ସାର ଯୋଗାଣ ବନ୍ଦ କରାଯାଇଥିବାରୁ ବଜାରରେ ସାର ନାହିଁ। ଗୋଟିଏ ଭରସା ପ୍ରାଥମିକ କୃଷି ସମବାୟ ସମିତି (ପ୍ୟାକ୍ସ)। ମାତ୍ର ଅସ୍ତରଙ୍ଗ ବ୍ଲକ ଅଞ୍ଚଳରେ ୧୦ଗୋଟି ପ୍ୟାକ୍ସ ଥିବାରୁ କେବଳ କେନ୍ଦ୍ରାପଟି ସମବାୟର ଲାଇସେନ୍ସ ସଠିକ ଥିବା ବେଳେ ସାର ଯୋଗାଣ ପର୍ଯ୍ୟାପ୍ତ ହେଉନଥିବାରୁ ଚାଷୀ ସାର ପାଉନାହାଁନ୍ତି। ଚାରିଟି ପର୍ଯ୍ୟାୟ ମଧରେ ପ୍ରଥମ ପର୍ଯ୍ୟାୟ ୧୨୦ବସ୍ତା, ଦ୍ୱିତୀୟ ପର୍ଯ୍ୟାୟ ୧୩୦ବସ୍ତା, ତୃତୀୟ ପର୍ଯ୍ୟାୟ ୧୭୦ବସ୍ତା ଓ ଚତୁର୍ଥ ପର୍ଯ୍ୟାୟ ୨୪୨ବସ୍ତା ଆସିଥିବା ବେଳେ ଶେଷ ଦିନରେ ୩୭୪ବସ୍ତା ଷ୍ଟକ ଥିବାରୁ ମଙ୍ଗଳବାର ତାହା ଶେଷ ହୋଇଛି। ପର୍ଯ୍ୟାୟ ଅନୁସାରେ ସାର ବସ୍ତା ଆସୁଥିବା ବେଳେ ଏହାକୁ ନେବାକୁ ଅସ୍ତରଙ୍ଗ ବ୍ଲକ ଅଂଚଳର ହଜାର ହଜାର ଚାଷୀ ରାତି ୩ରୁ ଧାଡିରେ ଠିଆ ହେଉଛନ୍ତି। ପର୍ଯ୍ୟାପ୍ତ ପରିମାଣ ସାର ଆସୁନଥିବାରୁ ପ୍ରଶାସନ ମଧ ନିରୁପାୟ ହୋଇପଡିଛି।

ପୁରୀ ଜିଲ୍ଲା ଅସ୍ତରଙ୍ଗ ବ୍ଲକ ଅଞ୍ଚଳରେ ଗୋଟିଏ ପ୍ୟାକ୍ସରେ ସ୍ୱଳ୍ପ ପରିମାଣ ସାର ଆସୁଥିବା ବେଳେ ଅନ୍ୟ ୯ ଗୋଟି ପ୍ୟାକ୍ସରେ ଲାଇସେନ୍ସ ନଥିବାରୁ ସାର ଉଠାଉ ନାହାନ୍ତି। ଯାହା ଫଳରେ ଅସ୍ତରଙ୍ଗ ଡିଲର ପଏଣ୍ଟ ଗୁଡିକ କଳା ବଜାରି କରି ୟୁରିଆ ସାର ୨ ଗୁଣ ଚଢା ଦରରେ ବିକ୍ରି କରୁଛନ୍ତି। କିନ୍ତୁ ଅସ୍ତରଙ୍ଗ ବ୍ଲକ କେନ୍ଦ୍ରାପଟି ପ୍ୟାକ୍ସ ଉପରେ କେନ୍ଦ୍ରାପଟି, ସରିପୁର ଓ ମାଣ୍ଡୁକି ଅଞ୍ଚଳ ପାଖାପାଖି ୩୮୭ଚାଷୀ ପଞ୍ଜିକରଣ ଭୁକ୍ତ ଥିବା ବେଳେ ବଜାରରେ ସାର ମିଳୁନଥିବାରୁ ପ୍ୟାକ୍ସକୁ ସାର ଆସିଥିବା ଜାଣି ମଙ୍ଗଳବାର ରାତ୍ର ୩ଟାରୁ ଶତାଧିକ ଚାଷୀ କେନ୍ଦ୍ରାପଟି ପ୍ୟାକ୍ସ ସାମ୍ନାରେ ଭିଡ଼ ଜମାଇଥିଲେ। ଯାହା ଦ୍ୱାରା ପ୍ୟାକ୍ସ ଗୁଡିକରେ ସାର ପାଇଁ ଠେଲାପେଲା ସହ ମାରପିଟ ସ୍ଥିତି ସୃଷ୍ଟି ହେଉଛି। ଚାଷୀ ଅସନ୍ତୋଷ ଦେଖି ପ୍ୟାକ୍ସ ସମ୍ପାଦକ ଶେଷରେ ପୁଲିସର ଦ୍ୱାରସ୍ତ ହୋଇ ସାର ବଣ୍ଟନରେ ସହଯୋଗ କରିବାକୁ ନିବେଦନ କରିଥିଲେ। ତଥ୍ୟ ଅନୁସାରେ ଅସ୍ତରଙ୍ଗ ବ୍ଲକ ଅଞ୍ଚଳରେ ୬ହଜାର ଉର୍ଦ୍ଧ ହେକ୍ଟର ଜମିରେ ଧାନ ଚାଷ ହୋଇଛି। ସେହି ଅନୁସାରେ ପର୍ଯ୍ୟାପ୍ତ ପରିମାଣ ସାର ମିଳୁନାହିଁ। ଉଚିତ ସମୟ ମଧରେ ସାର ନ ମିଳିଲେ ଏଥର ଚାଷ ପ୍ରଭାବିତ ହେବ ଏଥିପାଇଁ ସରକାର ଓ ପ୍ରଶାସନ ଦାୟି ରହିବ ବୋଲି ଅଭିଯୋଗ କରି ଚାଷୀ ଆନ୍ଦୋଳନ ଚେତାବନୀ ଦେଲେଣି।

## ପାଟାପୁର ଶାସନରେ ମିଳିତ ଜନଅଭିଯୋଗ ଶୁଣାଣି ଶିବିର

**ଖୋର୍ଦ୍ଧା,୨୩।୯ (ସଂଚାର ବ୍ୟୁରୋ):** ସାଧାରଣ ଜନତାଙ୍କ ବିଭିନ୍ନ ଅଭିଯୋଗର ସମାଧାନ ଏବଂ ଶୀଘ୍ର ନ୍ୟାୟ ପ୍ରଦାନ ଏବଂ ସେମାନଙ୍କୁ ସମାଜର ମୁଖ୍ୟ ସ୍ରୋତରେ ସାମିଲ କରିବା ପାଇଁ ଜିଲ୍ଲାପାଳ ଅମୃତ ଋତୁରାଜ ଜିଲ୍ଲାରେ ଏକ ନୂତନ ଗ୍ରାମୀଣ ଶାସନ କାର୍ଯ୍ୟକ୍ରମ ଆରମ୍ଭ କରିଛନ୍ତି। ଆଜି ଜିଲ୍ଲା ପ୍ରଶାସନର ଜିଲ୍ଲାସ୍ତରୀୟ ଗ୍ରାମୀଣ ଶାସନ ଜନଶୁଣାଣି ଶିବିର ଖୋର୍ଦ୍ଧାର ବୋଲଗଡ଼ ବ୍ଲକ ଅନ୍ତର୍ଗତ ପାଟାପୁର ଶାସନ ଗ୍ରାମ ପଞ୍ଚାୟତ, କାର୍ଯ୍ୟାଳୟ ପରିସରରେ ଅନୁଷ୍ଠିତ ହୋଇଥିଲା। ଗ୍ରାମୀଣ ଶାସନ କାର୍ଯ୍ୟକ୍ରମ କଲେକ୍ଟର ଅମୃତ ଋତୁରାଜଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଥିଲା। ଖୋର୍ଧା ଏସ୍ପି ବିବେକାନନ୍ଦ ଶର୍ମା, ଜିଲ୍ଲା ପରିଷଦ ମୁଖ୍ୟ ଉନ୍ନୟନ ଏବଂ କାର୍ଯ୍ୟନିର୍ବାହୀ ଅଧିକାରୀ, ଜ୍ୟୋତି ଶଙ୍କର ସାହୁ, ବ୍ଲୋଗଡ଼ ବ୍ଲକ ଅଧକ୍ଷ ହୁଲାଶ ପ୍ରଧାନ, ସିଡିଏମ୍ ଏବଂ ପିଏଚ୍‌ଓ, ଡକ୍ଟର ସଞ୍ଜୟ ଚନ୍ଦ୍ର ରାୟ, ବିଡିଓ, ସୁମନ ସୁଧା କୁଣ୍ଡୁ, ତହସିଲଦାର ବିଜୟ କୁମାର ସେଠୀ, ସହକାରୀ କଲେକ୍ଟର, ଅଭିଯୋଗ ଭୁବନେଶ୍ୱରୀ କାନହର ପ୍ରମୁଖ ଉପସ୍ଥିତ ଥିଲେ। ଆଜିର ମିଳିତ ଜନଶୁଣାଣି ଶିବିରରେ ମୋଟ ୧୩୨ଟି ଅଭିଯୋଗ ଗ୍ରହଣ କରାଯାଇଥିଲା, ଯେଉଁଥିରୁ ୧୦୩ଟି ବ୍ୟକ୍ତିଗତ ଅଭିଯୋଗ ଏବଂ ୨୯ଟି ସାମୂହିକ ସମସ୍ୟା ଥିଲା। ଜିଲ୍ଲାପାଳ ଅମୃତ ଋତୁରାଜ ତୁରନ୍ତ ୦୫ଟି ଅଭିଯୋଗର ଘଟଣାସ୍ଥଳରୁ ସମାଧାନ କରିଥିଲେ। ସେ କହିଛନ୍ତି ଯେ ଗ୍ରାମୀଣ ପ୍ରଶାସନ




କାର୍ଯ୍ୟକ୍ରମ ମାଧ୍ୟମରେ ଜିଲ୍ଲା ପ୍ରଶାସନ ରାଜ୍ୟ ଏବଂ କେନ୍ଦ୍ର ସରକାରଙ୍କ ବିଭିନ୍ନ ଜନ କଲ୍ୟାଣକାରୀ ଯୋଜନା ସହିତ ପ୍ରକୃତ ହିତାଧିକାରୀଙ୍କ ନିକଟରେ ପହଞ୍ଚିପାରିବ। ଏହାପରେ ପ୍ରଶାସନିକ ଅଧିକାରୀ ଏବଂ ଜନପ୍ରତିନିଧିମାନେ ଆଧାର ସେବା, ରାଜସ୍ୱ, ବ୍ୟାଙ୍କ ସହାୟତା, ସାମାଜିକ ବିକାଶ ଏବଂ ସୁରକ୍ଷା, ଦିବ୍ୟାଙ୍ଗଙ୍କ ସଶକ୍ତିକରଣ, ଉଦ୍ୟାନ କୃଷି, ଆୟୁଷ୍ମାନ ଆରୋଗ୍ୟ ଶିବିର, ପଶୁପାଳନ ସେବା ଇତ୍ୟାଦି ଷ୍ଟଲ ପରିଦର୍ଶନ କରିଥିଲେ।

ନୂଆଦିଲ୍ଲୀରେ କେନ୍ଦ୍ର ମନ୍ତ୍ରୀ କଲେ ଉଦ୍‌ଘାଟନ

# ଯୁବ ଉଦ୍ଭାବକଙ୍କୁ ସଶକ୍ତ କରିବ 'ବିକଶିତ ଭାରତ ବିଲ୍ଡାଥନ'

**ନୂଆଦିଲ୍ଲୀ,୨୩।୯:** କେନ୍ଦ୍ର ଶିକ୍ଷା ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ଆଜି ଏଠାରେ ସାରା ଦେଶର ସ୍କୁଲ ଛାତ୍ରଛାତ୍ରୀଙ୍କ ମଧ୍ୟରେ ନବସୃଜନକୁ ବଢ଼ାଇବା ଲକ୍ଷ୍ୟରେ 'ବିକଶିତ ଭାରତ ବିଲ୍ଡାଥନ- ୨୦୨୫'ର ଶୁଭାରମ୍ଭ କରିଛନ୍ତି। ଏହାଛଡ଼ା ଶ୍ରୀ ପ୍ରଧାନ ପୃଥକ କାର୍ଯ୍ୟକ୍ରମରେ ଭାରତର ନବସୃଜନ ଯାତ୍ରା ଉପରେ ନିତି ଆୟୋଗର ଏକ ରିପୋର୍ଟ ଉନ୍ମୋଚନ କରିବା ସହ ଟ୍ରାଇ ସର୍ଭିସେସ୍ ଏକାଡେମି ଟେକ୍ନୋଲୋଜି ସିମ୍ପୋଜିୟମର ଉଦ୍‌ଯାପନୀ ସମାରୋହରେ ଯୋଗଦେଇଛନ୍ତି। 'ବିକଶିତ ଭାରତ ବିଲ୍ଡାଥନ୍-୨୦୨୫' ଶିକ୍ଷା ମନ୍ତ୍ରଣାଳୟର ସ୍କୁଲ ଶିକ୍ଷା ଓ ସାକ୍ଷରତା ବିଭାଗ ଦ୍ୱାରା ଅଟଳ ଇନୋଭେସନ ମିଶନ, ନିତି ଆୟୋଗ ଏବଂ ଏଆଇସିଟିଇ ସହଯୋଗରେ ଆୟୋଜନ କରାଯାଉଛି। କାର୍ଯ୍ୟକ୍ରମରେ ଶ୍ରୀ ପ୍ରଧାନ ବିକଶିତ ଭାରତ ବିଲ୍ଡାଥନର ଜିଙ୍ଗଲ୍ ଓ ଲୋଗୋ ମଧ୍ୟ ଉଦ୍‌ଘାଟନ କରିଛନ୍ତି। ସେ କହିଛନ୍ତି ଯେ ବିକଶିତ ଭାରତ ବିଲ୍ଡାଥନ୍ ନାମକ ଏକ ବଡ଼ ସ୍କୁଲ ହାକାଥନ୍ ଆରମ୍ଭ କରାଯାଇଛି। ଏହାର ମୁଖ୍ୟ ଲକ୍ଷ୍ୟ ହେଉଛି ଛାତ୍ରଛାତ୍ରୀଙ୍କ ମଧ୍ୟରେ ନୂତନ ଚିନ୍ତାଧାରା ଓ ଉତ୍ପାଦ ବିକାଶ କରିବାର କ୍ଷମତାକୁ ବୃଦ୍ଧି କରିବା। ଏଥିରେ ଛାତ୍ରଛାତ୍ରୀମାନେ 'ଭୋକାଲ୍ ଫର୍ ଲୋକାଲ', 'ଆତ୍ମନିର୍ଭର ଭାରତ', 'ସ୍ୱଦେଶୀ' ଓ 'ସମୃଦ୍ଧି' ପରି ୪ ବିଷୟବସ୍ତୁ ଉପରେ କାମ କରିବେ। କାର୍ଯ୍ୟକ୍ରମ ଦେଶରେ ନୂଆ ଚିନ୍ତାଧାରାକୁ ପ୍ରୋତ୍ସାହିତ କରିବ ଓ ଯୁବପିଢ଼ିକୁ ଏକ ଉନ୍ନତ, ବିକଶିତ, ଓ ଆତ୍ମନିର୍ଭର ଭାରତ ଗଠନରେ ମୁଖ୍ୟ ଭୂମିକା ଗ୍ରହଣ କରିବା ଦିଗରେ ପ୍ରସ୍ତୁତ କରିବ। ବିକଶିତ ଭାରତ ବିଲ୍ଡାଥନ୍ ପୋର୍ଟାଲ୍‌ରେ ପଞ୍ଜିକରଣ କରିବା ପାଇଁ ଏକ ୱିଣ୍ଡୋ ରହିବ, ଯେଉଁଥିରେ ଆସନ୍ତା ୬ ତାରିଖ ପର୍ଯ୍ୟନ୍ତ ଆବେଦନ କରାଯାଇପାରିବ। ଆସନ୍ତା ୧୩ରୁ ବିଲ୍ଡାଥନ କାର୍ଯ୍ୟକ୍ରମ ଆରମ୍ଭ ହେବ। ଏହାର ଶେଷ ପର୍ଯ୍ୟାୟ ଆସନ୍ତା ବର୍ଷ ଜାନୁଆରୀରେ ଅନୁଷ୍ଠିତ ହେବା ସହ ଫଳାଫଳ ଘୋଷଣା କରାଯିବ ଓ ଶ୍ରେଷ୍ଠ ହଜାରେରୁ ଅଧିକ ବିଜେତାଙ୍କୁ ସମ୍ବର୍ଦ୍ଧିତ କରାଯିବ।



ସେହିପରି ଶ୍ରୀ ପ୍ରଧାନ କେନ୍ଦ୍ର ବିଜ୍ଞାନ, ପ୍ରଯୁକ୍ତିବିଦ୍ୟା ଓ ଭୂପୃଷ୍ଠ ବିଜ୍ଞାନ ମନ୍ତ୍ରୀ ଡକ୍ଟର ଜିତେନ୍ଦ୍ର ସିଂହ ଓ ନିତି ଆୟୋଗର ସଦସ୍ୟ ଡକ୍ଟର ଭିକେ ସାରସ୍ୱତଙ୍କ ଉପସ୍ଥିତିରେ ନିତି ଆୟୋଗ ରିପୋର୍ଟ ଉନ୍ମୋଚନ କରିବା ସହ ଏହାକୁ ଭାରତର ଅଭିବୃଦ୍ଧିର ଦର୍ପଣ ସହ ୨୦୪୭ ସୁଦ୍ଧା ସମୃଦ୍ଧ ଓ ବିକଶିତ ଭାରତର ଦୃଷ୍ଟିକୋଣ ହାସଲ ଦିଗରେ ନବସୃଜନ ବ୍ୟବହାର ପାଇଁ ଏକ ରୋଡମ୍ୟାପ୍ ବୋଲି କହିଛନ୍ତି।

ସେହିପରି ଶ୍ରୀ ପ୍ରଧାନ ଟ୍ରାଇ ସର୍ଭିସେସ୍ ଏକାଡେମି ଟେକ୍ନୋଲୋଜି ସିମ୍ପୋଜିୟମର ଉଦଯାପନୀ ସମାରୋହରେ ପ୍ରତିରକ୍ଷା ରାଷ୍ଟ୍ର ମନ୍ତ୍ରୀ ସଞ୍ଜୟ ସେଠଙ୍କ ସହ ଯୋଗଦେଇଥିଲେ। ସେ କହିଥିଲେ ଯେ ସଶସ୍ତ୍ର ବାହିନୀ ଶିକ୍ଷାନୁଷ୍ଠାନ ଓ ଛାତ୍ରଛାତ୍ରୀଙ୍କ ଉପରେ ଅତୁଟ ଭରସା ରଖିଛନ୍ତି। ଆଧୁନିକ ଯୁଦ୍ଧର ପ୍ରମୁଖ ବାହକ ଭାବେ ଏଆଇ, ଡ୍ରୋନ୍ ଓ ସଠିକ୍ ଅସ୍ତ୍ରଶସ୍ତ୍ର ସହ ସଶସ୍ତ୍ର ବାହିନୀ ଓ ଶିକ୍ଷାନୁଷ୍ଠାନ ମଧ୍ୟରେ ସହଭାଗିତା ଅତ୍ୟାବଶ୍ୟକ ହୋଇପଡିଛି। ଗବେଷଣା, ନବସୃଜନ ଓ ଶିକ୍ଷାଗତ ଶକ୍ତି କିପରି ଯୁଦ୍ଧକ୍ଷେତ୍ରରେ ନିର୍ଣ୍ଣାୟକ ଭୂମିକା ନେଇପାରେ, 'ଅପରେସନ ସିନ୍ଦୂର' ତା'ର ଏକ ଉଜ୍ଜ୍ୱଳ ଉଦାହରଣ। ଶିକ୍ଷା ମନ୍ତ୍ରଣାଳୟ ଶିକ୍ଷାନୁଷ୍ଠାନ, ଛାତ୍ରଛାତ୍ରୀ, ଷ୍ଟାର୍ଟ-ଅପ ସହଯୋଗରେ ସୈନିକଙ୍କ ହାତକୁ ମଜବୁତ କରିବ ବୋଲି କେନ୍ଦ୍ର ମନ୍ତ୍ରୀ ଦୃଢ଼ୋକ୍ତି ପ୍ରକାଶ କରିଛନ୍ତି।

କେନାଲ୍‌ରେ ପଶିଗଲା କାର୍

# ମା'-ପୁଅଙ୍କୁ ବଞ୍ଚାଇଲେ ସ୍ଥାନୀୟ ଲୋକେ

## ସୁରକ୍ଷା ବାଡ଼ା ନିର୍ମାଣ ପାଇଁ ଦାବି



**ମାହାଙ୍ଗା,୨୩।୯(ସଂଚାର ବ୍ୟୁରୋ):** ଆଜି ସକାଳେ ମାହାଙ୍ଗା ଥାନାଞ୍ଚଳରେ ଏକ ଅଭାବନୀୟ ଘଟଣା ଘଟିଛି। ଦ୍ରୁତ ଗତିରେ ଯାଉଥିବା ଏକ କାର୍ ଅଚାନକ ଭାରସାମ୍ୟ ହରାଇବା ଫଳରେ ନିକଟସ୍ଥ ପଙ୍ଗାମୁଣ୍ଡାଇ କେନାଲ୍ ଭିତରେ ପଶିଯାଇଥିଲା। ଫଳତଃ ଉକ୍ତ ଗାଡ଼ିର ଚାଳକ ଓ ତାଙ୍କ ମା' ପାଣିରେ ବୁଡ଼ିଯାଇଥିଲେ। କିନ୍ତୁ ଏହି ସମୟରେ ସ୍ଥାନୀୟ ଲୋକେ ସେମାନଙ୍କୁ ବଞ୍ଚାଇବା ଫଳରେ ସେମାନେ ନିଶ୍ଚିତ ମୃତ୍ୟୁମୁଖରୁ ବର୍ତ୍ତିଯାଇଛନ୍ତି। ମାହାଙ୍ଗା ବ୍ଲକର କୁଆଁପାଳଠାରୁ ଅଳ୍ପ ଦୂରରେ ଥିବା ଜଳସରପୁର ଗାଁ ନିକଟରେ ଏହି ଅଘଟଣଘଟିଛି। ପଙ୍ଗାମୁଣ୍ଡାଇ କେନାଲ ପାଣି ସ୍ରୋତରେ ଉକ୍ତ ନାଲି ରଙ୍ଗର କାରଟି ଭାସିଯାଉଥିବା ସ୍ଥାନୀୟ ଲୋକେ ଦେଖିବା ମାତ୍ରେ ପହଁରି ପହଁରି ମା' ଓ ପୁଅଙ୍କୁ ଉଦ୍ଧାର କରିଥିଲେ। ମିଳିଥିବା ସୂଚନାନୁସାରେ, ଜଣ୍ଡିସ ରୋଗରେ ଆକ୍ରାନ୍ତ ବାଲିଚନ୍ଦ୍ରପୁର ଥାନା ପଟଣା ଅଞ୍ଚଳର ଅପରାଜିତା ମିଶ୍ରଙ୍କୁ ଝଡ଼ାଫୁଙ୍କା କରିବା ପାଇଁ ତାଙ୍କ ପୁଅ ଉମାକାନ୍ତ ମାହାଙ୍ଗା ଥାନା ନୂର୍ତ୍ତାଙ୍ଗ ଅଞ୍ଚଳକୁ ନେଇଥିଲେ। ସେମାନେ ସେଠାରୁ ଫେରୁଥିବା ସମୟରେ ଉମାକାନ୍ତ ଗାଡ଼ି ଚଳାଉଥିଲେ। କିନ୍ତୁ ଅସାବଧାନତାବଶତଃ କାରଟି ଜଳସରପୁର ଗାଁ ନିକଟରେ ପଙ୍ଗାମୁଣ୍ଡାଇ କେନାଲ ଭିତରକୁ ଖସିଯାଇଥିଲା। ଫଳରେ ଗାଡ଼ି ଭିତରେ ଥିବା ଅପରାଜିତା ଓ ଉମାକାନ୍ତ ବୁଡ଼ିଯାଇଥିଲେ। କିନ୍ତୁ ସ୍ଥାନୀୟ ଲୋକଙ୍କ ପ୍ରଶଂସନୀୟ କାର୍ଯ୍ୟ ଯୋଗୁଁ ସେମାନେ ବଞ୍ଚିଯାଇଛନ୍ତି। ଖବର ପାଇ ସ୍ଥାନୀୟ ଅଗ୍ନିଶମ ବାହିନୀର କର୍ମଚାରୀମାନେ ଘଟଣାସ୍ଥଳରେ ପହଞ୍ଚି ମା'-ପୁଅଙ୍କୁ ମାହାଙ୍ଗା ସରକାରୀ ହସ୍ପିଟାଲକୁ ପଠାଇଥିଲେ। ତେବେ ଉଭୟଙ୍କ ଅବସ୍ଥା ଭଲ ଥିବା ଜଣାପଡ଼ିଛି। ତେବେ ପଙ୍ଗାମୁଣ୍ଡାଇ କେନାଲ୍ କଡ଼ରେ କୌଣସି ବାଡ଼ା ନଥିବାରୁ ବିଭିନ୍ନ ସମୟରେ ଦୁର୍ଘଟଣା ଘଟୁଥିବା ସ୍ଥାନୀୟ ଲୋକେ ଅଭିଯୋଗ କରିଛନ୍ତି। ତେଣୁ ସ୍ଥାନୀୟ ପ୍ରଶାସନ ପକ୍ଷରୁ କୁଆଁପାଳଠାରୁ ନୂର୍ତ୍ତାଙ୍ଗ ମଧ୍ୟରେ ପଙ୍ଗାମୁଣ୍ଡାଇ କେନାଲ ବନ୍ଧରେ ସୁରକ୍ଷା ବାଡ଼ା ନିର୍ମାଣ କରିବା ସକାଶେ ସମାଜସେବୀ ଯାଦବଚନ୍ଦ୍ର ଦାଶ, ସେନା କର୍ମଚାରୀ ନିରଞ୍ଜନ ତ୍ରିପାଠୀ, ଜ୍ଞାନେନ୍ଦ୍ର ତ୍ରିପାଠୀ, ପ୍ରମୁଖ ଦାବି କରିଛନ୍ତି।

# ରୋଲର ତଳେ ଚାପି ହୋଇ ଚାଳକଙ୍କ ମୃତ୍ୟୁ

**ସୋରଡା,୨୩।୯(ସଂଚାର ବ୍ୟୁରୋ):** ସୋରଡ଼ା ବ୍ଲକ ନୂଆଗଡ ପଂଚାୟତ କେଶରା ଗ୍ରାମ ନିକଟରେ ରୋଲର ତଳେ ଚାପି ହୋଇ ଚାଳକର ମୃତ୍ୟୁ ହୋଇଛି। ଚାଳକ ଜଣଙ୍କ ଦିଗପହଣ୍ଡି ଥାନାଞ୍ଚଳର କଇଠଡା ଗ୍ରାମ ନିବାସୀ ରାଜେନ୍ଦ୍ର ମିଶ୍ର (୪୭) ବୋଲି ଜଣାପଡ଼ିଛି। ସୋରଡ଼ା ବ୍ଲକର ପାଲକାଟ ପଞ୍ଚାୟତର ନୂଆଁଗାଁଠାରୁ ଆସ୍କା ନିକଟ ଝଗଦେଇ ପର୍ଯ୍ୟନ୍ତ ୨୪ କିମି ରାସ୍ତାର ନିର୍ମାଣ କାର୍ଯ୍ୟ ଚାଲିଛି। ତେବେ ଆଜି ଉକ୍ତ ରାସ୍ତାରେ ପିଚୁ ପକାଯାଇଥିଲା। ଏହା ଉପରେ ରାଜେନ୍ଦ୍ର ରୋଲର ଚଳାଉଥିଲେ। କିନ୍ତୁ ହଠାତ ଭାରସାମ୍ୟ ହରାଇ ରୋଲରଟି ରାସ୍ତା କଡ଼କୁ ପ୍ରାୟ ୫ ଫୁଟ ତଳକୁ ଖସିଯାଇଥିଲା। ଫଳରେ ରୋଲର ତଳେ ଚାପି ହୋଇ ରାଜେନ୍ଦ୍ରଙ୍କର ଘଟଣାସ୍ଥଳରେ ହିଁ ମୃତ୍ୟୁ ଘଟିଥିଲା। ଏନେଇ ଖବର ପାଇ ସ୍ଥାନୀୟ ପୁଲିସ ଘଟଣାସ୍ଥଳରେ ପହଞ୍ଚି ମୃତଦେହ ଜବତ କରିବା ସହ ବ୍ୟବଚ୍ଛେଦ ବ୍ୟବସ୍ଥା କରିଛି। ତେବେ ଏପରି ଏକ ଅଘଟଣ ସ୍ଥାନୀୟ ଅଞ୍ଚଳରେ ଚର୍ଚ୍ଚାର ବିଷୟ ହୋଇଛି।






ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କୁ ପାୱାର ପଏଣ୍ଟ ଇଞ୍ଜିନିୟରିଂ ପ୍ରାଇଭେଟ୍ ଲିମିଟେଡର ପରିଚାଳନା ନିର୍ଦ୍ଦେଶକ ଇଂ. ସମୀର କୁମାର ନାୟକ ମୁଖ୍ୟମନ୍ତ୍ରୀଙ୍କ ରିଲିଫ୍ ପାଣ୍ଠି ପାଇଁ ୫ ଲକ୍ଷ ଟଙ୍କାର ଚେକ୍ ପ୍ରଦାନ କରୁଛନ୍ତି।

● ଫିଟ୍ ହବିଷ୍ୟାଳିଙ୍କ ନାମ ଚୟନ ଚାଲିଛି

# ବିଶୃଙ୍ଖଳିତ ଆଚରଣ କଲେ ବହିଷ୍କୃତ ହେବେ ବ୍ରତଧାରୀ

**ପୁରୀ,୨୩।୯(ସଂଚାର ବ୍ୟୁରୋ):** ଆଗାମୀ କାର୍ତ୍ତିକ ମାସରେ ପୁରୀର ୪ଟି ସ୍ଥାନରେ ହବିଷ୍ୟାଳିଙ୍କ ରହଣି ପାଇଁ ବ୍ୟବସ୍ଥା ହୋଇଥିବା ବେଳେ ଶୃଙ୍ଖଳା ଉପରେ ସ୍ଥାନୀୟ ପ୍ରଶାସନ ଅଧିକ ଗୁରୁତ୍ୱ ଦେଉଛି। ତେଣୁ ଶିବିରରେ ବିଶୃଙ୍ଖଳିତ ଆଚରଣ ପ୍ରଦର୍ଶନ କଲେ କାର୍ତ୍ତିକ ବ୍ରତଧାରୀଙ୍କୁ ଏଠାରୁ ବହିଷ୍କାର କରାଯିବ। ସେହିପରି ଆବେଦନକାରୀ ହବିଷ୍ୟାଳି ଦେଇଥିବା ଅଣ୍ଡରଟେକିଂରେ କୌଣସି ବିବରଣୀ ଅସତ୍ୟ ହୋଇଥିଲେ ସେମାନଙ୍କୁ ଅଯୋଗ୍ୟ ଘୋଷଣା କରାଯିବ। ତେଣୁ ହବିଷ୍ୟାଳିମାନଙ୍କୁ ଶିବିରରେ ରହିବାକୁ ହେଲେ ଧାର୍ଯ୍ୟ ନିୟମ ପାଳନ କରିବାକୁ ପଡ଼ିବ। ତେଣୁ ପ୍ରଶାସନ ଚଳିତ ବର୍ଷ କାର୍ତ୍ତିକ ବ୍ରତଧାରୀଙ୍କ ଆବେଦନ ଗ୍ରହଣ କରିବା ସହ ତା'ର ପୁଙ୍ଖାନୁପୁଙ୍ଖ ଯାଞ୍ଚ ଜାରି ରଖିଛି।

ପ୍ରଶାସନ ପକ୍ଷରୁ ବ୍ରତଧାରୀମାନଙ୍କୁ ୫ଟି ପଏଣ୍ଟ ଥିବା ଅଣ୍ଡରଟେକିଂ ଦେବାକୁ କୁହାଯାଇଥିଲା। ଆବେଦନକାରୀଙ୍କ ନାମ, ଠିକଣା, ମୋବାଇଲ ନମ୍ବର, ବ୍ଲଡ୍ ଗ୍ରୁପ୍ ସାଙ୍ଗକୁ ବିଗତ ବର୍ଷ ଏହି ସୁବିଧା ନେଇଛନ୍ତି କି ନାହିଁ, ତାହା ଜଣାଇବାକୁ କୁହାଯାଇଥିଲା। ସେହିପରି ଦରଖାସ୍ତକାରୀଙ୍କ ସ୍ୱାସ୍ଥ୍ୟାବସ୍ଥା ସମ୍ପର୍କରେ ମଧ୍ୟ ପ୍ରଶାସନ ବିସ୍ତୃତ ତଥ୍ୟ ମାଗିଥିଲା। ଶିବିରରେ ରହିବା ନିମନ୍ତେ ଆବେଦନକାରୀ ଶାରୀରିକ ଓ ମାନସିକ ସ୍ତରରେ ସମ୍ପୂର୍ଣ୍ଣ ସୁସ୍ଥ ଓ ସକ୍ଷମ ଥିବା ଜରୁରୀ ବୋଲି ନିୟମାବଳୀରେ ଉଲ୍ଲେଖ କରାଯାଇଥିଲା। ସେହିପରି ଶିବିରରେ ସକାଳେ ଓ ସନ୍ଧ୍ୟାରେ ହବିଷ୍ୟାଳିଙ୍କୁ ମିଠା ଓ ବିନା ମିଠା ଚା' ଯୋଗାଇ ଦିଆଯିବ। କାର୍ତ୍ତିକ ମାସରେ ଦୁଇଟି ଏକାଦଶୀ ପଡୁଥିବାରୁ ପାଖାପାଖି ୩ ହଜାର ହବିଷ୍ୟାଳିଙ୍କ ପାଇଁ ତଟକା ଫଳ ଯୋଗାଣ ପାଇଁ ପଦକ୍ଷେପ ନିଆଯାଇଛି। ପ୍ରତି ହବିଷ୍ୟାଳିଙ୍କୁ ଗୋଟିଏ ଲେଖାଏଁ ଫଳ ପ୍ୟାକେଟ ଦିଆଯିବ, ଯେଉଁଥିରେ ୩ଟି ପାଚିଲା କଦଳୀ, ୨ଟି ଲେଖାଏଁ ପିଜୁଳି, ନାସପାତି ଓ ସେଓ ରହିବ ଏବଂ ଏହାର ଓଜନ ପ୍ରାୟ ୭୫୦ ଗ୍ରାମ ହେବ। ଆହୁରି ହବିଷ୍ୟାଳିଙ୍କୁ ଝୋଟ ନିର୍ମିତ ସ୍ୱତନ୍ତ୍ର ଲୋଗୋ ଥିବା ବ୍ୟାଗରେ କାର୍ତ୍ତିକ ବ୍ରତ ସରଞ୍ଜାମ ଦିଆଯିବ। ସେହିପରି ଶିବିରରେ ନିୟୋଜିତ ସ୍ୱେଚ୍ଛାସେବୀଙ୍କୁ ମଧ୍ୟ ସ୍ୱତନ୍ତ୍ର ଲୋଗୋ ସମ୍ପନ୍ନ ଟି-ଶାର୍ଟ ଦିଆଯିବ। ସୂଚନାଯୋଗ୍ୟ ଯେ ଆସନ୍ତା ୭ରୁ ନଭେମ୍ବର ୫ ତାରିଖ ପର୍ଯ୍ୟନ୍ତ କାର୍ତ୍ତିକ ବ୍ରତ ଆରମ୍ଭ ହେଉଥିବା ବେଳେ ଶିବିରରେ ରହିବା ସକାଶେ ଆବେଦନ କରିଥିବା ହବିଷ୍ୟାଳିଙ୍କ କାଗଜପତ୍ରର ଯାଞ୍ଚ ଜାରି ରହିଛି।

# ଶିଶୁକନ୍ୟା ଦୁଷ୍କର୍ମୀକୁ ଆଜୀବନ କାରାଦଣ୍ଡ

● ୨ ଲକ୍ଷ ଟଙ୍କା ଜରିମାନା ନିର୍ଦ୍ଦେଶ

**ଯାଜପୁର,୨୩।୯(ସଂଚାର ବ୍ୟୁରୋ):** ଯାଜପୁର ଜିଲ୍ଲା ବରୀ-ରାମଚନ୍ଦ୍ରପୁର ଥାନାଞ୍ଚଳରେ ଜନୈକା ୮ ବର୍ଷର ଶିଶୁକନ୍ୟାକୁ ଦୁଷ୍କର୍ମ କରିଥିବା ଅଭିଯୋଗରେ ଆଜି ଦୋଷୀକୁ ଆଜୀବନ କାରାଦଣ୍ଡାଦେଶ ଶୁଣାଇଛନ୍ତି ଅତିରିକ୍ତ ଜିଲ୍ଲା ଦୌରା ଜଜ ତଥା ସ୍ୱତନ୍ତ୍ର ପକ୍‌ସୋ କୋର୍ଟ ବିଚାରପତି। ସମସ୍ତ ସାକ୍ଷ୍ୟ ଓ ପ୍ରମାଣକୁ ଭିତ୍ତି କରି କୋର୍ଟ ଅଭିଯୁକ୍ତ କାଳିଆ ଓରଫ୍ ଅରକ୍ଷିତ ପରିଡା(୫୨)କୁ ଏହି କାରାଦଣ୍ଡାଦେଶ ଶୁଣାଇବା ସହ ୨ ଲକ୍ଷ ଟଙ୍କା ଜରିମାନା ପଇଠ କରିବା ସକାଶେ ମଧ୍ୟ ନିର୍ଦ୍ଦେଶ ଦେଇଛନ୍ତି। ଏହାଛଡ଼ା ପୀଡ଼ିତାଙ୍କୁ ୫ ଲକ୍ଷ ଟଙ୍କାର ଅନୁକମ୍ପାମୂଳକ ସହାୟତା ରାଶି ପ୍ରଦାନ କରିବା ସକାଶେ ଜିଲ୍ଲା ଆଇନସେବା ପ୍ରାଧିକରଣକୁ ମଧ୍ୟ କୋର୍ଟ ନିର୍ଦ୍ଦେଶ ଦେଇଛନ୍ତି।

ସୂଚନାନୁସାରେ, ଗତ ବର୍ଷ ଅକ୍ଟୋବର ୨୩ରେ ଉକ୍ତ ନାବାଳିକା ଜଣକ ଖେଳି ସାରି ଘରକୁ ଫେରୁଥିବା ସମୟରେ ଅରକ୍ଷିତ ତାକୁ ଭୁଲାଇ ଏକ ନିର୍ଜନ ଜାଗାକୁ ନେଇ ଦୁଷ୍କର୍ମ କରିଥିଲା। ଏଥିସହ ଏ ସମ୍ପର୍କରେ କାହାରିକୁ ବି ନ ଜଣାଇବା ସକାଶେ ସେ ପୀଡ଼ିତାକୁ ଧମକ ଦେଇଥିଲା। କିନ୍ତୁ ଗୁରୁତର ହୋଇପଡ଼ିଥିବା ଉକ୍ତ ନାବାଳିକାକୁ ପରିବାର ଲୋକେ ଚିକିତ୍ସା ନିମନ୍ତେ ସ୍ଥାନୀୟ ଡାକ୍ତରଖାନା ଓ ପରବର୍ତ୍ତୀ ସମୟରେ କଟକ ବଡ଼ ମେଡିକାଲକୁ ନେଇଥିଲେ। ସେଠାରେ ଚିକିତ୍ସାଧୀନ ଅବସ୍ଥାରେ ନାବାଳିକା ଜଣକ ଘଟଣା ସମ୍ପର୍କରେ ପରିବାର ଲୋକଙ୍କୁ କହିଥିଲା। ଏନେଇ ପରିବାର ଲୋକେ ଅଭିଯୋଗ କରିବା ପରେ ଅକ୍ଟୋବର ୨୪ ତାରିଖରେ ବରୀ ରାମଚନ୍ଦ୍ରପୁର ଥାନାରେ ଏକ ମାମଲା ରୁଜୁ କରାଯାଇଥିଲା। ତଦନ୍ତକାରୀ ଅଧିକାରୀ ସୁମତି ମହାନ୍ତି ଅଭିଯୁକ୍ତଙ୍କୁ କେନ୍ଦ୍ରାପଡାରୁ ଗିରଫ କରିଥିଲେ। ଆଜି ସମସ୍ତ ସାକ୍ଷ୍ୟ ପ୍ରମାଣକୁ ଭିତ୍ତି କରି ବିଚାରପତି ଅଭିଯୁକ୍ତଙ୍କୁ ଉପରୋକ୍ତ ଦଣ୍ଡାଦେଶ ଦେଇଛନ୍ତି।

# ଭଦ୍ରକ ଇରମ୍ ପାକ୍ସ ସମ୍ପାଦକ ନିଲମ୍ବିତ

● ବେଆଇନ ସାର ପରିବହନ ନେଇ କାର୍ଯ୍ୟାନୁଷ୍ଠାନ

**ଭୁବନେଶ୍ୱର,୨୩।୯(ସଂଚାର ବ୍ୟୁରୋ):** ବେଆଇନ ସାର (ୟୁରିଆ, ଇଫକୋ) ପରିବହନ ଅଭିଯୋଗରେ ଆଜି ଭଦ୍ରକ ଜିଲ୍ଲା ଇରମ୍ ପାକ୍ସ ସମ୍ପାଦକ ରଶ୍ମି ରଞ୍ଜନ କବାଟଙ୍କୁ ସମବାୟ ବିଭାଗ ପକ୍ଷରୁ ଆଜି କାର୍ଯ୍ୟରୁ ନିଲମ୍ବନ କରାଯାଇଛି। ଇରମ୍ ପ୍ରାଥମିକ କୃଷି ସମବାୟ ସମିତିରୁ ବାସୁଦେବପୁର କୃଷି ସମବାୟ ସମିତିକୁ ସେ ବେଆଇନ ଭାବେ ସାର ପରିବହନ କରୁଥିଲେ। ମିଳିଥିବା ସୂଚନାନୁସାରେ, ବାସୁଦେବପୁର କୃଷି ସମବାୟ ସମିତିର ଲାଇସେନ୍ସ ବା ସରକାରୀ ଅନୁମତିପତ୍ର ନାହିଁ। ଲାଇସେନ୍ସ ନଥିବା ଏକ ପାକ୍ସକୁ ବିନାନୁମତିରେ ପରିବହନ କରୁଥିବା ସମୟରେ ଶ୍ରୀ କବାଟ ଧରାପଡ଼ିଥିଲେ। ସୂଚନାଯୋଗ୍ୟ ଯେ ରାଜ୍ୟରେ ସାର ଅଭାବ ନେଇ ବିଭିନ୍ନ ସମୟରେ ଅଭିଯୋଗ ହୋଇଆସୁଥିବା ବେଳେ ଚାଷୀମାନେ ଆନ୍ଦୋଳନ ମଧ୍ୟ କରୁଛନ୍ତି। ତେବେ ସାର ବଣ୍ଟନରେ କୌଣସି ପ୍ରକାର ଅନିୟମିତତା ରୋକିବା ସକାଶେ ସରକାର ଠୋସ୍ ପଦକ୍ଷେପ ନେଉଛନ୍ତି। ସାର ଅନିୟମିତତାରେ ଲିପ୍ତ ରହିଲେ ତୁରନ୍ତ କାର୍ଯ୍ୟାନୁଷ୍ଠନ ଗ୍ରହଣ କରିବା ପାଇଁ ସମବାୟ ବିଭାଗ ପକ୍ଷରୁ କ୍ଷେତ୍ର ଅଧିକାରୀମାନଙ୍କୁ ନିର୍ଦ୍ଦେଶ ଦିଆଯାଇଛି। ଚାଷୀଙ୍କ ଉନ୍ନତି ପାଇଁ ସରକାର ପ୍ରତିବଦ୍ଧ ଥିବା ବେଳେ ସମସ୍ତଙ୍କୁ ସୁଲଭ ଦରରେ ସାର ଯୋଗାଇଦେବା ସକାଶେ ଯଥାସାଧ୍ୟ ପଦକ୍ଷେପ ଗ୍ରହଣ କରାଯାଇଛି। ସାର କଳାବଜାରୀ ରୋକିବା ପାଇଁ ଏନଫୋର୍ସମେଣ୍ଟ ଟିମ୍ ସମଗ୍ର ରାଜ୍ୟରେ ଚଢ଼ାଉ ଜାରି ରଖିଛନ୍ତି।

# ପେଟ୍ରୋଲ ପମ୍ପରେ ଯୋଗାଣ ବିଭାଗର ଅଚାନକ ଚଢ଼ାଉ

● ବିଭିନ୍ନ ଅନିୟମିତତା ଠାବ
● ଲ୍ୟାବ୍ ଗଲା ଡିଜେଲ୍ ନମୁନା



**ଭୁବନେଶ୍ୱର,୨୩।୯ (ସଂଚାର ବ୍ୟୁରୋ):** ଜିଲ୍ଲା ଯୋଗାଣ ବିଭାଗର ଏକ ସ୍କ୍ୱାର୍ଡ ପକ୍ଷରୁ ଆଜି ସ୍ଥାନୀୟ ନୂଆଗାଁସ୍ଥିତ ଲିଙ୍ଗରାଜ ପେଟ୍ରୋଲ ପମ୍ପରେ ଚଢ଼ାଉ କରାଯାଇଛି। ଏହି ଚଢ଼ାଉ ସମୟରେ ଅଧିକାରୀମାନେ ଡିଜେଲ ମାନରେ କିଛି ତ୍ରୁଟି ଦେଖିବା ସହ ନମୁନା ସଂଗ୍ରହ କରି ପରୀକ୍ଷା ପାଇଁ ଫୋରେନ୍‌ସିକ୍ ଲାବୋରେଟୋରୀକୁ ପଠାଇଛନ୍ତି। ଏହାଛଡ଼ା ଉକ୍ତ ପେଟ୍ରୋଲ୍ ପମ୍ପରେ ବିଭିନ୍ନ ପ୍ରକାର ଅନିୟମିତତା ଯଥା ନିଆଁଲିଭା ଯନ୍ତ୍ର ନବୀକରଣ ନ ହେବା, ସ୍ୟାଣ୍ଡ ବକେଟ୍‌ରେ ବାଲି ନ ରହିବା, ଶୌଚାଳୟ କାର୍ଯ୍ୟକ୍ଷମ ନଥିବା ଓ ଆନୁଷଙ୍ଗିକ ବ୍ୟବସ୍ଥା ଆଦିରେ ତ୍ରୁଟି ପରିଲକ୍ଷିତ ହୋଇଛି।

ତେଣୁ ସ୍କ୍ୱାଡ୍‌ର ସଦସ୍ୟମାନେ ପେଟ୍ରୋଲ୍ ପମ୍ପର ମାଲିକ ବିଚିତ୍ର ଭୋଳଙ୍କୁ ଏ ସମ୍ପର୍କରେ ପଚରାଉଚରା କରିବା ସମୟରେ ସେ କୌଣସି ସନ୍ତୋଷଜନକ ଉତ୍ତର ଦେଇପାରିନଥିଲେ। ଏ ସମ୍ବନ୍ଧୀୟ ତଥ୍ୟ ଜିଲ୍ଲା ଉପରିସ୍ଥ ଅଧିକାରୀ ତଥା ଅଏଲ୍ ମାର୍କେଟିଂ କମ୍ପାନୀର ଅଧିକାରୀଙ୍କୁ କାର୍ଯ୍ୟାନୁଷ୍ଠାନ ପାଇଁ ଜଣାଇବେ ବୋଲି ଯୋଗାଣ ବିଭାଗର ଅଧିକାରୀମାନେ ପ୍ରକାଶ କରିଥିଲେ।

ବିଭିନ୍ନ ସ୍ଥାନରୁ ଆସୁଥିବା ଅଭିଯୋଗକୁ ଭିତ୍ତି କରି ମାପ, ଓଜନ ତଥା ମାନରେ ଆସୁଥିବା ତ୍ରୁଟି ସୁଧାରିବା ନିମନ୍ତେ ଜିଲ୍ଲା ଯୋଗାଣ ବିଭାଗ ଆଗାମୀ ଦିନରେ ଏହିଭଳି ଚଢ଼ାଉ ଜାରି ରହିବ ବୋଲି କୁହାଯାଇଛି। ଆଜିର ଚଢ଼ାଉରେ ଜିଲ୍ଲା ଯୋଗାଣ ଅଧିକାରୀ ଜ୍ଞାନେନ୍ଦ୍ରୀୟ ମିଶ୍ର, ବିଏମ୍‌ସି ଅତିରିକ୍ତ ଯୋଗାଣ ଅଧିକାରୀ ରୋହିତ କୁମାର ଦାସ, ଭୁବନେଶ୍ୱର ଉପଖଣ୍ଡର ସହାୟକ ଯୋଗାଣ ଅଧିକାରୀ ସୁନିତା ବେହେରା, ଭୁବନେଶ୍ୱର ବ୍ଲକ୍‌ର ଯୋଗାଣ ନିରୀକ୍ଷକ ସୌମେନ୍ଦ୍ର ମହାନ୍ତି ଓ ବିଏମ୍‌ସିର ଯୋଗାଣ ନିରୀକ୍ଷକ ଉପସ୍ଥିତ ଥିଲେ।

ବୟନଶିଳ୍ପ ମନ୍ତ୍ରଣାଳୟର ସ୍ୱଚ୍ଛତା ହିଁ ସେବା ଅଭିଯାନ ପାଳିତ

# ସାରା ଦେଶରେ ସ୍ୱଚ୍ଛତା ଅଭିଯାନ ଅନୁଷ୍ଠିତ



**ଭୁବନେଶ୍ୱର,୨୩।୯(ସଂଚାର ବ୍ୟୁରୋ):** ଜେସିଆଇ ଆଞ୍ଚଳିକ କାର୍ଯ୍ୟାଳୟ ପକ୍ଷରୁ ନିଗମର ସଫେଇ କର୍ମଚାରୀ ଏବଂ ସାଧାରଣ ଜନତାଙ୍କ ପାଇଁ ଏକ ସଫେଇ ମିତ୍ର ସୁରକ୍ଷା ଶିବିର ଆୟୋଜନ କରାଯାଇଥିଲା। ଏହି ଶିବିର ମାଧ୍ୟମରେ ୨୦୦ରୁ ଅଧିକ ଲୋକଙ୍କୁ ମାଗଣା ସ୍ୱାସ୍ଥ୍ୟ ସେବା, ଔଷଧ ବିତରଣ ଓ ଅନ୍ୟ ସେବା ଯୋଗାଇ ଦିଆଯାଇଥିଲା। ମୁମ୍ବାଇର ବୟନଶିଳ୍ପ କମିଟି ଅଧିକ ଟ୍ରାଫିକ୍ ଥିବା ସ୍ଥାନରେ ସ୍ୱଚ୍ଛ ଭାରତ ସାଂସ୍କୃତିକ ଉତ୍ସବ ଆୟୋଜନ କରିଥିଲା। ସ୍ଥାନୀୟ ଓ ଆଞ୍ଚଳିକ କଳା, ସଂସ୍କୃତି, ସଙ୍ଗୀତ ଓ ନୃତ୍ୟ ପରିବେଷଣ କରାଯାଇଥିଲା। ଏହି ଅଭିଯାନ ଅଧୀନରେ ଜାତୀୟ ହସ୍ତତନ୍ତ ବିକାଶ ନିଗମ ଲିମିଟେଡ୍ ଦ୍ୱାରା ବ୍ୟାପକ ଭାବେ ସଫେଇ କାର୍ଯ୍ୟକ୍ରମ କରାଯାଇଥିଲା। ଗତକାଲି ପୂର୍ବାହ୍ନ ୧୧ଟା ସମୟରେ ମୁଖ୍ୟାଳୟ ପରିସରକୁ ସଫା କରାଯିବା ସହ ନିଗମର ବିଭିନ୍ନ ଶାଖା କାର୍ଯ୍ୟାଳୟଗୁଡ଼ିକରେ ବି ନିରନ୍ତର ସଫେଇ ଅଭିଯାନ ଜାରି ରହିଛି। କୋଲକାତାର ନ୍ୟୁ ଟାଉନରେ ଜାତୀୟ ଝୋଟ ବୋର୍ଡ (ଏନଜେବି) ପକ୍ଷରୁ ବ୍ୟାପକ ସ୍ୱଚ୍ଛତା ଅଭିଯାନ ଆୟୋଜିତ ହୋଇଛି। କାର୍ଯ୍ୟକ୍ରମରେ ଏନଜେବି ସମ୍ପାଦକଙ୍କ ସହ ଅନ୍ୟମାନେ ବି ଅଂଶଗ୍ରହଣ କରିଥିଲେ। ଏହି ଅଭିଯାନ ଅଧୀନରେ ନୂଆଦିଲ୍ଲୀସ୍ଥିତ ଉଦ୍ୟୋଗ ଭବନର ବିଭିନ୍ନ ବିଭାଗରେ ହ୍ୟାଣ୍ଡଲୁମ ଓ ବୟନ ଶିଳ୍ପ ମନ୍ତ୍ରଣାଳୟର ଉନ୍ନୟନ କମିଶନର କାର୍ଯ୍ୟାଳୟ ପକ୍ଷରୁ କୀଟପତଙ୍ଗ ନିୟନ୍ତ୍ରଣ ଓ ବ୍ୟାପକ ଭାବେ ସଫେଇ କାର୍ଯ୍ୟକ୍ରମ କରାଯାଇଛି।

# ସେବା ସମବାୟ ସୋସାଇଟିର ପୂର୍ବତନ ସେକ୍ରେଟାରୀ ଗିରଫ

● ୧୩ ଲକ୍ଷ ଟଙ୍କାର ଠକେଇ ଅଭିଯୋଗ ରହିଛି



**ଭୁବନେଶ୍ୱର,୨୩।୯(ସଂଚାର ବ୍ୟୁରୋ):** ଭିଜିଲାନ୍ସ ଜାଲରେ ପଡ଼ିଛନ୍ତି ବିବିସିସି ବ୍ୟାଙ୍କ ଲିମିଟେଡ୍ ଅଧୀନରେ ଥିବା ତିହିଡ଼ି ବାମନବିନ୍ଧା ସେବା ସମବାୟ ସୋସାଇଟିର ପୂର୍ବତନ ସେକ୍ରେଟାରୀ ସୁଦର୍ଶନ ଖଟୁଆ। ଲକ୍ଷାଧିକ ଟଙ୍କାର ସୋସାଇଟି ପାଣ୍ଠି ଆତ୍ମସାତ୍ କରିବା ଅଭିଯୋଗରେ ତାଙ୍କୁ ଆଜି ଭିଜିଲାନ୍ସ ଗିରଫ କରିଛି। ସୁଦର୍ଶନଙ୍କ ବିରୋଧରେ ୧୩ ଲକ୍ଷରୁ ଅଧିକ ଟଙ୍କା ହେରଫେର୍ କରିଥିବା ନେଇ ଅଭିଯୋଗ ରହିଛି। ଭିଜିଲାନ୍ସ ଟିମ୍ ଏନେଇ ଅଧିକ ତଦନ୍ତ ଚଳାଇଛି।

ମିଳିଥିବା ସୂଚନାନୁଯାୟୀ, ସୁଦର୍ଶନ ତିହିଡ଼ି ବାମନବିନ୍ଧା ସେବା ସମବାୟର ସେକ୍ରେଟାରୀ ଭାବେ କାର୍ଯ୍ୟ କରୁଥିବା ସମୟରେ ସରକାରୀ ରେକର୍ଡରେ ବ୍ୟାପକ ହେରଫେର କରିଥିଲେ। ସୋସାଇଟି ପାଣ୍ଠିରୁ ସଦସ୍ୟଙ୍କ ସଞ୍ଚୟ ବ୍ୟାଙ୍କ ଜମା ଉଠାଇନେଇଥିଲେ। 'ଡେ ବୁକ୍‌ରେ କମ୍ ବାଲାନ୍ସ' ଦେଖାଇ ପାଣ୍ଠିର ଅପବ୍ୟବହାର କରୁଥିଲେ। ସରକାରଙ୍କ ଦ୍ୱାରା ସ୍ଥିରୀକୃତ ମୂଲ୍ୟଠାରୁ ଅଧିକ ମଣ୍ଡି ଲେବର ଚାର୍ଜ କରି ସେ ୧୩ ଲକ୍ଷ ୩୨ ହଜାର ୨୬୦ ଟଙ୍କା ହଡ଼ପ କରିଥିଲେ। ଏନେଇ ତାଙ୍କ ବିରୋଧରେ ଅଭିଯୋଗ ହୋଇଥିଲା ବେଳେ ଏହାକୁ ଭିତ୍ତି କରି ବାଲେଶ୍ୱର ଭିଜିଲାନ୍ସ ତଦନ୍ତ କରବା ପରେ ସୁଦର୍ଶନଙ୍କୁ ଗିରଫ କରିଛି। ଏନେଇ ଭିଜିଲାନ୍ସ ଟିମ୍ ଅଧିକ ଛାନଭିନ୍ ମଧ୍ୟ ଚଳାଇଛି।

ଜାତୀୟ ସରସ ମେଳାରେ ସମ୍ବଲପୁର ଏସ୍‌ଏଚ୍‌ଜି ପୁରସ୍କୃତ

# ୪୮୬୦ ଉତ୍ପାଦ ବିକ୍ରି, ୧୫ ଲକ୍ଷରୁ ଉର୍ଦ୍ଧ୍ୱ ବ୍ୟବସାୟ



**ଭୁବନେଶ୍ୱର,୨୩।୯ (ସଂଚାର ବ୍ୟୁରୋ):** ନୂଆଦିଲ୍ଲୀରେ ଆୟୋଜିତ ଜାତୀୟ ସ୍ତରୀୟ ସରସ ମେଳା- ୨୦୨୫ର ଉଦ୍‌ଯାପନୀ ଦିବସରେ ହସ୍ତତନ୍ତ ଷ୍ଟଲ ବର୍ଗରେ ସମ୍ବଲପୁର ଜିଲ୍ଲାର ମା' ଗଜଲକ୍ଷ୍ମୀ ସ୍ୱୟଂ ସହାୟକ ଗୋଷ୍ଠୀର ସଦସ୍ୟା ସୀମା ମେହେର ତୃତୀୟ ସ୍ଥାନ ଅଧିକାର କରି ପୁରସ୍କୃତ ହୋଇଛନ୍ତି। ଏହି ଜାତୀୟସ୍ତରୀୟ ଉପଲବ୍ଧି ପାଇଁ ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡା ସୋସିଆଲ ମିଡିଆ ମାଧ୍ୟମରେ ଶ୍ରୀମତୀ ମେହେରଙ୍କ ସହିତ ଗୋଷ୍ଠୀର ସମସ୍ତ ସଦସ୍ୟା, ମିଶନ ଶକ୍ତି ବିଭାଗ, ଓଡ଼ିଶା ଜୀବିକା ମିଶନ, ହସ୍ତତନ୍ତ ଓ ବୟନ ଶିଳ୍ପ ବିଭାଗ ଏବଂ ସମ୍ବଲପୁର ଜିଲ୍ଲା ପ୍ରଶାସନଙ୍କୁ ଶୁଭେଚ୍ଛା ଜଣାଇଛନ୍ତି। ଗତ ୫ରୁ ଆରମ୍ଭ ହୋଇ ୨୨ରେ ଉଦ୍‌ଯାପିତ ହୋଇଥିବା ଜାତୀୟ ସରସ ମେଳା-୨୦୨୫ରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କ ଦିଗଦର୍ଶନରେ ଓଡ଼ିଶା ଜୀବିକା ମିଶନ ଓ ମିଶନ ଶକ୍ତି ବିଭାଗ ସହଭାଗିତାରେ ଓଡ଼ିଶାରୁ ୭ଟି ଷ୍ଟଲ ସ୍ଥାନ ପାଇଥିଲା। ଏଥିରେ ହସ୍ତତନ୍ତ ବର୍ଗରେ ୩ଟି, ହସ୍ତଶିଳ୍ପ ବର୍ଗରେ ପଟ୍ଟଚିତ୍ରର ଗୋଟିଏ ଓ ସବାଇ ଉତ୍ପାଦର ଗୋଟିଏ, ପ୍ୟାକେଜ ଫୁଡ୍ ପ୍ରଡକ୍ଟର ଗୋଟିଏ ଓ ଲାଇଭ ଫୁଡର ଗୋଟିଏ ଷ୍ଟଲ୍ ରହିଥିଲା। ଏହି ୭ଟି ଷ୍ଟଲରେ ସ୍ୱୟଂ ସହାୟକ ଗୋଷ୍ଠୀର ୪୮୬୦ ଉତ୍ପାଦ ବିକ୍ରି କରାଯିବା ସହ ୧୫ ଲକ୍ଷରୁ ଉର୍ଦ୍ଧ୍ୱ ଟଙ୍କାର ବ୍ୟବସାୟ ହୋଇଥିବା ଜଣାପଡ଼ିଛି।

ମାହାଙ୍ଗାରେ ସେବାପକ୍ଷ ପାଳନ

# ମେଗା ଶିବିରରେ ୩୦୦ ୟୁନିଟ୍ ରକ୍ତ ସଂଗୃହୀତ



**ମାହାଙ୍ଗା,୨୩।୯(ସଂଚାର ବ୍ୟୁରୋ):** ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ୭୫ତମ ଜନ୍ମଦିନ ପାଳନ ଅବସରରେ ମାହାଙ୍ଗା ବିକାଶ ପରିଷଦ ପକ୍ଷରୁ ବିଭିନ୍ନ ସ୍ଥାନରେ ସେବା ପକ୍ଷ ଓ ରକ୍ତଦାନ ଶିବିର ଆୟୋଜିତ ହୋଇଛି। ରକ୍ତଦାନ ଜୀବନ ଦାନ, ଏହା ଏକ ମହତ ଓ ପୁଣ୍ୟ କାର୍ଯ୍ୟ ହୋଇଥିବାରୁ ବିକାଶ ପରିଷଦର ଆହ୍ୱାନ କ୍ରମେ ଆଜି ପ୍ରାୟ ୩ ଶହ ରକ୍ତଦାତା ସ୍ୱଇଚ୍ଛାରେ ରକ୍ତଦାନ କରିଛନ୍ତି। ଏହି ଅବସରରେ ମାହାଙ୍ଗା ନିର୍ବାଚନମଣ୍ଡଳୀର ନିଶ୍ଚିନ୍ତକୋଇଲି ଓ ମାହାଙ୍ଗା ଉଭୟ ବ୍ଲକର ୨ଟି ସ୍ଥାନରେ ମେଗା ରକ୍ତଦାନ ଶିବିର ଆୟୋଜିତ ହୋଇଛି। ସେହିପରି କଟକ ଜିଲ୍ଲାର କୁଆଁପାଳସ୍ଥିତ ଜେଏନ କଲେଜଠାରେ ଏହି ବିଶାଳ ରକ୍ତଦାନ କାର୍ଯ୍ୟକ୍ରମ ଆୟୋଜିତ ହୋଇଥିଲା। ଶିବିରକୁ ମାହାଙ୍ଗାର ଯୁବ ବିଧାୟକ ଶାରଦା ପ୍ରଧାନ ଉଦ୍‌ଘାଟନ କରିଥିଲେ। ବିଧାୟକ ନୀଳମଣି ବିଷୋୟୀ, ବିଧାୟକ ମନୋରଞ୍ଜନ ଦ୍ୟାନସାମନ୍ତରାୟ, ମାହାଙ୍ଗା ତହସିଲଦାର ଶୁଭାଶିଷ ପାଲଟା, ନାରୀନେତ୍ରୀ ଯାଜ୍ଞସେନୀ ଜେନା, ମହାବିଦ୍ୟାଳୟର ଅଧ୍ୟକ୍ଷ, କଟକ କେନ୍ଦ୍ର ସମବାୟ ବ୍ୟାଙ୍କର ପୂର୍ବତନ ସଭାପତି ଅଶୋକ ଓଝା ପ୍ରମୁଖ ଅତିଥି ଭାବେ ଯୋଗଦେଇ ରକ୍ତଦାତାମାନଙ୍କୁ ଉତ୍ସାହିତ କରିଥିଲେ। ସେବାପକ୍ଷ ପାଳନ ପାଇଁ ରକ୍ତଦାନ ଶିବିରରେ ଉପସ୍ଥିତ ଥିବା ଅଭିଜ୍ଞ ଡାକ୍ତରଙ୍କ ସହାୟତାରେ ୩ ଶହ ୟୁନିଟ ରକ୍ତ ସଂଗୃହୀତ ହୋଇଥିଲା। ମାହାଙ୍ଗା ବିକାଶ ପରିଷଦର କର୍ମକର୍ତ୍ତା ଓ କଲେଜର ଛାତ୍ରଛାତ୍ରୀ, ସ୍ଥାନୀୟ ଯୁବକମାନେ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ।

ପ୍ରତିଷ୍ଠାତା: ଡାକ୍ତର ଦାମୋଦର ରାଉତ Published by Sri Rudra Pratap Das at Plot No.312, Flat No.003,Green High Appartment, Kharvel Nagar, Bhubaneswar, Dist-Khorda-751001 and Owned by Sri Saroj Kumar Nayak of Plot No.495, Nilakantha Nagar, Nayapalli, Bhubaneswar-751012 and printed by Sri Sudhir Kumar Panda at Nijukti Khabar Prakashan, TS 3/191, Mancheswar Industrial Estate, Bhubaneswar-751010, Dist-Khurda (Odisha) Ph. No. 8093008776

Editor: Himanshu Bhusan Kar
ସମ୍ପାଦକ: ହିମାଂଶୁ ଭୂଷଣ କର




# ରାଜସ୍ୱ ବଳକା ରାଜ୍ୟ: ଓଡ଼ିଶା ତୃତୀୟ ଶ୍ରେଷ୍ଠ

**ଭୁବନେଶ୍ୱର,୨୩।୯(ସଂଚାର ବ୍ୟୁରୋ):** ଆର୍ଥିକ ପରିଚାଳନା କ୍ଷେତ୍ରରେ ସାରା ଦେଶ ପାଇଁ ଏକ ସଫଳ ମଡେଲ୍ ପାଲଟିଥିବା ଓଡ଼ିଶାକୁ ସିଏଜି ପ୍ରଶଂସା କରିଛନ୍ତି। ପ୍ରଥମ ଥର ପାଇଁ ସିଏଜି ରାଜ୍ୟ ଫାଇନାନ୍ସ ଉପରେ ଏକ ରିପୋର୍ଟ ଜାରି କରିଛନ୍ତି, ଯେଉଁଥିରେ ୨୦୨୨-୨୩ ଆର୍ଥିକ ବର୍ଷରେ ରାଜସ୍ୱ ବଳକା କ୍ଷେତ୍ରରେ ଓଡ଼ିଶା ଦେଶର ତୃତୀୟ ସ୍ଥାନରେ ଥିବା ଦର୍ଶାଯାଇଛି। ତାଲିକାର ପ୍ରଥମ ସ୍ଥାନରେ ୩୭,୨୬୩ କୋଟି ଟଙ୍କା ରାଜସ୍ୱ ବଳକା ସହ ଉତ୍ତରପ୍ରଦେଶ ଶୀର୍ଷ ସ୍ଥାନରେ ରହିଛି। ଏହା ପଛକୁ ଦ୍ୱିତୀୟ ଓ ତୃତୀୟ ସ୍ଥାନରେ ଯଥାକ୍ରମେ ଗୁଜରାଟ ଓ ଓଡ଼ିଶା ନାମ ରହିଛି। ଓଡ଼ିଶାର ରାଜସ୍ୱ ବଳକା ୧୯,୪୫୬ କୋଟି ଟଙ୍କା ଥିବା ରିପୋର୍ଟରେ ଦର୍ଶାଯାଇଛି।

ସିଏଜିଙ୍କ ରିପୋର୍ଟ କହୁଛି ଯେ ୨୦୨୨-୨୩ରେ ୧୬ଟି ରାଜ୍ୟ ରାଜସ୍ୱ ବଳକା ଏବଂ ୧୨ଟି ରାଜ୍ୟ ରାଜସ୍ୱ ନିଅଣ୍ଟିଆ ଥିଲେ। ରାଜସ୍ୱ ବଳକା ଥିବା ରାଜ୍ୟଗୁଡ଼ିକ କ୍ରମାନ୍ୱୟରେ ହେଉଛି ଉତ୍ତରପ୍ରଦେଶ, ଗୁଜରାଟ (୧୯,୮୬୫ କୋଟି ଟଙ୍କା), ଓଡ଼ିଶା, ଝାଡ଼ଖଣ୍ଡ (୧୩,୫୬୪ କୋଟି ଟଙ୍କା), କର୍ଣ୍ଣାଟକ (୧୩,୪୯୬ କୋଟି ଟଙ୍କା), ଛତିଶଗଡ଼ (୮୫୯୨ କୋଟି ଟଙ୍କା), ତେଲେଙ୍ଗାନା (୫୯୪୪ କୋଟି ଟଙ୍କା), ଉତ୍ତରାଖଣ୍ଡ (୫୩୧୦ କୋଟି ଟଙ୍କା), ମଧ୍ୟପ୍ରଦେଶ (୪୦୯୧ କୋଟି ଟଙ୍କା) ଏବଂ ଗୋଆ (୨୩୯୯ କୋଟି ଟଙ୍କା)। ଅନ୍ୟ ୨୨ଟି ରାଜ୍ୟର ମିଳିତ ରାଜସ୍ୱ ନିଅଣ୍ଟ ପରିମାଣ ୨,୨୨,୬୪୮ କୋଟି ଟଙ୍କା ଥିଲା। ରାଜସ୍ୱ ନିଅଣ୍ଟ ଭରଣା କରିବା ଲାଗି ୨୦୨୨-୨୩ରେ ୮୬,୨୦୧ କୋଟି ଟଙ୍କାର ଅର୍ଥ ଆୟୋଗ ଅନୁଦାନ ଦିଆଯାଇଥିଲା ଯାହା ମୋଟ୍ ରାଜସ୍ୱ ନିଅଣ୍ଟର ୩୯ ପ୍ରତିଶତ ଥିଲା। ରାଜସ୍ୱ ନିଅଣ୍ଟ ଥିବା ରାଜ୍ୟଗୁଡ଼ିକ ହେଉଛି ଆନ୍ଧ୍ରପ୍ରଦେଶ, ଆସାମ, ବିହାର, ହରିୟାଣା, ହିମାଚଳପ୍ରଦେଶ, କେରଳ, ମହାରାଷ୍ଟ୍ର, ମେଘାଳୟ, ପଞ୍ଜାବ, ରାଜସ୍ଥାନ, ତାମିଲନାଡୁ ଓ ପଶ୍ଚିମବଙ୍ଗ। ଏହି ରାଜ୍ୟଗୁଡ଼ିକର ସିଂହଭାଗ ରାଜସ୍ୱ ପ୍ରାପ୍ତିକୁ ରାଜସ୍ୱ ବ୍ୟୟ ଯଥା ବେତନ, ପେନ୍‌ସନ୍, ସୁଧ ଆଦି ଦେବାରେ ବ୍ୟବହାର କରୁଛନ୍ତି। ଏହା ସେମାନଙ୍କ ଦୁର୍ବଳ ଆର୍ଥିକ ସ୍ଥିତିକୁ ଦର୍ଶାଉଛି। ପୁଞ୍ଜି ବ୍ୟୟ ପାଇଁ ସେମାନଙ୍କ ପାଖରେ ପାଣ୍ଠି ରହୁନାହିଁ। ଫଳରେ ଭିତ୍ତିଭୂମି ବିକାଶ ଓ ଦୀର୍ଘକାଳୀନ ସମ୍ପତ୍ତି ସୃଷ୍ଟି କରିବାରେ ଏହି ରାଜ୍ୟଗୁଡ଼ିକ ସଫଳ ହେଉନାହାନ୍ତି। ବିହାର, କେରଳ, ମେଘାଳୟ ଓ ମହାରାଷ୍ଟ୍ର ସରକାର ୯୦-୧୦୦ ପ୍ରତିଶତ ରାଜସ୍ୱକୁ ରାଜସ୍ୱ ବ୍ୟୟ ଆକାରରେ ବ୍ୟବହାର କରୁଛନ୍ତି। ଆନ୍ଧ୍ରପ୍ରଦେଶ ଓ ପଞ୍ଜାବରେ ଏହି ହାର ୭୫-୮୦ ପ୍ରତିଶତ ରହିଛି। ଆଲୋଚ୍ୟ ଆର୍ଥିକ ବର୍ଷରେ ପଶ୍ଚିମବଙ୍ଗ, କେରଳ, ଆନ୍ଧ୍ରପ୍ରଦେଶ, ହିମାଚଳପ୍ରଦେଶ, ପଞ୍ଜାବ, ଉତ୍ତରାଖଣ୍ଡ, ଆସାମ, ରାଜସ୍ଥାନ, ନାଗାଲ୍ୟାଣ୍ଡ ଓ ତ୍ରିପୁରାକୁ ଅଧିକ ରାଜସ୍ୱ ନିଅଣ୍ଟ ଅନୁଦାନ ମିଳିଥିବା ରିପୋର୍ଟରୁ ଜଣାପଡ଼ିଛି।

### ସିଏଜି ରିପୋର୍ଟ



### କେଉଁ ରାଜ୍ୟରେ କେତେ

| ରାଜ୍ୟ | ରାଜସ୍ୱ ବଳକା (କୋଟିରେ) |
|---|---|
| ଉତ୍ତରପ୍ରଦେଶ | ୩୭,୨୬୩ |
| ଗୁଜରାଟ | ୧୯,୮୬୫ |
| ଓଡ଼ିଶା | ୧୯,୪୫୬ |
| ଝାଡ଼ଖଣ୍ଡ | ୧୩,୫୬୪ |
| କର୍ଣ୍ଣାଟକ | ୧୩,୪୯୬ |

## ଆଜିର ସୁନା ଦର



ତେବେ ଯଦି ଆପଣ ଆଜି ସୁନା କିଣିବାକୁ ଚାହୁଁଛନ୍ତି ବା ଯୋଜନା କରିଛନ୍ତି ତେବେ ପ୍ରଥମେ ଜାଣି ନିଅନ୍ତୁ ଆଜି ସୁନା ଦର। ଆଜି ଭାରତୀୟ ବଜାରରେ ୨୪ କ୍ୟାରେଟ ସୁନା ୧, ୧୪,୩୩୦ ଟଙ୍କା ରହିଛି। ସେହିପରି ୨୨ କ୍ୟାରେଟ ସୁନା ଦର ୧,୦୪,୮୦୦ ଟଙ୍କା ଛୁଇଁଛି। ସେହିପରି ରାଜଧାନୀ ଭୁବନେଶ୍ୱରରେ ୨୪ କ୍ୟାରେଟ୍ ସୁନା ମୂଲ୍ୟ ୧୦ ଗ୍ରାମ ପିଛା ୧,୧୪,୩୩୦ ଟଙ୍କା ରହିଥିବା ବେଳେ ୨୨ କ୍ୟାରେଟ୍ ସୁନାର ମୂଲ୍ୟ ହଜାର ୧,୦୪,୮୦୦ ଟଙ୍କାକୁ ପହଞ୍ଚିଛି। ସେହିପରି ମୁମ୍ବାଇରେ ୨୪ କ୍ୟାରେଟ୍ ମୂଲ୍ୟ ୧, ୧୪,୩୩୦ ଟଙ୍କା ଓ ୨୨ କ୍ୟାରେଟ୍ ମୂଲ୍ୟ ୧,୦୪,୮୦୦ ଟଙ୍କା ରହିଛି। ନୂଆଦିଲ୍ଲୀରେ ୨୪ କ୍ୟାରେଟ୍ ୧,୧୪,୪୮୦ ଟଙ୍କା ଓ ୨୨ କ୍ୟାରେଟ୍ ୧,୦୪,୯୫୦ ଟଙ୍କା ରହିଛି। ଦକ୍ଷିଣ ଭାରତର ପ୍ରମୁଖ ସହର ଚେନ୍ନାଇରେ ୨୪ କ୍ୟାରେଟ ମୂଲ୍ୟ ୧, ୧୪,୫୫୦ ଟଙ୍କା ଥିବା ବେଳେ ୨୨ କ୍ୟାରେଟ ମୂଲ୍ୟ ୧,୦୫,୦୦୦ ଟଙ୍କା ରହିଛି। ପୂର୍ବ ଭାରତର ପ୍ରମୁଖ ସହର କୋଲକାତାରେ ଯଥାକ୍ରମେ ୧, ୧୪,୩୩୦ ଓ ୧,୦୪,୮୦୦ ଟଙ୍କା ରହିଛି। ଅନ୍ୟପଟେ ରୁପା ମୂଲ୍ୟ କିଲୋ ପିଛା ୧, ୩୯,୦୦୦ ଟଙ୍କା ହୋଇଛି।

## କୋହଳ ହେବ ଅବସର ପୂର୍ବରୁ ଇପିଏଫଓ ଟଙ୍କା ଉଠାଣ ନିୟମ

**ନୂଆଦିଲ୍ଲୀ,୨୩।୯:** କେନ୍ଦ୍ର ସରକାର କର୍ମଚାରୀ ଭବିଷ୍ୟ ନିଧି ସଂଗଠନ (ଇପିଏଫଓ) ନିୟମରେ ପରିବର୍ତ୍ତନ ଆଣି ସଦସ୍ୟମାନଙ୍କୁ ସେମାନଙ୍କର ସଞ୍ଚୟକୁ ଅଧିକ ସ୍ୱାଧୀନତାର ସହ ବ୍ୟବହାର କରିବାର ସୁଯୋଗ ଦେବାକୁ ଚିନ୍ତା କରୁଛନ୍ତି। ରିପୋର୍ଟ ଅନୁଯାୟୀ, ଗୃହ ନିର୍ମାଣ, ବିବାହ ଏବଂ ଶିକ୍ଷା ଭଳି ଉଦ୍ଦେଶ୍ୟ ପାଇଁ ଟଙ୍କା ଉଠାଣ ସୀମା କୋହଳ କରିବା ଉପରେ ଅଧିକାରୀମାନେ କାମ କରୁଛନ୍ତି। ଦୁଇ ଜଣ ବରିଷ୍ଠ ସରକାରୀ ଅଧିକାରୀ ଗଣମାଧ୍ୟମକୁ କହିଛନ୍ତି ଯେ, ଏକ ବର୍ଷ ମଧ୍ୟରେ ଏହି ପରିବର୍ତ୍ତନ ଆଣିବାକୁ ଯୋଜନା ରହିଛି। ଜଣେ ଅଧିକାରୀ ନାମ ନ ପ୍ରକାଶ କରିବା ସର୍ତ୍ତରେ କହିଛନ୍ତି, "ଏହା ସଦସ୍ୟମାନଙ୍କ ନିଜର ଅର୍ଥ, ତେଣୁ ସେମାନଙ୍କୁ ନିଜ ଆବଶ୍ୟକତା ଅନୁଯାୟୀ ଏହା ବ୍ୟବହାର କରିବାର ସ୍ୱାଧୀନତା ମିଳିବା ଉଚିତ।" ବର୍ତ୍ତମାନ ଇପିଏଫଓ ସଦସ୍ୟମାନେ ୫୮ ବର୍ଷ ବୟସରେ ସେବା ନିବୃତ୍ତି ପରେ କିମ୍ବା ଦୁଇ ମାସରୁ ଅଧିକ ସମୟ ବେକାର ରହିଲେ ମାତ୍ର ସମ୍ପୂର୍ଣ୍ଣ ଅର୍ଥ ଉଠାଣ କରିପାରିବେ। ଆଂଶିକ ଉଠାଣ ନିର୍ଦ୍ଦିଷ୍ଟ ସର୍ତ୍ତରେ ଅନୁମୋଦିତ। ବିବାହ ପାଇଁ ୭ ବର୍ଷ ସେବା ପରେ ୫୦% ଅବଦାନ ଓ ସୁଧ ଉଠାଣ କରାଯାଇପାରିବ। ଗୃହ ନିର୍ମାଣ ପାଇଁ ୩ ବର୍ଷ ସେବା ପରେ ୯୦% ପର୍ଯ୍ୟନ୍ତ ଅର୍ଥ ଉଠାଣ ସମ୍ଭବ। ଶିକ୍ଷା ପାଇଁ ୭ ବର୍ଷ ସେବା ପରେ ୫୦% ଅବଦାନ ଓ ସୁଧ ଉଠାଣ କରାଯାଇପାରିବ।

ଜୁଲାଇରେ ମନିକଣ୍ଟ୍ରୋଲ ରିପୋର୍ଟ କରିଥିଲା ଯେ, ପ୍ରତି ୧୦ ବର୍ଷରେ ସଦସ୍ୟମାନେ ସମ୍ପୂର୍ଣ୍ଣ କିମ୍ବା ଆଂଶିକ ଅର୍ଥ ଉଠାଣ କରିପାରିବେ। ଏହି ପରିବର୍ତ୍ତନ ସଦସ୍ୟମାନଙ୍କୁ ଜୀବନର ବିଭିନ୍ନ ପର୍ଯ୍ୟାୟରେ ଆର୍ଥିକ ଆବଶ୍ୟକତା ପୂରଣ କରିବାରେ ସାହାଯ୍ୟ କରିବ। ବିଶେଷଜ୍ଞମାନଙ୍କ ମତରେ, ଏହି କୋହଳ ନିୟମ ନିମ୍ନ ଓ ମଧ୍ୟମ ଆୟ ବର୍ଗର ସଦସ୍ୟମାନଙ୍କ ପାଇଁ ଉପକାରୀ ହେବ। ତେବେ, ନିବୃତ୍ତି ସୁରକ୍ଷା ସୁନିଶ୍ଚିତ କରିବା ସହ ସ୍ୱାଧୀନତାର ସନ୍ତୁଳନ ରକ୍ଷା କରିବା ଏକ ଚ୍ୟାଲେଞ୍ଜ ହେବ ବୋଲି ମନମୀତ କୌର ଓ ଅରେଲିଆ ମେନେଜେସ ଭଳି ବିଶେଷଜ୍ଞମାନେ ମତ ଦେଇଛନ୍ତି।




## ଅକ୍ଟୋବର ୧ରୁ ନୂଆ ନିୟମ: ହେବ ବଡ଼ ପରିବର୍ତ୍ତନ

**ନୂଆଦିଲ୍ଲୀ,୨୩।୯:** ଅକ୍ଟୋବର ୧ ତାରିଖରୁ ଭାରତରେ ଅନେକ ଗୁରୁତ୍ୱପୂର୍ଣ୍ଣ ନିୟାମକ ପରିବର୍ତ୍ତନ କାର୍ଯ୍ୟକାରୀ ହେବାକୁ ଯାଉଛି, ଯେଉଁଥିରେ ଅନଲାଇନ ଗେମିଂକୁ ନିୟନ୍ତ୍ରଣ କରୁଥିବା ଏକ ନୂତନ ଆଇନ ଏବଂ ଭାରତୀୟ ରେଳବାଇର ଟିକେଟ ବୁକିଂ ନିୟମରେ ଉନ୍ନତି ଅନ୍ତର୍ଭୁକ୍ତ। ଏହା ସହିତ, ଟ୍ରାଇ ମୋବାଇଲ ବ୍ୟବହାରକାରୀଙ୍କ ପାଇଁ ନେଟୱାର୍କ ସୂଚନା ଏବଂ ସ୍ପାମ କଲ ନିୟନ୍ତ୍ରଣ କରୁଥିବା ନିୟମ କାର୍ଯ୍ୟକାରୀ କରିବ। ଷ୍ଟକ ବଜାରରେ ବାୟବ୍ୟାକ ନିୟମ ଏବଂ କିଛି ଆର୍ଥିକ ଯୋଜନା ମଧ୍ୟ ପ୍ରଭାବିତ ହେବ, ଯେତେବେଳେ ଇ-କମର୍ସ କାରବାର ଏବଂ ସର୍ବନିମ୍ନ ମଜୁରୀ ହାରରେ ମଧ୍ୟ ପରିବର୍ତ୍ତନ ହୋଇପାରେ।

**ଅନଲାଇନ ଗେମିଂ:** କେନ୍ଦ୍ର ମନ୍ତ୍ରୀ ଅଶ୍ୱିନୀ ବୈଷ୍ଣବ ଘୋଷଣା କରିଥିବା ଅନୁଯାୟୀ, ଅକ୍ଟୋବର ୧ ତାରିଖରୁ ଅନଲାଇନ ଗେମିଂକୁ ପ୍ରୋତ୍ସାହିତ ଏବଂ ନିୟନ୍ତ୍ରଣ କରିବା ପାଇଁ ଏକ ନୂତନ ଆଇନ କାର୍ଯ୍ୟକାରୀ ହେବ। ଅନଲାଇନ ଗେମିଂ କମ୍ପାନୀ ଏବଂ ଅନ୍ୟ ଅଂଶୀଦାରମାନଙ୍କ ସହିତ ଆଲୋଚନା ପରେ ଏହି ଆଇନ ପ୍ରସ୍ତୁତ କରାଯାଇଥିଲା ଏବଂ ଏହା ଖୁବ ଶୀଘ୍ର କାର୍ଯ୍ୟକାରୀ ହେବ।

**ଭାରତୀୟ ରେଳବାଇ:** ଭାରତୀୟ ରେଳବାଇ ଅକ୍ଟୋବର ୧ ତାରିଖ, ୨୦୨୫ ରୁ ଟିକେଟ ବୁକିଂ ନିୟମରେ ପରିବର୍ତ୍ତନ ଘୋଷଣା କରିଛି। ଏବେ, ଟ୍ରେନ ପାଇଁ ସାଧାରଣ ଟିକେଟ ବୁକିଂ ଖୋଲିବାର ପ୍ରଥମ ୧୫ ମିନିଟ ମଧ୍ୟରେ, କେବଳ ଆଧାର-ପ୍ରମାଣିତ ଉପଭୋକ୍ତାମାନେ ଆଇଆରସିଟିସି ୱେବସାଇଟ କିମ୍ବା ଆପ୍‌ରେ ଟିକେଟ ବୁକ କରିପାରିବେ।

**ଟେଲିକମ:** ଭାରତୀୟ ଟେଲିକମ ନିୟାମକ ପ୍ରାଧିକରଣ(ଟ୍ରାଇ) ଅକ୍ଟୋବର ୧ ତାରିଖରୁ ନୂତନ ନିୟମ ଲାଗୁ କରୁଛି ଯାହା ମୋବାଇଲ ବ୍ୟବହାରକାରୀଙ୍କୁ ଅନେକ ସୁବିଧା ପ୍ରଦାନ କରିବ। ଆପଣ ଏବେ ଆପଣଙ୍କ ଅଞ୍ଚଳରେ ଉପଲବ୍ଧ ନେଟୱାର୍କ ବିଷୟରେ ସୂଚନା ପାଇପାରିବେ ଏବଂ ସ୍ପାମ କଲ ହ୍ରାସ ପାଇବ। ଟ୍ରାଇ ଟେଲିକମ କମ୍ପାନୀଗୁଡ଼ିକୁ ସ୍ପାମ କଲଗୁଡ଼ିକର ଏକ ତାଲିକା ତିଆରି କରିବାକୁ ଏବଂ ମେସେଜ ମାଧ୍ୟମରେ ଏକ ସୁରକ୍ଷିତ ୟୁଆରଏଲ କିମ୍ବା ଓଟିପି ଲିଙ୍କ ପଠାଇବାକୁ ନିର୍ଦ୍ଦେଶ ଦେଇଛି।



## ଆଜିର ପେଟ୍ରୋଲ, ଡିଜେଲ୍ ଦର

ମୁମ୍ବାଇରେ ପେଟ୍ରୋଲ ଲିଟର ପିଛା ୧୦୩ ଟଙ୍କା ୫୦ ପଇସା ହୋଇଥିବା ବେଳେ ଡିଜେଲ ଲିଟର ପିଛା ୯୦.୦୩ ଟଙ୍କା ରହିଛି। ସେହିପରି କୋଲକାତାରେ ପେଟ୍ରୋଲ ଦର ୧୦୫. ୪୧ ଟଙ୍କା ଥିବାବେଳେ ଡିଜେଲ ଦର ୯୨ ଟଙ୍କା ୦୨ ପଇସା ରହିଛି। ଚେନ୍ନାଇରେ ପେଟ୍ରୋଲ ଦର ୧୦୦ ଟଙ୍କା ୯୦ ପଇସା ଥିବା ବେଳେ ଡିଜେଲ ଦାମ ୯୨ ଟଙ୍କା ୪୯ ପଇସା ରହିଛି। ପ୍ରତ୍ୟେକ ଦିନ ସକାଳ ୬ଟାରେ ପେଟ୍ରୋଲ ଏବଂ ଡିଜେଲ୍ ଦାମରେ ପରିବର୍ତ୍ତନ ହୋଇଥାଏ। ପେଟ୍ରୋଲ ଏବଂ ଡିଜେଲ ମୂଲ୍ୟରେ ଏକ୍ସାଇଜ୍ ଡ୍ୟୁଟି, ଡିଲର କମିଶନ ଏବଂ ଅନ୍ୟାନ୍ୟ ଜିନିଷ ଯୋଡିବା ପରେ ଏହାର ମୂଲ୍ୟ ପ୍ରାୟ ଦ୍ୱିଗୁଣିତ ହୁଏ। ବୈଦେଶିକ ମୂଲ୍ୟ ସହିତ ଅନ୍ତର୍ଜାତୀୟ ବଜାରରେ ଅଶୋଧିତ ମୂଲ୍ୟ ଉପରେ ନିର୍ଭର କରି ପେଟ୍ରୋଲ ଏବଂ ଡିଜେଲ ମୂଲ୍ୟ ପ୍ରତିଦିନ ବଦଳିଥାଏ।



## ମଧୁକୁଞ୍ଜ ଗୋଲ୍ଡ ଆଣ୍ଡ୍ ଡାଇମଣ୍ଡ୍‌ସର କନ୍ୟାଦାନ ଅଫର ଲକି ଡ୍ର'

**ଭୁବନେଶ୍ୱର,୨୩।୯(ସଂଚାର ବ୍ୟୁରୋ):** ମଧୁକୁଞ୍ଜ ଗୋଲ୍ଡ ଆଣ୍ଡ୍ ଡାଇମଣ୍ଡ୍‌ସର କନ୍ୟାଦାନ ମେଗା ବମ୍ପର ଅଫର୍‌ର ଲକି ଡ୍ର' ଅନୁଷ୍ଠିତ ହୋଇଯାଇଛି। ଗ୍ରାଣ୍ଡ୍ ପୁରସ୍କାର ଭାବେ ଗ୍ରାହକମାନେ ୧୦ ଲକ୍ଷ ଟଙ୍କାର ହୀରା ନେକ୍‌ଲେସ୍, ଦୁଇଟି କାର୍, ପାଞ୍ଚଟି ବାଇକ୍ ଓ ୫୦ଟି ଟ୍ରଲି ସୁଟ୍‌କେସ୍ ଜିତିଛନ୍ତି। ଏହି ଅବସରେ ମଧୁକୁଞ୍ଜର ବ୍ରାଣ୍ଡ୍ ଆମ୍ବାସାଡର ଓଲିଉଡ୍ ଅଭିନେତା ବାବୁସାନ ମହାନ୍ତି ଅତିଥି ଭାବେ ଯୋଗଦେଇ ବିଜେତାମାନଙ୍କୁ ପୁରସ୍କୃତ କରିଥିଲେ। ସେ କହିଥିଲେ ଯେ ମଧୁକୁଞ୍ଜ ଗୋଲ୍ଡ ଆଣ୍ଡ୍ ଡାଇମଣ୍ଡ୍‌ସ କେବଳ ଏକ ଗହଣା ସୋ'ରୁମ୍ ନୁହେଁ, ଏହା ହେଉଛି ଗୁଣାତ୍ମକ ମାନ ଓ ବିଶ୍ୱାସର ପ୍ରତୀକ। ଏଠାରେ ଥିବା ସୁନା ଗହଣା ୧୦୦% ବିଆଇଏସ୍ ହଲମାର୍କଡ୍ ଓ ହୀରା ହେଉଛି ଆଇଜିଆଇ ସାର୍ଟିଫାଏଡ୍। ଏହା ମୋର ବ୍ୟକ୍ତିଗତ ଅନୁଭବ। ସ୍ୱଚ୍ଛତାର ଏହି ବ୍ରାଣ୍ଡ୍ ସହ ଯୋଡ଼ି ହେବା ମୋ ପାଇଁ ଖୁସିର ବିଷୟ। ମଧୁକୁଞ୍ଜର କନ୍ୟାଦାନ ମେଗା ବମ୍ପର ଅଫର ଗତବର୍ଷ ଅଗଷ୍ଟ ୧୫ରେ ଆରମ୍ଭ ହୋଇଥଲା। ଏଥିରେ ୧୫ ହଜାର ଟଙ୍କାର କିଣାକିଣି କରିଥିବା ଗ୍ରାହକଙ୍କୁ ଗୋଟିଏ ଲକି କୁପନ୍ ଦିଆଯାଇଥିଲା। ଏଥିରେ ମାସିକ ଲକି ଡ୍ର ଆୟୋଜନ କରି ଭାଗ୍ୟଶାଳୀ ବିଜେତାଙ୍କୁ ଦୁଇଟି ବାଇକ୍ ଓ ୫୦ଟି ଟ୍ରଲି ସୁଟ୍‌କେସ୍ ପୁରସ୍କାର ଦିଆଯାଇଥିଲା। ଫାଇନାଲ୍ ଗ୍ରାଣ୍ଡ୍ ପୁରସ୍କାର ଡ୍ର' ଗତକାଲି ଅନୁଷ୍ଠିତ ହୋଇଥିଲା।




## ଶ୍ୟାମ ଷ୍ଟିଲ୍‌ର ନୂଆ ମାକାଓ ପେଣ୍ଟ୍‌ସ

କୋଲକାତା, ୨୩।୯: ପେଣ୍ଟ୍‌ସ ବଜାରରେ ଶ୍ୟାମ ଷ୍ଟିଲ୍ ପ୍ରବେଶ କରି ଏହାର ବ୍ରାଣ୍ଡ୍ ମାକାଓ ପେଣ୍ଟ୍‌ସ ଉନ୍ମୋଚନ କରିଛି। ଏହା ବଲିଉଡ୍ ତାରକା କାର୍ତ୍ତିକ ଆର୍ଯ୍ୟନଙ୍କୁ ବ୍ରାଣ୍ଡ୍ ଆମ୍ବାସାଡର ଭାବେ ନିଯୁକ୍ତ କରିଛି। ଏହାର ମୂଳ ଦର୍ଶନ ହେଉଛି 'ମାକାଓର ରଙ୍ଗ, ମ୍ୟାଜିକ୍ ସହିତ'। ନବରାତ୍ରୀ ପ୍ରଥମ ଦିନରେ କମ୍ପାନି ପକ୍ଷରୁ ପଶ୍ଚିମବଙ୍ଗରେ ଏହି ପେଣ୍ଟ୍‌ସର ଶୁଭାରମ୍ଭ କରାଯାଇଛି। କମ୍ପାନି ଏକ ଚମତ୍କାର ପୂଜା ପେଣ୍ଡାଲ୍‌ର ବ୍ରାଣ୍ଡିଂ ମଧ୍ୟ କରିଛି। ଏହି ଯାତ୍ରାରେ ଯୋଡ଼ିହୋଇଥିବା କାର୍ତ୍ତିକ କହିଛନ୍ତି ଯେ ଶ୍ୟାମ ଷ୍ଟିଲ୍‌ର ମାକାଓ ପେଣ୍ଟ୍‌ସ ସହ ଯୋଡ଼ି ହେବା ବେଶ୍ ଆନନ୍ଦର ବିଷୟ। ରଙ୍ଗ ଯେଭଳି ଲୋକଙ୍କ ଜୀବନରେ ଉଲ୍ଲାସ ଆଣିଥାଏ। ମାକାଓ ପେଣ୍ଟ୍‌ସ ପ୍ରତି ଘରକୁ ସତେଜତା ଓ ଯାଦୁ ଆଣିବ। ଦଶନ୍ଧି ଦଶନ୍ଧି ଧରି ଲୋକମାନଙ୍କ ବିଶ୍ୱାସ ଜିତିଥିବା ଏକ ବ୍ରାଣ୍ଡ୍ ସହ ଯୋଡ଼ି ହୋଇ ବେଶ୍ ଖୁସି ଲାଗୁଛି। ଶ୍ୟାମ ଷ୍ଟିଲ୍‌ର ପ୍ରବକ୍ତା କହିଛନ୍ତି ଯେ ଦୁର୍ଗାପୂଜା ଭଳି ଏକ ପବିତ୍ର ଅବସରରେ ମାକାଓ ପେଣ୍ଟ୍‌ସର ଶୁଭାରମ୍ଭ ଏହି ଅଞ୍ଚଳର ଭାବ, ଶକ୍ତି ଓ ସାଂସ୍କୃତିକ ଗୌରବକୁ ପ୍ରତିଫଳିତ କରୁଛି।

## ୨୯ରୁ କ୍ରିଷ୍ଟାଲ କ୍ରାଉନରେ ଦାଣ୍ଡିଆ କାର୍ଣ୍ଣିଭାଲ



**ଭୁବନେଶ୍ୱର,୨୩।୯(ସଂଚାର ବ୍ୟୁରୋ):** ନେଟ୍‌ୱର୍କ ଇଭେଣ୍ଟ୍‌ସ ଆଣ୍ଡ୍ ପ୍ରମୋସନ୍‌ସ ଓ କ୍ରିଷ୍ଟାଲ କ୍ରାଉନ ସହଭାଗିତାରେ ଆସନ୍ତା ସେପ୍ଟେମ୍ବର ୨୯ରୁ ପଟିଆସ୍ଥିତ କ୍ରିଷ୍ଟାଲ କ୍ରାଉନଠାରେ ନବରାତ୍ରି ମହୋତ୍ସବ 'ଦାଣ୍ଡିଆ କାର୍ଣ୍ଣିଭାଲ'ଅନୁଷ୍ଠିତ ହେବ। ଏହା ଅକ୍ଟୋବର ୧ ପର୍ଯ୍ୟନ୍ତ ଚାଲିବ। ଏହି ଦାଣ୍ଡିଆ କାର୍ଣ୍ଣିଭାଲରେ ୩ ରାତିର ଅତୁଳନୀୟ ଉତ୍ସାହ, ଆକର୍ଷଣୀୟ ନୃତ୍ୟ, ଲାଇଭ ମ୍ୟୁଜିକ୍ ଓ ଅସୀମିତ ପାର୍ବଣ ଆନନ୍ଦର ମାହୋଲ ମିଳିବ ବୋଲି ସୋମବାର ସାମ୍ବାଦିକ ସମ୍ମିଳନୀରେ ସୂଚନା ଦିଆଯାଇଛି। ନେଟ୍‌ୱର୍କ ଇଭେଣ୍ଟ୍‌ସ ଆଣ୍ଡ୍ ପ୍ରମୋସନ୍‌ସର ପ୍ରତିଷ୍ଠାତା ଚନ୍ଦନ ନାୟକ କହିଛନ୍ତି, ଚଳିତବର୍ଷ ଏହି ଉତ୍ସବର ପ୍ରଥମ ଦିନ ଓଡ଼ିଶାର ପ୍ରଥମ ଡିଜେ ବ୍ୟାଣ୍ଡ, ବଲି ବଏଜ୍, ପ୍ଲେବ୍ୟାକ୍ ସିଙ୍ଗର, ନବ୍ୟା ଜଇତି, ସେଲିବ୍ରିଟି ଆଙ୍କର ଶୁଭମ୍ ପ୍ରମୁଖ କାର୍ଯ୍ୟକ୍ରମ ପରିବେଷଣ କରିବେ। ଦ୍ୱିତୀୟ ଦିନ ବଲିଉଡ୍ ପ୍ଲେବ୍ୟାକ ସିଙ୍ଗର ମେହରୋଲିୟା, ଇଣ୍ଡିଆନ ଆଇଡଲ ସେନ୍‌ସେସନ୍ ତୋରଶା ସରକାର, ଆଙ୍କର ପୁନ୍ୟା, ଡିଜେ ଏସକେବି (ରିମିକ୍ସ ମାଷ୍ଟର)ଙ୍କ କାର୍ଯ୍ୟକ୍ରମ ରହିଛି । ଶେଷ ଦିବସରେ ପିନାକୀ ଝା, ମୁମ୍ବାଇ ଡିଜେ ବ୍ୟାଣ୍ଡ, ଶୁଭାରମ୍ଭ, ବଲିଉଡ୍ ଡିଜେ, ଡିଜେ ରାଜ୍ ପ୍ରମୁଖ କାର୍ଯ୍ୟକ୍ରମ ପରିବେଷଣ କରିବେ। କ୍ରିଷ୍ଟାଲ କ୍ରାଉନର ଜେନେରାଲ ମ୍ୟାନେଜର ରମେଶ ସିଂ କନ୍ଦାରୀ କହିଛନ୍ତି, ଏହି ମହୋତ୍ସବରେ ଓପନ-ଫ୍ଲୋର ପାର୍ଟିସିପେଶନ ସାମିଲ ଥିବାବେଳେ ଅସୀମୀତ ଖାଦ୍ୟ ଓ ବୁଫେ, ଗିଫ୍ଟ ହାମ୍ପର, ଫେଷ୍ଟିଭ କ୍ଲିକ ଓ ସ୍ମରଣୀୟ ଅନୁଭୂତି ରହିଛି। ଏକ୍ସକ୍ଲୁସିଭ ଭିଆଇପି ଲାଉଞ୍ଜରେ ଏନର୍ଜି ଡ୍ରିଙ୍କ, ବଟ୍‌ଲର ସର୍ଭିସ, ହୁକା, ଭିଆଇପି ସୋଫା ସିଟିଙ୍ଗ ଓ ପ୍ରିମିୟମ ହସ୍ପିଟାଲିଟି ଉପଲବ୍ଧ। ଟିକଟ ମୂଲ୍ୟ ବୟସ୍କ ବ୍ୟକ୍ତିଙ୍କ ପାଇଁ ୧୨୦୦ ଟଙ୍କା ଏବଂ ୬ରୁ ୧୧ ବର୍ଷ ବୟସର ପିଲାମାନଙ୍କ ପାଇଁ ୮୦୦ ଟଙ୍କା ରହିଛି। ୫ ଜଣଙ୍କ ପାଇଁ ଏକ ଭିଆଇପି ଅନୁଭୂତି କେବଳ ୧୫ ହଜାର ଟଙ୍କାରେ ଉପଲବ୍ଧ। ଏହାର ଟିକଟଗୁଡିକୁ ଅନ୍‌ଲାଇନରେ ବୁକ୍‌ମାଇଁ ଶୋ' ମାଧ୍ୟମରେ ଏବଂ ଅଫ୍‌ଲାଇନରେ ପଟିଆସ୍ଥିତ ଜଷ୍ଟ୍ ଡେଲିସିୟସ ବାଏ କ୍ରିଷ୍ଟାଲ କ୍ରାଉନ ଏବଂ ଅଶୋକ ନଗରସ୍ଥିତ ପଣ୍ଡା ଟ୍ରାଭେଲ ମାର୍ଟରେ ବୁକ୍ କରାଯାଇପାରିବ। ପ୍ରମେୟ ଖବରକାଗଜ ଓ ନ୍ୟୁଜ୍ ୭ ଏହି ମହୋତ୍ସବର ମିଡିଆ ପାର୍ଟନର ରହିଛନ୍ତି। ସାମ୍ବାଦିକ ସମ୍ମିଳନୀରେ ଅଭିନେତ୍ରୀ ଲିପସା ମିଶ୍ର ଏବଂ ପ୍ରିୟଙ୍କା ପାଣିଗ୍ରାହୀ, କ୍ରିଷ୍ଟାଲ କ୍ରାଉନର ଡାଇରେକ୍ଟର ନିକଲାସ ମହାନ୍ତି ଏବଂ ଜୁନିୟର ସେଫ୍ ଜୀବନ କୃଷ୍ଣ ଦାଶ ପ୍ରମୁଖ ଉପସ୍ଥିତ ଥିଲେ।

## ନଭେମ୍ବର ୩ରୁ ୟୁପିଆଇ ପେମେଣ୍ଟରେ ହେବ ବଡ଼ ପରିବର୍ତ୍ତନ

**ନୂଆଦିଲ୍ଲୀ, ୨୩।୯:** ନ୍ୟାସନାଲ ପେମେଣ୍ଟସ କର୍ପୋରେସନ ଅଫ୍ ଇଣ୍ଡିଆ (ଏନପିସିଆଇ) ୟୁପିଆଇ (ୟୁପିଆଇ) ସେଟଲମେଣ୍ଟ ସିଷ୍ଟମରେ ବଡ଼ ପରିବର୍ତ୍ତନ କରିଛି। ଏହା ଅନୁଯାୟୀ, ନଭେମ୍ବର ୩ରୁ ଅଥରାଇଜ୍ ଓ ଡିସପ୍ୟୁଟ୍ ସେଟେଲମେଣ୍ଟକୁ ଅଲଗା ଅଲଗା କରାଯିବ। ଏନପିସିଆଇର ସୂଚନା ଅନୁସାୟୀ, ଏହି ପଦକ୍ଷେପ ଫଳରେ ପେମେଣ୍ଟ ସିଷ୍ଟମର କାର୍ଯ୍ୟପ୍ରଣାଳୀ ଉତ୍ତମ ହେବ ଏବଂ ପ୍ରତିଦିନ ହେଉଥିବା ସେଟେଲମେଣ୍ଟ ପ୍ରକ୍ରିୟା ସମୟରେ ପୂରଣ ହୋଇପାରିବ। ଏପର୍ଯ୍ୟନ୍ତ ୟୁପିଆରେ ଦିନକୁ ୧୦ଟି ସେଟେଲମେଣ୍ଟ ସାଇକେଲ ରହିଆସିଛି।ଯେଉଁଥିରେ ଅଥରାଇଜ୍ ଏବଂ ଡିସପ୍ୟୁଟ୍ ଦୁଇ ପ୍ରକାରର ନେଣ- ଦେଣ ସାମିଲ ରହିଥାଏ। କିନ୍ତୁ ଏବେ ନୂଆ ନିୟମ ଅନୁସାରେ।୧ରୁ ୧୦ ନମ୍ବର ପର୍ଯ୍ୟନ୍ତ ସାଇକେଲରେ କେବଳ ଅଥରାଇଜ ଟ୍ରାଞ୍ଜାକ୍ସନ ହିଁ ସାମିଲ ହେବ। ଏହି ସାଇକେଲରେ କୌଣସି ବି ଡିସପ୍ୟୁଟ ପ୍ରୋସେସ କରାଯିବନାହିଁ। କଟ- ଓଭର ଟାଇମିଂ ଏବଂ ଆରଟିଜିଏସ ପୋଷ୍ଟିଂ ଟାଇମଲାଇନ ପୂର୍ବଭଳି ରହିବ। ଏହା ପରେ ୧୧ ଓ ୧୨ ନମ୍ବର ସାଇକେଲକୁ କେବଳ ଡିସପ୍ୟୁଟ୍ ଟ୍ରାଞ୍ଜାକ୍ସନ ପାଇଁ ବ୍ୟବହାର କରାଯିବ। ଅର୍ଥାତ ବିବାଦ ସହ ଜଡ଼ିତ ନେଣ ଦେଣ ଏହି ଦୁଇ ସାଇକେଲରରେ ପ୍ରୋସେସ ହେବ। ଏଥିପାଇଁ ଏନଟିଏସଏଲ ଫାଇଲ ନେମିଂରେ ଡିସି୧ ଏବଂ ଡିସି୨ର ବ୍ୟବହାର ହେବା।ବାକି ନିୟମ ଯେପରିକି ଟାଇମିଂ, ରିକ୍ୟାନସିଲିଏସନ ରିପୋର୍ଟ ଏବଂ ଜିଏସଟି ରିପୋର୍ଟରେ କୌଣସି ପରିବର୍ତ୍ତନ କରାଯାଇନାହିଁ। ଏହା ସହ ଏନସିପିଆଇ ପର୍ସନ-ଟୁ-ପର୍ସନ (ପି୨ଏମ) ଟ୍ରାଞ୍ଜାକ୍ସନ ଲିମିଟ୍ ମଧ୍ୟ ବଢ଼ାଇ ଦେଇଛି। ଏବେ ବିଶେଷ କାଟାଗୋରୀରେ ଗୋଟିଏ ଦିନରେ ୧୦ ଲକ୍ଷ ଟଙ୍କା ପର୍ଯ୍ୟନ୍ତ ପେମେଣ୍ଟ କରିହେବ। ଏହି ନିୟମ ସେପ୍ଟେମ୍ବର ୧୫ରୁ ଲାଗୁ ହୋଇସାରିଛି। ଏହାର ଉଦ୍ଦେଶ୍ୟ ବଡ଼ ପେମେଣ୍ଟକୁ ସହଜ କିବା ଏବଂ ହାଇ- ଭାଲ୍ୟୁ ସେଗମେଣ୍ଟରେ ଡିଜିଟାଲ ପେମେଣ୍ଟକୁ ପ୍ରୋତ୍ସାହିତ କରିବା। ଅବଶ୍ୟ ପର୍ସନ-ଟୁ-ପର୍ସନ (ପି୨ପି) ଟ୍ରାଞ୍ଜାକ୍ସନର ସୀମା ଏବେବି ୧ ଲକ୍ଷ ଟଙ୍କା ପ୍ରତିଦିନ ରହିଛି।




## ସେଞ୍ଚୁରିଅନ ବିଶ୍ୱବିଦ୍ୟାଳୟର ବେଳାଭୂମି ସଫେଇ ଅଭିଯାନ

**ଭୁବନେଶ୍ୱର,୨୩।୯(ସଂଚାର ବ୍ୟୁରୋ):** ସେଞ୍ଚୁରିଅନ ବିଶ୍ୱବିଦ୍ୟାଳୟ ପକ୍ଷରୁ ନ୍ୟାସନାଲ ସେଣ୍ଟର ଫର ଓସନ ଇନଫର୍ମେସନ ସର୍ଭିସେସ୍ (ଆଇଏନ୍‌ସିଓଆଇଏସ୍) ସହଯୋଗରେ କୋଣାର୍କର ଚନ୍ଦ୍ରଭାଗା ବେଳାଭୂମି ଓ ଅସ୍ତରଙ୍ଗର ତଣ୍ଡାହାର ବେଳାଭୂମିରେ ସଫେଇ ଅଭିଯାନ ଆୟୋଜନ କରାଯାଇଥିଲା। ଏହି ଅଭିଯାନରେ ଏନ୍‌ଜିଓ ସ୍ପନ୍ଦନ ମଧ୍ୟ ସାମିଲ ହୋଇଥିଲା। ଚନ୍ଦ୍ରଭାଗାରେ ୮୦ରୁ ଅଧିକ ଲୋକ ସାମିଲ ହୋଇ ୧୪୦୦ କେଜି ବର୍ଜ୍ୟ ସଂଗ୍ରହ କରିଥିଲେ। ଅସ୍ତରଙ୍ଗରେ ୪୦ ସ୍ୱେଚ୍ଛାସେବୀ ୨୨୦ କେଜି ବର୍ଜ୍ୟ ସଂଗ୍ରହ କରିଥିଲେ। ଆଇଏନ୍‌ସିଓଆଇଏସ୍‌ର ବୈଜ୍ଞାନିକ ଡ. ସଞ୍ଜୀବ ବଳିଆରସିଂହ ଓ ଡ. ଅଲେଖ ସାମନ୍ତ ଅଂଶଗ୍ରହଣକାରୀମାନଙ୍କ ସହ ଭାବ ବିନିମୟ କରିଥିଲେ। ବିଶ୍ୱବିଦ୍ୟାଳୟର ପ୍ରୋ ଭାଇସ୍ ଚାନ୍‌ସେଲର୍ ଡ. ବିଶ୍ୱଜିତ ମିଶ୍ର ସ୍ୱଚ୍ଛ ଭାରତ ମିସନରେ ଯୁବସମାଜ ଓ ଗୋଷ୍ଠୀର ସମ୍ପୃକ୍ତିର ମହତ୍ୱ ଉପରେ ଆଲୋକପାତ କରିଥିଲେ।



## ବ୍ରହ୍ମଚାରିଣୀ ବେଶରେ ମା' ସୁରେଶ୍ୱରୀ ଓ ଭଗବତୀ

**ସୁବର୍ଣ୍ଣପୁର,୨୩।୯ (ସଂଚାର ବ୍ୟୁରୋ):** ନବରାତ୍ରର ଦ୍ୱିତୀୟ ଦିନରେ ସୋନପୁରର ଇଷ୍ଟ ଦେବୀ ମା' ସୁରେଶ୍ୱରୀଙ୍କ ପୀଠରେ ସପ୍ତସତୀ ଚଣ୍ଡୀଯଜ୍ଞ ଚାଲୁ ରହିଥିବା ବେଳେ ଆଜି ଭୋର ସମୟରୁ ମନ୍ଦିର ଖୋଲା ଯାଇ ଯଥା ବିଧି ପୂଜାର୍ଚ୍ଚନା ଶେଷ ହୋଇଥିବା ବେଳେ ଆଜି ବ୍ରହ୍ମଚାରିଣୀ ବେଶରେ ମା' ଉଭା ହୋଇ ଭକ୍ତଙ୍କୁ ଦର୍ଶନ ଦେଉଛନ୍ତି। ମନ୍ଦିରରେ ନବଦିନ ବ୍ୟାପୀ ଚଣ୍ଡୀ ମହାଯଜ୍ଞର ଦ୍ୱିତୀୟ ଦିବସରେ ସୂର୍ଯ୍ୟ ପୂଜା, ଗୋ ପୂଜା, ଗୁରୁ, ବ୍ରାହ୍ମଣ ପୁଜନମ ବିଭିନ୍ନ ଦେବଦେବୀଙ୍କ ପୂଜାପାଠ ସୁରେଶ୍ୱରୀଙ୍କ ଷୋଡଶ ଉପଚାର ପୂଜା ଆରତୀ ପୁଷ୍ପାଞ୍ଜଳି ସହ ସନ୍ଧ୍ୟା ୬ଟା ବେଳକୁ ଚଣ୍ଡୀ ଯଜ୍ଞ, ହବନ, ଆରତୀ, ପୁଷ୍ପାଞ୍ଜଳି ଓ ପ୍ରସାଦ ବଣ୍ଟନ ହେବା ନେଇ କମିଟି ପକ୍ଷରୁ ସୂଚନା ମିଳିଛି। ସେହିପରି ସହରର ସର୍ବପୁରାତନ ମା' ଭଗବତୀଙ୍କ ପୀଠରେ ମଧ ବ୍ରହ୍ମଚାରିଣୀ ବେଶରେ ଭକ୍ତଙ୍କୁ ଦର୍ଶନ ଦେଉଛନ୍ତି ମା' ଭଗବତୀ। ସହରର ଗଡ଼ଭିତର ସ୍ଥିତ ଦୁର୍ଗା ମନ୍ଦିରରେ ମଧ ନବରାତ୍ରର ଦ୍ୱିତୀୟ ଦିନରେ ବ୍ରହ୍ମଚାରିଣୀ ବେଶରେ ଦର୍ଶନ ଦେଉଛନ୍ତି ମା' ଦୁର୍ଗା।

## ମା' ଭଣ୍ଡାର ଘରଣୀଙ୍କ ଶାରଦୀୟ ନବରାତ୍ର ପୂଜା ଆରମ୍ଭ



**ନବରଙ୍ଗପୁର,୨୩।୯ (ସଂଚାର ବ୍ୟୁରୋ):** ଆରମ୍ଭ ହେଲା ନବରଙ୍ଗପୁର ଜିଲ୍ଲାର ଅଧିଷ୍ଠାତ୍ରୀ ଦେବୀ ମା' ଭଣ୍ଡାର ଘରଣୀଙ୍କ ଶାରଦୀୟ ନବରାତ୍ର ପୂଜା। ପ୍ରଥମ ଦିନ ପୂଜାରେ ଝିପି ଝିପି ବର୍ଷା ଯୋଗୁଁ କମିଲା ଶ୍ରଦ୍ଧାଳୁଙ୍କ ସଂଖ୍ୟା। ନବରଙ୍ଗପୁର ଜିଲ୍ଲାର ଅଧିଷ୍ଠାତ୍ରୀ ଦେବୀ ମା' ଭଣ୍ଡାର ଘରଣୀଙ୍କ ଶାରଦୀୟ ନବରାତ୍ର ପୂଜା ଆଜି ଠାରୁ ମହା ସମାରୋହରେ ଆରମ୍ଭ ହୋଇଛି। ଆଜି ଠାରୁ ମାଁ ଙ୍କ ଦଶହରା ପୂଜା ଆରମ୍ଭ ହେଉଥିବାରୁ ମାଁ ଙ୍କ ପାଟଖଣ୍ଡା ସର୍ବ ସାଧାରଣଙ୍କ ଦର୍ଶନ ପାଇଁ ବାହାର କରାଯାଇଛି। ମା' ଭଣ୍ଡାର ଘରଣୀଙ୍କ ପ୍ରତୀକାତ୍ମକ ପାଟ ଖଣ୍ଡା ପୀଠରେ ବିରଜାମାନ ପୂର୍ବକ ଭକ୍ତଙ୍କୁ ଦର୍ଶନ ଦେବେ। ପଶ୍ଚିମାମୁଖୀ ମାଁ ଭଣ୍ଡାରଘରଣୀ ନବରାତ୍ରିରେ ପୂର୍ବାମୁଖୀ ହୋଇ ପାଟଖଣ୍ଡା ରୂପେ ଦର୍ଶନ ଦେବେ। ନବରଙ୍ଗପୁର ଜିଲ୍ଲାର ଏକ ମାତ୍ର ଶକ୍ତି ପୀଠ ମା ଭଣ୍ଡାରଘରଣୀ ଯେଉଁଠି ଧୁମଧାମରେ ନବ ଦିନ ଯାତ୍ରା ବା ଦଶହରା ପାଳନ କରାଯାଏ।

# ସମସ୍ୟା ଘେରରେ ସୋନପୁର ଉଚ୍ଚ ବିଦ୍ୟାଳୟ

**ଶୌଚାଳୟ ନାହିଁ, ପାନୀୟ ଜଳର ଅଭାବ**

**ରୋଷେଇଘର ଆଜବେଷ୍ଟସ୍ ଫାଟି ପାଣି ଗଳୁଛି**

**ଭୁଶୁଡ଼ିବା ଅବସ୍ଥାରେ ଶିକ୍ଷକଙ୍କ ଅଫିସ୍ ରୁମ୍ କାନ୍ଥ**




**ଦାରିଙ୍ଗବାଡି,୨୩।୯ (ସଂଚାର ବ୍ୟୁରୋ):** ଶିକ୍ଷା ଅନୁଷ୍ଠାନ କାର୍ଯ୍ୟ ପାଇଁ ସରକାର କୋଟି କୋଟି ଟଙ୍କା ବ୍ୟୟ କରୁଥିବା ବେଳେ ପକେଟ୍ ଗରମ କରୁଛନ୍ତି ଠିକା ସଂସ୍ଥା କର୍ମଚାରୀ। ଯାହାଫଳରେ ଦୁଇ ବର୍ଷ ନ ପୁରୁଣୁ ଛାତରୁ ପାଣି ଗଳିଛି। ଏପରି ଦୃଶ୍ୟ ଦେଖିବାକୁ ମିଳୁଛି ସୋନପୁର ଉନ୍ନୀତ ଉଚ୍ଚ ବିଦ୍ୟାଳୟରେ। ଏହି ବିଦ୍ୟାଳୟ ନାହିଁ ନାହିଁରେ ଚାଲିଛି। ସୋନପୁର ଉପାନ୍ତ ଅଞ୍ଚଳରେ ଥିବା ଏହି ବିଦ୍ୟାଳୟ ଉପରେ କୌଣସି ପ୍ରଶାସନ ଦୃଷ୍ଟି ଦେଉ ନଥିବା ଅଭିଯୋଗ ହେଉଛି।

ନବୀନ ସରକାର ସମୟରେ ରୂପାନ୍ତରିତ କରାଯାଇ ଥିବା ଏହି ଉଚ୍ଚ ବିଦ୍ୟାଳୟ ଶ୍ରେଣୀ ଗୃହ ଗୁଡ଼ିକ ଛାତ ଉପରୁ ଫାଟି ଯାଇଥିବାରୁ ବର୍ଷା ପାଣି ଗଳୁଛି। ବିଦ୍ୟାଳୟରେ ଶିକ୍ଷକଙ୍କ ଅଫିସ୍ ରୁମ୍ କାନ୍ଥ ଭୁଶୁଡ଼ି ପଡ଼ିବ ବୋଲି ଆଶଙ୍କା କରାଯାଉଛି। କାନ୍ଥ ଫାଟି ଯାଇଛି ସମସ୍ତେ ଭୟବିତା ବିଦ୍ୟାଳୟରେ ସୁରକ୍ଷା ପାଇଁ ପାଚେରି ନାହିଁ । ରୋଷେଇ ଘରର ଆଜ୍‌ବେଷ୍ଟ ଫାଟି ଯିବା ଫଳରେ ବର୍ଷା ହେଲେ ପାଣି ଗଳୁଛି। ରୋଷେଇ ପାଇଁ ଅସୁବିଧାର ସମ୍ମୁଖୀନ ହେଉଛନ୍ତି ପାଚିକା ମାଆମାନେ। ବିଦ୍ୟାଳୟ ପରିସରରେ ଶୌଚାଳୟ ନାହିଁ। ପରିସର ବାହାରକୁ ତଥା ଗୋଟିଏ କିଲୋମିଟର୍ ଦୂରକୁ ଶୌଚ ପାଇଁ ଯାଉଛନ୍ତି ଛାତ୍ରଛାତ୍ରୀ। ଉଚ୍ଚ ବିଦ୍ୟାଳୟକୁ ପ୍ରବେଶ କରୁଥିବା ପାଚେରି ଫାଟକ ସାମ୍ନାରୁ ବିଦ୍ୟାଳୟ ଶ୍ରେଣୀ ଗୃହ ପର୍ଯ୍ୟନ୍ତ କାଦୁଅ ପଚପଚ ଯୋଗୁଁ ଛାତ୍ରଛାତ୍ରୀ, ଶିକ୍ଷକ ଶିକ୍ଷୟତ୍ରୀ ଯିବା ପାଇଁ କଷ୍ଟକର ହେଉଛି । ଏ ସମସ୍ତ ସମସ୍ୟାକୁ ଦେଖିଲେ ଲାଗୁଛି ରାଜ୍ୟ ସରକାର ଶିକ୍ଷା ପ୍ରତି ଗୁରୁତ୍ୱ ଦେଉ ନାହାନ୍ତି । ଉନିତ ଉଚ୍ଚ ବିଦ୍ୟାଳୟରେ ଶ୍ରେଣୀ ଗୃହ ଗୁଡ଼ିକ ଅଭାବ ଯୋଗୁଁ ପିଲାମାନେ ବାରଣ୍ଡାରେ ବିଜୁ ପାଠାଗାର କକ୍ଷରେ ପାଠ ପଢୁଛନ୍ତି ।

ସମସ୍ୟା ଘେରରେ ଚାଲିଥିବା ସୋନପୁର ଉଚ୍ଚ ବିଦ୍ୟାଳୟ ଉପରେ କେବେ ନଜର ପଡ଼ିବ ରାଜ୍ୟ ସରକାରଙ୍କା। ପ୍ରଧାନ ଶିକ୍ଷକ କହିବା ଅନୁସାରେ ଏହି ସମସ୍ୟା ନେଇ ବାରମ୍ବାର ଦାରିଙ୍ଗବାଡି ଗୋଷ୍ଠି ଶିକ୍ଷା କାର୍ଯ୍ୟାଳୟରେ ଅଭିଯୋଗ କରିଥିଲେ ସୁଧା କୌଣସି ସଫଳତା ମିଳୁନି। ପ୍ରଶାସନ ଏଥିପ୍ରତି ଦୃଷ୍ଟି ଦେବାକୁ ଦାବି ହେଉଛି।

# ମଣ୍ଡିରେ ବାଦାମ ବିକି ଚାଷୀ ହନ୍ତସନ୍ତ

**୪ ମାସ ପରେ ଟଙ୍କା ନାହିଁ, ବାଦାମ ଫେରାଇ ନେବାକୁ ବାଧ୍ୟ କରାଯାଉଛି**



**ବୈପାରୀଗୁଡା,୨୩।୯ (ସଂଚାର ବ୍ୟୁରୋ):** ବାଦାମ ଚାଷ କଲେ ଏବଂ ବୈପାରୀଗୁଡା ଲ୍ୟାମ୍ପସରେ ବାଦାମ ମଣ୍ଡିରେ ବିକିଲେ। ଦିନକରେ ପଇସା ମିଳିବ ବୋଲି ପ୍ରତିଶୃତି ମିଳିଥିଲା କିନ୍ତୁ ମଣ୍ଡିରେ ବାଦାମ ବିକି ଏବେ ମୁଣ୍ଡରେ ହାତ ଦେଇ ବସିଛନ୍ତି ଚାଷୀ। ବାରମ୍ବାର ଅଭିଯୋଗ ପରେ ବି ପ୍ରଶାସନ ଚୁପ। ଦୀର୍ଘ ୪ ମାସର ଧାରଣା, ଆନ୍ଦୋଳନ ସହ ଲ୍ୟାମ୍ପରେ ତାଲା ପକାଇବା ପରେ ୨୪୦ରୁ ୧୭୦ ଚାଷୀ ପାଇଲେ କିନ୍ତୁ ବଳକା ୭୦ଚାଷୀ ଏବେ ଚିନ୍ତାରେ। ଲ୍ୟାମ୍ପ ବାଦାମ ନେଇ ଚାଷୀଙ୍କୁ ଟୋକେନ ପ୍ରଦାନ କରିଛି କିନ୍ତୁ ଏବେ ଏହି ୭୦ ଚାଷୀଙ୍କୁ ଆଉ ଟଙ୍କା ଦିଆଯିବନି, ତୁମ ବାଦାମ ତୁମେ ନେଇ ଯାଅ ବୋଲି କୁହାଯାଉଥିବା ଚାଷୀ କହିଛନ୍ତି। ୪ ମାସ ପରେ ଟଙ୍କା ବଦଳରେ ବାଦାମକୁ ଫେରାଇଲେ ଆମେ ଏବେ ବାଦାମ ନେଇ କଣ କରିବୁ ବୋଲି ଚାଷୀ ସୂଚନା ଦେଇଛନ୍ତି।

ଚାଷୀଙ୍କ ଅଭିଯୋଗ ଅନୁସାରେ ମଣ୍ଡିରେ ଚଞ୍ଚକତା କରି ଜୟପୁର ଠାରେ ଜାଲ ଚାଷୀଙ୍କ ବାଦାମ ନେଇ ଟାର୍ଗେଟ ଶେଷ ହୋଇଥିବା କହି ଏବେ ଏହି ୭୦ଚାଷୀଙ୍କୁ ଆଉ ମିଳିବନି ଟଙ୍କା ତୁମେ ବାଦାମ ନିଅ କହି ବାଧ କରୁଛି ଲ୍ୟାମ୍ପ। ବାଦାମ ନେଇ ଟୋକେନ ଦେଇ ଏବେ ଚାରିମାସ ପରେ ବାଦାମ ଫେରାଇଲେ ଚାଷୀ ଏବେ କଣ କରିବେ। ଚାଷୀ ବାଦାମ ନେବାକୁ ମନା କରିବା ଭିଜିଲାନ୍ସ ତଦନ୍ତ ଦାବି କରିଛନ୍ତି। କେସିସି ବ୍ୟାଙ୍କ ସଭାପତି ଈଶ୍ୱର ପାଣିଗ୍ରାହୀଙ୍କୁ ବୈପାରୀଗୁଡା ଲ୍ୟାମ୍ପ ଠାରେ ଚାଷୀ ଭେଟି ଥିଲେ ଘଟଣାର ତଦନ୍ତ କରିବେ ବୋଲି କହିଛନ୍ତି। କିନ୍ତୁ ଏତେ ବଡ଼ ଦୁର୍ନୀତିକୁ ନେଇ ଚାଷୀ ଜିଲ୍ଲାପାଳ, ବିଧାୟକ ସହ ଧାରଣରେ ବସିବା ପରେ ମଧ କାହିଁକି ତଦନ୍ତ ହେଉନି ଏବଂ ଚାଷୀଙ୍କୁ କାହିଁକି ପ୍ରାପ୍ୟ ମିଳୁନି ବୋଲି ବୁଦ୍ଧିଜୀବୀ ପ୍ରଶ୍ନ କରିଛନ୍ତି। ତେବେ ଚାଷୀଙ୍କୁ କେବେ ମିଳିବ ନ୍ୟାୟ, କେବେ ଦୋଷୀ ପାଇବ ଦଣ୍ଡ ଦେଖିବାକୁ ବାକି ରହିଲା।

## ବାପା ନିଖୋଜ, ଥାନାରେ ଅଭିଯୋଗ କଲେ ପୁଅ

**ନାଉଗାଁ,୨୩।୯ (ସଂଚାର ବ୍ୟୁରୋ):** ଜଗତସିଂହପୁର ଜିଲ୍ଲା ନାଉଗାଁ ଥାନା ଅନ୍ତର୍ଗତ ଖଇରାବସ୍ତ ଗ୍ରାମର ବିଭୁତି ଭୂଷଣ ମହାନ୍ତି ନିଖୋଜ ହୋଇଥିବା ନେଇ ତାଙ୍କ ପୁଅ ମନୋଜ ଥାନାରେ ଲିଖିତ ଅଭିଯୋଗ କରିଛନ୍ତି। ମନୋଜଙ୍କ ଅଭିଯୋଗ ମୁତାବକ ତାଙ୍କ ବାପା ଘରୁ ହଠାତ୍ କୁଆଡେ ଚାଲିଯାଇଛନ୍ତି। ତାଙ୍କୁ ଯେତେ ଖୋଜାଖୋଜି କଲେ ମଧ ପାଉ ନଥିବା ଅଭିଯୋଗରେ ଦର୍ଶାଇଛନ୍ତି। ଅଭିଯୋଗକୁ ଭିତିକରି ପୋଲିସ ପକ୍ଷରୁ ତଦନ୍ତ ଚାଲୁ ରହିଥିବା ଥାନାଧିକାରୀ ପ୍ରଦିପ୍ତ କାନୁନଗୋ କହିଛନ୍ତି।

● ପ୍ରବଳ ବର୍ଷାରେ ବେତନଟୀ ଅବସ୍ଥା ବେହାଲ

## ଘରେ ପଶିଲା ପାଣି

**ବେତନଟୀ,୨୩।୯ (ସଂଚାର ବ୍ୟୁରୋ):** ଲଘୁଚାପ ଜନିତ ପ୍ରବଳ ବର୍ଷା ସୋମବାର ଅପରାହ୍ନରୁ ମଙ୍ଗଳବାର ଅପରାହ୍ନ ପର୍ଯ୍ୟନ୍ତ ଲାଗି ରହିବା ଫଳରେ ବେତନଟୀ ଅବସ୍ଥା ଅତ୍ୟନ୍ତ ଶୋଚନୀୟ ହୋଇପଡିଛି। ବିଶେଷ ଭାବେ ତ୍ରୁଟିପୂର୍ଣ୍ଣ ଡ୍ରେନେଜ ବ୍ୟବସ୍ଥା ଓ ପ୍ରାୟ ୩୦ ବର୍ଷ ପୂର୍ବରୁ ବେତନଟୀ ବଜାରର ଅବସ୍ଥା ଯେଭଳି ହୋଇଥିଲା ତାହା ଅବର୍ଣ୍ଣନୀୟ ବେତନଟୀର ଖାଲୁଆ ସ୍ଥାନ ମାନଙ୍କରେ ଲୋକଙ୍କ ଘରେ ପାଣି ପଶିବା ଫଳରେ ସେମାନଙ୍କ ଘରର ରୋଷେଇ ମଧ ହୋଇପାରିନାହିଁ । ଏପରିକି ଆନନ୍ଦ ବଜାରର ରାସ୍ତା ଉଚ୍ଚ ହୋଇଯାଇଥିବା ବେଳେ ଓ ସେହି ଅନୁପାତରେ ଡ୍ରେନ ଅଣଓସାରିଆ ଓ ଖାଲୁଆ ହୋଇ ପ୍ରାୟ ଅଶୀଭାଗ ନଷ୍ଟ ହୋଇଯାଇଥିବା ଯୋଗୁ ବର୍ଷା ଜଳ ଠିକଭାବେ ନିଷ୍କାସନ ହୋଇ ନପାରି ରାସ୍ତା ଉପରକୁ ଅଧିକା ପାଣି ଉଠିବା ସହିତ କେତେକ ସ୍ଥାନରେ ଡ୍ରେନ ଉପରେ ଘର ଓ ଦୋକାନ ହେବା ଯୋଗୁ ଏଭଳି ଅଚଳାବସ୍ଥା ସୃଷ୍ଟି ହେବାରେ ଲାଗିଛି। ଡ୍ରେନରେ ଦୋକାନୀଙ୍କ ଆବର୍ଜନା ପଡୁଥିବାରୁ ଡ୍ରେନଜାମ ହୋଇ ରାସ୍ତାରେ ଆବର୍ଜନା ଜମା ହୋଇ ରାସ୍ତାରେ ଯିବା ଆସିବା କରିବାରେ ବାଧା ସୃଷ୍ଟି ହେଉଛି। ବେତନଟୀ କ୍ଷେତ୍ରମୋହନ ଛକ ନିକଟରୁ ହାରାହାରି ସୁବାଷ ବୋଷ ଛକ ପର୍ଯ୍ୟନ୍ତ ରାସ୍ତା ଉପରେ ପାଣିର ସୁଅ ଛୁଟୁଛି।

## ମିଶନ ଶକ୍ତି କମ୍ୟୁନିଟି ସପୋର୍ଟ ଷ୍ଟାପଙ୍କ ଗଣଧାରଣା




**ନୟାଗଡ଼,୨୩।୯ (ସଂଚାର ବ୍ୟୁରୋ):** ଗଣଧାରଣାରେ ବସିଛନ୍ତି ଶହ ଶହ ମହିଳା । କମ୍ୟୁନିଟ ସପୋର୍ଟଷ୍ଟାପଙ୍କ ଆନ୍ଦୋଳନକୁ କର୍ଣ୍ଣପାତ କରୁନାହାନ୍ତି ସରକାର । ଯାହାକୁ ନେଇ କ୍ଷୋଭ ପ୍ରକାଶ କରିବା ସହ ରାଜ୍ୟର ପ୍ରତ୍ୟେକ ବ୍ଲକରେ ଗଣଧାରଣା ଦେଇଛନ୍ତି ମିଶନ ଶକ୍ତି ବିଭାଗର ଶତାଧିକ କମ୍ୟୁନିଟ ସପୋର୍ଟଷ୍ଟାପ । ବିଗତ ସରକାରରେ କମ୍ୟୁନିଟ ସପୋର୍ଟଷ୍ଟାପ ସ୍ଥାୟୀ ଦରମା ପାଇଆସୁଥିବା ବେଳେ ବର୍ତ୍ତମାନର ମୋହନ ସରକାର ଉକ୍ତ ଷ୍ଟାପମାନଙ୍କ ପାଇଁ ଆଖି ବୁଜିଦେଇଛନ୍ତି । ଯାହାଫଳରେ ନିୟମିତ ଓ ସ୍ଥାୟୀ ଦରମାକୁ ବନ୍ଦ କରି ଇନସେଟିଭି ଆକାରରେ ସରକାର ଦେବାକୁ କହୁଥିବା ବେଳେ ଏହାକୁ କଡ଼ା ଭାବେ ବିରୋଧ କରୁଛନ୍ତି କମ୍ୟୁନିଟ ସପୋର୍ଟଷ୍ଟାପର ହଜାର ହଜାର ମହିଳା । ନୟାଗଡ଼ ସଦର ବ୍ଲକ ଅନ୍ତର୍ଗତ ୨୯ଟି ପଞ୍ଚାୟତର ଶତାଧିକ କମ୍ୟୁନିଟ ସପୋର୍ଟଷ୍ଟାପଙ୍କ ଦୀର୍ଘ ଛ'ମାସ ହେଲା ଦରମା ପାଇନଥିବା ବେଳେ ରାଜ୍ୟ ସରକାର ଇନସେଟିଭି ଆକାରରେ ସପୋର୍ଟଷ୍ଟାପ ମାନେ କାର୍ଯ୍ୟ କରିବାକୁ କହିଛନ୍ତି। ଯାହାକୁ ନେଇ ବିରୋଧ କରୁଛନ୍ତି କମ୍ୟୁନିଟ ସପୋର୍ଟଷ୍ଟାପ । ଆଜି ନୟାଗଡ଼ ବ୍ଲକ ସ୍ତରୀୟ ଜିପିଏଲଏଫ କର୍ମୀ ସଂଘ ତରଫରୁ ନୟାଗଡ଼ ବ୍ଲକର ମିଶନ ଶକ୍ତି କାର୍ଯ୍ୟାଳୟ ସମ୍ମୁଖରେ ସରକାରଙ୍କ ବିରୋଧ ନାରାବାଜି ଦେବା ସହ ଗଣଧାରଣାରେ ବସିଥିବା ଦେଖିବାକୁ ମିଳିଛି। ସରକାର ଦାବି ପୁରଣ କରିବା ପର୍ଯ୍ୟନ୍ତ ଏପରି ଆନ୍ଦୋଳନ ଜାରି ରହିବ ବୋଲି ସୂଚନା ମିଳିଛି ।

## ଐତିହ୍ୟ ପଦଯାତ୍ରାର ପ୍ରଥମ ବାର୍ଷିକ ସମ୍ମିଳନୀ ପାଇଁ ପ୍ରସ୍ତୁତି ବୈଠକ

**ଜଗତସିଂହପୁର,୨୩।୯ (ସଂଚାର ବ୍ୟୁରୋ):** ଜଗତସିଂହପୁର ଐତିହ୍ୟ ପଦଯାତ୍ରା"ର ଆବାହକ ଶ୍ରୀକାନ୍ତ ସିଂହଙ୍କ ଅଧକ୍ଷତାରେ ସଦର ବ୍ଲକ ଅନ୍ତର୍ଗତ ପୁନଙ୍ଗ ଗ୍ରାମର ସିଦ୍ଧ ବାରଙ୍ଗ ଗୋସାଇଁଙ୍କ ପୀଠ ପ୍ରାଙ୍ଗଣରେ ଏକ ସ୍ୱତନ୍ତ୍ର ବୈଠକ ଅନୁଷ୍ଠିତ ହୋଇଯାଇଛି । ଏହି ବୈଠକରେ ଆସନ୍ତା ୧ ଫେବୃଆରୀ ୨୦୨୬ ରେ ଆୟୋଜିତ ହେବାକୁ ଥିବା "ଜଗତସିଂହପୁର ଐତିହ୍ୟ ପଦଯାତ୍ରା" ର ପ୍ରଥମ ବାର୍ଷିକ ସମ୍ମିଳନୀ ପାଇଁ ପ୍ରସ୍ତୁତି ଓ ପରିକଳ୍ପନା ବିଷୟରେ ଆଲୋଚନା କରାଯାଇଥିଲା। ବୈଠକ ଆରମ୍ଭ ପୂର୍ବରୁ ପ୍ରଭୁ ଜଗନ୍ନାଥଙ୍କ ପୂଜା କରାଯାଇଥିଲା ଏବଂ ତାଙ୍କର ଆଶୀର୍ବାଦ ସହିତ ଏହି ପବିତ୍ର ପ୍ରୟାସର ପ୍ରଥମ ପଦକ୍ଷେପ ଗ୍ରହଣ କରାଗଲା। ଏହି ବୈଠକରେ ସାମ୍ବାଦିକ ଶଶାଙ୍କ ଶେଖର ପଣ୍ଡା ଓ ଶିକ୍ଷ୍ୟାବିତ ବିଜୟ କୁମାର ରଥ ଯୋଗଦେଇ ବାର୍ଷିକ ଉତ୍ସବ ପାଳନ ସମ୍ପର୍କରେ ନିଜର ମତାମତ ଉପସ୍ଥାପନ କରିଥିଲେ । ଏହି ବାର୍ଷିକ ଉତ୍ସବ ଅବସରରେ ବିଭିନ୍ନ କ୍ଷେତ୍ରରେ ପାରଦର୍ଶିତା ଲାଭ କରିଥିବା ପ୍ରତିଭାଧର ବ୍ୟକ୍ତି ମାନଙ୍କୁ ସମ୍ବର୍ଦ୍ଧିତ କରିବା ପାଇଁ ନିଷ୍ପତ୍ତି ହୋଇଥିଲା। ସେହିପରି ବିଦ୍ୟାଳୟ ଓ ମହାବିଦ୍ୟାଳୟ ସ୍ତରରେ ଛାତ୍ରଛାତ୍ରୀ ମାନଙ୍କ ମଧରେ ବିଭିନ୍ନ ପ୍ରତିଯୋଗିତା ଆୟୋଜନ ପାଇଁ ମଧ ଏହି ବୈଠକରେ ସ୍ଥିର ହୋଇଥିଲା ।

# 'ସେବା ପକ୍ଷ'ରେ ଜିଲ୍ଲାସ୍ତରୀୟ ସଫେଇ କାର୍ଯ୍ୟକ୍ରମ




**ଭବାନୀପାଟଣା,୨୩।୯ (ସଂଚାର ବ୍ୟୁରୋ):** କଳାହାଣ୍ଡି ଜିଲ୍ଲା ପ୍ରଶାସନ ଏବଂ ପୌରପାଳିକା ଭବାନୀପାଟଣା ମିଳିତ ଉଦ୍ୟମରେ ଚଳିତ ମାସ ସେପ୍ଟେମ୍ବର ୧୭ ତାରିଖରୁ ସ୍ୱଚ୍ଛତା ହିଁ ସେବା ପକ୍ଷ ୨୦୨୫ ଅଭିଯାନ ଆରମ୍ଭ ହୋଇଯାଇଛି। ଏହି ଅବସରରେ ବୃକ୍ଷ ରୋପଣ, ସହରର ବିଭିନ୍ନ ମନ୍ଦିର ପରିସରେ ସଫେଇ, ଯୋଗ କାର୍ଯ୍ୟକ୍ରମ, ଛାତ୍ରଛାତ୍ରୀମାନଙ୍କ ମଧ୍ୟରେ ଚିତ୍ରାଙ୍କନ, କୁଇଜ୍ ଏବଂ ଆବର୍ଜନାରୁ କଳା ପ୍ରତିଯୋଗିତା ସବୁ ଅନୁଷ୍ଠିତ ହୋଇଯାଇଛି। ଏଥି ସହିତ ପ୍ରତ୍ୟେକ ଦିନ ସହରର ବିଭିନ୍ନ ସ୍ଥାନକୁ ସଫେଇ କାର୍ଯ୍ୟକ୍ରମ ଚାଲୁରହିଛି। ଆଜି ସକାଳ ୬.୩୦ରେ ପୁରୁଣାପଡା ଆଶ୍ରୟସ୍ଥଳୀ, ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖର ରାସ୍ତା ପରିସରରେ ସାମୂହିକ ସଫେଇ ଅଭିଯାନ କରାଯାଇଥିଲା।

ଏଥିରେ ଜିଲ୍ଲାପାଳ ପାଓ୍ୱାର ସଚିନ ପ୍ରକାଶଙ୍କ ନେତୃତ୍ୱରେ ଅତିରିକ୍ତ ଜିଲାପାଳ ତନ୍ମୟ କୁମାର ଦରଓ୍ୱାନ, ମୁଖ୍ୟ ଉନ୍ନୟନ ତଥା ନିର୍ବାହୀ ଅଧିକାରୀ ଜିଲ୍ଲାପରିଷଦ ଦୟାମୟ ପାଢ଼ି, ନିର୍ବାହୀ ଅଧିକାରୀ, ଅନିମେସ ପ୍ରଧାନ ,ଭାରତୀୟ ପ୍ରଶାସନିକ ସେବା(ପ୍ରବେସନ) ଅବକାରୀ ଅଧିକ୍ଷକ ରଞ୍ଜନ କୁମାର ନାୟକ, ସହ ନିର୍ଦ୍ଦେଶ ଜିଲ୍ଲା ସ୍ୱଳ୍ପ ସଞ୍ଚୟ ଓ ଜିଲ୍ଲା ସଂସ୍କୃତି ଅଧିକାରୀ ବିବେକାନନ୍ଦ ମହାନନ୍ଦ, ଜିଲ୍ଲା ମଙ୍ଗଳ ଅଧିକାରୀ ଅନ୍ତର୍ଯ୍ୟାମି କହଁରଙ୍କ ସମେତ ବିଭିନ୍ନ ବିଭାଗୀୟ ଜିଲ୍ଲା ସ୍ତରୀୟ ଅଧିକାରୀ, କର୍ମଚାରୀ, ସ୍ଥାନୀୟ ବାସିନ୍ଦା, ସ୍ୱୟଂ ସହାୟକ ଗୋଷ୍ଠୀର କର୍ମକର୍ତ୍ତା ଓ ଗଣମାଧ୍ୟମର ପ୍ରତିନିଧି ପ୍ରମୁଖ ଯୋଗଦେଇ ସ୍ୱଚ୍ଛତା ହିଁ ସେବା ଅଭିଯାନର ସଫେଇ କାର୍ଯ୍ୟକ୍ରମରେ ସକ୍ରିୟ ଅଂଶ ଗ୍ରହଣ କରିଥିଲେ। ସଫେଇ କାର୍ଯ୍ୟକ୍ରମ ଆରମ୍ଭରୁ ନିର୍ବାହୀ ଅଧିକାରୀ ଉପସ୍ଥିତ ସମସ୍ତ ଙ୍କୁ ସ୍ୱଚ୍ଛତା ଶପଥପାଠ କରାଇଥିଲେ ।

## ବସ୍ ସେବା ପାଇଁ ଗ୍ରାମବାସୀ ବିଡ଼ିଓଙ୍କ ଦ୍ୱାରସ୍ଥ



**ବାରିପଦା,୨୩।୯ (ସଂଚାର ବ୍ୟୁରୋ):** ମୟୂରଭଂଜ ଜିଲ୍ଲାର ବହଳଦା ବ୍ଲକ ଅନ୍ତର୍ଗତ ଗମ୍ଭାରିଆ ପଞ୍ଚାୟତର କଣ୍ଟାଶୋଳା, ଜଗନ୍ନାଥପୁର, ବରଗିଡିହି, ପାହାଡ଼ପୁର ଗ୍ରାମକୁ ସରକାରଙ୍କ ଗ୍ରାମାଞ୍ଚଳ ବସ ସେବା ଅପହଞ୍ଚ। ବରଗିଡିହି ଗ୍ରାମରେ ୬୦୦ ରୁ ଉର୍ଦ୍ଧ ଲୋକେ ବସବାସ କରୁଛନ୍ତି । ବରଗିଡିହିରୁ ଗମ୍ଭାରିଆ ପଞ୍ଚାୟତ କାର୍ଯ୍ୟାଳୟ ସୁଦୂର ୫ କିମି ଦୂର। ସେଠାରୁ ପୁଣି ବହଳଦା ବ୍ଲକ କାର୍ଯ୍ୟାଳୟ ୭ କିମି ଦୂର ଅଟେ। ତେଣୁ ଜଣେ ଲୋକ ବରଗିଡ଼ିହିରୁ ଗମ୍ଭାରିଆରୁ ବ୍ଲକ ଯିବାପାଇଁ ହେଲେ ବାର କିଲୋମିଟର ଯିବାକୁ ହେବ। ତେଣୁ ଲୋକମାନଙ୍କୁ ଯାତାୟତରେ ଭାରି ଅସୁବିଧାର ସମୁଖୀନ ହେବାକୁ ପଡିଥାଏ। ତେଣୁ ବରଗିଡିହି ଗ୍ରାମବାସୀ ବିଡ଼ିଓ ଶରତ ଚନ୍ଦ୍ର ମଲ୍ଲିକଙ୍କୁ ଏକ ଲିଖିତ ଦାବିପତ୍ର ପ୍ରଦାନ କରିଛନ୍ତି ଯେପରିକି ବରଗିଡିହିରୁ ଗ୍ରାମାଞ୍ଚଳ ପରିବହନ ସେବା ତୁରନ୍ତ ଯୋଗାଇଦେବା ପାଇଁ ବିହିତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ନିବେଦନ କରିଛନ୍ତି।

## ଯୁବକ ସଂଘ ପକ୍ଷରୁ ପୋଖରୀ ସଫେଇ



**ନାଉଗାଁ,୨୩।୯ (ସଂଚାର ବ୍ୟୁରୋ):** ଜଗତସିଂହପୁର ଜିଲ୍ଲା ନାଉଗାଁ ବ୍ଲକ ଅନ୍ତର୍ଗତ ବାଂଶ ପଞ୍ଚାୟତର ଚାନ୍ଦପୁରା ଗ୍ରାମର ଯୁବକ ସଂଘ ପକ୍ଷରୁ ଗ୍ରାମରେ ଥିବା ଏକ ଦଳ ପୋଖରୀକୁ ସଫେଇ କରାଯାଇଛି। ଏହି ପୋଖରୀଟି ଅଙ୍ଗନୱାଡି କେନ୍ଦ୍ର ପାର୍ଶ୍ୱରେ ରହିଥିବା ବେଳେ ଦଳପୂର୍ଣ୍ଣ ପୋଖରୀରୁ ମଶା ମାଛି ଆଦି ଜାତ ହେଉଥିଲା। ମଶା କାମୁଡିବା ଦ୍ୱାରା ଡେଙ୍ଗୁ, ମ୍ୟାଲେରିଆ ଏବଂ ମାଛିମାନଙ୍କ ଦ୍ୱାରା ଝାଡା ବାନ୍ତି ବ୍ୟାପି ଥାଏ। ତେଣୁ ପରିବେଶକୁ ପରିଷ୍କାର ପରିଚ୍ଛନ୍ନ ରଖିବା ଆମ ସମସ୍ତଙ୍କର ଦାୟିତ୍ୱ ବୋଲି ସଂଘର ସଦସ୍ୟମାନେ ମତବ୍ୟକ୍ତ କରିଥିଲେ। ଏହି ସଫେଇ କାର୍ଯ୍ୟରେ ସଂଘର ସଦସ୍ୟମାନେ ସାମିଲ ହୋଇ ପୋଖରୀକୁ ସଫେଇ କରିଥିଲେ।

# ବିଜେପିର 'ଆତ୍ମନିର୍ଭର ଭାରତ' କର୍ମଶାଳା




**ଭବାନିପାଟଣା,୨୩।୯ (ସଂଚାର ବ୍ୟୁରୋ):** ସ୍ୱଦେଶୀ ଆପଣାଅ ଦେଶ ବଞ୍ଚାଅ, ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ଭିଜନ ୨୦୪୭ ପର୍ଯ୍ୟନ୍ତ ବିକଶିତ ଭାରତ ସ୍ୱଦେଶସୀ ଭାରତ ସ୍ୱପ୍ନକୁ ସାକାର କରିବା ପାଇଁ କଳାହାଣ୍ଡି ବିଜେପି ଜିଲ୍ଲା ସଭାପତି ଯୁଗଳ କିଶୋର ପୋଢ଼ଙ୍କ ନେତୃତ୍ୱରେ ସ୍ଥାନୀୟ ଟାଉନ୍ ହଲ୍ ଠାରେ ଆତ୍ମନିର୍ଭର ଭାରତ ଅଭିଯାନ କର୍ମଶାଳା ଅନୁଷ୍ଠିତ ହୋଯାଇଅଛି। ଦେଶବାସୀଙ୍କୁ ଆତ୍ମନିର୍ଭର ହେବା ପାଇଁ ବାର୍ତ୍ତା ଦେଇଛନ୍ତି ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ। ସେହି ବାର୍ତ୍ତାକୁ ତୃଣମୂଳ ସ୍ତରରେ ପହଞ୍ଚାଇବା ଉଦ୍ଦେଶ୍ୟରେ ଆୟୋଜିତ କାର୍ଯ୍ୟକ୍ରମରେ ଆତ୍ମନିର୍ଭର ଭାରତ ରାଜ୍ୟ ସଂଯୋଜକ ତଥା କନ୍ଧମାଳ ସାଂସଦ ସୁକାନ୍ତ ପାଣଗ୍ରାହୀ ଯୋଗଦେଇଥିଲେ। ଏହି କର୍ମଶାଳାରେ ୪୧ଟି ମଣ୍ଡଳରୁ ଚୟନ ହୋଇଥିବା ସଂଯୋଜକ ଓ ସହ ସଂଯୋଜକ ମାନଙ୍କୁ ସମ୍ବୋଧିତ କରିବା ସହ ଆତ୍ମନିର୍ଭର ହେବା ପାଇଁ ଜନସଚେତନତା ପାଇଁ ଘର ଘର ବୁଲି ଲୋକଙ୍କୁ ଜାଗୃତ କରିବା ପାଇଁ କହିଥିଲେ। ଆତ୍ମନିର୍ଭର ହେବା ପାଇଁ ବିଭିନ୍ନ ପ୍ରକାର ସରକାରୀ ଯୋଜନା ଉପଲବ୍ଧି ରହିଅଛି। ତାହା ଉପଯୋଗ କରି କୃଷକ , ଛାତ୍ରଛାତ୍ରୀ, ବ୍ୟବସାୟୀ, ଯୁବକ ଯୁବତୀ କିପରି ଆତ୍ମନିର୍ଭରଶୀଳ ହେବେ ତାହା ଗୁରୁତ୍ୱ ଦିଆଯିବ ବୋଲି କରିଥିଲେ।

# ମୟୂରଭଞ୍ଜକୁ ଦକ୍ଷିଣ-ପୂର୍ବ ରେଳବାଇର ଅଣଦେଖା, ତେଜୁଛି ଅସନ୍ତୋଷ



**ବେତନଟୀ,୨୩।୯ (ସଂଚାର ବ୍ୟୁରୋ):** ଅର୍ଥନୈତିକ କ୍ଷେତ୍ରରେ ଅବହେଳିତ ଆଦିବାସୀ ବହୁଳ ରାଜ୍ୟର ସର୍ବବୃହତ ଦାଦନ ଶ୍ରମିକଙ୍କ ଜିଲ୍ଲା ଭାବେ କୁଖ୍ୟାତି ଅର୍ଜନ କରିଥିବା ମୟୂରଭଞ୍ଜ ଜିଲ୍ଲାକୁ ରାଜ୍ୟ ସରକାର ଓ କେନ୍ଦ୍ର ସରକାର ଅବହେଳା କରି ଆସିଥିବା ବେଳେ ଦକ୍ଷିଣ ପୂର୍ବ ରେଳବାଇ ପକ୍ଷରୁ ମଧ ଇଚ୍ଛାକୃତ ଭାବେ ଅବହେଳା ପ୍ରଦର୍ଶନ କରାଯାଇ ଆସୁଥିବା ବିଭିନ୍ନ ସଂଗଠନ ଓ ବିଶିଷ୍ଟ ସଚେତନ ବ୍ୟକ୍ତି ବିଶେଷଙ୍କ ପକ୍ଷରୁ କୁହାଯାଇଛି।

ହାଓଡ଼ା-ଖଡଗପୁର ଭାୟା ରୁପ୍ସା ଜଙ୍କସନରୁ ବାଙ୍ଗିରିପୋଷିକୁ ସଂଯୋଗ କରୁଥିବା ରେଳ ରୁଟ୍‌ଟି ବାଙ୍ଗିରିପୋଷି ଠାରେ ଅଟକି ରହିଥିବା ବେଳେ ଟାଟା ନଗର ସହିତ ଏହା ଏହି ରେଳ ଡିଭିଜନର ଚକ୍ରାନ୍ତକାରୀ ଅଧିକାରୀମାନଙ୍କ ପାଇଁ ବର୍ଷ ବର୍ଷ ଧରି ସଂଯୋଗ ହୋଇ ପାରି ନାହିଁ । ଯାହା ଫଳରେ ଦିଲ୍ଲୀ ତଥା ଅନ୍ୟାନ୍ୟ ଦୂରଗାମୀ ଟ୍ରେନ ଗୁଡିକ ରୁପ୍ସା ଜଙ୍କସନରୁ ଭାୟା ଖଡଗପୁର ଦେଇ ଚଳାଚଳ କରିଥାଏ। ସେହିପରି ବାଙ୍ଗିରିପୋଷିରୁ ପୁରୀ ଭାୟା ବାଲେଶ୍ୱର, ଭଦ୍ରକ, କଟକ, ଭୁବନେଶ୍ୱର ଓ ପୁରୀକୁ ଖଣ୍ଡିଏ ମାତ୍ର ଟ୍ରେନ ଦୈନିକ ଅପ୍ ଡାଉନ ହୋଇ ଚଳାଚଳ କରିଥାଏ। ଏହି ଟ୍ରେନରେ ବର୍ଷକୁ ବର୍ଷ ଯାତ୍ରୀ ସଂଖ୍ୟା ବଢୁଥିଲେ ହେଁ ବାରମ୍ବାର ଦାବି ସତ୍ତ୍ୱେ ଆଉ ଏକ ଡାଉନ ଟ୍ରେନ ପୁରୀରୁ ବାଙ୍ଗିରିପୋଷିକୁ ଚଳାଚଳ କରିପାରି ନାହିଁ । ସେହିପରି ବାରିପଦାର ଭଞ୍ଜପୁର ଷ୍ଟେସନରୁ ସାଲିମାର ଇଣ୍ଟରସିଟି ସୁପରଫାଷ୍ଟ ଟ୍ରେନ ନଂ ୧୮୦୦୭ ଅପ ଓ ୧୮୦୦୮ ଡାଉନ ଟ୍ରେନଟି ସାଲିମାର (କୋଲକାତା)କୁ ସପ୍ତାହରେ ତିନି ଦିନ ପାଇଁ ଚଳାଚଳ କରୁଥିଲେ ସୁଦ୍ଧା ଏହାର ସମୟ ସାରଣୀରେ ଏତେ ଅବ୍ୟବସ୍ଥା ଯେ ବ୍ୟବସାୟୀମାନେ ଏହି ଜିଲ୍ଲାରୁ କ୍ଷୁବ୍ଧ ହୋଇ ଯାତାୟତ ନ କରି ବାରିପଦାରୁ ବସ ଯୋଗେ କୋଲକାତାକୁ ଅଧିକ ଯାତାୟତ କରିଥାନ୍ତି।

ପାସେଞ୍ଜରମାନଙ୍କ ସୁବିଧାକୁ ନେଇ ଟ୍ରେନ ଚଳାଚଳ କରିବା ବଦଳରେ ରେଲୱେ ଅଧିକାରୀ ମାନଙ୍କ ମର୍ଜି ଖିଆଲକୁ ଟ୍ରେନ ଚଳାଚଳ ଏବେ କରୁଛି । ଏହି ଖଣ୍ଡିଏ ମାତ୍ର ସୁପର ଫାଷ୍ଟ ଟ୍ରେନ ଯିବା ସମୟରେ ବିଭିନ୍ନ ଷ୍ଟେସନ ମାନଙ୍କରେ ଅଟକାଇ ଅନ୍ୟ ଟ୍ରେନ ମାନଙ୍କୁ ପାସ କରାଯାଉଥିବା ଯୋଗୁଁ ସାଲିମାର ଷ୍ଟେସନରେ ଅଥବା ସାନ୍ତରାଗାଛି ଷ୍ଟେସନରେ ଅଟକାଇ ରଖି ଦିଆଯାଇଥାଏ। ଫଳରେ ବ୍ୟବସାୟୀମାନେ ବାରିପଦାରେ ପହଞ୍ଚିବାକୁ ବହୁ ବିଳମ୍ବ ହୋଇଥାଏ। ଏହି ଟ୍ରେନର ଅନିୟମିତତା ଓ ବିଶୃଙ୍ଖଳା ପାଇଁ ଯାତ୍ରୀ ସଂଖ୍ୟା ଦିନକୁ ଦିନ ହ୍ରାସ ପାଉଥିବା ଯୋଗୁଁ ଯାତ୍ରୀମାନେ ଭୟରେ ସିକ୍ୟୁରିଟି ବ୍ୟବସ୍ଥା ନ ଥିବା କାରଣରୁ ଯିବା ଆସିବା ପାଇଁ ଭୟ କରିଥାନ୍ତି। ଏହି ଟ୍ରେନଟି ଷ୍ଟେସନ ବ୍ୟତୀତ ଯେଉଁଠି ସେଇଠି ଅଟକି ରହୁଥିବା ଯୋଗୁଁ ଟ୍ରେନ ଭିତରକୁ ଅସମାଜିକ ଗୁଣ୍ଡା ଓ ନିଶା ଖୋର ପେଷାଦାର ଅପରାଧୀମାନେ ଛିନତାଇ ଓ ମହିଳା ମାନଙ୍କୁ ଅସଦାଚରଣ କରିବା ଯୋଗୁଁ ଦକ୍ଷିଣ ପୂର୍ବ ରେଳବାଇ ଦାୟିତ୍ୱହୀନତା ପାଇଁ କାହାକୁ ଦାୟୀ କରିବେ ବୋଲି ଗଣମାଧମ ରେ ପ୍ରଶ୍ନ କରାଯାଇଛି।

ଏଣୁ ଏହି ସାଲିମାର ଇଣ୍ଟରସିଟି ଟ୍ରେନ ନିୟମିତ ସମୟ ସାରଣୀ ଅନୁସାରେ ଚଳାଚଳ କରିବା ପାଇଁ ବେତନଟୀ ଓ ବାରିପଦାର ବଣିକ ସଂଘ ପକ୍ଷରୁ ଦାବି କରାଯାଇଛି।





## ଜହ୍ନିଫୁଲପରି ହଳଦୀ ରଙ୍ଗର ଦେହ

**ଡ. ଶୁଭେନ୍ଦୁ ମେହେର**

ସିନ୍ଦୂରା ଫାଟିଲେ
ସଦ୍ୟ ଉଇଁଥିବା ସୂର୍ଯ୍ୟର
କଅଁଳ କିରଣଦେଇ
ଝିଲ୍‌ମିଲ୍ କରୁଥିବା
ଜହ୍ନିଫୁଲର ରଙ୍ଗପରି ଦିଶେ
ତା' କୁଆଁରୀ ଦେହ!

ପହିଲି କାକର ଛୁଆଁରେ
ସେ' ଓଦା ହୁଏ!
ଚୋରା ଚାହାଣି ଆଉ,
ନୀରବ ଓଠର ଇଙ୍ଗିତରେ
ନହୁଲି ଅଳସୀର ଭିଜା ଯୌବନ
ଅୟୁତ କାହାଣୀ କୁହେ।

ତା' ରୂପଲାବଣ୍ୟରେ ଥାଏ
ଅଭିଆଡ଼ିର ଚମକ,
ଷୋଡ଼ଶୀ ସୁନ୍ଦରୀ ପରି
ଦେହ ଦେଉଳରେ ତା'ର
ଦେବୀତ୍ୱର ଅପୂର୍ବ ମହକ।

ଜହ୍ନିଫୁଲ ରଙ୍ଗର ଶାଢ଼ିରେ
ଢାଙ୍କିଥାଏ ତା' ହଳଦିଆ କୁଆଁରୀ ପଣ
ମୋ' କଳ୍ପିତ ଈଶ୍ୱରୀର ପାଦ ହଳକରେ
ପାଉଁଜି ରଣଝୁଣ,
ଭଉଁରୀ ଖାଉଥିବା ତା' ଦେହ କୁଞ୍ଜବନ
ମୋ' ଜୁଆନ୍ ଛାତିକୁ ଦିଏ
ପ୍ରତୀକ୍ଷାର ଅଜସ୍ର ଜ୍ୱଳନ।

ଜହ୍ନିଫୁଲ ପରି କୋମଳ
ତା' ହୃଦୟ ଓ ମନ,
କାଶତଣ୍ଡୀର ସୁରିଲା ସୁରିଲା ସ୍ୱପ୍ନରେ
ଦୋହଲାଏ ଦେହ ଉପବନ।

ସେ'
ମହୁଆ ମଳୟର ସଞ୍ଚରେ
ରାତି କୁ ଆୟୁଷ ମାଗେ!
ଜହ୍ନିଫୁଲ ଓଠର କାକର ବିନ୍ଦୁରେ
ମନ୍ତ୍ରସ୍ନାନ କରେ,
ରଙ୍ଗୀନ ପ୍ରଜାପତିର ଡେଣାରେ
ମୋ'ର ଦୁଷ୍ଟ ଇଚ୍ଛା ସବୁକୁ
କ୍ଷତବିକ୍ଷତ କରେ।

ତା' ଜହ୍ନିଫୁଲିଆ ଗଭାରେ
ବିଦଗ୍ଧ ମୋ' ବଂଶୀସ୍ୱନ
ତା' ସ୍ୱର୍ଗୀୟ ଆକର୍ଷଣରେ ତଲ୍ଲୀନ
ମୋ' ପ୍ରେମର ନନ୍ଦନକାନନ ।

ଯାଲୋଏ, ସୁବର୍ଣ୍ଣପୁର
ମୋବାଇଲ: ୯୯୩୮୪୩୩୬୬୪



## ବେଙ୍ଗ କହେ ବେଙ୍ଗୁଲି ଲୋ...

**ନିବେଦିତା ପଣ୍ଡା**

ବେଙ୍ଗ କହେ ବେଙ୍ଗୁଲି ଲୋ ବିଚିତ୍ର ଏ
ଦୁନିଆର ରୀତିନୀତି,
ସମୟ ଜାତୀୟ ରାଜପଥ ଦେଇ
ବଦଳଇ ପରିସ୍ଥିତି।

ସମୟଟା ସତେ ଏତେ ଅଝଟିଆ
ଜୁଆରୀ ଯମୁନା ନଈ ।
ଅଜାଣତେ ସବୁ ସୁଖ ଧୋଇଦେଇ
ଅପଲକେ ଯାଏ ବହି ।

ଆଜି ଯିଏ ଅଛି ଅତି ଆପଣାର
କାଲି ସିଏ ହୁଏ ପର ।
ଆପେ ଆପେ ସେଇ ସମୟଚକ୍ରରେ
ଛିଣ୍ଡେ ସମ୍ପର୍କର ଡୋର ।

ଜୀବନଟା ସତେ ତମସା ରାତିର
ନିର୍ଜନ କୁହୁଡି ଘର ।
ସମୟ ହାତରେ ଆପଣାର ହୁଏ
ନିଜଠୁ ଅନେକ ଦୂର ।

ସକାଳ କିରଣ ଗୋଧୂଳିର ଛାଇ
ସମୟର ଯେତେ ରଙ୍ଗ ।
ଋତୁ ଆସେ ଆସି ଭରି ଦେଇଯାଏ
ସମୟ ଦେହେ ତରଙ୍ଗ ।

ସମୟ ସ୍ରୋତର ପରିମାପକ ଯେ
ସ୍ୱୟଂ ଚଳନ୍ତି ସମୟ ।
ନିୟତି ଅବଶ୍ୟ ହିସାବ ରକ୍ଷକ
ସମୟ ହିଁ ଲୀଳାମୟ ।

ସତ୍ କର୍ମ, ସତ୍ ଧର୍ମ,ସଦାଚାରଣରେ
ସମୟର ଉପଯୋଗ ।
ଜୀବନକୁ କରେ ଯନ୍ତ୍ରଣାରୁ ଦୂର
ତାହା ହିଁ ନିୟତି ଯୋଗ ।
ଆଜିର କାମକୁ ଆଜି କରିନିଅ
କାଲି ପାଇଁ ରଖ ନାହିଁ ।
ଆସନ୍ତାକାଲିକୁ କିଏ ବା ଦେଖିଛି
ଆଜି କଥା କାଲି ନାହିଁ ।

ନିଜ ନିଃଶ୍ୱାସକୁ ବିଶ୍ୱାସ ନଥାଏ
ଚାଲି ଯିବ କେଉଁ କ୍ଷଣ,
ସେଥିପାଇଁ ପରା କଥା ରହିଅଛି
ପୃଥ୍ୱୀ କ୍ଷଣ କ୍ଷଣକେ ଆନ।

ରାଉରକେଲା



## ଖଜୁରୀ ଗଛ

**ଡ଼ଃ ଧୀରେନ୍ଦ୍ର କୁମାର ମଲ୍ଲିକ**

ନାଆଁଟି ମୋହର ଖଜୁରୀ ଗଛଟି
ସଭିଏଁ ଜାଣନ୍ତି ମୋତେ।
ଢ଼ିଅ,ଘେରା,ବାଡ଼ି ସବୁଠି ଜନମେ
ପୋତିଲେ ମୋ ମଞ୍ଜି ଗାତେ,
ଦୂରରୁ ଦେଖିଲେ ଲମ୍ବା ଶରୀର ମୋ
ଦିଶଇ ସୁନ୍ଦର ଭାରି,
ମୋ ଗୁଣ ଗାରିମା ଅନେକ ରହିଛି
କେହି ହେବେନି ମୋ ପରି।
ପତର ମୋହର ଝାଡୁ ତିଆରିରେ
ଦରକାର ହୁଏ ଆଗ,
ପାଚିଲା ଫଳବି ଖାଇଲେ ମୋହର
ଲାଗଇ ବଢ଼ିଆ ବାଗ।
ଗଛରେ ମୋହର ,କୀଟ,ପକ୍ଷୀ,ସର୍ପ
ବସା କରି ରହିଥାନ୍ତି,
ଭାଇ ଭାଇ ହୋଇ ସୁଖେ ଦିନ କାଟି
ବହୁତ ଆନନ୍ଦ ପା'ନ୍ତି।
ରସକୁ ମୋହର ପିଇବା ପାଇଁକି
ଲୋକଙ୍କର ଭିଡ଼ ଜମେ ,
ଅଲୋଡ଼ା ନୁହେଁ ମୁଁ ସବୁବେଳେ ଲୋଡ଼ା
ଆସଇ ବହୁତ କାମେ ।।

ନୀଳକଣ୍ଠପୁର,ମଙ୍ଗଳପୁର,ଯାଜପୁର
ମୋବାଇଲ୍: ୭୯୦୪୩୯୨୬୮୬



## ଆବାହନୀ

**ଡ. ଚନ୍ଦ୍ରକଳା ନାୟକ**

ଜଗତଜନନୀ ଆସୁଛ ବୋଲି
ସମୀରରେ ସୁଗନ୍ଧ ପ୍ରକଟିତ ହୁଏ
ଚତୁର୍ଦ୍ଦିଗରେ ଆଲୋରମୟ ପରିବେଶ
ସ୍ୱଚ୍ଛ ଧବଳ ବର୍ଣ୍ଣର ଚାଦରଟେ ପରି
ଜଳ,ସ୍ଥଳ,ନଈ ଓ ସମୁଦ୍ର
ଆକାଶର ଭାସମାନ ନକ୍ଷତ୍ରର ଖଣ୍ଡ
ସର୍ବବ୍ୟାପୀ ହୋଇଯାଏ ତୁମରି ଆଗମନେ ।
ତୁମେ ସତେ ଅପରୂପା କନ୍ୟା
ସେଥିପାଇଁ ତ ମାଧୂର୍ଯ୍ୟ ତୋଳିଛି ପଠାରେ ପଠାରେ
କଶତଣ୍ଡୀର ଆବାହନୀ ମନ୍ତ୍ର ପାଠରେ
ଫୁଟି ଉଠେ କେତେ କେତେ ପୁଷ୍ପରାଜି
ଯୁଇ, ହେନା, ଚମ୍ପା, ମାଳତୀ ଓ କରବୀର
ଅସୀଣଟା ତୁମ ଆତିଥ୍ୟକୁ ଅପେକ୍ଷା କରିଛି
ଠିକ ବହୁବର୍ଣ୍ଣା ଲୁବ୍ଧ ପ୍ରଜାପତି ପରି ।
ତୁମେ ଆସିଛ ବୋଲି ତ ଆଜି
କେଉଁଆଡେ ଲାଗେନାହିଁ ମନ
ଇଛା ହୁଏ ବିଭୋର ହେବାକୁ
ତୁମ ସମ୍ମୋହନେ
ସେଥିପାଇଁ ସଜାଇ ରଖିଛି
କେତେ ଫୁଲ ଫଳ ଆଉ ଅଗରୁ ଚନ୍ଦନ
ସମର୍ପି ଦେବାକୁ ତୁମ ପାଦ କମଳରେ
କିଏ କହେ ତୁମେ ଆସ ଦୃଷ୍ଟ ବିନାଶନ ପାଇଁ
ମୁଁ କହେ ତୁମେ ଆସ ଶାନ୍ତି ବାର୍ତ୍ତା ପାଇଁ
ତୁମରି ଶ୍ରଦ୍ଧାରେ ଆତ୍ମା ହୁଏ ଶିହରିତ
ଅପୂର୍ବ ରାଗରେ ଆଜି ଏ ସାରା ସଂସାର
ଅପେକ୍ଷା କରନ୍ତି ମା ତୁମ ଆଶିଷକୁ
ରିକ୍ତ ପଣତ ତୋଳି ମାଗୁଛି ମା ତୋତେ
ବିଞ୍ଚିଦିଅ ତୁମର ସେ ଆଶିଷର ଧାରା
ଅଭୟ ଦାୟିନୀ ହୁଅ ସାରା ସୃଷ୍ଟି ପଥେ ।

ଅଧାପିକା, ମହାପୁରୁଷ ହାଡିଦାସ ମହାବିଦ୍ୟାଳୟ, ଛତିଆ, ଯାଜପୁର, ମୋ-୯୪୩୭୯୫୭୬୧୭



## କାଶତଣ୍ଡୀ ରେ ହସେ ମାଆ

**ଜୟଶ୍ରୀ ପଟ୍ଟନାୟକ**

କାଶତଣ୍ଡୀ ଆସି କାନେ କହିଲାଣି ଆସିଛି ଶରତ ଦେଖ
ସଫା ଆକାଶ କାଚକେନ୍ଦୁ ପାଣି ସବୁଜ କ୍ଷେତକୁ ଦେଖ
ମଧୁ ମିଳନର ସୀମାରେଖା ଟାଣି ବରଷା ଯାଉଛି ଫେରି
ଦେବୀ ଦଶ ଭୂଜା ସଜ ହୋଇଲେଣି ଚଢ଼ି ସିଂହ ସବାରୀ

ନଦୀ ପଠାରେ ପବନ ଦୋଳିରେ ଲୋଟଣି ଖେଳଇ କାଶ
ଆଉ ଦିଶୁନାହିଁ ବରଷାର ସେହି ଘନ କୃଷ୍ଣାଭ ବେଶ
ରାତି ଅଧଟାରୁ ଶେଫାଳି ମହକେ କାକରେ ଭିଜାଇ ଦେହ
ଶିଶିର ବିନ୍ଦୁର ସଂକେତ ପାଇ କମଳ ଝରାଏ ଲୁହ

ଋତୁ ଆସୁଥାଏ ଦିନଲିପି ଲେଖି ପୁଣି ଯାଉଥାଏ ବାହୁଡ଼ି
ସେହି ସ୍ମୃତି ପୁଣି ଆସନ୍ତା ବରଷେ ଆଖିରେ ମାରେ ଲହଡି
ପ୍ରକୃତି ସବୁବେଳେ ସାଥେ ଥାଏ ଅନୁରାଗେ ବନ୍ଧା ହୋଇ
ପ୍ରେମର ବାରତା ବୁଣି ଦେଇଯାଏ ସାଥିଟେ ଋତୁର ହୋଇ

ଚଇତେ ମଙ୍ଗଳା ଆଶ୍ୱିନରେ ଦୁର୍ଗା ରୂପେ ପୂଜା ହୁଏ ଦେବୀ
ଅଷ୍ଟ ପୀଠରେ ଷୋହଳ ପୂଜାରେ ହସୁଥାଏ ପୀଠ ଦେବୀ
ବାଙ୍କିରେ ଚର୍ଚ୍ଚିକା ଯାଜପୁରେ ବିରଜା ତାଳଚେର ହିଙ୍ଗୁଳାଇ
କାକଟପୁରେ ମଙ୍ଗଳା,ଝଙ୍କଡ଼େ ସାରଳା ସମ୍ବଲପୁରେ ସମଲାଇ

ମୃଣ୍ମୟୀ ପ୍ରତିମା ଗଢ଼ା ହୁଏ ପୁଣି ମଣ୍ଡପରେ ପୂଜା ପାଇଁ
ଦଶ ଭୂଜା ହୋଇ ମାଆ ଆସୁଥାଏ ଦୁଷ୍ଟ ବିନାଶ ପାଇଁ
ନବରାତ୍ରୀ ପୂଜା ନଅ ଅବତାରେ ଦଶହରାରେ ଦୁର୍ଗା ମାଆ
ଦଶ ଦୋଷ ଆମ କ୍ଷମା କରିଦେଇ ହୋଇଥାଅ ବାରେ ସାହା।

ଗଙ୍ଗ ନଗର, ଭୁବନେଶ୍ୱର



## ତମେ ଏତେ ନିଷ୍ଠୁର

**ସୁଧୀର ମେହେର**

ତମର କ'ଣ ମାପିବାର
କିଛି ଗୋଟେ ମାନଦଣ୍ଡ ନାହିଁ?
ପଚିଲାମାନଙ୍କୁ ରଖି ତୋଳି ନେଉଚ
ଏଇ ଏଇ କଢ ମେଲୁଥିବା
କଞ୍ଚା କଞ୍ଚା ସୁକୁମାର ଫୁଲ ଗୁଡାକୁ ।

ବେଳେ ବେଳେ ଲାଗେ-ତମେ ଅନ୍ଧ ପାଲଟି ଯାଇଚ,
ଦେଖି ପାରୁନ କିଛି ବି,
ବିବେକ ବୋଲି କିଛି ବି ନାହିଁ ତମର
ଭଲ ମନ୍ଦ କିଛି ବି ବିଚାର କରି ପାରୁନ କେମିତି ?

ଯେଉଁ ପୁଅ
ବାପକୁ କାନ୍ଧ ଦେବା କଥା,
ସେଇ ବାପ ପୁଅକୁ କାନ୍ଧ ଦଉଚି,
ବୁଢ଼ୀମାଁ ଆଖିରୁ କାଢି ନେଉଚ ତା'ର
ନୟନ ପିତୁଳା,
ଏମିତି ହେଲେ ଆଗକୁ ତମପ୍ରତି
କାହାର ଆସ୍ଥା ରହିବ ତ !!

ଦୁନିଆର 'ଦ' ଅକ୍ଷର ବୁଝି ନ ଥିବା ପୁଅ
କି ପାପ କରିଥିଲା ତମର ?
ବିକଟାଳ ରୂପ ଧରି ମାଡି ଆସିଲ
ତା'ଛାତି ଉପରକୁ,
ଦେଖି ପାରିଲନି କି ତା' କପାଳର
ଦାଉ ଦାଉ ଇନ୍ଦ୍ରଧନୁ !!

ଜୀବନ କାଳ
ମାଟି ଲାଗି,ଡଙ୍ଗର ଲାଗି,
ଖଟିଖିଆ,ମଜୁଦୂର ଲାଗି ସଂଗ୍ରାମ କରି କରି
ଥକି ଯାଇଥିବା ଲୋକଟା
ଏବେ କେଉଁଠାକୁ ଯିବ ଯେ!
ତମେ ଏତେ ଅବିବେକି ହେଲ କେମିତି ?
ଏମିତି ହେଲେ
ଆଗକୁ ତମର ବଡପଣ ରହିବ ତ!!

ଚିଟୈଗୁଡା, ଜୁନାଗଡ,
କଳାହାଣ୍ଡି





## ଛାଇ

**ଭାରତୀ ହୋତା**

ସକାଳର କଅଁଳ ଖରାକୁ
ଓଢଣୀରେ ଢାଙ୍କି
ଅମର ପ୍ରେମର ବୀଜ ମନ୍ତ୍ରରେ
ଅଭିମନ୍ତ୍ରିତ କରିଥିଲା ସେ ଅଳ୍ପାୟୁଷ ଛାଇ ।।

ଚିର ହରିତ୍ ଅରଣ୍ୟ ପରି
ତା 'ଚିର ସବୁଜ ଭାବପ୍ରବଣତା
ଧକ୍ ଧକ୍ ସ୍ପନ୍ଦନ
ଲୁହ ଆଉ କୋହର ଅସ୍ପଷ୍ଟ ମିଶ୍ରଣ
ଅଞ୍ଜଳିଭର୍ତ୍ତି
ତଥାପି କେବେ ମେଣ୍ଟୁ ନ ଥିଲା ତା' ଭୋକ ।।

କେତେବେଳେ ସେ ଥିଲା ଅଚିହ୍ନା
କେବେ ପୁରା ଆପଣା
କେତେବେଳେ ହାତ ଆଉଁସା
ପୁଣି କେବେ ଈଶ୍ୱର ପରି ଅପ୍ରାପ୍ୟ,
ସତରେ ଯେତେ ଛାଇ ସବୁ ଏମିତିକା
ଗୋଟିଏ ଗୋଟିଏ ମରୁଭୂମି ମରୀଚିକା ।।

ଯନ୍ତ୍ରଣାରେ ଜର୍ଜରିତ
ଏବେ ଆଖିର ଭାଷା - ଭାବରେ ରଚିତ
ନୀଳ ନିବିଡ଼ତାର ମହାକାବ୍ୟ,
ନିଜ ହାତ ମୁଠାକୁ ଖୋଲିଲେ
ମୁଁ ପଦ୍ମଗନ୍ଧା ହେଲାବେଳେ
କେମିତି ଯେ ଛାଇ ନିଦେଇ ଯାଏ ?

ଏବେ ମୋ ପୃଥିବୀରୁ
ବହୁ ଦୂରରେ ଆଲୁଅ,
ଏବେ ଖୋଜୁଛି ନିଜ ଭିତରେ ଅନ୍ଧାରକୁ
ହେଲେ ବିଡମ୍ବନା
ଅନ୍ଧାରକୁ କେବେ ମାଡ଼ି ନ ଥିବା ଛାଇ
ଆଜି ପୁଣି ଆଲୁଅମନସ୍କ ।।

ଖରିଆର ରୋଡ଼
ନୂଆପଡ଼ା



## ଶ୍ରୀରାମଙ୍କ ଗଙ୍ଗା ନଦୀ ପାର

**ପୁଷ୍ପଲତା ମିଶ୍ର**

ଅଯୋଧା ର ବାସୀ ଆନନ୍ଦ ଉଲ୍ଲାସେ
ରାମ ଅଭିଷେକ ପାଇଁ,
ଲଲାଟ ରେ ଯାହା। ଲେଖା ହୋଇ ଅଛି
ଅନ୍ୟଥା କରିବ କେହି ।।
କୈକେଇ ମାତା ମତି ହେଲା ପିତା
ମନ୍ଥରା ଦେଲା ଶିଖାଇ,
ମାଗି ନିଅ ବର ରାମ ଯାଉ ବନ
ଚଉଦ ବରଷ ପାଇଁ।।
ପିତୃ ସତ୍ୟ ପାଳି। ପ୍ରଭୁ ରାମ ଚନ୍ଦ୍ର
ବଣକୁ ଗଲେ ବାହାରି,
ସଙ୍ଗେ ନେଲେ ସତୀ ଜନକ ଦୁହିତୀ
ଲକ୍ଷ୍ମଣ ଯେ ସେବା କାରି।।
ରାମ ସୀତା ସହ। ଗଲେ ସଉମିତ୍ରୀ
ହୃଦେ ବହି ଭାତୃ ଭକ୍ତି,
ରାଜ ପ୍ରାସାଦ ରୁ ଗଲେ କିଛି ଦୂର
ଅନ୍ଧକାର ହେଲା ନିଶି।।
ଗୁହକ ଶବର ଆସି ପ୍ରବେଶିଲା
ସାଦରେ ପାଛୋଟି ନେଇ,
ଆତିଥ୍ୟ ପ୍ରଦାନ କରିଲା ଶବର
ଗୋଟିଏ ଯାମିନୀ ପାଇଁ।।
ମନ ରେ ଭାବନ୍ତି ଶ୍ରୀ ରଘୁ ନନ୍ଦନ
ଯିବେ ପଞ୍ଚ ବଟୁଆ ବନ,
ପତର କୁଟୀର କରିଣ ନିର୍ମାଣ
କରିବେ ତ ଅବସ୍ଥାନ।।
ପ୍ରଭାତ ରୁ ଉଠି ରଘୁ କୂଳ ମଣି
ପହଁଚିଲେ ଗଙ୍ଗା ତୀରେ,
ଉତ୍ତାଳ ତରଙ୍ଗ ଦେଖି ରଘୁ
ସାଇ
ଡାକିଲେ ନାଉରୀ ଆରେ।।
ପାରି କରି ଦିଅ ଏ ଗଙ୍ଗା ନଦୀ କୁ
ଯିବୁ ଆମେ ପଞ୍ଚବଟୀ,
ଆମେ ଦୁଇ ଭାଇ ସୀତୟା ସୁନ୍ଦରୀ
ଅପେକ୍ଷାରେ ରହିଛୁଟି।।
ପ୍ରଭୁଙ୍କୁ ସେ ଚିହ୍ନି କୈବର୍ତ୍ତ ବାପୁଡ଼ା
ହାତ ଯୋଡ଼ି ଜଣାଇଲା,
ତୁମ ପାଦ ଧୂଳି ପଡ଼ି ହେଲା ନାରୀ
ମୁନିଙ୍କ ଆଶ୍ରମ ଶିଳା।।
ସଂସାରର ନାବ ବାହୁଛ ପ୍ରଭୁ ହେ
ମୁଁ ଅଟେ ହୀନ ନାଉରୀ,
ଚଳିବ କିପରି ମୋ ଘର ସଂସାର
ନଉକା ହୋଇଲେ ନାରୀ।।
ଲକ୍ଷ୍ମଣ ବୋଇଲେ ପାରି କରି ଦେବୁ
ପାଉଣା ମିଳିବ ତୋତେ,
ନାଉରି କହଇ ଚରଣ କୁ ଚାହିଁ
ଅଛି ମୋର ସର୍ତ୍ତ ସତେ।।
ଚରଣ ତୁମର ଧୋଇବି ପ୍ରଭୁ ହେ
ନାଆ ରେ ବସିବେ ଯାଇ,
ଧୂଳି ଯିବ ଧୋଇ ପଦାମୃତ ପାଇ
ପାରି କରି ଦେବି ମୁହିଁ।।
ହସି ଦେଲେ ପ୍ରଭୁ କମଳ ଲୋଚନ
ପାଦ କୁ ବଢାଇ ଦେଲେ,
ବିଜ୍ଞାନୀ କୈବର୍ତ୍ତ ଧୋଇଲା ସେ ପାଦ
କୋଟି ପୁଣ୍ୟ ଫଳ ବଳେ।।
ଜୟ ରଘୁ ପତି ଅଗତି ର ଗତି
ଆଶ୍ରା ଦିଅ ଶ୍ରୀ ପୟରେ,
ପୁଷ୍ପଲତା ମୁହିଁ ଦୀନ ଅଙ୍କିଚନ
ଶରଣ ଗଲି ମୁଁ ବାରେ।।

ଭୁବନେଶ୍ୱର
ମୋବାଇଲ୍: ୯୩୩୮୨୯୪୬୫୭



## ଜୟ ମା ଭବାନୀ

**ଡ଼ଃ ଅନୁପମା ବିଶ୍ୱାଳ**

ଦୁର୍ଗତି ନାଶିନୀ ଜୟ ମା ଭବାନୀ
ଜୟ ମା ସିଂହବାହିନୀ
ଜୟ ମହାଗୌରୀ ଜୟ ହରଚଣ୍ଡୀ
ଜୟ ମହିଷାମର୍ଦ୍ଦିନୀ ।
ଶରତ ପାର୍ବଣେ ଶୋଭନ ଲଗନେ
ସ୍ଥାନେ ସ୍ଥାନେ ତୁମ ପୂଜା
ସତ୍ୟ ସନାତନୀ ଶଙ୍କଟ ତାରିଣୀ
ଉଡୁଥାଏ ତୁମ ଧ୍ୱଜା ।
ଶକ୍ତି ସଂରକ୍ଷିଣୀ ଅଭୟ ଦାୟିନୀ
ମାଆଗୋ କରୁଣାମୟୀ
ପ୍ରଭୁ ରାମଚନ୍ଦ୍ର ଭଜିଲେ ଆଶ୍ରୟ
ହେଲ ତାଙ୍କୁ ଦୟାବହି।
ରଣ ରଙ୍ଗେ କେଳି ଗଲେ ମୁଣ୍ଡ ମାଳି
ଦୈତ୍ୟକୂଳ ସଂହାରିଣୀ
ଚଣ୍ଡୀ ମା ଚାମୁଣ୍ଡା ଅମ୍ବା ଅମ୍ବାଳିକା
ଜୟ ମା ବିଶ୍ୱକାରିଣୀ।
ତୁମ ଆବାହନେ ନବରାତ୍ରି ପୂଜା
ଶକ୍ତିପୀଠ କୋଳାହଳ
ଧରାରେ ପୂଜିତା ଦଶଭୁଜା ମାତା
କରଗୋ ସର୍ବ ମଙ୍ଗଳ ।
ଶୋକ କଷ୍ଟ ତାପ ଦୂର କର ମାତ
ଭକ୍ତିରେ ଯେ ଦିଏ ଡାକ
ଆଶିଷେ ତୁମରି ଲଭି ସୁଖ ଶିରୀ
ପାଏ ଜୀବନେ ଆଲୋକ।
ଭିନ୍ନ ଭିନ୍ନ ନାମେ ଭକତ ଡାକଇ
ବିପଦରେ ପଡେ ଯେବେ
ଶକତି ସାହସ ମନରେ ହରଷ
ଦେଇଥାଅ ତାକୁ ତେବେ।
ଦୋଷ ଦୁର୍ବଳତା ପାପ ଆବିଳତା
ଦେବ ମାଗୋ ତୁମେ ହରି
ତୁମରି ପୟରେ ରହି ଶୁଭ୍ରତାରେ
ମାଗୁଛି କରୁଣା ବାରି।

ସମ୍ବଲପୁର
ମୋବାଇଲ୍: ୭୯୭୮୫୬୮୩୨୨

## ଆର ଜନମକୁ କଥା ରହିଲା

**କୃଷ୍ଣ ଚନ୍ଦ୍ର ପତି**

ଏକା ଥିଲି ଭଲ ଥିଲି
ଆସିଲୁ ତୁ ଜୀବନରେ
କେଉଁ ଦୋଷ ପାଇଁ ମୋର
ଭୁଲି ଗଲୁ କହ ଥରେ
କେଉଁ ରାଜା ପୁଅ ତତେ
ମୋ ଠାରୁ ନେଲା ଛଡେଇ
ଆଜି ବି ପାରୁନି ଭୁଲି
ତତେ ଲୋ ସୁନା କଣ୍ଢେଇ
ପ୍ରେମ ମତେ ଶିଖେଇ ତୁ
କରିଦେଲୁ ବାଟବଣା
ହୃଦୟ ମୋ ଭଙ୍ଗିଦେଲୁ
ଭାବି ତୁ କାଚ ଆଇନା
କହିଥିଲୁ ପ୍ରିୟା ମତେ
ଛାଡିବୁନି ମୋର ହାତ
ଧୋକା ଖାଇ ତୋ ଠାରୁ
ହୁଏ ନୀତି ହନ୍ତ ସନ୍ତ
ପ୍ରତାରିଣି ବେଇମାନି
ଏମିତିକା ତୁ ଲୋ ପ୍ରିୟା
ଜିଇ ଥାଉ ଥାଉ ମୋର
ସଜେଇଲୁ ଜୁଇ ନିଆଁ
ସେ ନିଆଁ ରେ ଜଳି ଜଳି
ପାଉଁଶ ମୁଁ ହେଇଯିବି
ପାଉଁସରୁ ଆତ୍ମା ସାଜି
ତତେ ନୀତି ଖୋଜୁଥିବି
ଏ ଜନମେ ତୋ ପାଇଁ
ରହିଗଲା ଅବଶୋଷ
ଆଉଥରେ ଜନ୍ମ ନେବି
ଦେବାକୁ ତୋ ଓଠେ ହସ
ଭୁଲ ବୁଝାମଣା ସବୁ
ଭୁଲେଇ ଦେବୀ ତୋ ମନୁ
କଥା ଦେଲି ହେବି ଧନ
ତୁ ହବୁ ମୋର ଜାନୁ
ଶହେ ଜନ୍ମ ପାଇଁ ଯଦି
ମିଳିବନି ଅନୁମତି
ଗୋଟିଏ ଜନମ ପାଇଁ ମୁଁ
ହେବି ତୋ ଜୀବନ ସାଥି

ନହରକଣ୍ଟା, ଭୁବନେଶ୍ୱର
ମୋବାଇଲ୍: ୮୫୯୯୦୧୪୭୪୪



## ଗୁରୁବେ ନମଃ

**ବାସନ୍ତୀ ଲତା ଜେନା**

ହେ ଗୁରୁ ତୁମେ ମଙ୍ଗଳମୟ
ବ୍ରହ୍ମା ବିଷ୍ଣୁ ମହେଶ୍ୱର
ଜ୍ଞାନର ପ୍ରଦୀପ ଜାଳି ଦିଅ ତୁମେ
ଅଜ୍ଞାନତା କର ଦୂର ।୦।

ଗୁରୁ ହିଁ ସାକ୍ଷାତ ପରମ ଈଶ୍ୱର
ପରଂବ୍ରହ୍ମ ଦିବ୍ୟ ଜ୍ୟୋତି
ବିଦ୍ୟା ବୁଦ୍ଧି ଜ୍ଞାନ ସତ୍ୟ ଦୟା କ୍ଷମା
କରୁଣା ଶିଖାଅ ନିତି
ଧର୍ମ ଅଧର୍ମର ପରଖ ଶିଖାଅ
ଗୁରୁ ଗୋବିନ୍ଦ ରୂପର
ହେ ଗୁରୁ ତୁମେ...... ।୧।

ପିତା ମାତା ଗୁରୁ ଶିକ୍ଷା ଦାତା ଗୁରୁ
ଦୀକ୍ଷା ଗୁରୁ ହୋଇ ଥାନ୍ତି
ଭଲ ମନ୍ଦ କଥା ଈଶ୍ୱର ବିଶ୍ୱାସ
ହୃଦୟେ ଭରି ଦିଅନ୍ତି
କର୍ମ ବଚନରେ ନମ୍ର ସୁଶୀଳତା
ଝରାନ୍ତି ଆଶିଷ ଝର
ହେ ଗୁରୁ ତୁମେ ମଙ୍ଗଳ..... ।୨।

କଞ୍ଚା କାଦୁଅକୁ ରୂପ ଦେଇ ଥାନ୍ତି
ସୁଚରିତ୍ର ଗଠନର
ପର ଉପକାର ନିଃସ୍ୱାର୍ଥର ସେବା
ପ୍ରଗତି କର ଦେଶର
ସେଇ ଗୁରୁପାଦେ ଭକ୍ତି ନଇବେଦ୍ୟ
ଘେନ ଦ୍ୱିତୀୟ ଈଶ୍ୱର
ହେ ଗୁରୁ ତୁମେ ମଙ୍ଗଳମୟ...।୩।

ଗାନ୍ଧୀନଗର, ନବରଙ୍ଗପୁର



# ସ୍କୁଲ ଭ୍ୟାନକୁ ଧକ୍କାଦେଲା ଜେସିବି

## ଅଳ୍ପକେ ବର୍ତ୍ତିଲେ କୋମଳମତି ଛାତ୍ରଛାତ୍ରୀ



**ଭବାନୀପାଟଣା,୨୩।୯(ସଂଚାର ବ୍ୟୁରୋ):** କଳାହାଣ୍ଡି ଜିଲ୍ଲା କୋକସରା ଥାନା ଅନ୍ତର୍ଗତ ମୋଟେର ପୋଲିସ ଫାଣ୍ଡି ଛକ ନିକଟରେ ଆଜି ଏକ ଜେସିବି ଗାଡି ଧକ୍କା ଦେବା ଫଳରେ ସ୍କୁଲ ଭ୍ୟାନ ଦୁର୍ଘଟଣା ହୋଇଛି। ତେବେ ଭ୍ୟାନ ରେ ଥିବା ୧୩ ଜଣ ଛାତ୍ରଛାତ୍ରୀ ମାନେ ଏକ ନିଶ୍ଚିତ ଦୁର୍ଘଟଣା ରୁ ଅଳ୍ପକେ ବର୍ତ୍ତି ଯାଇଥିବା ଜଣାପଡ଼ିଛି। ସୂଚନା ମତେ ଆଜି ମଧ୍ୟାହ୍ନରେ ସ୍କୁଲ ଛୁଟି ହେବାପରେ ଏସଏନଏସ ବିଦ୍ୟାପୀଠ ଚାର ବାହଲ ର ଛାତ୍ରଛାତ୍ରୀ ଙ୍କୁ ନେଇ ଏକ ଭ୍ୟାନ ଆସୁଥିବା ବେଳେ ମୋଟେର ପୋଲିସ ଫାଣ୍ଡି ନିକଟରେ ବିପରୀତ ଦିଗରୁ ଦ୍ରୁତ ଗତିରେ ଆସୁଥିବା ଏକ ଜେସିବି ସ୍କୁଲ ଭ୍ୟାନ କୁ ଧକ୍କା ଦେଇ କିଛି ଦୂର ଘୋଷାଡି ନେଇଥିବା ଜଣାପଡ଼ିଛି। ତେବେ ଦୁର୍ଘଟଣା ରୁ ଅଳ୍ପକେ ସ୍କୁଲ ପିଲାମାନେ ବର୍ତ୍ତି ଯାଇଥିବା ବେଳେ ୩/୪ ଜଣ ସାମାନ୍ୟ ଆହତ ହୋଇଥିବା ଜଣାପଡ଼ିଛି। ଆହତ ଛାତ୍ର ଙ୍କୁ କୋକସରା ସ୍ୱାସ୍ଥ୍ୟ କେନ୍ଦ୍ର ରେ ଚିକିତ୍ସା ପରେ ଛଡ଼ାଯାଇଛି।ତେବେ ଏନେଇ ମୋଟେର ଫାଣ୍ଡି ଅଧିକାରୀ ମନଧର ମାଝୀ ଙ୍କ ପ୍ରତିକ୍ରିୟା ନେବାରୁ ଜେସିବି ମାଲିକ ଓ ଭ୍ୟାନ ମାଲିକ ଙ୍କ ମଧ୍ୟରେ ବୁଝାମଣା ପରେ ଗାଡି ଛଡାଯାଇଛି, ଛାତ୍ରଛାତ୍ରୀ ମାନେ ସୁରକ୍ଷିତ ଥିବା କହିଛନ୍ତି।

# ଭେଷଜ ପଟେଲ ମହାବିଦ୍ୟାଳୟରେ ପୂଜା ନିମନ୍ତେ ଏନଏସଏସର ସ୍ୱତନ୍ତ୍ର ଶିବିର

**ସୁନ୍ଦରଗଡ଼,୨୩।୯(ସଂଚାର ବ୍ୟୁରୋ):** ଏକ ସୁସଂଗଠିତ, ସୁସଚେତନ ଓ ସମୃଦ୍ଧ ସମାଜର ସ୍ୱପ୍ନକୁ ସାକାର କରିବାରେ ଯୁବ ସମାଜର ଅବଦାନ ଅସୀମ। ଯୁବମାନେ ସମାଜର ସବୁଠାରୁ ଶକ୍ତିଶାଳୀ ଓ ସୃଜନଶୀଳ ଶ୍ରେଣୀ। ସେମାନଙ୍କର ଶକ୍ତି, ଉତ୍ସାହ, ନୂତନ ଚିନ୍ତାଧାରା ଓ ସ୍ୱପ୍ନ ସମାଜକୁ ଗତିଶୀଳ କରେ। ଆଧୁନିକ ଯୁବମାନେ ଶିକ୍ଷାକୁ ଅସ୍ତ୍ର ଭାବରେ ବ୍ୟବହାର କରୁଛନ୍ତି। ଗ୍ରାମୀଣ ଅଞ୍ଚଳରେ ସଚେତନତା ଅଭିଯାନ, ସ୍ୱାସ୍ଥ୍ୟ ସୁରକ୍ଷା, ମଦ୍ୟନିଷେଧ, ମହିଳା ସଶକ୍ତିକରଣ ଓ ପିଲାମାନଙ୍କ ଶିକ୍ଷାରେ ସେମାନେ ଆଗୁଆ। ସୋସିଆଲ ମିଡିଆ ଠାରୁ ଗାଁର ଚୌକ ସବୁଠାରୁ ଯୁବମାନେ ସଚେତନତାର ଆଲୋକ ପ୍ରସାର କରୁଛନ୍ତି। ଏହି ପରିପ୍ରେକ୍ଷୀରେ ମଙ୍ଗଳବାର ଭେଷଜ ପଟେଲ ମହାବିଦ୍ୟାଳୟ ଡୁଡୁକା, ହେମଗିର ଠାରେ ଜାତୀୟ ସେବା ଯୋଜନା ଅନ୍ତର୍ଗତ ପୂଜା ଉପଲକ୍ଷେ ଚାଲୁଥିବା ସାତ ଦିବସୀୟ ସ୍ୱତନ୍ତ୍ର ଶିବିରର ଦ୍ୱିତୀୟ ଦିବସରେ ଏକ କର୍ମଶାଳାର ଆୟୋଜନ କରାଯାଇଥିଲା।

## ଖଟରେ ଯେତିକି ରୋଗୀ, ଚଟାଣରେ ତା'ର ଅଧା

# ବିପର୍ଯ୍ୟସ୍ତ ସ୍ୱାସ୍ଥ୍ୟ ସେବା, ମିଳୁନି ମୌଳିକ ସୁବିଧା



**ନୀଳଗିରି,୨୩।୯(ସଂଚାର ବ୍ୟୁରୋ):** ବାଲେଶ୍ୱର ଜିଲ୍ଲାର ନୀଳଗିରି ଏକ ବଣ ପାହାଡ଼ ଘେରା ଦୁର୍ଗମ ଆଦିବାସୀ ଅଧ୍ୟୁସିତ ଅଞ୍ଚଳ। ନୀଳଗିରି ଉପଖଣ୍ଡ ଚିକିତ୍ସାଳୟ ଉପରେ ପ୍ରତିଦିନ ଶହ ଶହ ଗରିବ ମଧ୍ୟବିତ୍ତ ଲୋକେ ନିର୍ଭର କରିଥାନ୍ତି। ନୀଳଗିରି ଡାକ୍ତରଖାନା ଜିଲ୍ଲାର ଏକମାତ୍ର ଉପଖଣ୍ଡ ହସ୍ପିଟାଲ ର ମାନ୍ୟତା ପାଇଥିଲେ ମଧ୍ୟ ରାଜ୍ୟ ସରକାର ଓ ଜିଲ୍ଲା ପ୍ରଶାସନ ସମୟର ପରିବର୍ତ୍ତନ ଅନୁସାରେ ମେଡିକାଲର ଆବଶ୍ୟକତାକୁ ଆଧାରକରି ଜରୁରୀ ପ୍ରତିକାରକୁ କେହି ଗୁରୁତ୍ୱ ଦେଉନାହାନ୍ତି। ଦିନକୁ ଦିନ ସ୍ୱାସ୍ଥ୍ୟସେବାରେ ଅବନତି ବୃଦ୍ଧି ପାଉଥିବାରୁ ଫଳରେ ଜନ ଅସନ୍ତୋଷ ସୃଷ୍ଟି ହୋଇଛି। ତେବେ ୭୦ ଶଯ୍ୟା ବିଶିଷ୍ଟ ଡାକ୍ତରଖାନା ଏବେ କ୍ଷମତାଠାରୁ ଅଧିକ ଅର୍ଥାତ ଓଭରଲୋଡ୍‌ରେ ଚାଲିଛି ନୀଳଗିରି ଉପଖଣ୍ଡ ଚିକିତ୍ସାଳୟ। ଦୈନନ୍ଦିନ ଶହ ଶହ ରୋଗୀ ଦୁରରେ ଥିବା ମେଡିକାଲକୁ ନଯାଇପାରି ଧାଇଁ ଆସିଥାଆନ୍ତି ନୀଳଗିରି ମେଡିକାଲକୁ ଚିକିତ୍ସା ପାଇଁ। ହେଲେ ଶଯ୍ୟା ଅନୁପାତରେ ରୋଗୀଙ୍କ ସଂଖ୍ୟା ବୃଦ୍ଧି ପାଉଥିବାରୁ ଆସୁଥିବା ରୋଗୀମାନଙ୍କର ସେବା ଏଭଳି ବିପର୍ଯ୍ୟସ୍ତ ହୋଇ ପଡ଼ିଛି ବେଡ୍ ନ ପାଇ ଚଟାଣରେ ଶୋଇ ଚିକିତ୍ସିତ ହେଉଛନ୍ତି। ବିପର୍ଯ୍ୟସ୍ତ ସ୍ୱାସ୍ଥ୍ୟ, ମିଳୁନି ମୌଳିକ ସୁବିଧା। ଖାଲି ଏତିକ ନୁହେଁ ରୋଗୀ ସଂଖ୍ୟା ଅନୁସାରେ ଡାକ୍ତର ନାହାଁନ୍ତି, ଡାକ୍ତରଖାନା ରେ ପର୍ଯ୍ୟାପ୍ତ ନର୍ସ ନଥିବାରୁ ମଧ୍ୟ ରୋଗୀଙ୍କ ଦେଖାଶୁଣା କରିବାରେ ଅନେକ ଅସୁବିଧା ଦେଖିବାକୁ ମିଳୁଛି। ସୁଚନା ୧୯୮୦ ମସିହାରୁ ଲୋକସଂଖ୍ୟା ଆଧାରରେ ୭୦ ଟି ଶଯ୍ୟା ରହିଥିବା ବେଳେ ସମୟର ପରିବର୍ତ୍ତନ ଅନୁସାରେ ଲୋକସଂଖ୍ୟା ଦିଗୁଣିତ ହୋଇଛି ହେଲେ ଶଯ୍ୟା ସଂଖ୍ୟା ବଢୁ ନାହିଁ। ଏହି ଘଟଣା ଦିର୍ଘ ଦିନ ଧରି ଲାଗିରହିଥିବା ବେଳେ ସରକାର ଉଦାସୀନ ରହିବା ପରିତାପର ବିଷୟ। ଏ ନେଇ ଏସ.ଡି.ଏମ.ଓ ଡାକ୍ତର ସତ୍ୟନାରାୟଣ ନାୟକଙ୍କୁ ପଚାରିବାରୁ ସରକାର ଶଯ୍ୟା ବଢାଇବା ପାଇଁ ପ୍ରପଚାଲ ଦେଇଛୁ, ଆସିଲେ ଶଯ୍ୟା ବଢାଇବୁ।

# ଏନଏସଏସ ୟୁନିଟ ପ୍ରଶିକ୍ଷଣ ଶିବିର



**ସୁବର୍ଣ୍ଣପୁର,୨୩।୯(ସଂଚାର ବ୍ୟୋରୋ):** ସୁବର୍ଣ୍ଣପୁର ଜିଲ୍ଲା ସଦର ମହକୁମା ସ୍ଥିତ ବିଜୁ ପଟ୍ଟନାୟକ ମହିଳା ଉଚ୍ଚ ମାଧ୍ୟମିକ ବିଦ୍ୟାଳୟରେ ଏନଏସଏସ ୟୁନିଟର ଏକ ପ୍ରଶିକ୍ଷଣ ଶିବିର ଅନୁଷ୍ଠିତ ହୋଇଛି। ମହିଳା ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ଅଧ୍ୟକ୍ଷା ଶ୍ରୀମତୀ ପ୍ରୀତିମୟୀ ମିଶ୍ର ଶିବିରକୁ ଅନୁଷ୍ଠାନିକ ଭାବେ ଉଦଘାଟନ କରିଥିଲେ। ଶିବିରରେ ମୁଖ୍ୟ ଅତିଥି ଭାବେ ରାଜ୍ୟ ଉଚ୍ଚ ମାଧ୍ୟମିକ ଶିକ୍ଷା ପରିଷଦର ଏନ ଏସ ଏସ କାର୍ଯ୍ୟକ୍ରମ ସଂଯୋଜକ ଡ଼. ବିଶ୍ୱ ମୋହନ ଜେନା ଯୋଗଦେଇ ସ୍ୱେଚ୍ଛାସେବୀ ଙ୍କୁ ଏନ ଏସ ଏସ ସମ୍ପର୍କରେ ପ୍ରଶିକ୍ଷଣ ଦେଇ ଏହାର ଲକ୍ଷ୍ୟ, ଆଭିମୁଖ୍ୟ ଉପରେ ଆଲୋକପାତ କରିଥିଲେ। ଅନ୍ୟତମ ଅତିଥି ଭାବେ ଏନ ଏସ ଏସ ଜିଲ୍ଲା କାର୍ଯ୍ୟକ୍ରମ ଅଧିକାରୀ ଡ଼.ମନୋରଞ୍ଜନ ଘଡେଇ ଯୋଗଦେଇ ଥିଲେ। ଅଧ୍ୟାପକ ମଧୁସୂଦନ ପୁଜାହାରୀ କାର୍ଯ୍ୟକ୍ରମକୁ ପରିଚାଳନା କରିବା ସହିତ ଅତିଥି ପରିଚୟ ଦେଇଥିଲେ। ଏନ ଏସ ଏସ ପ୍ରୋଗ୍ରାମ ଅଫିସର ଅଧ୍ୟାପିକା ନିବେଦିତା ମହାପାତ୍ର ଧନ୍ୟବାଦ ପ୍ରଦାନ କରିଥିଲେ। କାର୍ଯ୍ୟକ୍ରମରେ ଅଧ୍ୟାପିକା ସ୍ନିଗ୍ଧା ଦାଶଙ୍କ ସମେତ ସ୍ୱେଚ୍ଛାସେବୀମାନେ ଯୋଗ ଦେଇଥିଲେ।

# ଭୀମଭୋଇ ଭିନ୍ନକ୍ଷମ ସାମର୍ଥ୍ୟ ଶିବିର ଅନୁଷ୍ଠିତ



**କନ୍ଧମାଳ,୨୩।୯(ସଂଚାର ବ୍ୟୁରୋ):** ଜିଲ୍ଲା ଖଜୁରୀପଡ଼ା ବ୍ଲକ୍ ଅନ୍ତର୍ଗତ ସୁଡୁରୁକୁମ୍ପା ପଞ୍ଚାୟତ ନିକଟସ୍ତ ଉଚ୍ଚ ବିଦ୍ୟାଳୟ ରେ ଜିଲ୍ଲା ସାମାଜିକ ସୁରକ୍ଷା ଅଧିକାରୀ ପି ପଦ୍ମା ଙ୍କ ନେତୃତ୍ୱ ରେ ବ୍ଲକ୍ ସ୍ତରୀୟ ଭୀମଭୋଇ ଭିନ୍ନକ୍ଷମ ସାମର୍ଥ୍ୟ ଶିବିର କାର୍ଯ୍ୟକ୍ରମ ଅନୁଷ୍ଠିତ ହେଇଯାଇଛି। ଏହି ଶିବିରରେ ନୂତନ ଭାବେ ଭିନ୍ନକ୍ଷମ ପ୍ରମାଣ ନିମନ୍ତେ ୨୨୦ ରେଜିଷ୍ଟ୍ରେସନ୍ କରାଯାଇଛି। ଏହି କାର୍ଯ୍ୟକ୍ରମ ରେ ଅତିରିକ୍ତ ଜିଲ୍ଲାପାଳ କୋଶଲ କୁମାର ନାୟକ ମୁଖ୍ୟ ଅତିଥିଭାବେ ଯୋଗଦେଇ -୨୦ ଜଣ ଙ୍କୁ ଭିନ୍ନକ୍ଷମ ପ୍ରମାଣପତ୍ର ପ୍ରଦାନ କରିଥିବା ବେଳେ ବସ୍ ପାସ୍ -୧୦ ଜଣ ଙ୍କୁ ଏବଂ ହୁଇଲ୍ ଚ୍ୟାର୍ ୬ ଜଣ ଙ୍କୁ ପ୍ରଦାନ କରିଥିଲେ। ଫୁଲବାଣୀ ମୁଖ୍ୟ ଚିକିତ୍ସାଳୟ ର କର୍ମଚାରୀ, ଖଜୁରୀପଡ଼ା ଗୋଷ୍ଠୀ ଉନୟନ ଅଧିକାରୀ, ସମାଜ ସୁରକ୍ଷା ଅଧିକାରୀ, ଖାଦ୍ୟ ଯୋଗାଣ ନିରୀକ୍ଷକ, ସାମାଜିକ ସୁରକ୍ଷା ଅଧିକାରୀ, ମଙ୍ଗଳ ସମ୍ପ୍ରସାରଣ ଅଧିକାରୀ, ଫୁଲବାଣୀ ଉପଖଣ୍ଡ ସାମାଜିକ ସୁରକ୍ଷା ଅଧିକାରୀ, ଖଜୁରୀପଡ଼ା ଓ ଏଲ୍ ଏମ୍ ଅଧିକାରୀ, ଜିଲ୍ଲା ଭିନ୍ନକ୍ଷମ ଥଇଥାନ କେନ୍ଦ୍ର ଅଧିକାରୀ, ସମସ୍ତ ପିଇଓ ଏବଂ ବ୍ଲକ୍ ର ସମସ୍ତ କର୍ମକର୍ତା ଯୋଗଦେଇ ଏହି କାର୍ଯ୍ୟକ୍ରମ ଟିକୁ ସୁଚାରୁରୂପେ ତୁଲେଇ ଥିଲେ। ସେହିପରି ଚାରିଟା ଜୁନ୍ ର ସମିତି ସଭ୍ୟ ସଭ୍ୟା ଓ ସରପଞ୍ଚ ଯୋଗଦେଇ ଥିବାବେଳେ ନୂତନ ଭାବେ ସୁଡୁରୁକୁମ୍ପା ପଞ୍ଚାୟତ ରେ ଗଠନ ହେଇଥିବା ମା ବ୍ୟାଘ୍ରଦେବି ଯୁବକ ସଂଘ ର ସମସ୍ତ ସଦସ୍ୟ ସଦସ୍ୟା ସହଯୋଗ କରିଥିଲେ। ଖଜୁରୀପଡ଼ା ବ୍ଲକ୍ ର ଦୁର୍ଗମ ଅଞ୍ଚଳ ସୁଡୁରୁକୁମ୍ପା ପଞ୍ଚାୟତ ରେ ପ୍ରଥମ ଥର ପାଇଁ ଏହି ଭୀମଭୂଇ ଭିନ୍ନକ୍ଷମ ସାମର୍ଥ୍ୟ ଶିବିର କାର୍ଯ୍ୟକ୍ରମ ଅନୁଷ୍ଠିତ ହେଇଥିବାରୁ ଅଞ୍ଚଳ ବାସି ବେସ୍ ଖୁସିବ୍ୟକ୍ତ ହେଇ ଜିଲ୍ଲା ପ୍ରଶାସନ ଙ୍କୁ ସାଧୁବାଦ ଜଣେଇ ଛନ୍ତି ।

# ଦୀର୍ଘଦିନ ହେଲା ଏସବିଆଇ ଏଟିଏମ୍ ଅଚଳ, ଗ୍ରାହକ ଅସନ୍ତୁଷ୍ଟ




**ଲାଞ୍ଜିଗଡ଼,୨୩।୯(ସଂଚାର ବ୍ୟୋରୋ):** ଲାଞ୍ଜିଗଡ଼ ଠାରେ ଥିବା ଷ୍ଟେଟ ବ୍ୟାଙ୍କ ଏଟିଏମ ଅଧିକାଂଶ ସମୟରେ ବନ୍ଦ ରହୁଥିବା ଯୋଗୁଁ ଗ୍ରାହକଙ୍କ ଅସନ୍ତୋଷ ବଢିବାରେ ଲାଗିଛି।ଲାଞ୍ଜିଗଡ଼ ଏଟିଏମ୍ ଉପରେ ବ୍ଲକର ତ୍ରିଲୋଚନ ପୁର, ବିଜେପୁର, ମାଳିଯୁବାଙ୍ଗ, ପାହାଡ଼ ପଦର, ବେନଙ୍ଗା, ବେଡାଗାଁ, କୁମଖାଲ, ଲାଖବାହାଲି, ଜଗନ୍ନାଥପୁର, ବସନ୍ତପଡ଼ା, ବାତେଲ ଲିମା, ଛତ୍ରପୁର, ଚମ୍ପାଦେଇ ପୁର, ଲାଞ୍ଜିଗଡ଼ ଆଦି ୧୪ଟି ପଞ୍ଚାୟତର ବ୍ୟାଙ୍କ ଗ୍ରାହକ ମାନେ ନିର୍ଭର କରିଥାନ୍ତି। ଏହା ବ୍ୟତୀତ ଲାଞ୍ଜିଗଡ଼ ଏକ ଶିଳ୍ପାଞ୍ଚଳ ଯୋଗୁଁ ବାହାର ରାଜ୍ୟରୁ ଆସିଥିବା ଷ୍ଟେଟ ବ୍ୟାଙ୍କ ଗ୍ରାହକ ମାନେ ମଧ୍ୟ ନାହିଁନ'ଥିବା ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ସବୁଠାରୁ ଦୁଃଖର ବିଷୟ ମାସକୁ କେବଳ ଗୋଟିଏ ସପ୍ତାହ କଷ୍ଟେ ମଷ୍ଟେ ଗ୍ରାହକ ମାନେ ଏଟିଏମ ସେବା ପାଇଥାନ୍ତି। ବ୍ୟାଙ୍କ ଛୁଟି ଥିଲେ ଲୋକେ ଲାଞ୍ଜିଗଡ଼ ଏଟିଏମ୍ ଉପରେ ଭରଷା କରିଥାନ୍ତି।କିନ୍ତୁ ପୂର୍ବରୁ ମାସକୁ ଗୋଟିଏ ସପ୍ତାହ ଖୋଲା ଯାଉଥିବା ବେଳେ ବର୍ତ୍ତମାନ ଏକ ମାସ ହେଲା ଲାଞ୍ଜିଗଡ଼ ଏଟିଏମରେ ପଇସା ନାହିଁ କହି ତାଲା ପଡ଼ିଛି। ଯଦି ଆଗକୁ ଏହି ଏଟିଏମ୍ ବ୍ୟବସ୍ଥାରେ ସୁଧାର ନଆସେ ତେବେ ଆନ୍ଦୋଳନାତ୍ମକ ପନ୍ଥା ଗ୍ରହଣ କରି ଆମେ ସବୁଦିନ ପାଇଁ ଏଟିଏମରେ ତାଲା ପକାଇବାକୁ ବାଧ୍ୟ ହେବୁ ବୋଲି ଅନେକ ଗ୍ରାହକ ମତ ପ୍ରକାଶ କରିଛନ୍ତି। ଏଦିଗରେ ବ୍ୟାଙ୍କ କର୍ତୃପକ୍ଷ ଦୃଷ୍ଟିଦେଇ ବିହିତ ପଦକ୍ଷେପ ଗ୍ରହଣ କରି ସବୁଦିନେ ଏଟିଏମ ଖୋଲା ରଖିଲେ ଗ୍ରାହକ ମାନେ ଉପକୃତ ହୋଇପାରିବେ ବୋଲି ଲାଞ୍ଜିଗଡ଼ ଅଞ୍ଚଳବାସୀ ଦାବି କରିଛନ୍ତି।

# ଲଗାଣ ବର୍ଷାରେ ବେହାଲ ଦକ୍ଷିଣ ଓଡ଼ିଶା



**ଉମରକୋଟ,୨୩।୯(ସଂଚାର ବ୍ୟୋରୋ):** ଲଘୁଚାପ ଜନିତ ଲଗାଣ ବର୍ଷାରେ ବେହାଲ ଉମରକୋଟ ସହର, ଲୋକଙ୍କ ଘର ଭିତରେ ପାଣି ପଶିଛି। କିଛି ପାର୍କିଂ ସ୍ଥାନରେ ପାଣି ପଶିଥିବାରୁ ଗାଡି ଗୁଡିକ ପାଣିରେ ବୁଡ଼ିଯାଇଛି । ଘରର ଆସବାବପତ୍ର ନଷ୍ଟ ହୋଇଛି । ପ୍ରବଳ ବର୍ଷା ଯୋଗୁ ଉମରକୋଟ ସହରର ଶିବାଜୀ ନଗର, ଗୁଲିପାଟଣାର ଅକ୍ସଫୋର୍ଡ଼ କଲୋନୀ, ଡିଏନକେରେ ଥିବା ତଳି ଅଞ୍ଚଳର ଘର ଭିତରେ ପାଣି ପଶିଛି। ଦୁର୍ବଳ ଡ୍ରେନେଜ୍ ବ୍ୟବସ୍ଥାକୁ ଦାୟୀ କରିଛନ୍ତି ଉମରକୋଟ ସହରବାସୀ। ମୁନିସିପାଲିଟି ପକ୍ଷରୁ ଠିକ୍ ଭାବେ ନାଳ ଗୁଡ଼ିକ ସଫା ହେଉନଥିବାରୁ ବର୍ଷା ଜଳ ନିଷ୍କାସିତ ହୋଇପାରୁନି । ଅନ୍ୟପଟେ ମାଲକାନଗିରି ଜିଲ୍ଲାର ବଣ୍ଡାଘାଟିରେ ମଧ୍ୟ ବର୍ଷା ବିପ୍ରାତ । ବାରମ୍ବାର ଭୂସ୍ଖଳନ ଓ ମୁଖ୍ୟରାସ୍ତାରେ ମାଟି ଧସି ଘାଇ ହେବା ବଡ଼ ବିପଦକୁ ଟାଣି ଆଣିଛି । ଯାତାୟତ ରାସ୍ତାରେ ସୃଷ୍ଟି ହୋଇଛି ଘାଇ । ଲଗାଣବର୍ଷା ଯୋଗୁଁ ରାସ୍ତାରେ ଭୂସ୍ଖଳନ ସୃଷ୍ଟି ପରେ ୪ ଚକିଆ ଯାନକୁ ବାରଣ କରିଛି ପ୍ରଶାସନ । ଖଇରପୁଟ ବ୍ଲକର ବଣ୍ଡାଘାଟିକୁ ସଂଯୋଗ କରୁଥିବା ମାଙ୍କଡଝୋଲା ଝରଣାକୁ ଦେଇ ଯାଇଥିବା ମୁଖ୍ୟରାସ୍ତା ଏବେ ବିପଦପୂର୍ଣ୍ଣ ।

● ଯନ୍ତ୍ରଣା କାରଖାନା ପାଉଁଶ

# ପ୍ରଦୂଷଣରେ ଜଡ଼ସଡ଼ ଜନଜୀବନ



**ସୁନ୍ଦରଗଡ଼,୨୩।୯(ସଂଚାର ବ୍ୟୋରୋ):** ଜିଲ୍ଲାର ଚିନ୍ତା ବଢ଼ାଉଛି ପାଉଁଶ ଗୁଣ୍ଡ। ଦିନରେ ନୁହେଁ ରାତି ଅଧରେ ସହର ଭିତର ରାସ୍ତାରେ ହେଉଛି ପାଉଁଶ ଗୁଣ୍ଡ ଅନଲୋଡିଂ। ଯାହାକୁ ନେଇ ସୁନ୍ଦରଗଡ଼ବାସୀଙ୍କ ଭିତରେ ଦେଖିବାକୁ ମିଳିଛି ତୀବ୍ର ପ୍ରତିକ୍ରିୟା । ବିଭିନ୍ନ ପାୱାର ପ୍ଲାଣ୍ଟରେ କୋଇଲା ଜଳିବା ପରେ କେମିକାଲ ଯୁକ୍ତ ପାଉଁଶ ବାହାରେ । ତାକୁ କେଉଁଠି, କେମିତି ପକାଯିବ ତାକୁ ନେଇ ରହିଛି ସରକାରଙ୍କ କଡ଼ା ଗାଇଡଲାଇନ୍ । ଜନବସତିରୁ ବହୁ ଦୂରରେ ପାଉଁଶ ଗୁଣ୍ଡ ପକାଇବାକୁ ନିୟମ ରହିଛି । ହେଲେ ସୁନ୍ଦରଗଡ଼ ସହରରେ ଏସବୁ ନିୟମକୁ ବେଖାତିର କରିଚାଲିଛି ପାଉଁଶ ଡମ୍ପିଂ । ସହର ଓ ଆଖପାଖ ଅଞ୍ଚଳର ରାସ୍ତାକଡ଼ ଓ ଚାଷ ଜମିରେ ପାଉଁଶ ଗୁଣ୍ଡ ପଡ଼ୁଥିବା ଅଭିଯୋଗ ହୋଇଛି । ସୁନ୍ଦରଗଡ଼ ଏନ୍‌ଟିପିସି ଦର୍ଲିପାଲି ଆଶ୍ ପଣ୍ଡରୁ ପାଉଁଶ ବାହାରି ଯାଜପୁରର ଜାତୀୟ ରାଜପଥ କାମ ପାଇଁ ଯିବା କଥା। ହେଲେ ରାତି ଅଧରେ ଗାଡ଼ିରୁ ଜିପିଏସ୍ ମେସିନ୍ କାଢ଼ି ପାଉଁଶ ଗୁଣ୍ଡକୁ ସୁନ୍ଦରଗଡ଼ ସହର ଓ ଆଖପାଖରେ ପକାଇ ମାଫିଆ ଫେରାର ମାରୁଥିବା ଅଭିଯୋଗ ଆସିଛି। ଅନ୍ୟପଟେ ଏହି ଘଟଣାକୁ ସ୍ୱୀକାର କରିବା ସହ କଡ଼ା କାର୍ଯ୍ୟାନୁଷ୍ଠାନ ନେଇ ପ୍ରତିଶ୍ରୁତି ଦେଇଛନ୍ତି ସୁନ୍ଦରଗଡ ଉପଜିଲ୍ଲାପାଳ। ତେବେ ଅନ୍ଧାର ରାତିରେ ପାଉଁଶ ବେପାର ବାବଦରେ ଜାଣିପାରୁନି ପ୍ରଶାସନ? ମାଫିଆଙ୍କୁ କିଏ ଦେଉଛି ପ୍ରୋତ୍ସାହନ ଓ ସୁରକ୍ଷା? ପ୍ରଶାସନ ପାଖରୁ ଏଭଳି ଅନେକ ପ୍ରଶ୍ନର ଉତ୍ତର ଖୋଜୁଛନ୍ତି ସୁନ୍ଦରଗଡ଼ ବାସିନ୍ଦା ।

# ବିଜେପି ତରଫରୁ ସେବା ପକ୍ଷ ପାଳନ



**ବୈଶିଙ୍ଗା,୨୩।୯(ସଂଚାର ବ୍ୟୋରୋ):** ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ଜନ୍ମ ଦିନ ସେପ୍ଟେମ୍ବର ୧୭ ତାରିଖ ଠାରୁ ଗାନ୍ଧୀ ଜୟନ୍ତୀ ଅକ୍ଟୋବର ୨ ତାରିଖ ପର୍ଯ୍ୟନ୍ତ ସେବା ପକ୍ଷ ପାଳନ କରାଯାଉଥିବା ପରିପେକ୍ଷୀରେ ବିଜେପି ସଂଗଠନ ପକ୍ଷରୁ ରବିବାର ଦିନ ବୈଶିଙ୍ଗା ବଜାର ଏବଂ ଡାକ୍ତରଖାନା ସଫେଇ କରାଯାଇଥିଲା। ପ୍ରଥମେ ସାମ୍ବାଦିକ ବିମଳେନ୍ଦୁ ମହାପାତ୍ର ଙ୍କ ସାନ ଭାଇର ସୁନମ୍ର (ପପୁ) ପାଇଁ ଦୁଇ ମିନିଟ ନିରବ୍ରାଥ ପ୍ରାର୍ଥନା କରାଯାଇଥିଲା।ମଣ୍ଡଳ ସଭାପତି - ରାଜିବ କୁମାର ନନ୍ଦୀ, ଜିଲ୍ଲା କାର୍ଯ୍ୟ କାରିଣୀ ସଦସ୍ୟ - ସର୍ବେଶ୍ୱର ନାୟକ, ସାଧାରଣ ସମ୍ପାଦକ - ବିକାଶ କୁମାର ଦାସ, ଶାନ୍ତନୁ ଦଳାଇ, ମଣ୍ଡଳ ଉପସଭାପତି - ଉତ୍ସର୍ଗ ବେହେରା, ପର୍ଶୁରାମ ଖଣ୍ଡା, ଲିପ୍ତି ମୟୀ ସାହୁ, ସ୍ନିଗ୍ଧା ରାଣୀ ହାଁସଦା ସମ୍ପାଦକ -ସୁପ୍ରିୟା ପାଣି, ପ୍ରକାଶ କୁମାର ମହାପାତ୍ର, କେନ୍ଦୁଆ ସରପଞ୍ଚ - ମନମୋହନ ମାଝି,ଯୁବମୋର୍ଚ୍ଚା ସଭାପତି - ପଦ୍ମନାଭ ପଣ୍ଡା ମହିଳା ମୋର୍ଚ୍ଚା ସଭାପତି - ସବିତା ଦେହୁରୀ, ଝ.ଜମୋର୍ଚ୍ଚା ସଭାପତି - ଗୋପାଲ ମାଝୀ କସାଧକ୍ଷ - ତପନ କୁମାର ମହାନ୍ତ ଦଳର ବରିଷ୍ଠ କାର୍ଯ୍ୟ କର୍ତ୍ତା - ମଧୁ ସିଂ, ରଞ୍ଜିତ ରଏ, ଅଶ୍ୱିନୀ ମହାରଣା, ଭାଗବତ ପଣ୍ଡା, ଅମୂଲ୍ୟ ପାଣି, ଶରତ ପାତ୍ର, ପ୍ରାଣକୃଷ୍ଣ ଖଣ୍ଡା, ସପନ ଭୂୟାଁ, ସରସ୍ୱତୀ ମାଝି, ଛତିଶ ମଣ୍ଡଳ, ରାକେଶ ମହାନ୍ତି ଏବଂ ବୈସିଙ୍ଗା ତାରିଣୀ ନର୍ସିଂ ର ଛାତ୍ରୀ ଉପସ୍ଥିତ ରହିଥିଲେ ବୈସିଙ୍ଗା ଡାକ୍ତର ଖାନା ରେ ଡାକ୍ତର ଏବଂ ନର୍ସ ଫଳ ବଣ୍ଟନ ସମୟ ରେ ଉପସ୍ଥିତ ଥିଲେ।

# ଦ୍ୱିତୀୟ ଦିନରେ ଜିପିଏଲ୍‌ଏଫ୍ କର୍ମୀଙ୍କ ଗଣଧାରଣା



**ଲାଞ୍ଜିଗଡ଼,୨୩।୯(ସଂଚାର ବ୍ୟୋରୋ):** କଳାହାଣ୍ଡି ଜିଲ୍ଲା ଲାଞ୍ଜିଗଡ଼ ବ୍ଲକ୍ ସମ୍ମୁଖରେ ଜିପିଏଲ୍‌ଏଫ୍ କର୍ମୀମାନେ ଗଣଧାରଣା ଦେଇଛନ୍ତି। ଦୀର୍ଘ ୬ମାସ ଧରି କର୍ମୀମାନେ ବିଭିନ୍ନ କ୍ଷେତ୍ରରେ କାର୍ଯ୍ୟ କରି ଆସୁଥିଲେ ମଧ୍ୟ ରାଜ୍ୟ ସରକାର ସେମାନଙ୍କୁ ଇନସେଟିଭ ହିସାବରେ ଗଣତିକରି ଦରମାଦେବା ନିଷ୍ପତିକୁ ସଂଘ ଘୋର ବିରୋଧ କରିଛି। ପୂର୍ବରୁ ଏହି ଜିପିଏଲ୍‌ଏଫ୍ କର୍ମୀମାନଙ୍କୁ ଯେଉଁଭଳି ଭାବେ ଦରମା ଦିଆଯାଉଥିଲା ଠିକ୍ ସେହି ନିୟମ ଆଧାରରେ କର୍ମିମାନଙ୍କୁ ସାମିଲ କରି ଦରମା ଦେବାକୁ ଦାବିହେଇଛି। ଅଲ୍ ଓଡ଼ିଶା କର୍ମୀ ସଂଘ ପକ୍ଷରୁ ବିଭାଗୀୟ ମନ୍ତ୍ରୀଙ୍କୁ ଜଣାଇଥିଲେ ମଧ୍ୟ ଏହା କାର୍ଯ୍ୟକାରୀ କରାଯାଇ ନଥିବାରୁ କର୍ମୀମାନେ ଗଣଧାରଣାରେ ସାମିଲ୍ ହୋଇଛନ୍ତି। ଏଥିରେ ବ୍ଲକର ୨୬ ଗୋଟି ପଞ୍ଚାୟତରୁ ଏମ୍ବିକେ, ସିଆରପି, ବ୍ୟାଙ୍କ ମିତ୍ର, କୃଷି ମିତ୍ର, ପ୍ରାଣିମିତ୍ର ଆଦି ୨୨୭ ଜଣ କର୍ମୀ ସାମିଲ ହୋଇଥିଲେ। ଏହି କର୍ମୀମାନଙ୍କୁ ଗତ ଏପ୍ରିଲ ମାସରୁ ଆଜି ପର୍ଯ୍ୟନ୍ତ ଦରମା ମିଳିନଥିବା ଲାଞ୍ଜିଗଡ଼ ଜିପିଏଲ୍‌ଏଫ୍ ସଂଘର ସଭାପତି ରଜନୀ ନାୟକ, ସମ୍ପାଦୀକା ଜ୍ୟୋତିର୍ମୟୀ ସାହୁ ପ୍ରକାଶ କରିଛନ୍ତି। ଏନେଇ ଶନିବାର ଲାଞ୍ଜିଗଡ଼ ବିଡ଼ିଓ ଶଶାଙ୍କ ପାତ୍ରଙ୍କୁ ଦାବିପତ୍ର ପ୍ରଦାନ କରାଯାଇଥିଲା। ତେବେ ଆଜି ମଙ୍ଗଳବାର ଏହି ଧାରଣା ଦ୍ୱିତୀୟ ଦିନରେ ପହଞ୍ଚି ଥିବା ବେଳେ ସେମାନେ କହିଛନ୍ତି ଯେ ସରକାର ଯେତିକି କାମ ସେତିକି ବରମା ନୀତିକୁ ବନ୍ଦକରନ୍ତୁ ନଚେତ ସଂଘ ରାଜରାସ୍ତାକୁ ଓହ୍ଲାଇବାକୁ ବାଧ୍ୟହେବୁ। ଆଜି ଶାନ୍ତିପୂର୍ଣ ଭାବେ ବ୍ଲକ ସମ୍ମୁଖରେ ଧାରଣ ଦିଆଯାଇଥିବା ବେଳେ ଦାବି ପୂରାଣ ପର୍ଯ୍ୟନ୍ତ ଏହା ବଳବତ୍ତର ରହିବ ବୋଲି ସଂଘ ପକ୍ଷରୁ ସୂଚନା ମିଳିଛି। ଏଥିରେ ସଂଘର ଉପସଭାପତି ଭାରତୀ ବୁଦ୍ଧିଆ, କୋଷାଧ୍ୟକ୍ଷ ମମତା ଦୋରା, ସନ୍ତୋଷୀ ଗଉଡ଼, ଲତା ବେହେରା, ରଶ୍ମୀତା ଦାସ, କସ୍ତୁରୀ ମହାପାତ୍ର, ତପସ୍ୱିନୀ ବାଗ, ସୁରଭି ମହାପାତ୍ର, ସୁକାନ୍ତି ପ୍ରଧାନୀ, ସୁଭାଷିନୀ ସରାଫ, ରଜନୀ ପାତ୍ର, ଇନ୍ଦ୍ରାବତୀ ହରିଜନଙ୍କ ସମେତ ୨୬ ଗୋଟି ପଞ୍ଚାୟତର ସମସ୍ତ ଜିପିଏଲ୍‌ଏଫ୍ କର୍ମୀମାନେ ଉପସ୍ଥିତ ଥିଲେ।

# 'ଅପର୍ଣ୍ଣା' ଗାର୍ମେଣ୍ଟ୍ସ ଉଦ୍‌ଘାଟିତ

**ନୟାଗଡ଼,୨୩।୯(ସଂଚାର ବ୍ୟୋରୋ):** ନୟାଗଡ଼ ସହରରେ ଉଦଘାଟନ ହୋଇଯାଇଛି ଅତ୍ୟାଧୁନିକ ଗାରମେଣ୍ଟସ ସୋରୁମ 'ଅପର୍ଣ୍ଣା'। ଆଜିର ଏହି ଉଦଘାଟନି ଉତ୍ସବରେ ନୟାଗଡ଼ ଜିଲ୍ଲା ପରିଷଦ ଅଧ୍ୟକ୍ଷ ଇଂ ଦେବାଶିଷ ପଟ୍ଟନାୟକ ମୁଖ୍ୟ ଅତିଥି ଭାବେ ଯୋଗ ଦେଇ 'ଅପର୍ଣ୍ଣା' ଗାରମେଣ୍ଟସ ସୋରୁମ ଉଦଘାଟନ କରିଛନ୍ତି। ଜିଲ୍ଲା ପରିଷଦ ଅଧ୍ୟକ୍ଷ ଶ୍ରୀଯୁକ୍ତ ପଟ୍ଟନାୟକଙ୍କ ସହ ପୂର୍ବତନ ବିଧାୟକ ସତ୍ୟନାରାୟଣ ପ୍ରଧାନ, ପୌର ପରିଷଦ ଉପାଧ୍ୟକ୍ଷ ଗୁରୁପ୍ରସାଦ ଜେନା, କାଉନସିଲର ଜାନକୀ ବଲ୍ଲଭ ଜେନା, ସମାଜସେବୀ ତଥା ଶିକ୍ଷକ ଶ୍ରୀଧର ସାହୁ ପ୍ରମୁଖ ଯୋଗ ଦେଇଥିଲେ। 'ଅପର୍ଣ୍ଣା' ଗାରମେଣ୍ଟସର ମୁଖ୍ୟ ପରିଚାଳକ ରାଧେଶ୍ୟାମ ଭାଇ ସମସ୍ତ ଅତିଥିଙ୍କୁ ପୁଷ୍ପଗୁଚ୍ଛ ଦେଇ ସ୍ୱାଗତ କରିବା ସହ ଉଦଘାଟନ କାର୍ଯ୍ୟରେ ଯୋଗ ଦେଇଥିବାରୁ ଧନ୍ୟବାଦ ଜଣାଇଥିଲେ। ଅଳକା ଗାରମେଣ୍ଟସ ଭଳି ନୂତନ ଭାବେ ଠିଆ ହୋଇଥିବା 'ଅପର୍ଣ୍ଣା' ଗାରମେଣ୍ଟସ ନୟାଗଡ଼ ସହରରେ ଗ୍ରାହକ ମାନଙ୍କୁ ଉତ୍ତମ ସେବା ଯୋଗାଇ ଦେବା ସହ ଆଗାମୀ ଦିନରେ କଳ୍ପବଟ ବୃକ୍ଷ ଭାବେ ଛିଡା ହେବ। ମା ଜଗତ ଜନନୀ ଙ୍କ ଆଗମନର ନବରାତ୍ର ଆରମ୍ଭ ହୋଇଥିବା ବେଳେ ଦଶହରା ପୂଜାକୁ ଲକ୍ଷ ରଖି 'ଅପର୍ଣ୍ଣା' ଗାରମେଣ୍ଟସ ଧମାକା ଅଫର ଆଣିଥିବା ଜଣାପଡ଼ିଛି। ଯେଉଁ ଗ୍ରାହକ ମାନେ ଦଶହରାର ଧମାକା ଅଫରର ଫାଇଦା ଉଠାଇବାକୁ ଚାହୁଁଛନ୍ତି, ତେବେ ନୟାଗଡ଼ର ଓଡ଼ଗାଁ ରୋଡ଼ ଅବକାରୀ କାର୍ଯ୍ୟାଳୟ ସମ୍ମୁଖରେ ଥିବା 'ଅପର୍ଣ୍ଣା' ଗାରମେଣ୍ଟସ ଭିଜିଟ କରନ୍ତୁ ନୂଆ ନୂଆ ପୋଷାକ କିଣନ୍ତୁ ଏବଂ ଧମାକା ଅଫରର ଫାଇଦା ଉଠାନ୍ତୁ।

## ଉପାନ୍ତ ଗାଁର ଅକୁହା କାହାଣୀ

# ଏଯାଏଁ ପଡ଼ିନି ବିକାଶ ପଦଚିହ୍ନ



**ଧରାକୋଟ,୨୩।୯(ସଂଚାର ବ୍ୟୋରୋ):** ସ୍ୱାଧୀନତାକୁ ୭୮ ବର୍ଷ ବିତିଲାଣି । ଏବେ ବି ଏମିତି ଗାଁ ଅଛି ଯେଉଁଠି ମଟର ସାଇକେଲ୍ ତ' ଦୂରର ସାଇକେଲଟିଏ ବି ଯାଇନାହିଁ । ଏପରି ଏକ ଉପାନ୍ତ ଗାଁକୁ ସରକାରଙ୍କ ନଜରକୁ ଆଣିବା ପାଇଁ ଗଞ୍ଜାମ ଜିଲ୍ଲା ପିଲିପଦର ଗାଁରେ ପହଞ୍ଚିଥିଲା କନକ ନ୍ୟୁଜ୍ ଟିମ୍। ଗଞ୍ଜାମ ଜିଲ୍ଲା ଧରାକୋଟ ବ୍ଲକ ସାଆବା ପଞ୍ଚାୟତର ରାଜସ୍ୱ ଗାଁ ପିଲିପଦର। ବିକାଶର ସଂଜ୍ଞା କ'ଣ ସେଠାକାର ଲୋକେ ଜାଣନ୍ତିନି । ପକ୍କା ରାସ୍ତା ଏଠି ସ୍ୱପ୍ନ। ଭାରରେ ବୁହା ହୁଅନ୍ତି ରୋଗୀ । ଗୋଟେ ସ୍କୁଲ ଥିଲା, ରାସ୍ତା ନଥିବାରୁ ଶିକ୍ଷକ ଆସିଲେନି । ସେବେଠୁ ପିଲାଙ୍କ ପଢ଼ାରେ ବନ୍ଧା ହୋଇଛି ଡୋରି। ରାସନ କି ଭତ୍ତା ପାଇଁ ୭ କିଲୋମିଟର ପାହାଡ଼ ଚଢ଼ିବାକୁ ପଡୁଛି। ଦୁଃଖ ସେତିକିରେ ସରିନି, ୨୦୧୭ରେ ଗାଁକୁ ବିଦ୍ୟୁତ୍ ସଂଯୋଗ ହୋଇଥିଲା, ଏବେ ତା' ବି ନାହିଁ । ଅନ୍ଧାରି ଗାଁର କାରଣ କଣ ଜାଣିଛନ୍ତି। ରାସ୍ତା ନଥିବାରୁ ବିଦ୍ୟୁତ୍ ବିଲ୍ ଆସିନଥିଲେ କର୍ମଚାରୀ । ତେଣୁ କାହାର ବିଲ୍ ୨୦ ହଜାର ତ' ଆଉ କାହାର ୧୫ ହଜାର ବାକି ଅଛି। ତେଣୁ ବିଦ୍ୟୁତ୍ ବିଚ୍ଛିନ୍ନ କରାଯାଇଛି। ୮ ବର୍ଷ ହେଲାଣି ଲଣ୍ଠନ ଆଲୁଅ ଭରସାରେ ଗାଁ । ଖୁବଶୀଘ୍ର ସମସ୍ୟାର ସମାଧାନ ହେବ ବୋଲି ପ୍ରତିଶ୍ରୁତି ଦେଇଛନ୍ତି ଭଞ୍ଜନଗର ଉପଜିଲ୍ଲାପାଳ। ପୂର୍ବରୁ ଏହି ଗାଁରେ ୩୦ରୁ ଅଧିକ ପରିବାର ବସବାସ କରୁଥିଲେ। ହେଲେ ଏବେ ନାନା ସମସ୍ୟା ପାଇଁ ଅନେକ ପରିବାର ଗାଁ ଛାଡ଼ିସାରିଲେଣି ।

# ଟିକାବାଲି ଓ ରାଇକିଆରେ ବୁଲିଲା ଶ୍ରୀଅନ୍ନ ଅଭିଯାନ ରଥ



**ଫୁଲବାଣୀ,୨୩।୯(ସଂଚାର ବ୍ୟୋରୋ):** ସ୍ୱେଚ୍ଛାସେବି ଅନୁଷ୍ଠାନ ସ୍ୱାତୀ ରାଇକିଆ ଓ ଟିକାବାଲି ଶ୍ରୀ ଅନ୍ନ ଅଭିଯାନ କାର୍ଯ୍ୟକ୍ରମ ର ମିଳିତ ଉଦ୍ୟମ ରେ ଶ୍ରୀ ଅନ୍ନ ଅଭିଯାନ ରଥ ର ଶୁଭାରମ୍ଭ ହୋଇ ଦୁଇଟି ବ୍ଲକ୍ ର ବିଭିନ୍ନ ପଞ୍ଚାୟତରେ ଆଠ ଦିନ ଧରି ପରିଭ୍ରମଣ କରିଥିଲା। ଅତିରିକ୍ତ ଜିଲ୍ଲାପାଳ ରମେଶ ଚନ୍ଦ୍ର ଜେନା ଙ୍କ ଦ୍ୱାରା ଉଦ୍ଘାଟିତ ରଥ ରେ ମାଣ୍ଡିଆ ଓ ଅଣ ମାଣ୍ଡିଆ ଖାଦ୍ୟର ପ୍ରଚାର ପ୍ରସାର ଘରେ ଘରେ ପହଂଚାଇବା କୁ ଲକ୍ଷ୍ୟ ରଖି ବିଭିନ୍ନ ବାର୍ତା ର ଲେଖା ଲଗାଇ ରଥ ବୁଲିଥିଲା। ତତ୍‌ସହିତ ଜିଲ୍ଲାପରିସଦ କନ୍ଧମାଳ ର ମୂଖ୍ୟ ନିର୍ବାହି ଅଧିକାରି ସମ୍ଭୁନାଥ ନନ୍ଦି ଏସ୍.ଡି.ପି.ଓ. ବିଜୟ କୁମାର ବିଶି, ଗୋଷ୍ଠି ଉନ୍ନୟନ ଅଧିକାରି ସବ୍ୟସାଚୀ ସାହୁ, ତହସିଲଦାର ବରିଆଲ୍ ମୁର୍ମୁ, ପ୍ରକଳ୍ପ ପ୍ରସାସକ କୃପାସିନ୍ଧୁ ବେହେରା ପ୍ରମୁଖ ଉପସ୍ଥିତ ରହି ମାଣ୍ଡିଆ ପ୍ରସ୍ତୁତ ଖାଦ୍ୟ ଖାଇବା ଦ୍ୱାରା କିପରି ଶରୀର ସୁସ୍ଥ ରହେ ସେହି ବିଷୟରେ ଜନସାଧାରଣ ଙ୍କୁ ସଚେତନ କରିଥିଲେ। ସେହିପରି ଟିକାବଲି ଠାରେ ଗୋଷ୍ଠି ଉନ୍ନୟନ ଅଧିକାରି ବିଷ୍ଣୁ ଗୋବିନ୍ଦ ଓ ବ୍ଲକ୍ ଅଧ୍ୟକ୍ଷ ଦିଲ୍ଲିପ କୁମାର ପ୍ରଧାନ ଙ୍କ ଦ୍ୱାରା ଉଦ୍ଘାଟିତ ହୋଇଯାଇଛି। ଅନ୍ୟାନ୍ୟ ଅତିଥି ଭାବେ ବ୍ଲକ୍ କୃଷି ଅଧିକାରି ସଚିନ୍ଦ୍ର କୁମାର ସେଠୀ, ଅତିରିକ୍ତ କୃଷି ଅଧିକାରି ସୁଦିପ୍ତା ପ୍ରଧାନ, ଏ.ଓ. ସରସ୍ୱତୀ ବେହେରା, ଭେଟିନାରି ସର୍ଜନ ଅସ୍ୱିନି କୁମାର ପାତ୍ର, ସହକାରି ଉଦ୍ୟାନ ଅଧିକାରୀ ରାଜେସ କୁମାର ବିଶ୍ୱାଳ ପ୍ରମୁଖ ଉପସ୍ଥିତ ରହି ମାଣ୍ଡିଆ ଚାଷ କୁ ଆଗକୁ ନେଇ ସମସ୍ତେ ସୁସ୍ଥ ଜିବନ ଯାପନ କରିବାକୁ ଆହ୍ୱାନ ଦେଇଥିଲେ।